# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ସୋମବାର, ଫେବୃଆରୀ ୧୬/୨୦୨୬ (୧୪ ପୃଷ୍ଠା) | Bhubaneswar, Monday, February 16/2026 | Page 14 | ₹ 7.00 | DHENKANAL

୫୨ଶ ଭାଗ ୮୪ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 52 ISSUE 84 | ମୂଲ୍ୟ ₹୭/-







ନେପାଳର କାଠମାଣ୍ଡୁଠାରେ ୨୬୩ତମ ସେନା ଦିବସ ଏବଂ ମହାଶିବରାତ୍ରି ପାଳନ ଅବସରରେ ନେପାଳୀ ସେନାର ଜଣେ ପାରାଟ୍ରୁପର ଆକାଶଛତା ସାହାଯ୍ୟରେ ଖସୁଛନ୍ତି।

# ଆଜି ଇଣ୍ଡିଆ ଏଆଇ ଇମ୍ପାକ୍ଟ ପ୍ରଦର୍ଶନୀ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୫।୨(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଅପରାହ୍ନ ୫ଟାରେ ଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ଏକ୍ସପୋ ୨୦୨୬କୁ ଉଦ୍‌ଘାଟନ କରିବେ। ଏହା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। କାର୍ଯ୍ୟରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଜାତୀୟ ପ୍ରଦର୍ଶନ ଭାବେ ଉକ୍ତ ପ୍ରଦର୍ଶନୀ କାର୍ଯ୍ୟ କରିବ, ଯେଉଁଠି ସରକାରୀ ନୀତି କାଗଜପତ୍ରରେ ନ ରହି କାର୍ଯ୍ୟକାରୀ ହେବା ସହ ନୂତନ ଚିନ୍ତାଧାରା ସାରା ଦେଶରେ ଲାଗୁ ହେବ ଏବଂ ଆଧୁନିକ ପ୍ରଯୁକ୍ତି ବିଦ୍ୟା ପ୍ରତ୍ୟେକଙ୍କ ନିକଟରେ ପହଞ୍ଚିବ। ୭୦,୦୦୦ ବର୍ଗଫୁଟ୍‌ରୁ ଅଧିକ ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରଦର୍ଶନରେ ବୈଶ୍ୱିକ ପ୍ରଯୁକ୍ତିବିଦ୍ୟା କମ୍ପାନୀ, ଷ୍ଟାର୍ଟଅପ୍, ଶିକ୍ଷାବିତ୍ ଓ ଗବେଷଣା ପ୍ରତିଷ୍ଠାନଗୁଡ଼ିକ ଭାଗନେବେ। ଏଥିସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଏବଂ ଅନ୍ତର୍ଜାତୀୟ ସହଯୋଗୀମାନେ ଉପସ୍ଥିତ ରହିବେ। ଏକ୍ସପୋରେ ୧୩ଟି ଦେଶର ମଞ୍ଚ ରହିବ, ଯେଉଁଠି ଏଆଇ ବ୍ୟବସ୍ଥାରେ ଅନ୍ତର୍ଜାତୀୟ ସହଯୋଗ ପ୍ରଦର୍ଶନ କରାଯିବ। ସେହି ଦେଶଗୁଡ଼ିକ ମଧ୍ୟରେ ଅଷ୍ଟ୍ରେଲିଆ, ଜାପାନ, ରୁଷିଆ, ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ନେଦରଲାଣ୍ଡସ୍, ସୁଇଜରଲାଣ୍ଡ, ସର୍ବିଆ, ଇଷ୍ଟୋନିଆ, ତାଜିକିସ୍ତାନ ଏବଂ ଆଫ୍ରିକା ରହିଛନ୍ତି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ବରିଷ୍ଠ ସହଯୋଗୀ ମାକ୍ସିମ୍ ଓରେଷ୍କିନ୍ ଏକ ବୃହତ୍ ପ୍ରତିନିଧି ଦଳର ନେତୃତ୍ୱ ନେଇ ଏଆଇ ଇମ୍ପାକ୍ଟ ସମିଟ୍‌ରେ ସାମିଲ ହେବେ ବୋଲି ଜଣାପଡ଼ିଛି।

# ଏପ୍ରିଲରୁ କାର୍ଯ୍ୟକାରୀ ହୋଇପାରେ ଭାରତ-ବ୍ରିଟେନ୍ ମୁକ୍ତ ବାଣିଜ୍ୟ ଚୁକ୍ତିନାମା

ନୂଆଦିଲ୍ଲୀ,୧୫।୨(ପି.ଟି.)

ଗତବର୍ଷ ଜୁଲାଇରେ ସ୍ୱାକ୍ଷରିତ ହୋଇଥିବା ଭାରତ-ବ୍ରିଟେନ୍ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଆସନ୍ତା ଏପ୍ରିଲରୁ କାର୍ଯ୍ୟକାରୀ ହୋଇପାରେ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। ଜୁଲାଇ ୨୪ରେ ଭାରତ ଏବଂ ବ୍ରିଟେନ୍ ବିସ୍ତୃତ ଅର୍ଥନୀତି ଓ ବାଣିଜ୍ୟ ଚୁକ୍ତିନାମା (ସିଇଟିଏ)ରେ ସ୍ୱାକ୍ଷର କରିଥିଲେ। ତଦନୁଯାୟୀ ଭାରତୀୟ ରପ୍ତାନିର ୯୯ ପ୍ରତିଶତ ବ୍ରିଟେନ୍‌ରେ ବିନା ଶୁଳ୍କରେ ପ୍ରବେଶ କରିବ। ସେହିପରି ବ୍ରିଟେନରୁ ଆସିବାକୁ ଥିବା କାର୍, ହ୍ୱିସ୍କି ସମେତ ଅନ୍ୟାନ୍ୟ ସାମଗ୍ରୀ ଉପରେ ଭାରତ ଶୁଳ୍କ ହ୍ରାସ କରିବ।

ଏଥିସହିତ ଅସ୍ଥାୟୀ କର୍ମଚାରୀମାନଙ୍କୁ ଯେପରି ଉଭୟ ଦେଶରେ ସାମାଜିକ ସୁରକ୍ଷା ଶୁଳ୍କ ଦେବାକୁ ନ ପଡ଼େ, ସେଥିପାଇଁ ଭାରତ ଓ ବ୍ରିଟେନ ମଧ୍ୟରେ ଦ୍ୱିତୀୟ ଅବଦାନ ଚୁକ୍ତିନାମା (ଡିସିସି) ସ୍ୱାକ୍ଷରିତ ହୋଇଥିଲା। ଉଭୟ ଚୁକ୍ତିନାମାକୁ ଏକସଙ୍ଗେ ଲାଗୁ କରାଯିବ ବୋଲି ଜଣେ ସରକାରୀ ଅଧିକାରୀ କହିଛନ୍ତି। ତେବେ କାର୍ଯ୍ୟକାରିତା ପୂର୍ବରୁ ଉକ୍ତ ଚୁକ୍ତି ଉପରେ ବ୍ରିଟେନ୍ ପାର୍ଲାମେଣ୍ଟର ଅନୁମୋଦନ ଆବଶ୍ୟକ। ଭାରତରେ କେନ୍ଦ୍ର କ୍ୟାବିନେଟ ଉକ୍ତ ଚୁକ୍ତିନାମାକୁ ଅନୁମୋଦନ କରିଛି। ଏହା ବ୍ରିଟେନ ପାର୍ଲାମେଣ୍ଟରେ ଗୃହୀତ ହେବା ପରେ ଲାଗୁ କରାଯିବ।

# ବିର୍ଲାଙ୍କ ବିରୋଧରେ ମାର୍ଚ୍ଚ ୯ରେ ଅନାସ୍ଥା ଭୋଟ

ତାୱାଙ୍ଗ,୧୫।୨ (ପି.ଟି.)

ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ପଦବୀରୁ ହଟାଇବା ପାଇଁ ବିରୋଧୀ ଆଣିଥିବା ଅନାସ୍ଥା ପ୍ରସ୍ତାବ ଉପରେ ମାର୍ଚ୍ଚ ୯ରେ ବିତର୍କ ହେବା ସହ ଭୋଟ ନିଆଯିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ରବିବାର କହିଛନ୍ତି। ସେହିଦିନଠାରୁ ପାର୍ଲାମେଣ୍ଟରେ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବାକୁ ଯାଉଛି। ଉକ୍ତ ଅଧିବେଶନ ମାର୍ଚ୍ଚ ୯ରୁ ଏପ୍ରିଲ ୨ ପର୍ଯ୍ୟନ୍ତ ଚାଲିବ, ଯେଉଁଥିରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ ଆଲୋଚନା ହେବ। ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଭଳି ଯଦି ବିରୋଧୀ ହଟ୍ଟଗୋଳ ଜାରି ରଖନ୍ତି, ତେବେ ଏହା ସେମାନଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ବୋଲି ରିଜିଜୁ କହିଛନ୍ତି।

ମାର୍ଚ୍ଚ ୯ରେ ଲୋକ ସଭାରେ ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଉପରେ ବିତର୍କ ହେବ। ପ୍ରଥମ ଦିନରେ ଏଭଳି ପ୍ରସ୍ତାବକୁ ବିଚାରକୁ ନେବାର ନିୟମ ରହିଛି। ପରେ ଏହା ଉପରେ ଭୋଟ ନିଆଯିବ ବୋଲି ନିଜ ନିର୍ବାଚନ ମଣ୍ଡଳୀ ଗସ୍ତରେ ଥିବା ରିଜିଜୁ ଗଣମାଧ୍ୟମକୁ କହିଛନ୍ତି। ସୂଚନାଯୋଗ୍ୟ, ପାର୍ଲାମେଣ୍ଟର ବଜେଟ ଅଧିବେଶନ ଜାନୁଆରୀ ୨୮ରୁ ରାଷ୍ଟ୍ରପତିଙ୍କ ଅଭିଭାଷଣ ସହ ଆରମ୍ଭ ହୋଇ ଫେବୃଆରୀ ୧୨ରୁ ବିରତ ରହିଛି। ଫେବୃଆରୀ ୧ରେ କେନ୍ଦ୍ର ବଜେଟ ଉପସ୍ଥାପନ ହୋଇଥିଲା।

# ହାୱାଲା ର୍‍ୟାକେଟ୍‌ର ୮ ହଜାର ଆକାଉଣ୍ଟ ରଦ୍ଦ

ଶ୍ରୀନଗର,୧୫।୨

ଜମ୍ମୁ- କଶ୍ମୀରରେ ବେଆଇନ ଭାବେ ଅର୍ଥ କାରବାର କରିବା ସହିତ ବିଦେଶରୁ ହାୱାଲା ମାଧ୍ୟମରେ ବିପୁଳ ଅର୍ଥ ସଂଗ୍ରହ କରାଯିବା ଘଟଣା ଏବେ ମଧ୍ୟ ବନ୍ଦ ହୋଇନାହିଁ। ବିଚ୍ଛିନ୍ନତାବାଦୀ ଗୋଷ୍ଠୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ଲକ୍ଷ୍ୟରେ ଏଠାକାର ଅନେକ ସ୍ଥାନୀୟ ଲୋକ ମଧ୍ୟସ୍ଥ ଜରିଆରେ ଏଭଳି କାରବାର ଚଳାଇଛନ୍ତି ବୋଲି ଜଣାପଡ଼ିବା ପରେ ପ୍ରଥମେ ଜାତୀୟ ଅନୁସନ୍ଧାନକାରୀ ଏଜେନ୍ସି(ଏନ୍‌ଆଇଏ) ପକ୍ଷରୁ ଚଢ଼ାଉ କରାଯାଇ ବହୁ ଆକାଉଣ୍ଟ ଜବତ କରାଯାଇଥିଲା। ଏହାସତ୍ତ୍ୱେ ଏହିଧାରା ବନ୍ଦ ହୋଇନାହିଁ। ଏବେ ହାୱାଲା ମାଧ୍ୟମରେ ବହୁ ଆକାଉଣ୍ଟରେ କାରବାର ଚାଲିଥିବା ଜଣାପଡ଼ିବା ପରେ ସୁରକ୍ଷା ଏଜେନ୍ସି ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଏକ ବଡ଼ ହାୱାଲା ର୍‍ୟାକେଟ୍ ଧରାଯାଇଛି। ବର୍ତ୍ତମାନ ସୁଦ୍ଧା ୮ ହଜାରରୁ ଅଧିକ ଆକାଉଣ୍ଟ ରଦ୍ଦ କରିଦିଆଯାଇଥିବା ଜମ୍ମୁ-କଶ୍ମୀର ପ୍ରଶାସନ ପକ୍ଷରୁ କୁହାଯାଇଛି। ବେଆଇନ ଭାବେ ବିଭିନ୍ନ ଆକାଉଣ୍ଟରେ ଅର୍ଥ ସଂଗ୍ରହ କରାଯାଇ ସେଗୁଡିକୁ ଭାରତ ବିରୋଧୀ କାର୍ଯ୍ୟକଳାପରେ ଲଗାଯାଉଥିବାରୁ ବ୍ୟାଙ୍କଗୁଡିକ ସହ ଉତ୍ତମ ସମନ୍ୱୟ ରଖି ଏଭଳି ଆକାଉଣ୍ଟ ଉପରେ ତୀକ୍ଷ୍ଣ ନଜର ରଖିବାକୁ ସୁରକ୍ଷା ଏଜେନ୍ସିଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି।

# ମେଡିକାଲ କଲେଜରେ ଛାତ୍ରଙ୍କ ଆତ୍ମହତ୍ୟା

କୋଲକାତା,୧୫।୨


ପଶ୍ଚିମବଙ୍ଗର ଦୁର୍ଗାପୁରସ୍ଥିତ ଏକ ଘରୋଇ ମେଡିକାଲ କଲେଜ ହସ୍ପିଟାଲ ହଷ୍ଟେଲରେ ଜଣେ ୨୨ ବର୍ଷୀୟ ଡାକ୍ତରୀ ଛାତ୍ରଙ୍କ ମୃତଦେହ ଶନିବାର ରାତିରେ ମିଳିଛି। ଲାବନ୍ୟ ପ୍ରତାପ ନାମକ ଉକ୍ତ ଛାତ୍ର ହେଷ୍ଟେଲ ବାଥ୍‌ରୁମ୍ ଛାତରୁ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ଘର ବିହାରର ପାଟନାରେ ବୋଲି ଜଣାପଡ଼ିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ବିଭିନ୍ନ ସେମିଷ୍ଟର ପରୀକ୍ଷାରେ ଖରାପ ପ୍ରଦର୍ଶନ ପାଇଁ ଛାତ୍ର ଜଣକ ବିଚଳିତ ଥିଲେ ବୋଲି ପୋଲିସର ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ବ୍ୟବଚ୍ଛେଦ ରିପୋର୍ଟରୁ ମୃତ୍ୟୁ କିପରି ହେଲା, ତାହା ସ୍ପଷ୍ଟ ହେବ ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି। ଘଟଣାକୁ ନେଇ ହସ୍ପିଟାଲ କ୍ୟାମ୍ପସ୍‌ରେ ଉତ୍ତେଜନା ଦେଖାଦେଇଛି।

# କଟକଣା ହଟିଲେ ସାଲିସ ପାଇଁ ଇରାନ୍ ରାଜି

ତେହରାନ୍,୧୫।୨



ଡୋନାଲ୍ଡ ଟ୍ରମ୍ପ୍



ଆୟାତୋଲ୍ଲା ଖାମ୍‌ନେଇ

ଇରାନ ନିଜର ଆଣବିକ କାର୍ଯ୍ୟକ୍ରମକୁ ନେଇ ଆମେରିକା ସହ ସାଲିସ କରିବାକୁ ପ୍ରସ୍ତୁତ ରହିଛି। କିନ୍ତୁ ଏଥିପାଇଁ ନିର୍ଦ୍ଦିଷ୍ଟ ସର୍ତ୍ତ ରଖିଛି। ଯଦି ଆମେରିକା କଟକଣା ହଟାଇବ ତେବେ ଇରାନ ନିଜର ଆଣବିକ କାର୍ଯ୍ୟକ୍ରମକୁ ସାଲିସ କରିବା ସହିତ ଆଲୋଚନା ପାଇଁ ରାଜି ବୋଲି ରବିବାର ଉପ ବହିର୍ବ୍ୟାପାର ମନ୍ତ୍ରୀ ମାଜିଦ୍ ତାକତ୍ ରାଭାଞ୍ଚି ବିବିସିକୁ ସାକ୍ଷାତ୍‌କାର ଦେବା ଅବସରରେ କହିଛନ୍ତି। ଆଣବିକ କାର୍ଯ୍ୟକ୍ରମକୁ ନେଇ ଇରାନ ଏବଂ ଆମେରିକା ମଧ୍ୟରେ ଆରମ୍ଭ ହୋଇଥିବା ଆଲୋଚନା ଆଗକୁ ବଢି ନ ପାରିବାରୁ ଏଥିପାଇଁ ଉଭୟ ଦେଶ ପରସ୍ପରକୁ ଦୋଷାରୋପ କରିଥିଲେ। ସପ୍ତାହ ତଳେ ଓମାନ ମଧ୍ୟସ୍ଥତାରେ ମସ୍କାଟ୍‌ଠାରେ ଆଲୋଚନା ଆରମ୍ଭ ହୋଇଥିଲା ବେଳେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ତୁର୍କୀ କିମ୍ବା ଇଜିପ୍ଟରେ ହେବାର ସମ୍ଭାବନା ଥିଲା। କିନ୍ତୁ ମସ୍କାଟ୍ ବୈଠକ ପରେ ଇରାନ ନିଜର ଆଣବିକ ଏବଂ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମରେ କୌଣସି ପରିବର୍ତ୍ତନ ଆଣିବ ନାହିଁ ବୋଲି କହିବା ପରେ ଇରାନ ସହ ଆଉ ବୁଝାମଣା ସମ୍ଭବ ନୁହେଁ ବୋଲି ଆମେରିକା ସ୍ଥିର କରିନେଇଥିଲା। ଇରାନ ଉପରେ ଆକ୍ରମଣ ଏକମାତ୍ର ବିକଳ୍ପ ଭାବେ ନିଷ୍ପତ୍ତି ନେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶନିବାର ଇରାନ ଅଭିମୁଖେ ଦ୍ୱିତୀୟ ବୃହତ ଯୁଦ୍ଧଜାହାଜ ସମେତ ଅନେକ ହଜାର ସେନା ପ୍ରେରଣ କରିଥିଲେ। ଏପରିକି ଇରାନର ସର୍ବୋଚ୍ଚ ଧର୍ମଗୁରୁ ଆୟାତୋଲ୍ଲା ଖାମ୍‌ନେଇଙ୍କୁ ଟାର୍ଗେଟ କରି ତାଙ୍କୁ କ୍ଷମତାଚ୍ୟୁତ କରିବା ସବୁଠୁ ଭଲ ବିକଳ୍ପ ବୋଲି କହିଥିଲେ। ଏହି ଘଟଣାକୁ କିଛି ଘଣ୍ଟା ନ ପୂରୁଣୁ ଇରାନ ପକ୍ଷରୁ ଉପରୋକ୍ତ ବୟାନ ଜାରି କରାଯାଇଛି। କିନ୍ତୁ ଇରାନ ଉପରୁ ଆମେରିକା କଟକଣା ହଟାଇବ କି ନାହିଁ ସେ ସମ୍ପର୍କରେ ଟ୍ରମ୍ପ୍ ପ୍ରଶାସନ ପକ୍ଷରୁ କିଛି ସ୍ପଷ୍ଟ କରାଯାଇନାହିଁ। ଅପରପକ୍ଷେ ଏବେ ନିଷ୍ପତ୍ତି ନେବା ଦାୟିତ୍ୱ ଆମେରିକା ହାତରେ ରହିଛି ବୋଲି କହି ଇରାନ ନିଜ ମୁଣ୍ଡରୁ ଦୋଷ ଛଡ଼ାଇବାକୁ ଉଦ୍ୟମ କରିଛି। ଯଦି ଆମେରିକା ଇରାନ ସର୍ତ୍ତକୁ ନ ମାନେ ତେବେ ପରବର୍ତ୍ତୀ ପଦକ୍ଷେପ କ'ଣ ହେବ ତାହା ଏବେ ଆଲୋଚନାର ମୁଖ୍ୟ ବିଷୟ ହୋଇଛି।

# ବିଏଲ୍‌ଏ କବ୍‌ଜାରେ ୧୭ ପାକ୍ ସୈନ୍ୟ



କ୍ୱେଟା,୧୫।୨

ବେଲୋଚ ଲିବରେଶନ ଆର୍ମି (ବିଏଲ୍‌ଏ) ପାକିସ୍ତାନର ୧୭ ଜଣ ସୈନ୍ୟଙ୍କୁ ଅଟକ ରଖିଥିବା ରବିବାର ଦାବି କରିଛି। ସେମାନଙ୍କ ମଧ୍ୟରୁ ୧୦ ଜଣ ବେଲୁଚିସ୍ତାନର ହୋଇଥିବାରୁ ସେମାନଙ୍କୁ ଛାଡ଼ିଦିଆଯାଇଥିବାବେଳେ ଅନ୍ୟ ୭ ଜଣଙ୍କ ମୁକ୍ତି ପାଇଁ ବିଏଲ୍‌ଏ ବନ୍ଦୀ ବଦଳ ନିମନ୍ତେ ପାକିସ୍ତାନ ସରକାରଙ୍କୁ ଗୋଟିଏ ସପ୍ତାହ ସମୟ ଦେଇଛି। ଅପରେଶନ ହେରୋଫ୍‌ର ଏହା ଦ୍ୱିତୀୟ ପର୍ଯ୍ୟାୟ ବୋଲି ବିଏଲ୍‌ଏ ଗଣମାଧ୍ୟମ ବିଭାଗ ହକ୍କାଲର ମୁଖପାତ୍ର ଜିୟାନ୍ଦ ବେଲୋଚ କହିଛନ୍ତି। ବିଏଲ୍‌ଏ ପାଖରେ ଯେଉଁ ୭ ଜଣ ସୈନ୍ୟ ଅଟକ ଅଛନ୍ତି, ସେମାନେ ପାକ୍ ସେନାର ନିୟମିତ ଶାଖା ସଦସ୍ୟ। ସାଧାରଣ ନାଗରିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ବେଲୋଚ ଲୋକଙ୍କୁ ହତ୍ୟା ଘଟଣାରେ ସେମାନେ ସମ୍ପୃକ୍ତ ଥିବା ନେଇ ବେଲୋଚ ଜାତୀୟ ଅଦାଲତରେ ବିଚାରର ସମ୍ମୁଖୀନ ହୋଇଛନ୍ତି। ଏହା ସତ୍ତ୍ୱେ ୭ ଦିନ ମଧ୍ୟରେ ବନ୍ଦୀ ବଦଳ ପାଇଁ ପ୍ରସ୍ତୁତ ଥିବା ଜଣାଇବାକୁ ବିଏଲ୍‌ଏ ଇସ୍‌ଲାମାବାଦକୁ କହିଛି। ଇସ୍‌ଲାମାବାଦ ଏଥିପାଇଁ ଆଗ୍ରହ ପ୍ରକାଶ କଲେ, ବେଲୋଚ ବନ୍ଦୀଙ୍କ ବଦଳରେ ସେମାନଙ୍କୁ ଛାଡ଼ିଦିଆଯାଇପାରିବ। ସୂଚନାଯୋଗ୍ୟ, ପୂର୍ବରୁ ପାକ୍ କର୍ତ୍ତୃପକ୍ଷ ଏକ ବନ୍ଦୀ ବିନିମୟ ପ୍ରସ୍ତାବରେ ପଦକ୍ଷେପ ନେବାରେ ବିଫଳ ହୋଇଥିଲେ। ତେଣୁ ସପ୍ତାହେ ମଧ୍ୟରେ ଇସ୍‌ଲାମାବାଦ ଯଦି କୌଣସି ପଦକ୍ଷେପ ନ ନିଏ, ତେବେ ଅଦାଲତ ଦ୍ୱାରା ଦଣ୍ଡିତ କରାଯିବ ବୋଲି ବିଏଲ୍‌ଏ ସ୍ପଷ୍ଟ କରିଦେଇଛି।

# ଇସ୍ରାଏଲ ଆକ୍ରମଣରେ ୧୧ ପାଲେଷ୍ଟିନୀୟ ମୃତ

ତେଲ୍ ଆଭିଭ୍,୧୫।୨

ଇସ୍ରାଏଲ ସେନା ରବିବାର ସକାଳେ ଗାଜା ଉପରେ ବୋମାମାଡ଼ କରିବାରୁ ୧୧ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି। ଉତ୍ତର ଗାଜାସ୍ଥିତ ଏକ ଆଶ୍ରୟ ଶିବିର ନିକଟରେ ହମାସ୍ ଠିକଣାକୁ ଟାର୍ଗେଟ କରି ଇସ୍ରାଏଲ୍ ଆକ୍ରମଣ କରିଥିଲା। ଏଥିରେ ୬ ଜଣଙ୍କ ମୃତ୍ୟୁ ହେବା ସହ ୪ ଜଣ ଆହତ ହୋଇଥିଲେ। ଦକ୍ଷିଣ ଗାଜାରେ ବୋମାମାଡ଼ ଯୋଗୁ ୫ ଜଣଙ୍କ ମୃତ୍ୟୁ ଘଟିଛି। ଏବେ ଗାଜାର ଯେଉଁ ଅଞ୍ଚଳ ଆଇଡିଏଫ୍ ନିୟନ୍ତ୍ରଣରେ ରହିଛି, ସେଠାରେ ହମାସ୍ ଦ୍ୱାରା ଯୁଦ୍ଧବିରତି ନିୟମ ଉଲ୍ଲଂଘନ କରାଯିବାରୁ ଇସ୍ରାଏଲ ସେନା ପକ୍ଷରୁ ଆକ୍ରମଣ କରାଯାଇଛି ବୋଲି ଆଇଡିଏଫ୍ କହିଛି।

# ଇମ୍ରାନ୍‌ଙ୍କୁ ଗୋପନରେ ହସ୍ପିଟାଲ ସ୍ଥାନାନ୍ତର କରିଛି ପାକିସ୍ତାନ

**ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଜୀବନ ପ୍ରତି ବିପଦ ଆଶଙ୍କା କଲା ତାଙ୍କ ଦଳ**

ଇସ୍‌ଲାମାବାଦ,୧୫।୨

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ମୁଖ୍ୟ ଇମ୍ରାନ୍ ଖାନ୍‌ଙ୍କୁ ଗୋପନରେ ଜେଲରୁ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଉଥିବା ଦଳ ଅଭିଯୋଗ କରିଛି। ଏହା ତାଙ୍କର ମୌଳିକ ଅଧିକାରର ସମ୍ପୂର୍ଣ୍ଣ ଉଲ୍ଲଂଘନ ଏବଂ ତାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ ବୋଲି ଦଳ ଆଶଙ୍କା ବ୍ୟକ୍ତ




ଇମ୍ରାନ୍ ଖାନ୍

କରିଛି। ୭୩ ବର୍ଷୀୟ ଇମ୍ରାନ୍‌ଙ୍କୁ ହସ୍ପିଟାଲ ନିଆଯିବା ସମ୍ପର୍କରେ ତାଙ୍କ ପରିବାରକୁ ଜଣାଯାଇ ନାହିଁ। ଇମ୍ରାନ୍‌ଙ୍କ ବ୍ୟକ୍ତିଗତ ଡାକ୍ତର ଏବଂ ପରିବାରର ଅନ୍ୟୂନ ଜଣେ ସଦସ୍ୟଙ୍କ ଉପସ୍ଥିତିରେ ତାଙ୍କର କୌଣସି ଡାକ୍ତରୀ ପରୀକ୍ଷା କରାଇବା କିମ୍ବା ଔଷଧ ଦେବାକୁ ଦଳ ଦାବି କରିଛି। ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଡାହାଣ ଆଖିର ଦୃଷ୍ଟିଶକ୍ତି ୮୫ ପ୍ରତିଶତ ହ୍ରାସ ପାଇବା ସହ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ରହିଥିଲାବେଳେ ଜେଲ କର୍ତ୍ତୃପକ୍ଷ ଉପଯୁକ୍ତ ସ୍ୱାସ୍ଥ୍ୟଗତ ଯତ୍ନ ନେଉ ନ ଥିବା ତାଙ୍କ ପରିବାର ଏବଂ ଓକିଲ ଟିମ୍ ବାରମ୍ବାର ଅଭିଯୋଗ କରିଆସୁଛନ୍ତି।

# ରହମାନଙ୍କ ଶପଥ ଉତ୍ସବରେ ଯୋଗ ଦେବେନି ମୋଦି

ନୂଆଦିଲ୍ଲୀ,୧୫।୨

**ପ୍ରତିନିଧିତ୍ୱ କରିବେ ବାଚସ୍ପତି ଓମ୍ ବିର୍ଲା, ବିକ୍ରମ ମିଶ୍ରି**



ଓମ୍ ବିର୍ଲା

ବାଂଲାଦେଶ ନିର୍ବାଚନରେ ବିଏନ୍‌ପି ବିପୁଳ ବିଜୟ ହାସଲ କରିବା ପରେ ଦଳୀୟ ଅଧ୍ୟକ୍ଷ ତାରିକ୍ ରହମାନ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବେ। ଆସନ୍ତା ୧୭ ତାରିଖରେ ଏକ ଭବ୍ୟ ଉତ୍ସବରେ ରହମାନ ଶପଥ ନେବାକୁ କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା ବେଳେ ଏଥିରେ ଭାରତ, ପାକିସ୍ତାନ, ନେପାଳ,ଚାଇନା, ଶ୍ରୀଲଙ୍କା ସମେତ ୧୩ଟି ରାଷ୍ଟ୍ରର ପ୍ରତିନିଧି ଯୋଗଦେବେ। ଏହି ଉତ୍ସବରେ ଯୋଗଦେବାକୁ ବାଂଲାଦେଶ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆମନ୍ତ୍ରିତ କରାଯାଇଥିଲେ ହେଁ ଏଥିରେ ମୋଦି ଯୋଗ ଦେବେନାହିଁ। ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଏବଂ ବହିର୍ବ୍ୟାପାର ମନ୍ତ୍ରଣାଳୟ ସଚିବ ବିକ୍ରମ ମିଶ୍ରି ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ ବୋଲି ରବିବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରନ ଭାରତ ଗସ୍ତରେ ଆସି ୧୭ ତାରିଖରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟି ଦ୍ୱିପାକ୍ଷିକ ଆଲୋଚନା କରିବାକୁ କାର୍ଯ୍ୟକ୍ରମ ସ୍ଥିର ହୋଇସାରିଥିବାରୁ ମୋଦି ରହମାନଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବା ସମ୍ଭବ ନୁହେଁ ବୋଲି କୁହାଯାଇଛି।

# ଅଧିକ ନିବେଶ ପାଇଁ ଘରୋଇ ସେକ୍ଟରକୁ ଆହ୍ୱାନ

ନୂଆଦିଲ୍ଲୀ,୧୫।୨(ପି.ଟି.)

**'ବିକଶିତ ଭାରତ'କୁ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱ**



ନରେନ୍ଦ୍ର ମୋଦି

କେନ୍ଦ୍ରୀୟ ବଜେଟ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ନିକଟରେ ସ୍ୱାକ୍ଷରିତ ହୋଇଥିବା ଅନେକ ବାଣିଜ୍ୟ ଚୁକ୍ତିନାମାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ପ୍ରଶଂସା କରିବା ସହ ବିକଶିତ ଭାରତ ପାଇଁ ଏହା ମୂଳଦୁଆ ବୋଲି କହିଛନ୍ତି। ଏହି ଅବସରରେ ସେ ଘରୋଇ ସେକ୍ଟରଗୁଡ଼ିକୁ ଅଧିକ ଆଗ୍ରହ ଓ ସାହସର ସହ ପୁଞ୍ଜିନିବେଶ ପାଇଁ ଆଗେଇ ଆସିବାକୁ ନିବେଦନ କରିଛନ୍ତି। ପିଟିଆଇକୁ ସାକ୍ଷାତ୍‌କାର ଦେବା ଅବସରରେ ପ୍ରଧାନମନ୍ତ୍ରୀ ପୂର୍ବର ଉପା ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସ୍ଥାୟୀ ବାଣିଜ୍ୟ ଚୁକ୍ତିନାମା କରିବାରେ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ବିଫଳ ହୋଇଥିଲା ବୋଲି ସେ କହିଛନ୍ତି। ବିକଶିତ ଭାରତରେ ମହିଳାମାନେ ବହୁତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବେ ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି କରିଛନ୍ତି।

ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ରାଜନୈତିକ ସ୍ଥିରତା ଏବଂ ପୂର୍ବାନୁମାନ ଭାରତରେ ନିବେଶକମାନଙ୍କ ଆତ୍ମବିଶ୍ୱାସକୁ ପୁନଃସ୍ଥାପିତ କରିଛି। ୩୮ ଦେଶ ସହ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ପାଇଁ ବୁଝାମଣା କରିବାରେ ସୁଦୃଢ଼ ଉତ୍ପାଦନ ଏବଂ ସେବା କ୍ଷେତ୍ର ତଥା ଏମ୍‌ଏସ୍‌ଏମ୍‌ଇ ସହାୟକ ହୋଇଛି। ଆଗାମୀ ୩ ଦଶନ୍ଧି ପାଇଁ ପ୍ରଧାନମନ୍ତ୍ରୀ ୩ଟି ପ୍ରମୁଖ ପ୍ରାଥମିକତା ଉପରେ ଗୁରୁତ୍ୱ ଦେଇଛନ୍ତି। ତାହା ହେଲା ଅଧିକ ଗଠନମୂଳକ ସଂସ୍କାର, ପ୍ରଯୁକ୍ତିବିଦ୍ୟା, ଉତ୍ପାଦନ ଓ ସେବା କ୍ଷେତ୍ରରେ ନବସୃଜନର ସୁଦୃଢ଼ୀକରଣ ଏବଂ ଶାସନ ବ୍ୟବସ୍ଥାରେ ସରଳୀକରଣ। ଯାହା ଫଳରେ ନାଗରିକ ଏବଂ ବ୍ୟବସାୟୀମାନେ ଅଧିକ ସହଜରେ ଓ ବିଶ୍ୱାସର ସହ ବ୍ୟବସାୟ ଚଳାଇପାରିବେ। ସାଧାରଣ ଜୀବନ ନିର୍ଦ୍ଦିଷ୍ଟ ଗଠନମୂଳ ଅସ୍ଥିରତା ଚାହେଁ ବୋଲି ସେ ବିଶ୍ୱାସ କରୁଥିବା କହିଛନ୍ତି। ଏଥିସହିତ ରିଫର୍ମ ଏକ୍ସପ୍ରେସ୍ ଯାତ୍ରାରେ ହାସଲ ହୋଇଥିବା ପ୍ରଗତିକୁ ସ୍ୱୀକାର କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଲିଖିତ ସାକ୍ଷାତ୍‌କାରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ପୂର୍ବ ସରକାର ଛାଡ଼ିଯାଇଥିବା ଅନେକ ଗଠନମୂଳକ ତ୍ରୁଟିକୁ ସୁଧାରିବାରେ ତାଙ୍କ ସରକାର ଆଜି ପର୍ଯ୍ୟନ୍ତ କାର୍ଯ୍ୟ କରି ଆସିଛି, ଯାହା ସାହସିକ ସଂସ୍କାର କାର୍ଯ୍ୟକାରୀ କରିବା ଏବଂ ଏକ ବିକଶିତ ଭାରତର ମୂଳଦୁଆ ପକାଇବାରେ ସହାୟକ ହୋଇଛି।

ପ୍ରତିରକ୍ଷାରେ ବ୍ୟାପକ ଆଧୁନିକୀକରଣକୁ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ସାମ୍ପ୍ରତିକ ବାସ୍ତବତାକୁ ଦୃଷ୍ଟିରେ ରଖି ସଶସ୍ତ୍ର ବଳକୁ ସୁଦୃଢ଼ କରିବା ସରକାରଙ୍କ ଦାୟିତ୍ୱ। ଏଥିପାଇଁ କେନ୍ଦ୍ର ବଜେଟରେ ଏହି କ୍ଷେତ୍ରକୁ ଅଧିକ ବ୍ୟୟବରାଦ କରାଯାଇଛି। ଭାରତକୁ ଅଧିକ ଶକ୍ତିଶାଳୀ ଏବଂ ସବୁ ସମୟ ପାଇଁ ପ୍ରସ୍ତୁତ ରହିବାକୁ ହେବ। ଏଥିପାଇଁ ସରକାର ଆବଶ୍ୟକ ପଦକ୍ଷେପ ନେଉଛନ୍ତି, ଯାହା ବଜେଟରୁ ପ୍ରତିଫଳିତ ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

DHARITRI
ଭୁବନେଶ୍ୱର, ସୋମବାର, ଫେବୃଆରୀ ୧୬/୨୦୨୬ | Bhubaneswar, Monday, February 16/2026 | ପୃଷ୍ଠା-୧



## ଜାସନ ହୋଲ୍ଡର ପ୍ଲେୟର ଅଫ୍ ଦି ମ୍ୟାଚ

ନେପାଳ ବିପକ୍ଷ ଟି୨୦ କ୍ରିକେଟ ବିଶ୍ୱକପ୍ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି ୱେଷ୍ଟଇଣ୍ଡିଜର ଜାସନ ହୋଲ୍ଡର।

୧୨

୦୨

## ଜ୍ୟାକଲିନ୍‌ଙ୍କୁ ଭାଲେଣ୍ଟାଇନ୍ସ ଡେ'ରେ ହେଲିକପ୍ଟର ଗିଫ୍ଟ

ଅଭିନେତ୍ରୀ ଜ୍ୟାକଲିନ ଫର୍ନାଣ୍ଡିଜ୍‌ଙ୍କୁ ଜେଲରେ ଥିବା ସୁକେଶ ଚନ୍ଦ୍ରଶେଖର ଭାଲେଣ୍ଟାଇନ୍ସ ଡେ' ଅବସରରେ 'ଏୟାରବସ୍ ଏଚ୍-ସିରିଜ' ହେଲିକପ୍ଟର ଉପହାର ଦେଇଥିବା ଦାବି କରିଛନ୍ତି।





ଉତ୍ତରାଖଣ୍ଡ ଡେରାଡୁନ୍‌ଠାରେ ରବିବାର ଶିବରାତ୍ରି ଉପଲକ୍ଷେ କଳାକାରମାନେ ଅଗ୍ନି କୌଶଳ ପ୍ରଦର୍ଶନ କରୁଛନ୍ତି।

## ସଅଳ ଉଠିଲା ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଦୀପ

**ପୁରୁଣା ଭୁବନେଶ୍ୱର,୧୫।୨ (ସୁବାସ ଚନ୍ଦ୍ର ପ୍ରଧାନ)**

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରି ତଥା ଜାଗର ଯାତ୍ରା ରବିବାର ସମ୍ପନ୍ନ ହୋଇଛି। ଏଥର ନିର୍ଦ୍ଧାରିତ ସମୟ ୧ ଘଣ୍ଟା ୧୯ ମିନିଟ୍ ପୂର୍ବରୁ ମନ୍ଦିର ଉପରକୁ ମହାଦୀପ ଉଠିଛି। ମନ୍ଦିର ପ୍ରଶାସନର ନୀତି ନିର୍ଘଣ୍ଟ ଅନୁଯାୟୀ, ଭୋର୍ ୩ଟାରୁ ଦ୍ୱାର ଫିଟାଯାଇ ମଙ୍ଗଳଆଳତି, ଅବକାଶ ଆଦି ବିଭିନ୍ନ ନୀତି ସମ୍ପନ୍ନ ହୋଇଥିଲା। ଏହାପରଠାରୁ ସାହାଣମେଲା ଦର୍ଶନ ଚାଲିଥିଲା। ଶ୍ରଦ୍ଧାଳୁମାନେ ସିଂହଦ୍ୱାର ବାଟେ ମନ୍ଦିର ଭିତରକୁ ପ୍ରବେଶ କରି ଆଡ଼କାଠରେ ଠାକୁରଙ୍କୁ ଦର୍ଶନ କରିଥିଲେ। ସନ୍ଧ୍ୟାରୁ ଶ୍ରଦ୍ଧାଳୁମାନେ ଜାଗର ଦୀପ ଜାଳି ଶିବ ଆରାଧନା କରିଥିଲେ। ରାତି ୧୦ଟାରେ ମହାଦୀପ ଉଠିବା ନେଇ ପୂର୍ବରୁ ସମୟ ନିର୍ଘଣ୍ଟ ହୋଇଥିଲା। ହେଲେ ରାତି ୮ଟା ୩୫ରେ ବେଢ଼ା ପରିକ୍ରମା, ୮ଟା ୪୦ରେ କଳସ ପରିକ୍ରମା ପରେ ୮ଟା ୪୧ରେ ମହାଦୀପ ଦର୍ଶନ କରିଥିଲେ ଶ୍ରଦ୍ଧାଳୁ। ଓଁ ନମଃ ଶିବାୟ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା ଏକାମ୍ରକ୍ଷେତ୍ର।

# ପ୍ରାତଃ ଭ୍ରମଣ ବେଳେ ଢଳିପଡ଼ିଲେ ଛାତ୍ର

## ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା

**ଖଲ୍ଲିକୋଟ,୧୫।୨ (ପ୍ରଶାନ୍ତ କୁମାର ମିଶ୍ର)**

ଗଞ୍ଜାମ ଜିଲା ଖଲ୍ଲିକୋଟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଜଣେ ଦଶମ ଶ୍ରେଣୀ ଛାତ୍ର ରବିବାର ସକାଳୁ ମର୍ନିଂ ୱାକ୍‌ରେ ଯାଇ ଫେରୁଥିବା ବେଳେ ତାଙ୍କର ରାସ୍ତାରେ ମୃତ୍ୟୁ ଘଟିଛି। ଛାତ୍ର ଜଣକ ହେଲେ ବାଗଲପୁରର ସନ୍ତୋଷ ପ୍ରଧାନଙ୍କ ପୁଅ ମିହିର ପ୍ରଧାନ। ସେ ଶ୍ରୀଅରବିନ୍ଦ ଶିକ୍ଷା କେନ୍ଦ୍ରରେ ହଷ୍ଟେଲରେ ରହି ପଢୁଥିଲେ। ଆଉ ୩ ଦିନ ପରେ ମାଟ୍ରିକ ପରୀକ୍ଷା ଦେଇଥାନ୍ତେ।

ଖବରରୁ ଜଣାପଡିଛି, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ହଷ୍ଟେଲରେ ରହି ପଢୁଥିବା ଛାତ୍ରୀଛାତ୍ରମାନେ ପ୍ରତି ଛୁଟିଦିନଗୁଡ଼ିକରେ ସକାଳୁ ମର୍ନିଂ ୱାକ୍‌ରେ ଯାଇଥାନ୍ତି। ରବିବାର ହଷ୍ଟେଲରେ ରହୁଥିବା ୮୪ ଜଣ ଛାତ୍ରୀଛାତ୍ର ମର୍ନିଂ ୱାକ୍ ପାଇଁ ଯାଇଥିଲେ। ସେମାନଙ୍କ ସହ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ଓ ଶାରିରୀକ ଶିକ୍ଷା ଶିକ୍ଷକ ଯାଇଥିଲେ। ଫେରୁଥିବା ବେଳେ ହଠାତ୍ ମିହିର ତଳେ ପଡ଼ି ଯାଇଥିଲେ। ସାଙ୍ଗରେ ଯାଇଥିବା ଶିକ୍ଷକ ଯେତେ ଡାକିଲେ ମଧ କୌଣସି ଉତ୍ତର ଦେଇ ନ ଥିଲେ। ତୁରନ୍ତ ଏକ ଅଟୋ ଯୋଗେ ତାଙ୍କୁ ଚିକିତ୍ସା ପାଇଁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ମିହିରଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବାଗଲପୁରରୁ ବାପା ସନ୍ତୋଷ ପ୍ରଧାନ ଓ ପରିବାରବର୍ଗ ପହଞ୍ଚିବା ପରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଖଲ୍ଲିକୋଟ ଥାନା ଅଧିକାରୀ ☞ପୃଷ୍ଠା-୨

ଆଜିର ସମ୍ପାଦକୀୟ ପାଖ ବିଦେଶ

# ଟରଲୁଛି ହିମବାହ, ବିଶ୍ୱକୁ ବିପଦ

## ପ୍ରଭାବିତ ହେବ ହିମାଳୟ କ୍ଷେତ୍ର

ବିଶ୍ୱବ୍ୟାପୀ ଦ୍ରୁତ ସହରୀକରଣ ଓ ଶିଳ୍ପାୟନର ପ୍ରତ୍ୟକ୍ଷ ପ୍ରଭାବ ଜଳବାୟୁ ପରିବର୍ତ୍ତନ ଉପରେ ପଡୁଛି। ଏହି କ୍ରମେ ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ୩,୦୦୦ରୁ ଊର୍ଦ୍ଧ୍ୱ ହିମବାହ ସ୍ୱାଭାବିକଠାରୁ ଅଧିକ ମାତ୍ରାରେ ତରଳୁଥିବାରୁ ଏହା ଆଗାମୀ ଦିନରେ ପୃଥିବୀ ପାଇଁ ବିପଦ ସାଜିପାରେ ବୋଲି ବୈଜ୍ଞାନିକମାନେ ସତର୍କ କରାଇଛନ୍ତି। ବିଶେଷକରି ଆର୍କଟିକ୍, ହାଇ ମାଉଣ୍ଟେନ୍ ଏସିଆ, ଆଣ୍ଡେସ୍ ଏବଂ କାରାକୋରମ୍ କ୍ଷେତ୍ର ଅତିମାତ୍ରାରେ ହିମବାହ ତରଳୁଥିବାରୁ ଏହିସବୁ ଅଞ୍ଚଳରେ ସର୍ବାଧିକ ପ୍ରଭାବ ଅନୁଭୂତ ହେବ। ବରଫ ତରଳି ଜଙ୍ଗଲ, ଜମି ଓ ଜନବସତିକୁ ଜଳ ପ୍ଲାବିତ କରିବା ସହ ଅନେକ ଲକ୍ଷ ଲୋକ ବାସହରା ହୋଇଯିବେ ବୋଲି 'ନେଚର ରିଭ୍ୟୁଜ୍ ଆର୍ଥ ଆଣ୍ଡ ଏନ୍‌ଭାଇରନ୍‌ମେଣ୍ଟ' ଜର୍ନାଲରେ ପ୍ରକାଶିତ ଏକ ସଦ୍ୟ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଜମ୍ମୁ-କଶ୍ମୀର, ଲଦାଖ, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ ଓ ସିକିମ୍ ପ୍ରତି ତରଳମାନ ହିମବାହ ବିପଜ୍ଜନକ ସ୍ଥିତି ସୃଷ୍ଟି କରିଥିବାବେଳେ ଉକ୍ତ ରିପୋର୍ଟରେ ଅଧିକ ସତର୍କତା ପାଇଁ ପରାମର୍ଶ ଦିଆଯାଇଛି।



**ଲଣ୍ଡନ୍/ ନୂଆଦିଲ୍ଲୀ, ୧୫।୨(ଏଜେନ୍ସି)**

ସାରା ବିଶ୍ୱରେ ପ୍ରାୟ ୩,୧୦୦ ହିମବାହ ଦ୍ରୁତଗତିରେ ତରଳୁଛି, ଯାହାକି ଅତ୍ୟନ୍ତ ବିରଳ ଘଟଣା। ବିଶ୍ୱରେ ଥିବା ମୋଟ ହିମବାହର ଏହା ମାତ୍ର ୧% ହୋଇଥିଲେ ମଧ ସେସବୁ ତରଳିବା ଯୋଗୁ ଏକ-ପଞ୍ଚମାଂଶ (୧୬-୨୦%) ହିମବାହ ଅଞ୍ଚଳ ଜଳମଗ୍ନ ହୋଇ ବିପର୍ଯ୍ୟୟର କାରଣ ସାଜିବ ବୋଲି ବୈଜ୍ଞାନିକମାନେ ସ୍ପଷ୍ଟ କରିଛନ୍ତି। ଲଣ୍ଡନ୍‌ସ୍ଥିତ ପୋର୍ଟ୍ସମାଉଥ୍ ୟୁନିଭର୍ସିଟିର ଗବେଷକମାନେ ଦ୍ରୁତଗତିରେ ତରଳୁଥିବା ହିମବାହ ଉପରେ ଏକ ଅଧ୍ୟୟନ ଚଳାଇଥିଲେ। ଏପରି କି ହିମବାହ କାହିଁକି ସ୍ୱାଭାବିକଠାରୁ ଅଧିକ ମାତ୍ରାରେ ତରଳୁଛି ଏବଂ ପୃଥିବୀ ଉପରେ ଏହାର ସମ୍ଭାବ୍ୟ ପ୍ରଭାବକୁ ନେଇ ମଧ ପରୀକ୍ଷାନିରୀକ୍ଷା କରିଥିଲେ। ହିମବାହର ଗତି ଓ ବୈଶିଷ୍ଟ୍ୟ ଉପରେ ସେମାନେ ବିଶ୍ଳେଷଣ କରି ଅନେକ ନୂଆ ତଥ୍ୟ ଜାଣିବାକୁ ପାଇଛନ୍ତି। ଏଥିରୁ ଜଣାପଡ଼ିଛି ଯେ, ଜଳବାୟୁ ପରିବର୍ତ୍ତନ ଯୋଗୁ ତାପମାତ୍ରାରେ ନାଟକୀୟ ପରିବର୍ତ୍ତନ ହେବାରେ ଲାଗିଛି। ଗବେଷଣାରେ ସାମିଲ ଥିବା ବିଶ୍ୱବିଦ୍ୟାଳୟର ଏନ୍‌ଭାଇରନ୍‌ମେଣ୍ଟ ଆଣ୍ଡ୍ ସାଇନ୍ସ ସ୍କୁଲ ବରିଷ୍ଠ ଅଧ୍ୟାପକ ତଥା ହିମବାହ ବିଜ୍ଞାନୀ ଡ. ହାରୋଲ୍ଡ ଲଭେଲ୍ କହିଛନ୍ତି, ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଯୋଗୁ ବିଶ୍ୱର ତାପମାତ୍ରା ବଢୁଛି। ଏହାର ପ୍ରଭାବରେ ହିମବାହଗୁଡ଼ିକ ଯେପରି ଅସ୍ୱାଭାବିକ ଭାବେ ତରଳିବାରେ ଲାଗିଛି, ତାହା ବିପଦ ଆଣିଦେଇପାରେ। ହିମବାହଗୁଡ଼ିକ ନ ତରଳି ବରଫ ଅବସ୍ଥାରେ ଥିଲେ ତାହା ବ୍ୟାଙ୍କ ଆକାଉଣ୍ଟ ସଦୃଶ। କିନ୍ତୁ ସାମ୍ପ୍ରତିକ ସ୍ଥିତିକୁ ଦେଖିଲେ ଦିନେ ସେଗୁଡ଼ିକ 'ବ୍ଲାକ୍ ଫ୍ରାଇଡେ' ଇଭେଣ୍ଟରେ ପରିଣତ ହେବା ଆଶଙ୍କା ଉପୁଜିଛି। ବିଶ୍ୱରେ ଥିବା ସମସ୍ତ ହିମବାହର ☞ପୃଷ୍ଠା-୨

# ପାକିସ୍ତାନକୁ ହରାଇ ସୁପର-୮ରେ ଭାରତ

**ଟି୨୦ ବିଶ୍ୱକପ**

**କଲମ୍ବୋ, ୧୫।୨**

ଚଳିତ ଟି୨୦ କ୍ରିକେଟ ବିଶ୍ୱକପର ରବିବାର ଅନୁଷ୍ଠିତ ବହୁ ଚର୍ଚ୍ଚିତ ମ୍ୟାଚରେ ଭାରତ ୬୧ ରନରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାସ୍ତ କରିଛି। ଫଳରେ ଭାରତୀୟ ଦଳ ଗ୍ରୁପ୍ 'ଏ'ରୁ ସୁପର-୮ରେ ପ୍ରବେଶ କରିଛି। ଇଶାନ କିଶନଙ୍କ ଦ୍ରୁତ ଅର୍ଦ୍ଧଶତକ ସହାୟତାରେ ଭାରତ ୨୦ ଓଭରରେ ୭ ଉଇକେଟ ହରାଇ ୧୭୫ ରନ କରିଥିଲା। ଜବାବରେ ପାକିସ୍ତାନ ୧୮ ଓଭରରେ ୧୧୪ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଏଥିସହ ଟି୨୦ ବିଶ୍ୱକପରେ ପାକିସ୍ତାନ ବିପକ୍ଷରେ ଭାରତର ବିଜୟ ରେକର୍ଡ ୮-୧ରେ ପହଞ୍ଚିଛି।

୧୭୬ ରନ ବିଜୟ ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇଥିବା ପାକିସ୍ତାନକୁ ଭାରତର ଦୁଇ ପେସର ହାର୍ଦ୍ଦିକ ପାଣ୍ଡ୍ୟା ଓ ଯଶପ୍ରୀତ୍ ବୁମ୍‌ରା ପ୍ରଥମ ଦୁଇ ଓଭରରେ ହିଁ ପରାଜୟ ବାସ୍ନା ଦେଇଥିଲେ। ହାର୍ଦ୍ଦିକ ପ୍ରଥମ ଓଭରର ୪ର୍ଥ ବଲ୍‌ରେ ଶାହିବଜାଦା ଫରହାନ (୦)ଙ୍କୁ ଏବଂ ବୁମ୍‌ରା ଦ୍ୱିତୀୟ ଓଭରର ୨ୟ ଓ ୬ଷ୍ଠ ବଲ୍‌ରେ ଯଥାକ୍ରମେ ସଇମ ଆୟୁବ (୬) ଓ ଅଧିନାୟକ ସଲମାନ ଆଘା (୪)ଙ୍କୁ ଆଉଟ କରି ପାକିସ୍ତାନକୁ ଶକ୍ତ ଝଟ୍‌କା ଦେଇଥିଲେ। ୧୩ ରନ ମଧ୍ୟରେ ପାକିସ୍ତାନର ଏହି ୩ ଉଇକେଟ ପଡ଼ି ଯାଇଥିଲା। ୫ମ ଓଭରରେ ଅଭିଜ୍ଞ ଖେଳାଳି ବାବର ଆଜମ (୫)ଙ୍କୁ ଅକ୍ଷର ପଟେଲ ପ୍ୟାଭିଲିୟନ ପଥ ଦେଖାଇଥିଲେ। ଉସମାନ ଖାଁ ୩୪ ବଲ୍‌ରୁ ୪୪ ରନକରି କିଛି ସମୟ ପାକିସ୍ତାନୀ ସମର୍ଥକଙ୍କୁ ରୋମାଞ୍ଚିତ କରିଥିଲେ ହେଁ ତାହା ମ୍ୟାଚ ଜିତିବାକୁ ପର୍ଯ୍ୟାପ୍ତ ହୋଇ ନ ଥିଲା। କୁଲଦୀପ ଯାଦବ ନିଜ ଦ୍ୱିତୀୟ ଓଭରର ୪ର୍ଥ ବଲ୍‌ରେ ମହମ୍ମଦ ନୱାଜ ☞ପୃଷ୍ଠା-୨




# ଓସ୍ୱାସରେ ଯୋଡ଼ିହେବେ ୭୦ହଜାର କର୍ମଚାରୀ

ରାଜ୍ୟ ପ୍ରଶାସନିକ କାର୍ଯ୍ୟକୁ ଅଧିକ ଗତିଶୀଳ ଏବଂ ସ୍ୱଚ୍ଛତା କରିବା ଉଦ୍ଦେଶ୍ୟରେ ବିଭିନ୍ନ ବିଭାଗ, ନିର୍ଦ୍ଦେଶାଳୟ ଏବଂ ଜିଲା ମୁଖ୍ୟାଳୟରେ ବୈଷୟିକ ଜ୍ଞାନକୌଶଳ ଓ ଡିଜିଟାଲ ମାଧ୍ୟମରେ ସରକାରୀ କାର୍ଯ୍ୟକୁ ସ୍ୱୟଂକ୍ରିୟ ବ୍ୟବସ୍ଥା ସହ ଯୋଡ଼ିବାକୁ ଓସ୍ୱାସ(ଓଡ଼ିଶା ଷ୍ଟେଟ ୱାର୍କଫ୍ଲୋ ଅଟୋମେଶନ ସିଷ୍ଟମ) କାର୍ଯ୍ୟକାରୀ କରାଯାଉଛି। ଏହି ପେପରଲେସ୍(କାଗଜ ବିହୀନ) ବ୍ୟବସ୍ଥାରେ ସମ୍ପ୍ରତି ୧୮ହଜାରରୁ ଊର୍ଦ୍ଧ୍ୱ ବ୍ୟବହାରକାରୀ ଏବଂ ୬୨୫ରୁ ଅଧିକ କାର୍ଯ୍ୟାଳୟ ରହିଛି। ଏହାକୁ ଆହୁରି ଅଧିକ କାର୍ଯ୍ୟକ୍ଷମ କରାଇବାକୁ ସରକାର ଚିନ୍ତା କରିଛନ୍ତି। ଏବେ ଏହାକୁ ତହସିଲ୍ ଏବଂ ବ୍ଲକ କାର୍ଯ୍ୟାଳୟ ସହ ଯୋଡ଼ି ତୃଣମୂଳସ୍ତରରେ ପରିବର୍ତ୍ତନ ଆଣିବାକୁ ଲକ୍ଷ୍ୟ ରଖାଯାଇଛି। ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ୭୦ହଜାର କର୍ମଚାରୀ ଏବଂ ଅଧିକାରୀଙ୍କୁ ଏହି ବ୍ୟବସ୍ଥାରେ ସାମିଲ ପାଇଁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି। ଏହାର ସୁଫଳ ସାଧାରଣ ଲୋକେ ପାଇପାରିବେ ଓ ଅଧିକାରୀମାନଙ୍କ ମଧ୍ୟରେ ତତ୍ପରତା ଏବଂ କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇବା ଆଶା କରାଯାଉଛି।

## ତୃଣମୂଳସ୍ତରରେ ପହଞ୍ଚିବ ସ୍ୱୟଂକ୍ରିୟ ବ୍ୟବସ୍ଥା

**ଭୁବନେଶ୍ୱର,୧୫।୨ (ରବିନାରାୟଣ ଜେନା)**

ରାଜ୍ୟରେ ସରକାରୀ କାର୍ଯ୍ୟ ତଥା ପ୍ରଶାସନକୁ ଅଧିକ ଗତିଶୀଳ କରିବାପାଇଁ ଆଗାମୀ ଦିନରେ ତୃଣମୂଳସ୍ତରରେ ତଥା ସବୁ ବ୍ଲକ ଓ ତହସିଲରେ 'ଓସ୍ୱାସ୍' କାର୍ଯ୍ୟାନ୍ୱୟନ ହେବ। ଏହି କାର୍ଯ୍ୟକୁ ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ଶେଷ କରିବାକୁ ମୁଖ୍ୟଶାସନ ସଚିବ ଅନୁ ଗର୍ଗ ରାଜ୍ୟ ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି(ଇଆଣ୍ଡଆଇଟି)ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ଏସଂକ୍ରାନ୍ତରେ ଯୋଜନା ଓ ସଂଯୋଜନା ବିଭାଗ ଅତିରିକ୍ତ ସଚିବ ଶୁଭଶ୍ରୀ ନନ୍ଦ ଫେବୃଆରୀ ୧୦ରେ ମୁଖ୍ୟଶାସନ ସଚିବଙ୍କ ବିବରଣୀକୁ ନେଇ ଦର୍ଶାଇଛନ୍ତି, ସଚିବସ୍ତରୀୟ ବୈଠକରେ ଏନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ଏହାକୁ ଦୃଷ୍ଟିରେ ରଖି ମାର୍ଚ୍ଚ ୩୧ ସୁଦ୍ଧା ଯେପରି ସବୁ ତହସିଲ ଓ ବ୍ଲକରେ 'ଓସ୍ୱାସ୍' କାର୍ଯ୍ୟକାରୀ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦେବାକୁ ହେବ ବୋଲି 'ଇଆଣ୍ଡଆଇଟି' ବିଭାଗକୁ କହିଛନ୍ତି।

ମୁଖ୍ୟଶାସନ ସଚିବଙ୍କ ନିର୍ଦ୍ଦେଶ ଅନୁଯାୟୀ, ଆଗାମୀ ଦିନରେ ସବୁ ସରକାରୀ କର୍ମଚାରୀ ଗୋଟିଏ ଛାତ ତଳକୁ ଆସିବେ। ମାର୍ଚ୍ଚ ୩୧ ସୁଦ୍ଧା 'ଓସ୍ୱାସ୍-୩.୦'ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହେବ। ଫଳରେ ସରକାରୀ କାର୍ଯ୍ୟ କାଗଜବିହୀନ ହେବା ସହିତ ୭୦ହଜାର କର୍ମଚାରୀ ଗୋଟିଏ ପ୍ଲାଟ୍‌ଫର୍ମରେ ଯୋଡ଼ି ହୋଇପାରିବେ, ଯାହାକି ସାଧାରଣ ଲୋକଙ୍କୁ ତ୍ୱରିତ ସରକାରୀ ସେବା ପ୍ରଦାନରେ ସହାୟକ ହୋଇପାରିବ। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)କୁ ସରକାରୀସ୍ତରରେ ତ୍ୱରାନ୍ୱିତ କରାଯିବାକୁ ଲକ୍ଷ୍ୟ ରହିଛି। ଏହାଦ୍ୱାରା ☞ପୃଷ୍ଠା-୨

# ଆଜି କ’ଣ କେଉଁଠି

## ଭୁବନେଶ୍ୱର

- ମ୍ୟୁଜିକ୍ ଲିଜେଣ୍ଡ ପ୍ରଫୁଲ୍ଲ କର ସଂସ୍କାର ପକ୍ଷରୁ ସଙ୍ଗୀତ ସନ୍ଧ୍ୟା ‘କମଳ ଦେଶ ରାଜ କୁମାର’, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୫।

## ଖୋର୍ଦ୍ଧା

- ଜାଗରଯାତ୍ରା ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ବାଲୁଙ୍କେଶ୍ୱର ଦେବ ମନ୍ଦିର, ସାଲତରା, ସମୟ: ସକାଳ ୬ଟା।
- ଜାଗରଯାତ୍ରା ଉପଲକ୍ଷେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବାଲୁଙ୍କେଶ୍ୱର ଦେବ ମନ୍ଦିର, ପୁଇଁଚା, ସମୟ: ସକାଳ ୭ଟା।
- ଜାଗର ମହୋତ୍ସବ, ସ୍ଥାନ: ବଡ଼ପଦର, ସମୟ: ସନ୍ଧ୍ୟା ୬ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ ବାଦୀପାଲା, ସ୍ଥାନ: ଲୋକେଶ୍ୱର ଦେବ ମନ୍ଦିର, ସୁଆଁଳ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ଜମ୍ବେଶ୍ୱର ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ:ଗରସଙ୍ଗ, ଖଇରା, ସମୟ:ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ, ସ୍ଥାନ:ବାଲିଖଣ୍ଡ,ସମୟ:ପୂର୍ବାହ୍ନ ୧୧ଟା।
- କଇଁଗଡ଼ିଆ–ଗରସଙ୍ଗ ଭାୟା ଜଳଙ୍ଗ ବଉଳାଣୀ ରାସ୍ତାର ଶିଳାନ୍ୟାସ,ସ୍ଥାନ:ଜଳଙ୍ଗ, ଖଇରା,ସମୟ:ପୂର୍ବାହ୍ନ ୧୧ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ:ରାଉତପଡ଼ା ବାବା ବାଲକେଶ୍ୱର ନାଥ ଶୈବପୀଠ, ରୂପ୍‌ସା,ସମୟ:ରାତି ୯ଟା।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ୍ ସମ୍ମିଳନୀ କକ୍ଷ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କୁକୁଡ଼ା ଫାର୍ମ ସଂଘର ଖବରଦାତା ସମ୍ମିଳନୀ, ସ୍ଥାନ: ନଳାଙ୍ଗ, ଭଦ୍ରକ, ସମୟ: ମଧ୍ୟାହ୍ନ ୧୨ଟା।
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ଖେରଙ୍ଗ, ଚାନ୍ଦବାଲି, ସମୟ: ମଧ୍ୟାହ୍ନ ୧୨ଟା।

## କେନ୍ଦୁଝର

- ଶିବ ବିବାହ ଉତ୍ସବ ଅବସରରେ କଳସ ଶୋଭାଯାତ୍ରା, ସ୍ଥାନ: ଶିବ ଛକ, ବଡ଼ବିଲଠାରୁ ବିକାଶ ମହଲ, ସମୟ: ସକାଳ ୮ ଟା ୩୦।
- ଆନନ୍ଦପୁର ମହାବିଦ୍ୟାଳୟର ୬୨ତମ ବାର୍ଷିକ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୨ ଟା।

## ମୟୂରଭଞ୍ଜ

- ଛାବା କଖାରୁଆ ବୈଦ୍ୟନାଥଙ୍କ ସୁନାବେଶ ଦର୍ଶନ,ସ୍ଥାନ:ମାଣତ୍ରୀ ଶୈବପୀଠ, ବଡ଼ସାହି,ସମୟ: ପ୍ରାତଃ ୫ଟା।
- ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଜାଗରମେଳା,ସ୍ଥାନ:ମାଣତ୍ରୀ, ବଡ଼ସାହି,ସମୟ: ସକାଳ ୮ଟା।
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, କରଞ୍ଜିଆ,ସମୟ: ପୂର୍ବାହ୍ନ ୧୦ଟା।
- ଗୋଶାଳା କପ୍ କ୍ରିକେଟ ଟୁର୍ନାମେଣ୍ଟ,ସ୍ଥାନ: ଗୋଶାଳା ପଡ଼ିଆ, ତୁଳସୀଚଉରା, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, କନିଷି, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନ ଶୁଣାଣି, ସ୍ଥାନ: ଚୌଧୁରୀ ଟିକରପଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ଦିଗପହଣ୍ଡି, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚାୟତସ୍ତରୀୟ ମିଳିତ ଜନ ଶୁଣାଣି, ସ୍ଥାନ: ବିରଞ୍ଚିପୁର ପଞ୍ଚାୟତ କାର୍ଯ୍ୟାଳୟ, ବୁଗୁଡ଼ା, ସମୟ: ପୂର୍ବାହ୍ନ ୧୦ ଟା।
- ଅର୍ଥନୀତି ବିଭାଗର ରାଜ୍ୟସ୍ତରୀୟ ସେମିନାର, ସ୍ଥାନ: ବୁଗୁଡ଼ା ପିପୁଲ୍ସ କଲେଜ , ସମୟ: ପୂର୍ବାହ୍ନ ୧୦ ଟା।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପରଜଙ୍ଗ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ଜିଲାସ୍ତରୀୟ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ପାଟକୁରା ନିର୍ବାଚନମଣ୍ଡଳୀସ୍ତରୀୟ ମହିଳା ସମାବେଶ, ସ୍ଥାନ: କଳାବୋଦା, ଗରଦପୁର, ସମୟ: ପୂର୍ବାହ୍ନ ୧୧ଟା।

## ଯାଜପୁର

- ଜିଲାପାଳ ଓ ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ : ରସୁଲପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ଏନସି ହାଇସ୍କୁଲର ପ୍ଲାଟିନମ ଜୁବିଲି ଉତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ବ୍ୟାସନଗର ଏନସି ହାଇସ୍କୁଲ ପଡିଆ, ସମୟ: ଅପରାହ୍ନ ୪ଟା।
- ୨୭ତମ ଜାତୀୟ ସଂହତି ଉତ୍ସବର ୪ର୍ଥ ଦିନ କାର୍ଯ୍ୟକ୍ରମ, ସ୍ଥାନ: ବ୍ୟାସନଗର ଗୋଶାଳା ପଡିଆ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ଜାମାଲାଗି ବେଶର ୨୫ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା ।
- ବିଜ୍ଞାନ ପ୍ରଦର୍ଶନୀ, ସ୍ଥାନ:ଖଣ୍ଡପଡା ବ୍ଲକ କୁଞ୍ଜବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୦.୩୦ ।
- ମହିଳା ଆତ୍ମରକ୍ଷା କୌଶଳ ଶିବିରର ୬ଷ୍ଠ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧମ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ଜାଗର ଯାତ୍ରାର ୨ୟ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ବେଣାଗାଡିଆ ନୀଳକଣ୍ଠେଶ୍ୱର ଶିବ ମନ୍ଦିର, ସମୟ: ଅପରାହ୍ନ ୧ଟା ।
- ଜାଗର ଯାତ୍ରା ୨ୟ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ଜଗନ୍ନାଥପ୍ରସାଦ ବାଙ୍କନାଥ ମହାଦେବ ମନ୍ଦିର, ସମୟ: ଅପରାହ୍ନ ୨ଟା ।
- ମହାଶିବରାତ୍ରୀ ଅବସରରେ ଜାଗରଯାତ୍ରାର ୨ୟ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ପୀଠ, ସମୟ:ସନ୍ଧ୍ୟା ୬ଟା ।
- ଜାଗର ଯାତ୍ରାର ୨ୟ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ନୀଳକଣ୍ଠେଶ୍ୱର ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।

## ନବରଙ୍ଗପୁର

- ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଡାବୁଗାଁ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ଜିଲାସ୍ତରୀୟ ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଥୁବା ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି ସଚେତନ ଶିବିର, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ବୋରିଗୀ ପଞ୍ଚାୟତ, ନାରାୟଣପାଟଣା, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ମଞ୍ଚ କଳାକାରଙ୍କ ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ସ୍ୱପ୍ନେଶ୍ୱର ବାବାଙ୍କ ସ୍ୱତନ୍ତ୍ର ଶୃଙ୍ଗାର, ସ୍ଥାନ : ଗୋବିନ୍ଦଟୋଲା, ସମୟ : ମଧ୍ୟାହ୍ନ ୧୨ଟା।
- ଜିଲା ପ୍ରଶାସନ ଆୟୋଜିତ ସୁଭଦ୍ରା ଶକ୍ତି ମେଳା, ସ୍ଥାନ : ପିଏଡି ପଡିଆ, ସମୟ : ସନ୍ଧ୍ୟା ୬ଟା।
- ଶ୍ରୀକଣ୍ଢେଶ୍ୱର ବାବା ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶିବରାତ୍ରୀ ଉପଲକ୍ଷେ ନଗର କିର୍ତ୍ତନ ଓ ବୈଠକୀ କାର୍ଯ୍ୟକ୍ରମ, ସ୍ଥାନ : କୁଲୁଥକାନୀ ସ୍ଥିର ମନ୍ଦିର ପରିସର, ସମୟ : ସନ୍ଧ୍ୟା ୭ଟା।

## ରାଉରକେଲା

- ଆର୍ଯ୍ୟଭଟ୍ଟ ଟ୍ୟାଲେଣ୍ଟ ସର୍ଚ୍ଚ ଟେଷ୍ଟ, ସ୍ଥାନ: ଦିଲ୍ଲୀ ପବ୍ଲିକ୍ ସ୍କୁଲ, ସମୟ: ସକାଳ ୮ଟା।
- ଜାଗର ମେଳା, ସ୍ଥାନ: ବେଦବ୍ୟାସ, ସମୟ: ସକାଳ ୮ଟା।
- ଡ୍ୟାନ୍ସ ବ୍ୟାଟେଲ, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ସନ୍ଧ୍ୟା ୬ଟା।
- ଜିଲା ପ୍ରଦର୍ଶନୀ, ସ୍ଥାନ: ବେଦବ୍ୟାସ ମେଳା ପଡିଆ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ମହାଶିବରାତ୍ରି ମହୋତ୍ସବ,ସ୍ଥାନ:ଧବଳେଶ୍ୱର ମନ୍ଦିର, ଭୁଡିବାହାଲ, ଗାଇସିଲେଟ,ସମୟ:ସକାଳ ୮ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ସୋହେଲା,ସମୟ:ପୂର୍ବାହ୍ନ ୧୦ଟା।
- ଜିଲା ଠିକାଦାର ସଂଘର ଖବରଦାତା ସମ୍ମିଳନୀ,ସ୍ଥାନ: ସାଇକ୍ରିଷ୍ଣା ପେଲେସ, ବରଗଡ଼, ସମୟ:ପୂର୍ବାହ୍ନ ୧୧ଟା ୩୦।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଓ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଜୁନାଗଡ଼ ବ୍ଲକ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୦ଟା।
- ଇଂରାଜୀ ବିଭାଗର ଦ୍ୱିଦିବସୀୟ ଜାତୀୟ ସେମିନାର ଉଦ୍‌ଘାଟିତ, ସ୍ଥାନ: ଭବାନୀପାଟଣା ମା’ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କପିଳେଶ୍ୱର ମନ୍ଦିର ପ୍ରାଙ୍ଗଣ, କରକଟା, ହରଭଙ୍ଗା, ସମୟ: ସକାଳ ୯ଟା।
- ବୌଦ୍ଧ ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ କଣ୍ଟାମାଳ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ୍ ଟୁହିଲାମାଲ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା’କନକଦୁର୍ଗାଙ୍କ ସନ୍ଧ୍ୟାଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା’ କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଅଷ୍ଟ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଗୌଡ଼ଗାଡ,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ମା’ ମଙ୍ଗଳା–ମାଉଲି କ୍ରିକେଟ କପର ଚତୁର୍ଥ ଦିବସ, ସ୍ଥାନ: କଦଳୀପାଲି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ତୃତୀୟବର୍ଷ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଅବ୍ୟାହତ ଓ ଆଳତି , ସ୍ଥାନ: କୋମନା ବ୍ଲକ ତରବୋଡ ଥାନାପଡ଼ା, ସମୟ: ପ୍ରାତଃ ୫ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖଡ଼ିଆଳ, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସ ଦଳର ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ଜିଲା କଂଗ୍ରେସ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ସଭା, ସ୍ଥାନ: ପୋଲିସ ପଡ଼ିଆ କଲ୍ୟାଣ ମଣ୍ଡପ, ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ଉଦ୍‌ଯାପନ, ସ୍ଥାନ: କୋମନା ବ୍ଲକ ବୃନ୍ଦିକୋମନା ପଞ୍ଚାୟତ ଡୋଙ୍ଗରିପାଲି ଗାଁ, ସମୟ: ଅପରାହ୍ନ ୧ ଟା।
- ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ –ଖଡ଼ିଆଳ ବ୍ଲକ ଚନାବେଡା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।

# ଜ୍ୟାକଲିନ୍‌ଙ୍କୁ ଭାଲେଣ୍ଟାଇନ୍ସ ଡେ’ରେ ହେଲିକପ୍ଟର ଗିଫ୍ଟ



ମୁମ୍ବାଇ: ବଲିଉଡ୍ ଅଭିନେତ୍ରୀ ଜ୍ୟାକଲିନ ଫର୍ନାଣ୍ଡିଜ୍ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ଠକେଇ ମାମଲାରେ ଜେଲରେ ଥିବା ସୁକେଶ ଚନ୍ଦ୍ରଶେଖର ଭାଲେଣ୍ଟାଇନ୍ସ ଡେ’ ଅବସରରେ ଜ୍ୟାକଲିନ୍‌ଙ୍କୁ ଏକ ବିଳାସପୂର୍ଣ୍ଣ ‘ଏୟାରବସ୍ ଏଚ୍–ସିରିଜ’ ହେଲିକପ୍ଟର ଉପହାର ଦେଇଥିବା ଦାବି କରିଛନ୍ତି। ସୁକେଶଙ୍କ କହିବା ଅନୁଯାୟୀ, ଏହି କଳା ରଙ୍ଗର ହେଲିକପ୍ଟରରେ ଅଭିନେତ୍ରୀଙ୍କ ନାମର ସଂକ୍ଷିପ୍ତ ରୂପ ‘ଜେଏଫ୍’ ଲେଖାଯାଇଛି। ଏହାର ଭିତର ଏବଂ ବାହାର ପାର୍ଶ୍ୱକୁ ଜ୍ୟାକଲିନଙ୍କ ପୂର୍ବରୁ ଥିବା ଜେଟ୍ ଏବଂ ୟଟ ସହ ମେଳ ଖାଇବା ଭଳି ଡିଜାଇନ କରାଯାଇଛି। ଜେଲରୁ ଲେଖିଥିବା ଏକ ଚିଠିରେ ସୁକେଶ ଦର୍ଶାଇଛନ୍ତି ଯେ, ଏହି ହେଲିକପ୍ଟରଟି ସେ ନିଜର କଷ୍ଟଅର୍ଜିତ ଟଙ୍କାରେ କିଣିଛନ୍ତି। ଏଥିସହ ଏଥିରେ ସେ ଉଲ୍ଲେଖ କରିଛନ୍ତି, ମୁମ୍ବାଇର ଟ୍ରାଫିକ ସମସ୍ୟାରୁ ବଞ୍ଚିବା ଏବଂ ଶୁଟିଂ ପାଇଁ ଦୂର ସ୍ଥାନକୁ ସହଜରେ ଯିବା ଲାଗି ସେ ଏହି ଉପହାର ଦେଇଛନ୍ତି। ନିଜ କାର୍ଯ୍ୟ ଯୋଗୁ ଜ୍ୟାକଲିନ ଯେଉଁ ଆଇନଗତ ସମସ୍ୟା ଓ ମାନସିକ ଚାପ ଦେଇ ଗତି କରୁଛନ୍ତି, ସେଥିନେଇ ସୁକେଶ ଚିଠିରେ କ୍ଷମା ମଧ୍ୟ ମାଗିଛନ୍ତି। ତେବେ ସୁକେଶଙ୍କ ଏହି ଦାବି ଉପରେ ଜ୍ୟାକଲିନଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ମିଳିନାହିଁ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଉଡ଼ନ୍ତା ଖଇ ଗୋବିନ୍ଦାୟ ସ୍ୱାହା।**

କେତେକ କୃପଣ ବ୍ୟକ୍ତି ନିଜ ଉପାର୍ଜିତ ଧନକୁ ଦେବଦେବୀଙ୍କ ପାଇଁ ଖର୍ଚ୍ଚ କରିବା ଲାଗି ଉଚିତ୍ ମନେ କରି ନ ଥାନ୍ତି। ନିଜ ଧନକୁ ସଞ୍ଚି ରଖିବାରେ ସେମାନେ ମହାଆନନ୍ଦ ପାଇଥାନ୍ତି। କୌଣସି କାରଣବଶତଃ ସେମାନଙ୍କ ହାତରୁ ଧନ ଚାଲିଗଲେ ସେମାନେ ବହୁତ ଦୁଃଖ ପ୍ରକାଶ କରିଥାଆନ୍ତି। ସେହି ସମୟରେ ହାତରୁ ଖସି ଯାଇଥିବା ଧନ ଗୋବିନ୍ଦ ବା ଠାକୁରଙ୍କ ଲାଗି ଖର୍ଚ୍ଚ ହୋଇଯାଇଛି ବୋଲି ମନେ କରି ନିଜକୁ ନିଜେ ପ୍ରବୋଧନା ଦେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଉଦୟ ବେଳେ ଅସ୍ତ ନାହିଁ କି ଅସ୍ତ ବେଳେ ଉଦୟ ନାହିଁ।**

ସମୟ ଓ ପରିସ୍ଥିତି କେତେବେଳେ କାହାକୁ ନେଇ କେଉଁଠି ପହଞ୍ଚାଇ ଦେଇଥାଏ ତାହା କହିହୋଇ ନ ଥାଏ। ସମୃଦ୍ଧି ବେଳେ ପତନ ଓ ପତନ ବେଳେ ସମୃଦ୍ଧିର ଅଭାବ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ତରଳୁଛି ହିମବାହ, ...

ମାତ୍ର ୧% ତରଳିଗଲେ ପୃଥିବୀରେ ଥିବା ଏକ–ପଞ୍ଚମାଂଶ ହିମବାହ ଅଞ୍ଚଳକୁ ଜଳ ପ୍ଲାବିତ ହେବ। ଏହା ବିପର୍ଯ୍ୟୟକୁ ଡାକି ଆଣିବା ସହ ଅନେକ ହଜାର ଲୋକ ପ୍ରଭାବିତ ହେବେ। ଏପରି କି ଉଚ୍ଚ ପାର୍ବତ୍ୟ ଅଞ୍ଚଳରେ ବସବାସ କରୁଥିବା ସମୁଦାୟ ମଧ୍ୟ ଏହାର ଦୁଷ୍ପରିଣାମ ଭୋଗିବେ। ଅନେକ ଧନଜୀବନ ହାନି ହେବା ସହ ଭିତ୍ତିଭୂମିଗୁଡ଼ିକ ମଧ୍ୟ ନଷ୍ଟ ହୋଇଯିବ ବୋଲି ଉକ୍ତ ଅଧ୍ୟୟନରେ ସେ ସତର୍କ କରାଇଛନ୍ତି।

ଗବେଷଣାରୁ ଆହୁରି ଜଣାପଡ଼ିଛି ଯେ, ଆର୍କଟିକ୍‌ରେ ୪୮.୩% ଏବଂ ହାଇ ମାଉଣ୍ଟେନ୍ ଏସିଆରେ ୫୦.୫% ହିମବାହ ତରଳୁଛି। ବିଶେଷକରି କାରାକୋରମ୍ ପାର୍ବତ୍ୟ ଅଞ୍ଚଳ ଓ ଆଣ୍ଡେସ୍‌ରେ ହିମବାହ ଅଧିକ ତରଳୁଥିବା ପରିଲକ୍ଷିତ ହୋଇଛି। ମାନବ ଜାତି ପ୍ରତି ତତ୍କାଳ ବିପଦ ସୃଷ୍ଟି କରିବାକୁ ଥିବା ତରଳମାନ ହିମବାହ ସଂଖ୍ୟା ହେଉଛି ୮୧। କେତେକ ଅଞ୍ଚଳରେ ଏହି ତରଳିବା ପ୍ରକ୍ରିୟା ସ୍ୱାଭାବିକଠାରୁ ଅଧିକ ରହିଛି। ଏଥିଯୋଗୁ ଗ୍ଲାସିଆଲ ଲେକ୍ ଆଉଟ୍‌ବର୍ଷ୍ଟ ଫ୍ଲଡ୍ (ଜିଏଲ୍‌ଓଏଫ୍) ବା ହିମବାହଜନିତ ବାଦଲଫଟା ବର୍ଷାର ପରିମାଣ ବଢ଼ିପାରେ, ଯାହାକି ବିଗତ ଦିନଗୁଡ଼ିକରେ ଜମ୍ମୁ–କଶ୍ମୀର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡରେ ଦେଖିବାକୁ ମିଳିଛି। ୨୦୧୧ରୁ ୨୦୨୪ ମଧ୍ୟରେ ଭାରତରେ ଗ୍ଲାସିଆଲ ଲେକ୍ ଏରିଆରେ ୨୦% ବୃଦ୍ଧି ଘଟିଥିବା ନେଇ ଏକ ଉଦ୍‌ବେଗଜନକ ରିପୋର୍ଟ କେନ୍ଦ୍ରୀୟ ଜଳ କମିଶନ (ସିଡବ୍ଲୁସି) ପକ୍ଷରୁ ନିକଟରେ ପ୍ରକାଶିତ ହୋଇଥିଲା। ପୂର୍ବ ହିମାଳୟ କ୍ଷେତ୍ର ବିଶେଷକରି ସିକିମ୍ ଓ ଅରୁଣାଚଳ ପ୍ରଦେଶରେ ଅନେକ ଶହ ହିମବାହ ତରଳି ଭୂଭାଗକୁ ମାଡ଼ିଆସୁଥିବାରୁ ଏହା ଉପରେ ତୀକ୍ଷ୍ଣ ନଜର ରଖାଯିବା ଜରୁରୀ ହୋଇପଡ଼ିଛି।

ଜମ୍ମୁ–କଶ୍ମୀର ଓ ଲଦାଖରେ ୬୨ଟି ବିପଜ୍ଜନକ ହିମହ୍ରଦ ରହିଛି, ଯାହାକି ଭାରତରେ ସର୍ବାଧିକ। ପୂର୍ବ କାରାକୋରମ୍‌ର ଶିୟୋକ୍ ଉପତ୍ୟକାରେ ପୂର୍ବରୁ ହିମବାହ ତରଳି ବିପଜ୍ଜନକ ସ୍ଥିତି ଉପୁଜିଥିଲା। ସେହିପରି ସିକିମ୍‌ରେ ୧୭ଟି ବିପଜ୍ଜନକ ହିମହ୍ରଦ ରହିଛି। ୨୦୨୩ରେ ସାଉଥ୍ ଲୋନାକ୍ ବାଦଲଫଟା ବର୍ଷା ‘ହିମାଳୟରେ ସୁନାମି’ ସଙ୍କଟ ଭଳି ସ୍ଥିତି ଉପୁଜାଇଥିଲା। ଅରୁଣାଚଳ ପ୍ରଦେଶ ଗତ ୩୨ ବର୍ଷ ମଧ୍ୟରେ ୧୧୦ଟି ହିମବାହକୁ ହରାଇଛି। ଫଳରେ ସମ୍ପୃକ୍ତ ଅଞ୍ଚଳରେ ଅସ୍ଥିର ହ୍ରଦଗୁଡ଼ିକ ସୃଷ୍ଟି ହୋଇଛି। ଏହିସବୁ ଅଞ୍ଚଳରେ ସରକାରଙ୍କ ପକ୍ଷରୁ ଜଳବିଦ୍ୟୁତ୍ ପ୍ରକଳ୍ପ ଓ ଡ୍ୟାମ୍‌ଗୁଡ଼ିକ ନିର୍ମାଣ କରାଯାଉଥିବାବେଳେ ସମ୍ଭାବ୍ୟ ବିପଦ ଏଡ଼ାଇବା ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉ ନ ଥିବାରୁ ପରିବେଶ ଉପରେ ପ୍ରଭାବ ପଡ଼ିବା ସହ ଲୋକଙ୍କ ଜୀବନ ହାନି ହେଉଛି।

ହିମବାହଗୁଡ଼ିକ ସିନ୍ଧୁ, ଗଙ୍ଗା ଓ ବ୍ରହ୍ମପୁତ୍ର ଭଳି ବଡ଼ ନଦୀ ପାଇଁ ୱାଟର ଟାୱାର (ଜଳସ୍ତମ୍ଭ) ଭାବେ କାର୍ଯ୍ୟ କରିଥାଏ। ହିମବାହ ତରଳିଲେରେ ଏହି ବଡ଼ ନଦୀ ଓ ଏହାର ଶାଖାନଦୀଗୁଡ଼ିକ ବନ୍ୟାରେ ଫୁଲି ଉଠନ୍ତି। ଏଥିଯୋଗୁ ଭାରତୀୟ କୃଷି ଓ କୃଷିଆଧାରିତ ଅର୍ଥନୀତିକୁ ବିପୁଳ କ୍ଷତି ସହିବାକୁ ପଡ଼ିଥାଏ। ତେଣୁ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ରୁର୍କି ଏବଂ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ) ପରି ପ୍ରତିଷ୍ଠାନ ଏସିଆର ଅତ୍ୟୁଚ୍ଚ ପର୍ବତମାଳା ଉପରେ ହାଇ–ରିଜୋଲ୍ୟୁଶନ୍ ସାଟେଲାଇଟ୍ ଡାଟା ବ୍ୟବହାର କରି ୩୧,୦୦୦ ହିମହ୍ରଦର ଗତିବିଧି ନେଇ ଗବେଷଣା ଜାରି ରଖିଛନ୍ତି।

## ପ୍ରାତଃ ଭ୍ରମଣ ବେଳେ ...

ରମେଶ ପ୍ରଧାନ, ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର, ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ତହସିଲଦାର ଡି. ମାଲେଶ୍ୱର ପାତ୍ର ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ପରିବାର ଲୋକଙ୍କୁ ବୁଝାଶୁଝା କରି ସ୍ଥିତିନିୟନ୍ତ୍ରଣକୁଆଣିଥିଲେ। ଏ ସମ୍ପର୍କରେ ଖଲ୍ଲିକୋଟ ଥାନାରେ ନଂ. ୯/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଯାଇଥିବା ଆଇଆଇସି ପ୍ରଧାନ କହିଛନ୍ତି। ଏ ସମ୍ପର୍କରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଅଧ୍ୟକ୍ଷ କରୁଣାକର ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଲେ, ଏହା ଏକ ବଡ ଦୁଃଖର କଥା। ସବୁ ଛୁଟିରେ ପିଲାମାନେ ମର୍ନିଂ ୱାକରେ ଯାଆନ୍ତି। ଆଜି ଏଭଳି ଏକ ଅଭାବନୀୟ ଘଟଣା ଘଟିବ ଆମେ କଳ୍ପନା କରିପାରୁନୁ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।

## ପାକିସ୍ତାନକୁ ହରାଇ ...

(୪)ଙ୍କୁ ଆଉଟ କରିବାରୁ ୧୧.୪ ଓଭର ବେଳକୁ ପାକିସ୍ତାନ ସ୍କୋର ୭୮/୬ ହୋଇ ଯାଇଥିଲା। ଏଥିରୁ ଆଉ ପାକିସ୍ତାନ ଶେଷ ପର୍ଯ୍ୟନ୍ତ ମୁକୁଳିପାରି ନ ଥିଲା। ଭାରତ ପକ୍ଷରୁ ଯଶପ୍ରୀତ୍ ବୁମ୍ରା, ଅକ୍ଷର ପଟେଲ୍, ବରୁଣ ଚକ୍ରବର୍ତ୍ତୀ ଓ ହାର୍ଦ୍ଦିକ ପାଣ୍ଡ୍ୟା ୨ଟି ଲେଖାଏ ଏବଂ କୁଲଦୀପ ଯାଦବ ଓ ତିଲକ ବର୍ମା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଭାରତ ୨ଟି ପରିବର୍ତ୍ତନ ସହ ଏହି ମ୍ୟାଚ ଖେଳିଥିଲା। ସଞ୍ଜୁ ସାମସନ ଓ ଅର୍ଶଦୀପ ସିଂଙ୍କ ସ୍ଥାନରେ ଅଭିଷେକ ଶର୍ମା ଓ କୁଲଦୀପ ଯାଦବଙ୍କୁ ସୁଯୋଗ ମିଳିଥିଲା। ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ପାକିସ୍ତାନ ଅଧିନାୟକ ସଲମାନ ଅଲୀ ଆଘା। କେବଳ ସେତିକି ନୁହେଁ ନିଜ ଅନ୍ତର୍ଜାତୀୟ କ୍ୟାରିୟରରେ ସେ ଦ୍ୱିତୀୟଥରଲାଗି ବୋଲିଂ ଓପନ କରି ୬ଷ୍ଠ ବଲ୍‌ରେ ବିସ୍ଫୋରକ ବ୍ୟାଟର ଅଭିଷେକ ଶର୍ମାଙ୍କୁ ଆଉଟ କରି ଭାରତ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ୪ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଅଭିଷେକ ଡକ୍(୦)ରେ ଆଉଟ ହୋଇଥିଲେ। ତେବେ ଇଶାନ କିଶନ ଓ ତିଲକ ବର୍ମା ଇନିଂସ ସମ୍ଭାଳି ଥିଲେ। ପାୱାରପ୍ଲେ ୬ ଓଭରରେ ଭାରତ ୧ ଉଇକେଟରେ ୫୨ ରନ ସଂଗ୍ରହ କରିଥିଲା। ୨୭ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ କିଶନ। ଭାରତ–ପାକିସ୍ତାନ ଟି୨୦ ଅନ୍ତର୍ଜାତୀୟରେ ଏହା ତୃତୀୟ ଦ୍ରୁତତମ ଥିଲା। ଦ୍ୱିତୀୟ ଉଇକେଟରେ ୮୭ ରନର ଭାଗୀଦାରି ପରେ କିଶନ ବ୍ୟକ୍ତିଗତ ୭୭ ରନକରି ଆଉଟ ହୋଇଥିଲେ। ସେ ୪୦ଟି ବଲ୍‌ର ସମ୍ମୁଖୀନ ହୋଇ ନିଜ ଇନିଂସ ମଧ୍ୟରେ ୧୦ ଚୌକା ଓ ୩ ଛକା ମାରିଥିଲେ। ସ୍ପିନର ସଇମ ଆୟୁବ ପାକିସ୍ତାନକୁ ବ୍ରେକ୍ ଥ୍ରୁ ଦେଇଥିଲେ। କେବଳ ସେତିକି ନୁହେଁ ଆୟୁବ ନିଜ ୪ର୍ଥ ଓଭରରେ ଭାରତକୁ ଡବଲ୍ ଝଟ୍‌କା ଦେଇ ଭାରତୀୟ ପ୍ରଶଂସକଙ୍କ ମଧ୍ୟରେ ନିରବତା ଭରିଥିଲେ। ଏହିଠାରୁ ଭାରତର ମୋମେଣ୍ଟମ୍ ବ୍ରେକ୍ ହୋଇଥିଲା। ଆୟୁବ ନିଜ ଅନ୍ତିମ ଓଭରର ଦ୍ୱିତୀୟ ବଲ୍‌ରେ ତିଲକ ବର୍ମାଙ୍କୁ ଏଲବିଡବ୍ଲ୍ୟୁ କରିଥିବାବେଳେ ୪ର୍ଥ ବଲ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଲଙ୍ଗ ଅଫ୍‌ରେ ବାବର ଆଜମଙ୍କ ହାତରେ କ୍ୟାଚ କରାଇଥିଲେ। ତିଲକ ୨୫ ରନ କରିଥିବାବେଳେ ହାର୍ଦ୍ଦିକ ଖାତା ଖୋଲିପାରି ନ ଥିଲେ। ପରବର୍ତ୍ତୀ ବଲ୍‌ରେ ଶିବମ୍ ଦୁବେଙ୍କୁ କଟ୍ ବିହାଇଣ୍ଡ ଆବେଦନ କରି ହ୍ୟାଟ୍ରିକ ପୂରଣ ପାଇଁ ଇଚ୍ଛା ରଖିଥିଲେ ଆୟୁବ। ମାତ୍ର ରିଭ୍ୟୁରେ ଏହା ନାକଚ ହୋଇ ଯାଇଥିଲା। ପାକିସ୍ତାନ ଏହି ମ୍ୟାଚରେ ୬ ସ୍ପିନର ବ୍ୟବହାର କରିଥିଲା। ଯାହାକି ଟି୨୦ ବିଶ୍ୱକପରେ ସର୍ବାଧିକ। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୨୯ ବଲ୍‌ରୁ ୩୨ ରନକରି ଆଉଟ ହେବାପରେ ଶିବମ୍ ଦୁବେ ୧୭ ବଲ୍‌ରୁ ୨୭ ଓ ରିଙ୍କୁ ସିଂ ୪ ବଲ୍‌ରୁ ୧୧ ରନ ସଂଗ୍ରହ କରିବାରୁ ଭାରତ ସ୍କୋର ୧୭୫ ଛୁଇଁଥିଲା। ପାକିସ୍ତାନ ପକ୍ଷରୁ ସଇମ ଆୟୁବ ୩ଟି ଏବଂ ଅଧିନାୟକ ସଲମାନ ଆଘା, ଶାହିନ ଆଫ୍ରିଦୀ ଓ ଉସମାନ ତାରିକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

## ଓସ୍ୱାସରେ ଯୋଡ଼ିହେବେ...

ସରକାରୀ କାର୍ଯ୍ୟ ଶୃଙ୍ଖଳିତ ହେବା ସହିତ କମ୍ ମାନବସମ୍ବଳରେ ଅଧିକ ସରକାରୀ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ହୋଇପାରିବ। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ‘ଓସ୍ୱାସ୍–୩.୦’ କାର୍ଯ୍ୟ ବ୍ୟାପକ ପ୍ରଚଳନ କରିବାପାଇଁ ୨୦୨୫ ଡିସେମ୍ବର ୨୫ରେ ଓୟୁଏଟି ପ୍ରେକ୍ଷାଳୟରେ ଏହାର ଶୁଭାରମ୍ଭ କରିଥିଲେ। ଏହାଦ୍ୱାରା ୪ଟି ଗୁରୁତ୍ୱପୂର୍ଣ୍ଣ ଦିଗ ସାଧନ ହେବ ବୋଲି ସରକାରଙ୍କ ଆଭିମୁଖ୍ୟ ରହିଛି। ସେଥିମଧ୍ୟରେ କାଗଜବିହୀନ କାର୍ଯ୍ୟ, ପ୍ରଶାସନିକ ବିଳମ୍ବିତା କମିବା, ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱତା ରହିବା ସହିତ ସମୟସୀମା ଭିତରେ ନିଷ୍ପତ୍ତି ନିଆଯାଇପାରିବ, ଯାହାକି ସରକାରଙ୍କୁ ଗତିଶୀଳ କରିବାରେ ସହାୟକ ହୋଇପାରିବ। ଏହାକୁ ନେଇ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର(ଓକାକ୍)କୁ ‘ଓସ୍ୱାସ୍–୩.୦’ ଉନ୍ନତୀକରଣ କରିବାପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି। ଇତିମଧ୍ୟରେ ୫୦ଦିନ ବିତିଯାଇଥିବାବେଳେ ଆଗାମୀ ୫୦ଦିନରେ ଏହି କାର୍ଯ୍ୟ ଯେପରି ସମ୍ପୂର୍ଣ୍ଣ ହୋଇପାରିବ ସେଥିପ୍ରତି ମୁଖ୍ୟଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି। ବୈଠକରେ ଇଲେକ୍‌ଟ୍ରୋନିକ୍ସ ଆଣ୍ଡ ସେମିକଣ୍ଡକ୍ଟର ହବ୍ କାର୍ଯ୍ୟକାରିତା କେତେଦୂର ଅଗ୍ରସର ହୋଇଛି ସେନେଇ ମୁଖ୍ୟସଚିବ ଇଆଣ୍ଡଆଇଟି ବିଭାଗକୁ ପ୍ରଶ୍ନ କରିବା ସହିତ ଭାରତ ସେମିକଣ୍ଡକ୍ଟର ମିଶନ–୨.୦ ଅଗ୍ରଗତି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିବା ଜଣାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାନ୍ଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ସମସ୍ତ କାର୍ଯ୍ୟ ସକାଶେ ଅନୁକୂଳ ବାତାବରଣ ସୃଷ୍ଟି କରିବ। କିନ୍ତୁ ଅଶ୍ଳେଷା ସକାଶେ ଯେତେ ଭଲ କଲେ ମଧ୍ୟ ଅନ୍ୟମାନଙ୍କର ଆନ୍ତରିକତା ରହିବନି। ବୃଥା ସନ୍ଦେହ ଏବଂ ଭୁଲ୍ ବୁଝାମଣାରୁ ପରିବାରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। କର୍ମକ୍ଷେତ୍ରସ୍ଥ ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ।

**ବୃଷ** ଭାଗ୍ୟ ସ୍ଥାନରେ ଚନ୍ଦ୍ରମଙ୍ଗଳ ଯୋଗ ଆପଣଙ୍କ ମାନସିକ ସ୍ଥିତି ଓ କର୍ମପ୍ରବାହକୁ ଗତିଶୀଳ କରାଇବ। ପାରିବାରିକ ସମସ୍ୟା ସମାଧାନ ସକାଶେ ପଡୋଶୀଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ମୃଗଶିରା ନକ୍ଷତ୍ର ସହକର୍ମୀଙ୍କ ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। ଆଜି ପରିସ୍ଥିତିକୁ ସୁଧାରିବାକୁ ଯାଇ ଖର୍ଚ୍ଚାନ୍ତ ହୋଇପାରନ୍ତି।

**ମିଥୁନ** ଆଜି ଅଷ୍ଟମଭାବସ୍ଥ ଚନ୍ଦ୍ର ଅର୍ଥନୈତିକ ଅଭିବୃଦ୍ଧି କରାଇବା ସାଙ୍ଗକୁ ବିଭିନ୍ନ ପ୍ରକାର ସମସ୍ୟାରେ ଜଡିତ କରାଇପାରନ୍ତି। ପୁନର୍ବସୁ ନକ୍ଷତ୍ରର ଆନୁଷ୍ଠାନିକ କାମ, ସଂଗଠନ, ଆଇନ ଅଦାଲତ କ୍ଷେତ୍ରରେ ଦାୟିତ୍ୱ ବୃଦ୍ଧି ପାଇବ। ପରିବାରରେ ବନ୍ଧୁମିଳନର ମଜାମଉଜ ପରିବେଶରେ କୌତୁକିଆ କଥା କହି ବନ୍ଧୁଙ୍କୁ ଆପ୍ୟାୟିତ କରିପାରନ୍ତି।

**କର୍କଟ** ରାଶ୍ୟାଧିପଙ୍କ କେନ୍ଦ୍ରକୋଣାଧିପଙ୍କ ସଂଯୋଗ ଆପଣଙ୍କୁ ଅଭିଳଷିତ ଦ୍ରବ୍ୟ ପ୍ରାପ୍ତି କରାଇବ। ଆଜି ଯେଉଁ କାମରେ ହାତ ଦେବେ ସଫଳ ହେବେ। ଅଶ୍ଳେଷା ନକ୍ଷତ୍ର ସକାଶେ କର୍ମଜଞ୍ଜାଳର ବ୍ୟସ୍ତତା ସାଙ୍ଗକୁ ପରୋକ୍ଷ ଶତ୍ରୁତା ଟେନ୍‌ସନର କାରଣ ହୋଇପାରେ। ବ୍ୟବସାୟୀଙ୍କ କାରବାରରେ ଉନ୍ନତି ହେବ ଓ ଲାଭର ମାତ୍ରା କିଛି କମିବ ।

**ସିଂହ** ଧନାଧିପତିଙ୍କୁ ବୃହସ୍ପତିଙ୍କ ଶୁଭଦୃଷ୍ଟି ବିଭିନ୍ନ କ୍ଷେତ୍ରରୁ ଅର୍ଥନୈତିକ ମାନ ବୃଦ୍ଧି କରାଇପାରନ୍ତି। ପୂର୍ବାଫାଲଗୁନୀ ନକ୍ଷତ୍ର କୌଣସି ବନ୍ଧୁଙ୍କ ନିମନ୍ତ୍ରଣରେ ଦୂର ଜାଗାକୁ ଯିବାକୁ ପଡିପାରେ। ଆଜିର ପ୍ରତ୍ୟାବର୍ତ୍ତନ ସମୟରେ ମୂଲ୍ୟବାନ ଦ୍ରବ୍ୟ କିଣିପାରନ୍ତି। କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ସମସ୍ୟା ସମାଧାନ ହେବ।

**କନ୍ୟା** ତୃତୀୟ ଅଷ୍ଟମାଧିପତି ଲାଭାଧିପଙ୍କ ସହ ଥିବାରୁ ଆଜି ପ୍ରାପ୍ୟପାଇବା କଷ୍ଟକର ହୋଇପାରେ। ନୂତନ ଗୃହ, ଯାନବାହନ କିମ୍ବା ମୂଲ୍ୟବାନ୍ ଦ୍ରବ୍ୟପ୍ରାପ୍ତି ପାଇଁ ମାର୍ଗ ଉନ୍ମୁକ୍ତ କରିପାରନ୍ତି। ଚିତ୍ରା ନକ୍ଷତ୍ରର ବାଣିଜ୍ୟ, ପରିବହନ, ଯାତ୍ରା ସମ୍ପର୍କରେ ଚିନ୍ତା ବଢ଼ିଯିବ। ଅସୁସ୍ଥତା ଅନୁଭବ କରିବାରୁ କେତେକ କାମ ସ୍ଥଗିତ ରହିଯାଇପାରେ।

**ତୁଳା** ଶୁଭଭାବରେ ଚନ୍ଦ୍ର ଓ ମଙ୍ଗଳଙ୍କ ସ୍ଥିତି ଅର୍ଥ ଓ ସମ୍ମାନ ଦେବାରେ ସମର୍ଥ ହେବ। ସ୍ୱାତୀ ନକ୍ଷତ୍ର ଗତକାଲିର ଦରଖଣ୍ଡିଆ କାମଟିକୁ ଆଜି ପୂର୍ଣ୍ଣାଙ୍ଗ କରିବାରେ ସଫଳ ହେବେ। ପିଲାଙ୍କ ସମ୍ବନ୍ଧୀୟ ସମସ୍ୟା ମନକୁ ଆନ୍ଦୋଳିତ କରିପାରେ। ବନ୍ଧୁ ଗହଣରେ କିମ୍ବା ଆଲୋଚନା ପରିସରରେ ପରିସ୍ଥିତିରେ ପଡି ଠିକ୍ ବିଚାର କରିପାରିବେନାହିଁ ।

**ବିଛା** ରାଶ୍ୟାଧିପ ଉଚ୍ଚସ୍ଥ ହୋଇ ଭାଗ୍ୟସ୍ଥାନକୁ ଦେଖୁଥିବାରୁ ଆଜି ଆଶା ଓ ଅଭିଳାଷ ପୂରଣ ହୋଇଯିବ। ଅନୁରାଧା ନକ୍ଷତ୍ର ସମସ୍ୟା ଜାଲରେ ଛନ୍ଦି ହୋଇଥିବାରୁ ମନ ଦୁଶ୍ଚିନ୍ତାରେ ଘାରିପାରେ। ସାଧାରଣ ଘଟଣାକୁ କେନ୍ଦ୍ରକରି ଉଚ୍ଚବାଚ ଘଟିବାର ଆଶଙ୍କା ରହିଛି। ସମ୍ପର୍କୀୟ ଜଣେ ବନ୍ଧୁ ଅଯାଚିତ ଭାବେ ନିଜ ତରଫରୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି।

**ଧନୁ** ଦେବଗୁରୁଙ୍କ ସ୍ୱଗୃହକୁ ଦୃଷ୍ଟିଜନିତ ଶାରୀରିକ ସୁସ୍ଥତା ସାଙ୍ଗକୁ ପାରିବାରିକ ଜୀବନ ସୁଖ ଶାନ୍ତିରେ କଟିବ। କୌଣସି ଲୋକକୁ ଅନ୍ଧଭାବେ ବିଶ୍ୱାସ କରି ହଇରାଣ ହେବେ। ଉତ୍ତରାଷାଢା ନକ୍ଷତ୍ର ସକାଶେ ପିଲାଙ୍କ ବିବାହ ପ୍ରସ୍ତାବ ସମ୍ପର୍କରେ ବନ୍ଧୁ ଖବର ଦେଇପାରନ୍ତି। ବିଭିନ୍ନ ପ୍ରକାର ପ୍ରତିବନ୍ଧକ ହେତୁ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ।

**ମକର** ଶ୍ରୀଚନ୍ଦ୍ରଙ୍କ ପ୍ରଭାବରୁ ଆଜି ଯେଉଁ କାମରେ ହାତଦେବେ ସଫଳତା ମିଳିବ। କିନ୍ତୁ ପାରିବାରିକ ଜୀବନରେ ଭୁଲ୍‌ବୁଝାମଣା ସାଙ୍ଗକୁ ରୁକ୍ଷ ବ୍ୟବହାର ଶାନ୍ତି ଭଗ୍ନ କରିପାରେ। ବାଣିଜ୍ୟ ଓ ପରିବହନରେ ପ୍ରତିବନ୍ଧକ ଦେଖାଦେଇପାରେ। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କୁମ୍ଭ** ଏକାଧିକ ଗ୍ରହ ରାଶିରେ ଅବସ୍ଥାନ କରିଥିବାରୁ ଆଜି କିଛି ଭଲ ସାଙ୍ଗକୁ ଟେନ୍‌ସନ ମଧ୍ୟରେ ଦିନଟି କଟିବ। ଶତଭିଷା ନକ୍ଷତ୍ର କର୍ମକ୍ଷେତ୍ରରେ ଗୁଡାଏ କାମ ହାତକୁ ନେଇ ବିବ୍ରତ ହୋଇପାରନ୍ତି। ସାହିତ୍ୟ ଓ ସଙ୍ଗୀତ କାର୍ଯ୍ୟରୁ ପ୍ରଶଂସିତ ହେବେ। ପରିବାର ସଦସ୍ୟଙ୍କ ରୁଗ୍‌ଣ ସ୍ୱାସ୍ଥ୍ୟର ଆରୋଗ୍ୟ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ।

**ମୀନ** ଉତ୍ତରଭାଦ୍ର ନକ୍ଷତ୍ର ସକାଶେ ଆଜିର ଦିନଟି ଭଲରେ କଟିବ। ବନ୍ଧୁଙ୍କ ପରାମର୍ଶରେ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ କିମ୍ବା ସଭାସମିତିରେ ପ୍ରଶଂସିତ ହେବେ। ଶନିଙ୍କ ପ୍ରଭାବରୁ ସତ୍‌ସଙ୍ଗ, ବ୍ରତୋପାସନା ପ୍ରତି ଶ୍ରଦ୍ଧା ଭକ୍ତି ଜାଗ୍ରତ ହୋଇପାରେ। ଦିନଚର୍ଯ୍ୟା ମଧ୍ୟରେ ଆର୍ଥିକ ସ୍ୱଚ୍ଛଳତା ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହୋଇପାରନ୍ତି।

ଆଜି ଫେବୃଆରୀ ୧୬ ତାରିଖ, ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀ ସୋମବାର। ବୈଷ୍ଣବ ସମ୍ମତ ମହାଶିବରାତ୍ରି, ରାଶିନକ୍ଷତ୍ର–ଶ୍ରବଣା/ମକର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅମାବାସ୍ୟାର ନିଶାପାଳନ, ଦିବା ଘ.୦୬।୧୮ ଗତେ, ଘ.୦୭।୪୪ ମଧ୍ୟେ, ଘ.୧୦।୫୨ ଗତେ, ଘ.୦୧।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭।୪୪ ଗତେ, ଘ.୦୯।୦୯ ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ସୋମବାର, ଫେବୃଆରୀ ୧୬/୨୦୨୬ | Bhubaneswar, Monday, February 16/2026 | ପୃଷ୍ଠା-୩

# ଅଗ୍ନିକାଣ୍ଡରେ ଶୀତଳ ଭଣ୍ଡାର ଜଳିଗଲା

## ଦମକଳ ସହ ରୋବୋ ଲିଭାଇଲା ନିଆଁ

କୁଚିଣ୍ଡା,୧୫।୨(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା ବାମରା ନିକଟସ୍ଥ ନୁଁଆମୁଣ୍ଡାସ୍ଥିତ ଏକ ଶୀତଳଭଣ୍ଡାରରେ ରବିବାର ସକାଳେ ଅଗ୍ନିକାଣ୍ଡ ଘଟିଛି। ନିଆଁକୁ ଆୟତ୍ତ କରିବା ପାଇଁ ଗୋବିନ୍ଦପୁର, ଲଇକେରା ଓ କିର୍ମିରାରୁ ଦମକଳ ବାହିନୀ ସହ ଝାରସୁଗୁଡ଼ାରୁ ରୋବୋ ଆସି ନିଆଁ ଲିଭାଇବା ପାଇଁ ପ୍ରୟାସ ଜାରି ରଖିଛି। ଦୀର୍ଘ ୧୦ଘଣ୍ଟା ପରେ ବି ନିଆଁକୁ ଆୟତ୍ତ କରାଯାଇ ପାରିନାହିଁ।

ସୂଚନା ଅନୁଯାୟୀ, ସମ୍ବଲପୁର ଜିଲା ବାମରା ଗଡପୋଷ ରାସ୍ତା ନୁଁଆମୁଣ୍ଡାରେ ଅନୁଭବ ଲାଠ ନାମକ ଜଣେ ବ୍ୟକ୍ତି ୫ଶହ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଶୀତଳଭଣ୍ଡାର କରିଛନ୍ତି। ଏହା ହେଉଛି କୁଚିଣ୍ଡା ଉପଖଣ୍ଡର ସର୍ବବୃହତ ଘରୋଇ ଶୀତଳ ଭଣ୍ଡାର। ରବିବାର ସକାଳ ପ୍ରାୟ ୭ଟାରେ ଶୀତଳ ଭଣ୍ଡାରରେ ନିଆଁ ଲାଗିଯାଇଥିଲା। ଶୀତଳଭଣ୍ଡାର କର୍ତ୍ତୃପକ୍ଷଙ୍କଠାରୁ ଖବରପାଇ ଗୋବିନ୍ଦପୁର(ବାମରା) ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା। ହେଲେ ନିଆଁର ତୀବ୍ରତା ଏତେ ଥିଲା ଯେ, ଗୋଟିଏ ଦମକଳରେ ନିଆଁ ଆୟତ୍ତ କରିବା ଅସମ୍ଭବ ହୋଇଥିଲା। ପରବର୍ତ୍ତୀ ସମୟରେ ପଡ଼ୋଶୀ ଝାରସୁଗୁଡ଼ା ଜିଲା ଲଇକେରା ଓ କିର୍ମିରାରୁ ଦମକଳବାହିନୀ ଆସି ନିଆଁ ଲିଭାରେ ☞ପୃଷ୍ଠା-୧୦

# କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କ ପରଲୋକ



କଟକ,୧୫।୨(କାର୍ତ୍ତିକ ସାହୁ)

ଓଡ଼ିଆ ସଙ୍ଗୀତ ଜଗତର ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କ ରବିବାର ସନ୍ଧ୍ୟା ପ୍ରାୟ ୬ଟା ୧୮ ମିନିଟ୍ ସମୟରେ ପରଲୋକ ହୋଇଯାଇଛି। ତାଙ୍କୁ ୭୩ ବର୍ଷ ହୋଇଥିଲା। ସେ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ।

ସୂଚନାନୁସାରେ, ସ୍ୱର୍ଗତା ପଟ୍ଟନାୟକ ଭୁବନେଶ୍ୱରର ଏକ ସାରସ୍ୱତ କାର୍ଯ୍ୟକ୍ରମରେ ଗତ ୧୨ ତାରିଖ ସନ୍ଧ୍ୟାରେ ଯୋଗଦେଇଥିବା ବେଳେ ଅସୁସ୍ଥ ଅନୁଭବ କରିଥିଲେ। ସେଦିନ ରାତି ପ୍ରାୟ ଗୋଟାଏରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ରାତି ପ୍ରାୟ ୩ଟା ସମୟରେ ☞ପୃଷ୍ଠା-୧୦



କପିଳାସ ପାଦଦେଶରେ ଥିବା ଦେଓଗାଁ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଧାରଣାରତ ସେବାୟତମାନଙ୍କ ସହ ଉପଜିଲାପାଳ ଆଲୋଚନା କରୁଛନ୍ତି। **(ଫଟୋ: ମାନସ ତ୍ରିପାଠୀ)**

# ୪ ଘଣ୍ଟା ନୀତିକାନ୍ତି ବନ୍ଦ, ଉପାସରେ ଶ୍ରୀଶ୍ରୀଚନ୍ଦ୍ରଶେଖର ଜୀଉ

## ପୋଲିସ ନ ଛାଡ଼ିବାରୁ ସେବାୟତଙ୍କ ଧାରଣା

## ଭୁଲ୍ ମାଗିଲେ ଉପଜିଲାପାଳ

ଢେଙ୍କାନାଳ,୧୫।୨(ରତନ ନାୟାର)

ମହାଶିବରାତ୍ରି ଓ ପ୍ରସିଦ୍ଧ ଜାଗର ଯାତ୍ରା ସମୟରେ ରବିବାର ଢେଙ୍କାନାଳ ଜିଲାର ପ୍ରସିଦ୍ଧ ଶୈବପୀଠ କପିଳାସରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଠାକୁରଙ୍କ ନୀତିକାନ୍ତି କରିବାକୁ ଯାଉଥିବା ସେବାୟତମାନଙ୍କୁ ବାରବାଙ୍କରେ ପୋଲିସ ଛାଡ଼ି ନ ଥିଲା। ଏହାର ପ୍ରତିବାଦରେ ନିକଟସ୍ଥ ଦେଓଗାଁ ଜଗନ୍ନାଥ ମନ୍ଦିର ସମ୍ମୁଖରେ ସେବାୟତମାନେ ଦୀର୍ଘ ସମୟ ଧରି ଧାରଣାରେ ବସିଥିଲେ। ଫଳରେ କପିଳାସ ପୀଠାଧୀଶ ମହାପ୍ରଭୁ ଶ୍ରୀଶ୍ରୀଚନ୍ଦ୍ରଶେଖର ଜୀଉ ମହାଦେବଙ୍କ ନୀତିକାନ୍ତି ୪ ଘଣ୍ଟା ବନ୍ଦ ରହିଥିଲା ଏବଂ ମହାପ୍ରଭୁ ଉପାସରେ ରହିଥିଲେ। ଏହାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଠାକୁରଙ୍କ ନୀତିକାନ୍ତିରେ ବିଳମ୍ୱ ହୋଇଥିଲେ ମଧ୍ୟ ପ୍ରଶାସନ କିମ୍ବା ଦେବୋତ୍ତର ବିଭାଗର ଜଣେ ହେଲେ ଅଧିକାରୀ ସେବାୟତମାନଙ୍କୁ ବୁଝାଶୁଝା କରିବା ପାଇଁ ନ ଯିବା ଘଟଣା ଅସନ୍ତୋଷକୁ ବୃଦ୍ଧି କରିଥିଲା। ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ନେଇ ସାଧାରଣରେ କ୍ଷୋଭ ପ୍ରକାଶ ପାଇଥିଲା। ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆସୁଥିବାରୁ ସକାଳ ସାଢେ ୯ଟା ବେଳେ ଜିଲା ପ୍ରଶାସନ ପକ୍ଷରୁ ଢେଙ୍କାନାଳ ଉପଜିଲାପାଳ ତଥା ଜିଲା ଦେବୋତ୍ତର ଅଧିକାରୀ ବିବୁଧ ଗଡ଼ନାୟକ ଘଟଣା ସ୍ଥଳରେ ପହଞ୍ଚି ସେବାୟତମାନଙ୍କୁ ଭୁଲ୍ ମାଗିବା ସହ ନୀତିକାନ୍ତି କରିବା ପାଇଁ ଅନୁରୋଧ କରିଥିଲେ। ସେହିପରି ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ସାମାଜିକ କର୍ମୀ ରାମଚନ୍ଦ୍ର ପାତ୍ର, ଏସ୍‌ଡିପିଓ ରମେଶଚନ୍ଦ୍ର ଦୋରା ପ୍ରମୁଖ ଧାରଣାରତ ସେବାୟତମାନଙ୍କୁ ବୁଝାଶୁଝା କରିଥିଲେ। ପ୍ରକାଶ ଯେ, ସେବାୟତମାନଙ୍କୁ ଜାଗର ଯାତ୍ରା ସମୟରେ ପୀଠକୁ ଯିବା ପାଇଁ ପ୍ରଶାସନ ପକ୍ଷରୁ ଉପଜିଲାପାଳ ପ୍ରଦାନ କରିଥିବା ପରିଚୟ ପତ୍ରକୁ ମଧ୍ୟ ଦାୟିତ୍ୱରେ ଥିବା ପୋଲିସ ଗ୍ରହଣ କରି ନ ଥିଲେ। ଏହାକୁ ନେଇ ସେବାୟତମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ସକାଳ ଧୂପରେ ମହାପ୍ରଭୁଙ୍କ ଠାରେ ଲାଗିହେବା ପାଇଁ ଠାକୁରଙ୍କ ପାଇଁ ଚକାପିଠା ପ୍ରସ୍ତୁତି ନିମନ୍ତେ ସେବାୟତମାନେ ପୀଠରେ ପହଞ୍ଚି ବିରି ବାଟିବା କଥା। କିନ୍ତୁ ପୋଲିସ ନ ଛାଡ଼ିବାରୁ ଏହା ବାଧାପ୍ରାପ୍ତ ହେଲା। ସେହିପରି ଦେଓଗାଁ ସରଘରୁ ମହାପ୍ରଭୁ ଶ୍ରୀଶ୍ରୀଚନ୍ଦ୍ରଶେଖର ଜୀଉଙ୍କର ନାଗାଭରଣ ବେଶ ପାଇଁ ସୁବର୍ଣ୍ଣ ପଞ୍ଚବକ୍ର ମଧ୍ୟ କପିଳାସ ପୀଠକୁ ଯାଇପାରି ନ ଥିଲା। ଏଥିସହିତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପୋଲିସ ବାରଣ କରିବାରୁ ପରିସ୍ଥିତି ଉତ୍ତେଜନାମୂଳକ ହୋଇଥିଲା। ୨୦ ତାରିଖ ଦିନ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଯିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେବା ପରେ ସେବାୟତମାନେ ଠାକୁରଙ୍କ ନୀତିକାନ୍ତି କରିବା ପାଇଁ ପୀଠକୁ ଯାଇଥିଲେ। କିନ୍ତୁ ୨୦ ତାରିଖ ସମସ୍ୟାର ସମାଧାନ ନ ହେଲେ ଏହି ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାଲିବ ବୋଲି ସେବାୟତ ସଂଘ ସଭାପତି ପ୍ରକାଶଚନ୍ଦ୍ର ପତିଙ୍କ ସମେତ ଆଶୁତୋଷ ମହାପାତ୍ର ଓ ସୁରେଶ ମହାପାତ୍ରଙ୍କ ନିଜ ପ୍ରତିକ୍ରିୟାରେ କହିଛନ୍ତି।

ଏ ସଂକ୍ରାନ୍ତରେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣୀ ପ୍ରଧାନ କହିଛନ୍ତି, ଘଟଣା କାହିଁକି ଘଟିଲା, ଏହାକୁ ନେଇ ତର୍ଜମା କରାଯିବ। ସେବାୟତମାନଙ୍କୁ ବୁଝାଶୁଝା କରାଯାଇଛି। ସେମାନେ ନୀତିକାନ୍ତି କରିବା ପାଇଁ ରାଜି ହୋଇ ପୀଠକୁ ଯାଇଛନ୍ତି। ଉପଜିଲାପାଳ ତଥା ଜିଲା ଦେବୋତ୍ତର ଅଧିକାରୀ ବିବୁଧ ଗଡ଼ନାୟକ କହିଛନ୍ତି, ବୁଝାମଣାର ଅଭାବ ଯୋଗୁ ଏଭଳି ଘଟିଲା। ସେବାୟତମାନଙ୍କ ସମସ୍ୟାର ସ୍ଥାୟୀ ସମାଧାନ ୨୦ ତାରିଖ ଦିନ କରାଯିବ।

# ଆଜି ରତ୍ନଭଣ୍ଡାର ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୫।୨(ରବିନାରାୟଣ ଜେନା)



ମୋହନ ଚରଣ ମାଝୀ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଓ ରତ୍ନଅଳଙ୍କାର ଗଣତିମଣତି ନେଇ ବିଭିନ୍ନ ମହଲରେ ଉତ୍ସୁକତା ପ୍ରକାଶ ପାଉଥିବାବେଳେ ସୋମବାର ଦୁଇଟି ପର୍ଯ୍ୟାୟରେ ଏହାର ସମୀକ୍ଷା ହେବ। ପ୍ରଥମ ପର୍ଯ୍ୟାୟରେ ପୂର୍ବାହ୍ନ ୧୧ଟାରେ ଶ୍ରୀମନ୍ଦିର ରତ୍ନଭଣ୍ଡାରର ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅଧ୍ୟକ୍ଷତା କରିବେ। ଏହା ପରେ ଅପରାହ୍ନ ଗୋଟାଏରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମୀକ୍ଷା କରିବେ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ରବିବାର ସୂଚନା ପ୍ରଦାନ କରିଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ରତ୍ନଭଣ୍ଡାରର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିଓର (ଏସ୍‌ଓପି) ହସ୍ତଗତ ହୋଇସାରିଛି। ସମୀକ୍ଷା ପରେ ଏହି ବିଷୟରେ ସମସ୍ତ ଦିଗ ସ୍ପଷ୍ଟ ହୋଇଯିବ। ଏହି ସମୀକ୍ଷା ବୈଠକ ମାଧ୍ୟମରେ ରତ୍ନଭଣ୍ଡାରର ପରିଚାଳନା ଏବଂ ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହେବ ବୋଲି ମନ୍ତ୍ରୀ କହିଛନ୍ତି।

# ବଢ଼ିଲା ତାପମାତ୍ରା

ଭୁବନେଶ୍ୱର,୧୫।୨(ବନ୍ଦନା ସେଠୀ)

ରାଜ୍ୟରେ ତାପମାତ୍ରା କ୍ରମଶଃ ବୃଦ୍ଧି ପାଉଛି। ରାତିରେ ଶୀତ, ଭୋର୍ ସମୟରେ କୁହୁଡି ଓ ଦିନରେ ଖରାତାତି ଅନୁଭୂତ ହେଉଛି। ଉତ୍ତର ଉପକୂଳ ଓଡ଼ିଶାର କିଛି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ପ୍ରାୟ ୬ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇଥିବାବେଳେ କିଛି ସ୍ଥାନରେ ଦିନ ତାପମାତ୍ରାରେ ପ୍ରାୟ ୨ରୁ ୪ ଡିଗ୍ରୀ ବଢ଼ିଛି। ଗତ ୨୪ଘଣ୍ଟାରେ ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ରହିଥିଲା। ସେହିପରି ସମତଳ ଅଞ୍ଚଳ ଭାବେ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀ ଏବଂ ସର୍ବାଧିକ ତାପମାତ୍ରା ଝାରସୁଗୁଡାରେ ୩୬ ଡିଗ୍ରୀ ରେକର୍ଡ ହୋଇଛି ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ ☞ପୃଷ୍ଠା-୧୦

# ଆମେରିକାରେ ନିଖୋଜ ଭାରତୀୟ ଛାତ୍ରଙ୍କ ମୃତ୍ୟୁ

ନ୍ୟୁୟର୍କ,୧୫।୨(ପି.ଟି.)

ଆମେରିକାରେ ଜଣେ ୨୨ ବର୍ଷୀୟ ଭାରତୀୟ ସ୍ନାତକୋତ୍ତର ଛାତ୍ର ୬ ଦିନ ତଳେ ନିଖୋଜ ହୋଇଯାଇଥିବାବେଳେ ତାଙ୍କ ମୃତଦେହ ମିଳିଥିବା ଭାରତୀୟ ମିଶନ ପକ୍ଷରୁ କୁହାଯାଇଛି। ସାକେଥ ଶ୍ରୀନିବାସୈଆ ନାମକ କାଲିଫର୍ନିଆ ୟୁନିଭର୍ସିଟିର ଉକ୍ତ ଛାତ୍ରଙ୍କ ଘର କର୍ଣ୍ଣାଟକରେ। ସେ ଗତ ସୋମବାରଠାରୁ ନିଖୋଜ ଥିଲେ। ତାଙ୍କର ମୃତଦେହ ମିଳିଥିବା ସାନ୍ ଫ୍ରାନ୍ସିସ୍କୋସ୍ଥିତ ଭାରତୀୟ ବାଣିଜ୍ୟିକ ଦୂତାବାସ ପକ୍ଷରୁ ସ୍ଥାନୀୟ ସମୟ ଶନିବାର ସ୍ପଷ୍ଟ କରାଯାଇଛି। କନ୍‌ସୁଲେଟ୍ ତାଙ୍କ ପରିବାରକୁ ସମବେଦନା ଜଣାଇବା ସହ ମରଶରୀର ଯଥାଶୀଘ୍ର ଭାରତ ପଠାଇବାରେ ଆବଶ୍ୟକ ସହାୟତା ଯୋଗାଇ ☞ପୃଷ୍ଠା-୧୦

# ଆଣବିକ ରିଆକ୍ଟର ପ୍ରସ୍ତୁତ କଲେ ୧୨ ବର୍ଷୀୟ ଛାତ୍ର

## ରୁମ୍‌ରେ ୪ ବର୍ଷର ଗବେଷଣା ପରେ ସଫଳତା

ଟେକ୍ସାସ୍,୧୫।୨



ଏଡେନ୍ ମ୍ୟାକ୍ ମିଲାନ୍

ଆମେରିକା ଟେକ୍ସାସ୍ ରାଜ୍ୟସ୍ଥିତ ଡଲାସ୍ ସହରର ଜଣେ ୧୨ ବର୍ଷର ଛାତ୍ରଙ୍କ ବିରଳ କୃତିତ୍ୱ ବୈଜ୍ଞାନିକ ଏବଂ ଗବେଷକ ମହଲକୁ ଆଶ୍ଚର୍ଯ୍ୟ କରିଦେଇଛି। ଏହି ଛାତ୍ର ଜଣକ ନିଜ ଖେଳିବା ଘରେ ଏକ ଆଣବିକ ରିଆକ୍ଟର ପ୍ରସ୍ତୁତ କରିଛନ୍ତି ,ଯାହାକି ପଦାର୍ଥ ବିଜ୍ଞାନରେ ପିଏଚ୍‌ଡି କରୁଥିବା ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ମଧ୍ୟ ସମ୍ଭବ ହୋଇନାହିଁ। ୭ମ ଗ୍ରେଡ୍‌ରେ ପାଠ ପଢୁଥିବା ଏଡେନ୍ ମ୍ୟାକ୍ ମିଲାନ୍ ନାମକ ଏହି ଛାତ୍ର ଜଣକ ୮ ବର୍ଷ ବୟସରୁ ନ୍ୟୁକ୍ଲିୟର ଫିଜିକ୍ସ ବିଷୟରେ ପଢିବା ଆରମ୍ଭ କରିବା ସହିତ ପରେ ପରେ ପରମାଣୁ ସଂଯୋଗ ବା ମିଶ୍ରଣ( ଫ୍ୟୁଜନ୍)କୁ ନେଇ ପଢ଼ିବା ଆରମ୍ଭ କରିଥିଲେ। ପ୍ରାୟ ୪ ବର୍ଷ ଧରି ସେ ଏ ସମ୍ପର୍କରେ ଘରେ ଗବେଷଣା କରି ନ୍ୟୁକ୍ଲିୟର ଫ୍ୟୁଜନ୍‌ରୁ କିଭଳି ଶକ୍ତି ଉତ୍ପନ୍ନ ହୁଏ ସେ ସମ୍ପର୍କରେ ଉଦ୍ୟମ କରି ରିଆକ୍ଟର ପ୍ରସ୍ତୁତ କରିବାକୁ ଲାଗିପଡ଼ିଥିଲେ। ନ୍ୟୁକ୍ଲିୟର ଫ୍ୟୁଜନ୍ ପ୍ରକ୍ରିୟାରେ ଦୁଇଟି ହାଲୁକା ପରମାଣୁ ନାଭିର ମିଶ୍ରଣ ଘଟି ଏକ ବଡ଼ ନାଭିକେନ୍ଦ୍ର ସୃଷ୍ଟି ହେବା ସହିତ ପ୍ରଚୁର ପରିମାଣରେ ଶକ୍ତି ଉତ୍ପନ୍ନ ହୋଇଥାଏ। ତେବେ ଏହି ଛାତ୍ର ଜଣକ ଘରେ ରିଆକ୍ଟର ପ୍ରସ୍ତୁତ କରିବାକୁ ମଧ୍ୟ ସମର୍ଥ ହୋଇଛନ୍ତି। ଏଡେନ୍ ଏଭଳି ଏକ ଗମ୍ଭୀର ☞ପୃଷ୍ଠା-୧୦

# ଦିବ୍ୟାଙ୍ଗ ଶିଶୁପୁତ୍ରକୁ କୋଳେଇ ନେଲେ ଆମେରିକୀୟ ସେନ୍

ଦେବଗଡ଼,୧୫।୨
(ଶଶାଙ୍କ ଶେଖର ଝାଙ୍କର)



ଜିଲାପାଳ, ଶିଶୁସୁରକ୍ଷା ଅଧିକାରୀଙ୍କ ଉପସ୍ଥିତିରେ ନ୍ୟୁୟର୍କର ସେନ୍ ରେମଣ୍ଡଙ୍କୁ ଶିଶୁପୁତ୍ର ହସ୍ତାନ୍ତର କରାଯାଉଛି।

ଦେବଗଡ଼ ଜିଲାର ସପୋର୍ଟ ଅନୁଷ୍ଠାନ ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ପୋଷ୍ୟସନ୍ତାନ ଗ୍ରହଣ କେନ୍ଦ୍ରରେ ରହୁଥିବା ୩ ବର୍ଷର ଶିଶୁପୁତ୍ରକୁ ପୋଷ୍ୟସନ୍ତାନ ଗ୍ରହଣ ପ୍ରକ୍ରିୟାରେ ଥଇଥାନ କରାଯାଇଛି। କିଶୋର ନ୍ୟାୟ ଅଧିନିୟମ ୨୦୧୫ ଓ ପୋଷ୍ୟସନ୍ତାନ ଗ୍ରହଣ ନିୟମାବଳୀ-୨୦୨୨ର ପ୍ରାବଧାନ ଅନୁଯାୟୀ, ଆମେରିକାର ନ୍ୟୁୟର୍କ ନିବାସୀ ସେନ୍ ରେମଣ୍ଡ ଉକ୍ତ ଶିଶୁପୁତ୍ରକୁ ପୋଷ୍ୟସନ୍ତାନ ଭାବେ ଗ୍ରହଣ କରିଛନ୍ତି। ସେନ୍ ନ୍ୟୁୟର୍କର ବୀମା କମ୍ପାନୀରେ କାମ କରନ୍ତି। ସେ ୨ ବର୍ଷ ତଳେ ପୋଷ୍ୟସନ୍ତାନ ଗ୍ରହଣ ପାଇଁ ଭାରତ ସରକାରଙ୍କ ମହିଳା ଓ ଶିଶୁବିକାଶ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ପୋଷ୍ୟସନ୍ତାନ ସମ୍ବଳ ଏଜେନ୍ସିରେ ଆବେଦନ କରିଥିଲେ। ଏହି ଏଜେନ୍ସିର ଅନୁମୋଦନ ପରେ ପୋଷ୍ୟସନ୍ତାନ ଭାବେ ଗ୍ରହଣ ପାଇଁ ସେ ଅନ୍‌ଲାଇନ୍‌ରେ ଉକ୍ତ ଶିଶୁପୁତ୍ରକୁ ଚୟନ କରିଥିଲେ। ସେନ୍ ଜଣେ ଅବିବାହିତ ଯୁବକ, ହେଲେ ପୋଷ୍ୟସନ୍ତାନ ଗ୍ରହଣ ମାଧ୍ୟମରେ ବାପା ହେବା ପାଇଁ ତାଙ୍କର ପ୍ରବଳ ଆଗ୍ରହ। ଦେବଗଡ଼ରେ ରହୁଥିବା ଉକ୍ତ ଶିଶୁପୁତ୍ରକୁ ପୋଷ୍ୟସନ୍ତାନ ଭାବେ ଗ୍ରହଣ କରିବା ପୂର୍ବରୁ ସେନ୍ ଆସାମରୁ ମଧ୍ୟ ଏକ ଦିବ୍ୟାଙ୍ଗ ଶିଶୁପୁତ୍ରକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରି ଲାଳନ ପାଳନ କରୁଛନ୍ତି। ଦେବଗଡ଼ର ଏହି ଶିଶୁପୁତ୍ର ମଧ୍ୟ ଭିନ୍ନକ୍ଷମ। ପୂର୍ବରୁ ଏହି ଶିଶୁପୁତ୍ରକୁ ଏକ ଓଡ଼ିଆ ଦମ୍ପତି ପୋଷ୍ୟସନ୍ତାନ ଭାବେ ଗ୍ରହଣ କରି ସାଙ୍ଗରେ ନେଇଥିଲେ। ହେଲେ ଗୋଟିଏ ଦିନ ପରେ ଦିବ୍ୟାଙ୍ଗ କହି ଶିଶୁ ସୁରକ୍ଷା ୟୁନିଟ୍‌କୁ ଫେରେଇ ଦେଇଥିଲେ । ହେଲେ ସମାଜସେବା ପ୍ରତି ଆଗ୍ରହୀ ଥିବା ଆମେରିକୀୟ ଯୁବକ ସେନ୍ ଏହି ଶିଶୁକୁ ସ୍ନେହରେ କୋଳେଇ ନେଇଛନ୍ତି। ଏଥିପାଇଁ ଦେବଗଡ଼ ଜିଲାପାଳ କବୀନ୍ଦ୍ର କୁମାର ସାହୁ ତାଙ୍କୁ ପ୍ରଶଂସା କରିଛନ୍ତି। ସେନ୍ ମଧ୍ୟ ଆମେରିକାରେ ଏହି ଶିଶୁର ଚିକିତ୍ସା କରାଇ ଭଲ କରିଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, ୩ ବର୍ଷ ତଳେ ଜଣେ ନାବାଳିକା ଏହି ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ☞ପୃଷ୍ଠା-୧୦



# ପାଖ ବିଦେଶ

ବାଂଲାଦେଶ ଜାତୀୟ ନିର୍ବାଚନରେ ଭୋଟ ହୋଇଥିବା ୨୯୯ ଆସନ ମଧ୍ୟରୁ ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି(ବିଏନ୍‌ପି) ଏକାକୀ ୨୦୯ ଆସନ ପାଇଥିବା ବେଳେ ସହଯୋଗୀଙ୍କୁ ମିଶାଇଲେ ସଂଖ୍ୟା ୨୧୨ ହୋଇଛି। ଜମାତ-ଇ-ଇସ୍‌ଲାମୀ ଏକାକୀ ୬୮ ସିଟ୍ ଜିତିଥିବା ବେଳେ ତା' ସହଯୋଗୀ ମିଶିଲେ ୭୭ରେ ପହଞ୍ଚିଛି। ଦୀର୍ଘବର୍ଷ ଧରି ବାଂଲାଦେଶ କ୍ଷମତା ରାଜନୀତିରେ ସ୍ୱତନ୍ତ୍ର ଛାପ ରଖିଆସିଥିବା ଶେଖ୍ ହାସିନାଙ୍କ ଆୱାମୀ ଲିଗ୍‌କୁ ନିର୍ବାଚନୀ ପ୍ରକ୍ରିୟାରୁ ଦୂରେଇ ଦିଆଯାଇଥିଲା। ହାସିନାଙ୍କ ଦଳ ଦେଶ ଉପରେ ଏକଚ୍ଛତ୍ରବାଦ ଲଦିଦେବାକୁ ଚେଷ୍ଟା କରୁଥିଲା ବୋଲି ମିଳୁଥିବା ଅନେକ ଉଦାହରଣରୁ ବୁଝାପଡ଼େ। ଅନ୍ୟପଟେ ଆୱାମୀ ଦଳକୁ ନିର୍ବାଚନରେ ଭାଗ ନେବାକୁ ଅନୁମତି ମିଳି ନ ଥିବାରୁ ଅନ୍ତର୍ଜାତୀୟ ସ୍ତରରେ ସମାଲୋଚନା କରାଯାଉଛି। ତେବେ ବିଏନ୍‌ପି ପ୍ରତି ବିପୁଳ ସମର୍ଥନ ଜଣାଇ ଦେଇଛି ଯେ, ଦେଶବାସୀ ଗୋଟେ ବଡ଼ ପରିବର୍ତ୍ତନ ଚାହୁଁଥିଲେ। ୨୦୨୪ରେ ହାସିନାଙ୍କ ନିର୍ବାଚିତ ସରକାରକୁ ଛାତ୍ର ଓ ଯୁବ ଆନ୍ଦୋଳନ ଜରିଆରେ କ୍ଷମତାଚ୍ୟୁତ କରାଯାଇଥିଲା। ତାହା ସେତେବେଳେ 'ମୌସୁମୀ ବିପ୍ଳବ' ଭାବେ ନାମିତ ହୋଇଥିଲା। ତା' ପରେ ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ଅନ୍ତରୀଣ ସରକାର ଗଠନ ହୋଇଥିଲା। ଏବର ନିର୍ବାଚନରେ ବିଏନ୍‌ପି ଅଧ୍ୟକ୍ଷ ତାରିକ୍ ରହମନଙ୍କ ପ୍ରତି ସମର୍ଥନ ମିଳିବା ପରେ ସେ ୧୭ ଫେବୃଆରୀରେ ବାଂଲାଦେଶର ନୂତନ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବାର କାର୍ଯ୍ୟକ୍ରମ ରହିଛି। ଉଲ୍ଲେଖ କରାଯାଇପାରେ ଯେ, ତାରିକ୍ ହେଉଛନ୍ତି ବାଂଲାଦେଶର ପୂର୍ବତନ ରାଷ୍ଟ୍ରପତି ଜିଆଉର ରହମନ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲେଦା ଜିଆଙ୍କ ବଡ଼ ପୁଅ। ୨୦୦୧ ମସିହାରେ ମା'ଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ତାରିକ୍ ଚର୍ଚ୍ଚାକୁ ଆସିଥିଲେ। ହେଲେ ୨୦୦୮ରେ ଆୱାମୀ ଲିଗ୍‌ର ବିପୁଳ ବିଜୟ ପରେ ସୁରକ୍ଷା ଦୃଷ୍ଟିରୁ ସେ ଲଣ୍ଡନରେ ଆତ୍ମ-ନିର୍ବାସିତ ଜୀବନ ବିତାଉଥିଲେ। ଖାଲେଦାଙ୍କ ମୃତ୍ୟୁର ଅଳ୍ପଦିନ ପୂର୍ବରୁ ତାରିକ୍ ବାଂଲାଦେଶ ଆସି ନିର୍ବାଚନ ଲଢ଼ିବା ପରେ ଦେଶବାସୀ ତାଙ୍କୁ ପ୍ରଧାନମନ୍ତ୍ରୀ ଆସନରେ ବସାଇବାକୁ ଯାଉଛନ୍ତି।

ବାଂଲାଦେଶରେ ୨୦୨୪ରେ ଆଭ୍ୟନ୍ତରୀଣ ସମସ୍ୟା ଦେଖାଦେବା ପରେ ତା'ର ଅର୍ଥନୀତି ଦୁର୍ବଳ ହୋଇଛି। ୟୁନୁସଙ୍କ ୧୮ ମାସର ସରକାରରେ ବିଭିନ୍ନ ସାମ୍ବିଧାନିକ ସଂସ୍ଥାକୁ ସୁଦୃଢ଼ କରାଯିବା ଲାଗି ପ୍ରଚେଷ୍ଟା ହୋଇଥିଲେ ମଧ୍ୟ ତାହା ଆଶାନୁଯାୟୀ ହୋଇପାରି ନାହିଁ। ତାରିକ୍‌ଙ୍କ ନେତୃତ୍ୱାଧୀନ ନୂଆ ସରକାର ଗଠନ ପରେ ବାଂଲାଦେଶରେ ଭଲ ସ୍ଥିତି ଆସିପାରେ ବୋଲି ଅନୁମାନ କରାଯାଉଛି। ନିର୍ବାଚନରେ ଜିତିବା ପରେ ପ୍ରାରମ୍ଭିକ ଅବସ୍ଥାରେ ତାରିକ୍ ତାଙ୍କ ସମର୍ଥକମାନଙ୍କୁ ବଡ଼ ବିଜୟ ଉତ୍ସବ ପାଳନ ନ କରିବାକୁ କହିବା ସହ କେବଳ ସ୍ୱତନ୍ତ୍ର ପ୍ରାର୍ଥନା କରିବାକୁ ପରାମର୍ଶ ଦେଇଛନ୍ତି। ଆଇନ ଶୃଙ୍ଖଳାକୁ ଗୁରୁତ୍ୱ ଦେବାକୁ ଯାଇ ସେ ନେଇଥିବା ନିଷ୍ପତ୍ତିକୁ ସ୍ୱାଗତ କରାଯାଉଛି। ବାଂଲାଦେଶରେ ଏକ ନିର୍ବାଚିତ ସରକାର ଦାୟିତ୍ୱ ନେବାକୁ ଥିବାରୁ ତା' ସହ ଭାରତ ଉତ୍ତମ ସମ୍ପର୍କ ବଜାୟ ରଖିବାର ସମୟ ଉପନୀତ ହେଲାଣି ବୋଲି କୁହାଯାଇପାରେ। ଶେଖ୍ ହାସିନା ନିଜ ଦେଶରୁ ତଡ଼ା ଖାଇବା ପରେ ଭାରତ ତାଙ୍କୁ ଆଶ୍ରୟ ଦେଇଛି। ତାଙ୍କ ପ୍ରତ୍ୟର୍ପଣ ପାଇଁ ବାଂଲାଦେଶ ପକ୍ଷରୁ ବହିର୍ବ୍ୟାପାର ଚାପ ପଡ଼ିଥିଲେ ମଧ୍ୟ ଭାରତ ନୀରବ ରହିବା ଦୁଇ ଦେଶର ସମ୍ପର୍କକୁ ଅଧିକ ବିଗାଡ଼ି ଦେଇଛି। ଏମିତି ଦେଖିଲେ କିଛି ବର୍ଷ ହେବ ଭାରତ ତା' ଚାରିକଡ଼େ ଥିବା ପଡ଼ୋଶୀ ରାଷ୍ଟ୍ରଙ୍କ ସହ ଭଲ ସମ୍ପର୍କରେ ନାହିଁ। ତେଣୁ ତାରିକ୍‌ଙ୍କ ସହ ଭାରତୀୟ ନେତୃତ୍ୱ ତତ୍‌କ୍ଷଣାତ୍ ସମ୍ପର୍କ ବଢ଼ାଇବା ଦରକାର ପଡ଼ିଲାଣି। କୁହାଯାଏ-'ସୁଯୋଗ ଆସେ, କିନ୍ତୁ ଥରେ'। ନିର୍ବାଚନରେ ବିଜୟ ହେବା ପରେ ତାରିକ୍ ଗଣମାଧ୍ୟମକୁ ସାମ୍ନା କରିଥିଲେ। ଏହି ସମୟରେ ଜଣେ ଭାରତୀୟ ସାମ୍ବାଦିକଙ୍କ ଏକ ପ୍ରଶ୍ନର ଉତ୍ତର ଦେବା ବେଳେ ସେ କହିଥିଲେ ଯେ, ବାଂଲାଦେଶ ଲୋକଙ୍କ ସ୍ୱାର୍ଥ ଓ ଦେଶ ସର୍ବାଗ୍ରେ ରହୁଛି। ନିଜ ଦେଶବାସୀଙ୍କ ସ୍ୱାର୍ଥକୁ ସୁରକ୍ଷିତ ରଖୁଥିବା ଭଳି ବହିର୍ବ୍ୟାପାର ନୀତି ନେଇ ନିଷ୍ପତ୍ତି ନିଆଯିବ ବୋଲି ସେ କହିବା ଭାରତକୁ ଏକ ଦୃଢ଼ ବାର୍ତ୍ତା ଦେଇଛି ବୋଲି କୁହାଯାଇପାରେ। ଏଭଳି କହି ତାରିକ୍ ତାଙ୍କ ଲୋକଙ୍କ ପ୍ରତି ଥିବା ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ଏହି ସନ୍ଧିକ୍ଷଣରେ ବାଂଲାଦେଶ ସହ ବିଗିଡ଼ି ଯାଇଥିବା ସମ୍ପର୍କକୁ ଭାରତ ସୁଦୃଢ଼ କରିବା ଲାଗି ସୁଚିନ୍ତିତ ପଦକ୍ଷେପ ନେବା ଜରୁରୀ। ବିଏନ୍‌ପି ବାଂଲାଦେଶରେ ବିପୁଳ ବିଜୟ ହାସଲ କରିବା ପରେ ତାରିକ୍‌ଙ୍କୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭେଚ୍ଛା ଜଣାଇଥିଲେ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ମଧ୍ୟ ଅନୁରୂପ ଶୁଭେଚ୍ଛା ଜଣାଇଛନ୍ତି। ଭାରତ କେବଳ ଶୁଭେଚ୍ଛାରେ ସମ୍ପର୍କକୁ ସୀମିତ ନ ରଖି ହାସିନାଙ୍କ ପାଇଁ ବିଗିଡ଼ି ଯାଇଥିବା ସମ୍ବନ୍ଧକୁ କିଭଳି ମଜଭୁତ କରି ହେବ ସେହି ଦିଗରେ ପଦକ୍ଷେପ ନେବା ଦରକାର। ନୂଆ ସରକାର ସହ ମୂଳରୁ ସମ୍ପର୍କ ଭଲ ଭାବେ ଗଢ଼ି ଉଠିଲେ ପୂର୍ବର ଅସ୍ୱାଭାବିକତା ହଟିଯିବାର ସମ୍ଭାବନା ବଢ଼ନ୍ତା। ଏଥିସହିତ ପାକିସ୍ତାନ ଓ ଚାଇନା ଆଡ଼କୁ ବାଂଲାଦେଶର ଢଳିବା ମଧ୍ୟ ଅନେକାଂଶରେ ହୁଏତ କମିଯାଇପାରନ୍ତା।

ଭାରତ ପାଇଁ ବାଂଲାଦେଶ ଏକ ସାଧାରଣ ପଡ଼ୋଶୀ ଦେଶ ଭାବେ ପରିଗଣିତ ହେବା ଉଚିତ ନୁହେଁ। ମୁସଲମାନ ଦେଶ ହୋଇଥିବା ସତ୍ତ୍ୱେ ବାଂଲାଦେଶୀ ନାଗରିକଙ୍କ ଚରିତ୍ର ଭାରତ ବିଶେଷକରି ପୂର୍ବାଞ୍ଚଳ ସହ ଅନେକ ସାମଞ୍ଜସ୍ୟ ରହୁଛି। ସମ୍ଭବତଃ ଏହି ସାମଞ୍ଜସ୍ୟ ସେହି ଦେଶର ଧର୍ମକୁ ପଛରେ ପକାଇ ଜାତୀୟ ଚରିତ୍ରକୁ ଆଗକୁ ଆଣିଥିଲା। ନିର୍ବାଚନ ପୂର୍ବରୁ ଅନେକ ପର୍ଯ୍ୟବେକ୍ଷକ ବାଂଲାଦେଶର ଜମାତ-ଇ-ଇସ୍‌ଲାମୀ ଦଳ ସରକାର ଗଠନରେ ନିର୍ଣ୍ଣୟକାରୀ ଭୂମିକା ଗ୍ରହଣ କରିବ ବୋଲି ଆକଳନ କରୁଥିଲେ। ବାଂଲାଦେଶ ଭୋଟର ସେପରି ଉଗ୍ରବାଦକୁ ନାପସନ୍ଦ କରନ୍ତି ବୋଲି ଏବେ ସ୍ପଷ୍ଟ ଜଣାପଡୁଛି। ସେଥିପାଇଁ ବ୍ୟକ୍ତିବିଶେଷ କିମ୍ବା ରାଜନୈତିକ ଦଳକୁ ଦେଖିବା ପରିବର୍ତ୍ତେ ପାଖ ବିଦେଶ (ନିଅର ଆବ୍ରଡ୍) ଦେଶଗୁଡ଼ିକର ନାଗରିକଙ୍କ ମାନସିକତାକୁ ବୁଝି ଭାରତ ତା'ର ବହିର୍ବ୍ୟାପାର ନୀତିକୁ ପୁନର୍ଗଠନ କରିବାର ସମୟ ଆସିଲାଣି।



# ନୈତିକ ମୂଲ୍ୟବୋଧ ଓ ଧର୍ମ

ଡ.ଛାୟାକାନ୍ତ ଷଡ଼ଙ୍ଗୀ

ଯେତେବେଳେ ଆମେ ଜଣେ କରୁଥିବା କାର୍ଯ୍ୟକୁ 'ନୈତିକ' ବୋଲି ବିଚାର କରୁ, ତାକୁ ଭଲ ଲୋକ କହୁ ଓ ଅନୈତିକ କାର୍ଯ୍ୟ କରୁଥିବା ଲୋକକୁ ମନ୍ଦ ଲୋକ କହୁ। ଏହାର ଅର୍ଥ ହେଲା ଯାହା ନୈତିକ ତାହା ଭଲ ଓ ଯାହା ଅନୈତିକ ତାହା ମନ୍ଦ। କ'ଣ ଭୁଲ୍ ଓ କ'ଣ ଠିକ୍- ଏ ସମ୍ପର୍କରେ ଧାରଣା ନ ରହିଲେ ଏକ ନୈତିକ ଜୀବନ ସମ୍ଭବ ନୁହେଁ। ଆମେ ନୈତିକ ମୂଲ୍ୟବୋଧ ପ୍ରାୟତଃ ଧର୍ମଶାସ୍ତ୍ରରୁ ସଂଗ୍ରହ କରୁ। ମାତ୍ର ନୈତିକ ମୂଲ୍ୟବୋଧ ଶିକ୍ଷା ପାଇଁ ଧର୍ମଶାସ୍ତ୍ର ଅଧ୍ୟୟନ କରିବା ବାଧ୍ୟତାମୂଳକ ନୁହେଁ କିମ୍ବା ନୈତିକ ଜୀବନ ଯାପନ କରିବା ପାଇଁ ପ୍ରଚଳିତ ଅର୍ଥରେ ଧାର୍ମିକ ହେବା ନିହାତି ଆବଶ୍ୟକ ନୁହେଁ। ସାଧାରଣତଃ ଯିଏ ଈଶ୍ୱରଙ୍କୁ ପୂଜା କରେ, ମନ୍ଦିର, ମସଜିଦ୍ ବା ଗିର୍ଜାକୁ ଯାଏ ତାକୁ ଆମେ ଧାର୍ମିକ ଲୋକ କହୁଁ। ମାତ୍ର ତଥାକଥିତ ବହୁ ଧାର୍ମିକ ବ୍ୟକ୍ତି ଅନେକ ଅନୈତିକ କାର୍ଯ୍ୟ କରୁଥିବା ଆମେ ଦେଖୁ। ଅପର ପକ୍ଷରେ କୌଣସି ଆନୁଷ୍ଠାନିକ ଧର୍ମରେ ବିଶ୍ୱାସ କରୁ ନ ଥିବା ଲୋକ ମଧ୍ୟ ନୈତିକ ଜୀବନଯାପନ କରୁଥିବା ଉଦାହରଣ ରହିଛି। ଧର୍ମ ଶବ୍ଦ ମୂଳତଃ କୌଣସି ସାମ୍ପ୍ରଦାୟିକ ବିଶ୍ୱାସ ଓ ରୀତିନୀତିକୁ ବୁଝାଏ ନାହିଁ। 'ଧୃ' ଧାତୁରୁ ଧାରଣ କରିବା ଅର୍ଥରେ ଧର୍ମ ଶବ୍ଦ ନିଷ୍ପନ୍ନ ହୋଇଛି। ମହାଭାରତରେ ଉଲ୍ଲେଖ ଅଛି ଯାହା ସମଗ୍ର ପ୍ରଜାକୁଳକୁ ଏକ ସୂତ୍ରରେ ବାନ୍ଧି ଧରି ରଖେ ତାହା ଧର୍ମ। ଏଠାରେ କୌଣସି ନିର୍ଦ୍ଦିଷ୍ଟ ଦେଶର ନୁହେଁ, ସମଗ୍ର ବିଶ୍ୱର ପ୍ରଜାକୁଳ କଥା କୁହାଯାଇଛି। ମାତ୍ର ଆମେ ହିନ୍ଦୁ ଧର୍ମ, ଖ୍ରୀଷ୍ଟ ଧର୍ମ, ବୌଦ୍ଧ ଧର୍ମ, ଇସଲାମ୍ ଧର୍ମ ଭଳି ଶବ୍ଦ ବ୍ୟବହାର କଲାବେଳେ ଧର୍ମ ଶବ୍ଦର ଅର୍ଥକୁ ସଙ୍କୁଚିତ କରି ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ରୀତିନୀତିକୁ ବୁଝୁ। ବିଭିନ୍ନ ସମ୍ପ୍ରଦାୟର ଧର୍ମଗ୍ରନ୍ଥଗୁଡ଼ିକରେ ଥିବା ବିବାହ, ଅନ୍ତ୍ୟେଷ୍ଟି କ୍ରିୟା, ଛାଡ଼ପତ୍ର, ଦୈନନ୍ଦିନ ଜୀବନଚର୍ଯ୍ୟା ଆଦି ସମ୍ପର୍କରେ ଥିବା ରୀତିନୀତି କେବେ ବି ସମାନ ନ ଥାଏ। ସେଗୁଡ଼ିକ ମଧ୍ୟରେ ଥାଏ ଅନେକ ଅସାମଞ୍ଜସ୍ୟ ଓ ଅସଂହତି।

ଗୋଟିଏ ସମ୍ପ୍ରଦାୟର ଧର୍ମବିଶ୍ୱାସରେ ଯାହା ନୈତିକ ଆଉ ଏକ ସମ୍ପ୍ରଦାୟର ଧର୍ମ ବିଶ୍ୱାସରେ ତାହା ଅନୈତିକ ହୋଇପାରେ। ଏଣୁ ନୈତିକ ମୂଲ୍ୟବୋଧ ସହ ପ୍ରଚଳିତ ଧର୍ମବିଶ୍ୱାସର କୌଣସି ସିଧାସଳଖ ସମ୍ପର୍କ ନାହିଁ। ଅବଶ୍ୟ ନୈତିକ ବ୍ୟବସ୍ଥାକୁ ନେଇ ଧର୍ମ ସୃଷ୍ଟି ହୋଇପାରେ, ମାତ୍ର ସବୁ ନୈତିକ ବ୍ୟବସ୍ଥା ଧର୍ମ ଆଧାରିତ ନୁହେଁ। ନୈତିକ ଆଚରଣ ସାମାଜିକ ସଂହତି ଆଣେ। ସାଧୁତା, ସମ୍ବେଦନଶୀଳତା, ପାରସ୍ପରିକ ବିଶ୍ୱାସ ଆଦି ଗୁଣକୁ ଆମେ ନୈତିକ ଆଚରଣର ପର୍ଯ୍ୟାୟଭୁକ୍ତ କରିପାରିବା। ଏହି ସବୁ ଗୁଣ ଆମପାଖକୁ ଆଲୌକିକ ଜଗତରୁ



ଆସିନାହିଁ। ସାମୂହିକ ମଙ୍ଗଳ ବିଧାନ କରିବା ପାଇଁ ମହାମନୀଷୀମାନଙ୍କର ଗଭୀର ମନନ ଓ ଚିନ୍ତନ ମଧ୍ୟରୁ ନୈତିକ ମୂଲ୍ୟବୋଧର ସୃଷ୍ଟି ହୋଇଥାଏ। ଈଶ୍ୱରଙ୍କୁ ବିଶ୍ୱାସ ନ କରି ଓ କୌଣସି ସମ୍ପ୍ରଦାୟର ଧର୍ମଗ୍ରନ୍ଥକୁ ଅନୁସରଣ ନ କରି ମଧ୍ୟ ଜଣେ ଜଗତର ମଙ୍ଗଳ ପାଇଁ ଏକ ନୈତିକ ଜୀବନର ସୂତ୍ର ଆବିଷ୍କାର କରିପାରେ। ଗୌତମ ବୁଦ୍ଧ ଈଶ୍ୱରଙ୍କ ସ୍ଥିତି ସମ୍ପର୍କରେ ନୀରବ ଥିଲେ। ସେଥିପାଇଁ କେହି କେହି ତାଙ୍କୁ ନାସ୍ତିକ କହନ୍ତି। ମାତ୍ର ସେ ଯେଉଁ ନୈତିକ ମୂଲ୍ୟବୋଧର ସୂତ୍ର ଦେଇଥିଲେ ତାହା ବିଶ୍ୱର ପ୍ରଜାକୁଳକୁ ଏକ ନୈତିକ ଜୀବନ ଯାପନ କରିବାର ମାର୍ଗ ଦେଖାଇଛି। ତାଙ୍କ ପ୍ରଚାରିତ ଅଷ୍ଟାଙ୍ଗ ମାର୍ଗ ହେଉଛି ସମ୍ୟକ୍ ଦୃଷ୍ଟି, ସମ୍ୟକ୍ ସଙ୍କଳ୍ପ, ସମ୍ୟକ୍ ବାକ୍, ସମ୍ୟକ୍ କର୍ମ, ସମ୍ୟକ୍ ଜୀବିକା, ସମ୍ୟକ୍ ଚେଷ୍ଟା, ସମ୍ୟକ୍ ସ୍ମୃତି ଓ ସମ୍ୟକ୍ ସମାଧି। ଏହି ନୈତିକ ମୂଲ୍ୟବୋଧର କଥା କହିବା ବେଳେ ବୁଦ୍ଧ ଈଶ୍ୱରଙ୍କୁ ପୂଜା କରିବା କଥା କହିନାହାନ୍ତି କି ମନ୍ଦିରକୁ ଯିବା କଥା କହିନାହାନ୍ତି।

ସାମ୍ପ୍ରଦାୟିକ ଧର୍ମ କେବେ ତର୍କ ଆଧାରିତ ହୁଏନାହିଁ। ଏହା ହୁଏ ବିଶ୍ୱାସ ଆଧାରିତ। ଅନେକ ସମୟରେ ସେହି ବିଶ୍ୱାସ କୁସଂସ୍କାର ଓ ପରମ୍ପରା ପର୍ଯ୍ୟବସିତ ହୋଇଥାଏ। ମାତ୍ର ନୈତିକ ମୂଲ୍ୟବୋଧ ସର୍ବଦା ତର୍କ ଆଧାରିତ ଓ ଯୁକ୍ତି ସମ୍ମତ ହୋଇଥାଏ। ସେହି ଯୁକ୍ତି ପଛରେ ଥାଏ ମନନ ଓ ବିବେକାନୁମୋଦନ। ବିବେକ ସର୍ବଦା ଏକ ନୈତିକ ଜୀବନ ଯାପନ କରିବା ପାଇଁ ପ୍ରେରଣା ଦିଏ। ଏହି ପ୍ରସଙ୍ଗରେ ମନେପଡ଼େ ଏକ କ୍ଷୁଦ୍ର କାହାଣୀ। ଜେସ୍ ବେନ୍ ନାମରେ ଥିଲେ ଜଣେ ଜୈନ ଧର୍ମଗୁରୁ। ସେ ନିଜର ସାଧୁତା ଓ ସଚ୍ଚୋଟତା ପାଇଁ ସୁବିଦିତ ଥିଲେ। ପ୍ରତ୍ୟେକ ଦିନ ସେ ଭିକ୍ଷା କରି ନିଜର ଆହାର ସଂଗ୍ରହ କରୁଥିଲେ। ଦିନକର ଘଟଣା। ମଧ୍ୟାହ୍ନ ଅତିକ୍ରାନ୍ତ ହେବା ପରେ ମଧ୍ୟ ତାଙ୍କୁ କୌଣସି ଭିକ୍ଷା ମିଳିଲା ନାହିଁ। କ୍ଷୁଧାର୍ତ୍ତ ଅବସ୍ଥାରେ ସେ ପହଞ୍ଚିଲେ ଜଣେ ଗୃହସ୍ଥଙ୍କ ଘରେ। ଗୃହସ୍ଥ ଜଣକ ତାଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରିବାକୁ ଧର୍ମପତ୍ନୀଙ୍କୁ ଆଦେଶ ଦେଲେ। ସେ ନିଜେ ରୋଷେଇ ଘରକୁ ଯାଇ ଖାଦ୍ୟ ପ୍ରସ୍ତୁତିରେ ଧର୍ମପତ୍ନୀଙ୍କୁ ସାହାଯ୍ୟ କଲେ। ଜେସ୍ ବେନ୍ ବସିଥିବା କୋଠରିରେ ଏକ କାଚ ଜାର୍‌ରେ ଥିବା କିଛି ସୁସ୍ୱାଦୁ ବିସ୍କୁଟ୍ ତାଙ୍କ ଦୃଷ୍ଟି ଆକର୍ଷଣ କଲା। ସେ କ୍ଷୁଧାତାଡ଼ିତ ଥିବାରୁ ବିସ୍କୁଟ ବାହାର କରିବା ପାଇଁ ଡାହାଣ ହାତକୁ ଜାର୍‌ରେ ପୂରାଇଲେ। ମାତ୍ର ସେ ସଙ୍ଗେ ସଙ୍ଗେ ଚିତ୍କାର କରି ଉଠିଲେ, ''ଚୋର, ଚୋର''। ଚିତ୍କାର ଶୁଣି ପତିପତ୍ନୀ ଆସି ଦେଖିଲେ ଜେସ୍ ବେନ୍ ବାମ ହାତରେ ବୋତଲ ଭିତରେ ପୂରାଇଥିବା ଡାହାଣ ହାତକୁ ମାଡ଼ି ବସି 'ଚୋର ଚୋର' ଚିତ୍କାର କରୁଛନ୍ତି। ତାଙ୍କର ଏହି ଅଦ୍ଭୁତ ଆଚରଣ ସମ୍ପର୍କରେ ପତିପତ୍ନୀ ପଚାରନ୍ତେ ସେ କହିଲେ ''ମଣିଷର ମସ୍ତିଷ୍କରେ ଦୁଇଟି ପ୍ରକ୍ରିୟା କାମ କରେ। ଗୋଟିଏ ହେଲା ମନର ଓ ଅନ୍ୟଟି ହେଲା ବିବେକର। ମନ ଚାହେଁ ପ୍ରବୃତ୍ତିଗତ ଇଚ୍ଛାକୁ ତତ୍‌କ୍ଷଣାତ୍ ପୂରଣ କରିବା ପାଇଁ, ମାତ୍ର ବିବେକ ସେହି ଇଚ୍ଛାକୁ ତର୍ଜମା କରେ ଓ ତାହା ଠିକ୍ ନୁହେଁ ବୋଲି ଅନୁଭବ କଲେ ତାକୁ ଅଟକାଇ ଦିଏ ଏବେ ତାହା ହିଁ ଘଟିଛି।'' କୌଣସି କାର୍ଯ୍ୟ ନୈତିକ ନା ଅନୈତିକ ତାହା ତର୍କକୁ ଆଧାର କରି ନିର୍ଦ୍ଧାରଣ କରେ ବିବେକ। ବିବେକ ଧର୍ମନୀତି ଦ୍ୱାରା ନିୟନ୍ତ୍ରିତ ହୋଇପାରେ। ମାତ୍ର ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଧର୍ମନୀତିରେ ବିଶ୍ୱାସ ରଖି ନ ଥିବା ଲୋକର ମଧ୍ୟ ବିବେକ କାମ କରେ। ସେ ମଧ୍ୟ ଦୈନନ୍ଦିନ ଜୀବନରେ କାର୍ଯ୍ୟ କଲାବେଳେ ମନ ଓ ବିବେକର ସଂଘର୍ଷର ସମ୍ମୁଖୀନ ହୁଏ। ଶେଷରେ ବିବେକ ଯେଉଁ କାର୍ଯ୍ୟକୁ ଅନୁମୋଦନ କରେ ତାକୁ ସେ ନୈତିକ ଭାବରେ ଗ୍ରହଣ କରିଥାଏ। ଯେତେବେଳେ ସେ ବିବେକର ଆହ୍ୱାନକୁ ଅବଦମନ କରି ମନର ଆହ୍ୱାନକୁ ବିନା ବିଚାରରେ ଗ୍ରହଣ କରେ ସେ ହୁଏତ ଅନୈତିକ କାର୍ଯ୍ୟ କରିବାର ସମ୍ଭାବନା ଥାଏ ।

ଆମେ 'ନୈତିକ', 'ଅନୈତିକ' ଶବ୍ଦ ବ୍ୟବହାର କଲାବେଳେ ନିଜ ସମ୍ପ୍ରଦାୟର ଧର୍ମନୀତିକୁ ଆଧାର କରି ବିଚାର କରୁ। ପ୍ରତ୍ୟେକ ସମ୍ପ୍ରଦାୟ ନିଜ ନିଜ ଧର୍ମନୀତି ଅନୁସାରେ ସେମାନଙ୍କ କର୍ମକୁ ବିଚାର କଲେ ସମଗ୍ର ବିଶ୍ୱର 'ନୈତିକ' ଓ 'ଅନୈତିକ'ର ସଂଜ୍ଞା କେବେ ସମାନ ହେବ ନାହିଁ। ଯେଉଁ ନୀତି ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡର ପ୍ରଜାକୁଳକୁ ନୁହେଁ, ସମଗ୍ର ଜଗତର ପ୍ରଜାକୁଳକୁ ଶୃଙ୍ଖଳିତ ଭାବରେ ଧରି ରଖେ ତାକୁ ଧର୍ମ ଭାବରେ ଗ୍ରହଣ କଲେ ଧର୍ମ ଓ ନୈତିକତା ମଧ୍ୟରେ ଅସଂହତି ରହିବ ନାହିଁ। ବିଭିନ୍ନ ସମ୍ପ୍ରଦାୟର ଧାର୍ମିକ ରୀତିନୀତିରେ ବିବିଧତା ସତ୍ତ୍ୱେ ଅନେକ କିଛି ସାମଞ୍ଜସ୍ୟ ରହିଛି ଯାହା ମଣିଷ ମାତ୍ରକେ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ। ବିପଦରେ ପଡ଼ିଥିବା ଲୋକକୁ ସାହାଯ୍ୟ କରିବା, ପରୋପକାର କରିବା, ସତ୍ୟ କହିବା, ଅନ୍ୟକୁ ଘୃଣା ନ କରିବା, ଇନ୍ଦ୍ରିୟ ସଂଯମ କରିବା ଆଦି ଗୁଣ ଆଚରଣରେ ପ୍ରୟୋଗ କରିବା ପାଇଁ ପ୍ରାୟ ସବୁ ଧର୍ମଗ୍ରନ୍ଥ ଉପଦେଶ ଦିଅନ୍ତି। ସମଗ୍ର ପୃଥିବୀର ମଣିଷଙ୍କର ଏହି ସାର୍ବଜନୀନ ମଙ୍ଗଳକାରକ ଗୁଣଗୁଡ଼ିକ ହେଉଛି ମୂଲ୍ୟବୋଧ। ନିଜଠାରୁ ବୃହତ୍ତର ଓ ମହତ୍ତର ଏକ ଉପଲବ୍ଧି ନିମନ୍ତେ ଜୀବନ ବଞ୍ଚିବା ଓ ନିଜର କଲ୍ୟାଣ କହିଲେ ଏକ ବୃହତ୍ତର କଲ୍ୟାଣ ତଥା ମଙ୍ଗଳକୁ ବୁଝିବା ହେଉଛି ପ୍ରକୃତ ନୈତିକ ମୂଲ୍ୟବୋଧ। ସେହି ସ୍ତରରେ ଧର୍ମ ଓ ନୈତିକତା ମଧ୍ୟରେ କୌଣସି ପାର୍ଥକ୍ୟ ରହେନାହିଁ।

ମୋ:୯୪୩୭୩୨୯୨୬୩



# ନେତା ହେବାକୁ ଅନୁକୂଳ ପରିବେଶ


ସୁଧାଂଶୁ ରଞ୍ଜନ ଦାସ

ସଭା ସମିତି, ଜଳଖିଆ ଦୋକାନ, ଚା' ଦୋକାନ, ପାନ ଦୋକାନ ଆଗରେ ଓ ଘରେ ବସି ସାଙ୍ଗସାଥୀ ସହିତ କଥାହେଲା ବେଳେ ଅନେକ ଶିକ୍ଷିତ ଲୋକ କହିଥା'ନ୍ତି, ସବୁ ଅରାଜକତା ଏହି ନେତାଙ୍କ ପାଇଁ ହେଉଛି। ତୁମକୁ ନେତା ହେବାକୁ କିଏ ମନାକଲା କି ପଚାରିବାରୁ ଉତ୍ତର ଆସିଲା ରାଜନୈତିକ ଦଳ କ'ଣ କେବେ ଆମକୁ ନିର୍ବାଚନ ଲଢ଼ିବାକୁ ଟିକେଟ ଦେବ। ଅନେକ ଶିକ୍ଷିତ ଲୋକ କହନ୍ତି ଅର୍ଥବଳ ଓ ବାହୁବଳ ନ ଥିଲେ ଜଣେ ନିର୍ବାଚନ ଜିତି ପାରିବ ନାହିଁ। ଯଦିଓ ଏହା ଅନେକ ମାତ୍ରାରେ ସତ, ଶିକ୍ଷିତ ଲୋକ ଯଦି ଏହି ସତ୍ୟକୁ ସ୍ୱୀକାର କରି ରାଜନୀତିକୁ ଓହ୍ଲାଇବେ ନାହିଁ ତେବେ ଏହା ଗଣତନ୍ତ୍ରକୁ ନଷ୍ଟ କରିଦେବା ସହ ସାମାଜିକ, ଆର୍ଥିକ, ସାଂସ୍କୃତିକ ଓ ପାରିବାରିକ ପରିବେଶକୁ ଧ୍ୱଂସ କରିଦେବ। ଯଦି ଲୋକବଳ କିମ୍ବା ଅର୍ଥବଳ ନାହିଁ ପ୍ରୟାସ କରିବାରେ କୌଣସି କ୍ଷତି ନାହିଁ। ଯଦିଓ ଆଜିର ଗଣତନ୍ତ୍ର ଅର୍ଥବଳ, ବାହୁବଳ ଓ ଭୋଟବ୍ୟାଙ୍କ ରାଜନୀତି ଭିତରେ ଶ୍ୱାସରୁଦ୍ଧ ହେଲା ପରି ଜଣାପଡ଼େ, ଏହି ପରିସ୍ଥିତି ଆହୁରି ଭୟାନକ ହେବା ପୂର୍ବରୁ ଶିକ୍ଷିତ ଯୁବପିଢ଼ି, ମଧ୍ୟବୟସ୍କ ଓ ଅବସରପ୍ରାପ୍ତ ଲୋକ ରାଜନୀତିକୁ ଆସିବା ଦରକାର। ମୁଁ ବୁଢ଼ା ହୋଇଗଲିଣି କହି ନିଜ ଦାୟିତ୍ୱରୁ ମୁହଁ ମୋଡ଼ିଦେବା କାପୁରୁଷତା ହେବ। ରାଜନୀତିକୁ ନିଜର ବୃତ୍ତିରେ ପରିଣତ କରିବା ପାଇଁ ଓଡ଼ିଶାରେ ଅନେକ ସମ୍ଭାବନା ଅଛି।

ଓଡ଼ିଶାରେ ଥିବା ବିଭିନ୍ନ ଆର୍ଥିକ ଗତିବିଧି ଯଥା କୃଷି, ହସ୍ତଶିଳ୍ପ, ମାଛଚାଷ, ଗୋପାଳନ, ଜଙ୍ଗଲଜାତ ଦ୍ରବ୍ୟ, ପର୍ଯ୍ୟଟନ କ୍ଷେତ୍ର, ସେବା ଓ ଶିଳ୍ପକ୍ଷେତ୍ର ଉପରେ ତୃଣମୂଳ ଜ୍ଞାନ ଥିବା ଲୋକ ଏକ ଯୋଗ୍ୟ ନେତା ହୋଇପାରିବ। ରାଜ୍ୟର ଇତିହାସ, ସଂସ୍କୃତି ଓ ସାମାଜିକ ପରିବେଶ ଉପରେ ଗଭୀର ଜ୍ଞାନ ଭଲ ନେତା ହେବାରେ ସହାୟକ ହୋଇଥାଏ। ପ୍ରକୃତ ତୃଣମୂଳ ଜ୍ଞାନ ଥିବା ନେତା ମନଗଢ଼ା କାହାଣୀ କହି ଲୋକଙ୍କୁ ବିକାଶର କୁହେଳିକା ଦେଖାଉଥିବା ନେତାଙ୍କୁ ନିର୍ବାଚନରେ ହରାଇପାରିବେ। ରାଜନୀତିରେ ଯୋଗଦେବା ପୂର୍ବରୁ ପ୍ରାର୍ଥୀ ଜଣକ ଓଡ଼ିଶା ଉପଯୋଗୀ ବିକାଶ ମଡେଲର ଏକ ନକ୍ସା ତିଆରି କରି ଲୋକଙ୍କୁ ଏହା ବୁଝାଇବା ସଙ୍ଗେ ସଙ୍ଗେ ସମସ୍ତ ବିନାଶକାରୀ ଆର୍ଥିକ ଗତିବିଧି ବିଷୟରେ ମଧ୍ୟ ଲୋକଙ୍କୁ ଅବଗତ କରାଇବା ଦରକାର।

ନିଜ ଭିତରେ ଜ୍ଞାନ, ଇଚ୍ଛାଶକ୍ତି, ଶାରୀରିକ ଓ ନୈତିକ ସାହସର ଉର୍ଜା ପ୍ରଜ୍ୱଳିତ ହେଲେ ଶିକ୍ଷିତ ଯୁବନେତା ଅର୍ଥ ଓ ବାହୁବଳରେ ସଜ୍ଜିତ ଯେକୌଣସି ନେତାଙ୍କୁ ଧରାଶାୟୀ କରିଦେବ।

ନିୟମିତ ଲୋକ ସମ୍ପର୍କ କରୁଥିବା ନେତା ନିଜକୁ ଏକ ଅମୋଘ ଅସ୍ତ୍ରରେ ପରିଣତ କରିଥାଏ। ମହାତ୍ମା ଗାନ୍ଧୀଙ୍କର ଲୋକ ସମ୍ପର୍କ ଏତେ ସୁଦୃଢ଼ ଥିଲା ଯେ, ସେ ଡାକରା ଦେଲାମାତ୍ରେ ଅନେକ ହଜାର ଲୋକ ରୁଣ୍ଡ ହୋଇଯାଉଥିଲେ। ଲବଣ ସତ୍ୟାଗ୍ରହ ବେଳେ ମହାତ୍ମା ଗାନ୍ଧୀ ଗୁଜରାଟର ଦାଣ୍ଡି ଉପକୂଳରୁ ମୁଠାଏ ଲୁଣ ଉଠାଇ ନେଇଥିଲେ। ଏହା ଶକ୍ତିଶାଳୀ ବ୍ରିଟିଶ୍ ସାମ୍ରାଜ୍ୟର ଚେରକୁ ଦୋହଲାଇ ଦେଇଥିଲା। ମହାରାଷ୍ଟ୍ରର ରାଲେଗାଓଁ ସିଦ୍ଧି ଗାଁର ଆନ୍ନା ହଜାରେ ନିଜର ସଚ୍ଚୋଟତା, ନିଷ୍ଠା ଓ ସମାଜସେବା ପାଇଁ



ଦେଶବାସୀଙ୍କ ହୃଦୟ ଜିତିପାରିଥିଲେ। ଜନ ଲୋକପାଲ ବିଲ୍ ପାଇଁ ଆନ୍ନାଙ୍କ ଆନ୍ଦୋଳନ ଏକ ଗଣ ଆନ୍ଦୋଳନରେ ପରିଣତ ହୋଇଥିଲା। ସତ୍ୟ, ବିଶୁଦ୍ଧତା ଓ ଚରିତ୍ରର ଅଖଣ୍ଡତା ମହାଦେବଙ୍କ ତ୍ରିଶୂଳ ଭଳି ଶକ୍ତିଶାଳୀ ପ୍ରତିପାଦିତ ହୋଇଥାଏ। ଶିକ୍ଷିତ ଯୁବପିଢ଼ି ରାଜନୀତିରେ ପାଦଦେବା ପୂର୍ବରୁ ଓଡ଼ିଶାର ପ୍ରତ୍ୟେକ ସହର ଓ ଗାଁଗୁଡ଼ିକ ଦେଖିବା ଦରକାର। ଓଡ଼ିଶାର ପ୍ରତ୍ୟେକ ନଦୀ, ପାହାଡ଼, ହ୍ରଦ ଓ ଝରଣାର ପ୍ରକୃତ ସ୍ଥିତି ସେମାନେ ଜାଣିବା ଉଚିତ। ଗାଁ ଓ ସହରରେ ସାଧାରଣ ଲୋକେ କିପରି ଜୀବନଯାପନ କରୁଛନ୍ତି, ସେମାନଙ୍କ ସାଙ୍ଗରେ ନ ରହିଲେ ତାହା ଜାଣିହେବ ନାହିଁ। ଓଡ଼ିଶାବାସୀଙ୍କ ସୁବିଧା, ଅସୁବିଧା ଓ ସମସ୍ୟାକୁ ନିଜେ ଅଙ୍ଗେ ନ ଲିଭାଇଲେ ଜଣେ ଭଲ ନେତା ହେବା ସମ୍ଭବ ନୁହେଁ। ଶ୍ରୀରାମ ଜଙ୍ଗଲ ଓ ପାହାଡ଼ରେ ୧୪ ବର୍ଷ ରହିବା ଫଳରେ ସେ ରାଜ୍ୟବାସୀଙ୍କ ସୁବିଧା ଅସୁବିଧାକୁ ଅଙ୍ଗେ ଲିଭାଇଥିଲେ। ଫଳରେ ସେ ଭାରତ ଓ ଭାରତ ବାହାରେ ଅନେକ ଦେଶରେ ରାମ ରାଜ୍ୟ ପ୍ରତିଷ୍ଠା କରିପାରିଥିଲେ। ରାମଙ୍କ ପରି ପାଣ୍ଡବମାନଙ୍କର ୧୩ ବର୍ଷ ବନବାସ ସେମାନଙ୍କୁ ସୁଶାସକରେ ପରିଣତ କରିଥିଲା। ମହାତ୍ମା ଗାନ୍ଧୀ ସ୍ୱାଧୀନତା ସଂଗ୍ରାମ ବେଳେ ୭୯,୦୦୦ କିଲୋମିଟର ଚାଲି ଚାଲି ଲୋକ ସମ୍ପର୍କ କରିଥିଲେ। ଭାରତୀୟଙ୍କ ଜୀବନଶୈଳୀ ଓ ଆର୍ଥିକ ଗତିବିଧିକୁ ଅନୁଧ୍ୟାନ କରି ସେ ସେମାନଙ୍କୁ ଏକ ସ୍ୱଦେଶୀ ଆର୍ଥିକ ମଡେଲ ଉପହାର ଦେଇଥିଲେ। ଏହି ପରିବେଶ ଉପଯୋଗୀ ସ୍ୱଦେଶୀ ଆର୍ଥିକ ମଡେଲ ବିଶ୍ୱର ସମସ୍ତ ଦେଶ ପାଇଁ ଆଜି ମଧ୍ୟ ପ୍ରଯୁଜ୍ୟ। ଓଡ଼ିଶାରେ ଅନେକ ସୂକ୍ଷ୍ମ ଆର୍ଥିକ ଗତିବିଧି ଅଛି, ଯାହା ଓଡ଼ିଶା ପାଇଁ ରୋଜଗାର ସୃଷ୍ଟି କରିବ। ଓଡ଼ିଶା ହସ୍ତଶିଳ୍ପଗୁଡ଼ିକର ଗୁଣାତ୍ମକ ମାନ ରକ୍ଷା କରାଯାଇପାରିଲେ ଏହା ରାଜ୍ୟରେ ଅନେକ ରୋଜଗାର ସୃଷ୍ଟି କରିବା ସହ ବିଦେଶୀ ମୁଦ୍ରା ମଧ୍ୟ ଅର୍ଜନ କରିପାରିବ। କଳାର ଉତ୍କର୍ଷତା କ'ଣ ଏହା ନେତା ହେବା ପାଇଁ ଆଗ୍ରହୀ ବ୍ୟକ୍ତି ଜାଣିବା ଦରକାର। ଏକ ସୁସ୍ଥ ସମାଜ ଓ ପରିବେଶ ଉପଯୋଗୀ ଆର୍ଥିକ ଗତିବିଧି ପାଇଁ ସୁସ୍ଥ ଗଣତନ୍ତ୍ରର ଆବଶ୍ୟକତା ଅଛି।

ଅନେକ ଦେଶରେ ଗଣତନ୍ତ୍ରର ଅବନତି ପାଇଁ ଲୋକେ ଗଣମାଧ୍ୟମକୁ ଦୋଷୀ କରିଥା'ନ୍ତି। କିନ୍ତୁ ସବୁ ଗଣମାଧ୍ୟମ ପାଇଁ ଏହା ପ୍ରଯୁଜ୍ୟ ନୁହେଁ। ଏବେବି କେତେକ ଗଣ ମାଧ୍ୟମରେ ଅନେକ ସାମ୍ବାଦିକ ନିଷ୍ଠାର ସହିତ ସମାଜ ପ୍ରତି ନିଜର ଦାୟିତ୍ୱ ସମ୍ପାଦନ କରୁଛନ୍ତି। ଅନେକ ସଚ୍ଚୋଟ ସାମ୍ବାଦିକ ପରିସ୍ଥିତିକୁ ଦେଖି ସୁପ୍ତ ଅବସ୍ଥାରେ ଅଛନ୍ତି। ତୃଣମୂଳ ଜ୍ଞାନ, ଶାରୀରିକ ଶକ୍ତି, ନୈତିକ ସାହସ, ଆଧ୍ୟାତ୍ମିକ ଶକ୍ତି ଓ ଉତ୍ତମ ବ୍ୟବହାରରେ ସଜ୍ଜିତ ନେତା ଗଣମାଧ୍ୟମରେ ଥିବା ଏହି ସକାରାତ୍ମକ ଉର୍ଜାକୁ ପ୍ରଜ୍ୱଳିତ କରିପାରିବ। ରାମାୟଣ ଓ ମହାଭାରତ ଯୁଗରେ ପ୍ରସିଦ୍ଧି ଲାଭ କରିଥିବା ଓଡ଼ିଶା, ଉତ୍କଳ କିମ୍ବା କଳିଙ୍ଗର ଲୋକମାନେ ଏହି ରାଜନୈତିକ ବ୍ୟକ୍ତିତ୍ୱର ଅପେକ୍ଷାରେ ଅଛନ୍ତି। ଓଡ଼ିଶାରେ ଏହି ବ୍ୟକ୍ତିତ୍ୱର ଅଧିକାରୀ କିଏ ସମୟ ହିଁ ବତାଇବ।

ମୋ:୭୭୦୨୩୮୩୮୮୦

## ଏଇ ଭାରତରେ

ଦିଲ୍ଲୀର କିଡ୍‌ୱାଇ ନଗରରେ ଚାଲୁଛି ଏକ ନିଆରା ସ୍କୁଲ। ଏହି ସ୍କୁଲର ଘର ନାହିଁ କି କୌଣସି ସରକାରୀ ପାଠ୍ୟକ୍ରମ ଅନୁଯାୟୀ ଶିକ୍ଷା ଦିଆଯାଉନାହିଁ। ପିଲାମାନେ ଗଛମୂଳେ ପଢୁଛନ୍ତି, ତାହା ପୁଣି ସପ୍ତାହାନ୍ତରେ ଥରେ। ପିଲାଙ୍କୁ ଏଥିପାଇଁ ପଞ୍ଜୀକୃତ କରିବାକୁ ପଡୁନାହିଁ। ଏହି ସ୍କୁଲକୁ କୁହାଯାଉଛି 'ସ୍କୁଲ ଅଫ୍ ଟ୍ରିଜ୍' ଏବଂ ଏହାର ଶିକ୍ଷକ ହେଉଛନ୍ତି ଭାରତୀୟ ରାଜସ୍ୱ ସେବା ଅଧିକାରୀ ରୋହିତ ମେହର ଓ ତାଙ୍କ ସ୍ତ୍ରୀ ଗୀତାଞ୍ଜଳି। ସ୍କୁଲରେ ପିଲାଙ୍କୁ ବିଜ୍ଞାନ, ପରିବେଶଗତ ଜ୍ଞାନକୁ ପରୀକ୍ଷଣ, ଖେଳ ମାଧ୍ୟମରେ ପ୍ରଦାନ କରାଯାଉଛି। । ସ୍କୁଲ୍ ଅଫ୍ ଟ୍ରିଜ୍ ଚଳାଇବା ପୂର୍ବରୁ ରୋହିତ ଓ ଗୀତାଞ୍ଜଳି ଅଦରକାରୀ ପ୍ଲାଷ୍ଟିକ ବ୍ୟବହାର କରି ଭର୍ଟିକାଲ ଗାର୍ଡେନ କରିବା ସହ ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିଲେ। ସେମାନେ ୨୦୨୧ରେ ଅମୃତସରରେ ଟ୍ରି ହସ୍ପିଟାଲ ମଧ୍ୟ ପ୍ରତିଷ୍ଠା କରି ଗଛଗୁଡ଼ିକର ଯତ୍ନ ନେଉଥିଲେ। ପରେ ୨୦୨୫ରେ ସ୍କୁଲ ଅଫ୍ ଟ୍ରିଜ ପ୍ରତିଷ୍ଠା କରିଥିଲେ। ଏହି ସ୍କୁଲରେ ୭ରୁ ୧୭ ବର୍ଷ ବୟସର ପିଲା ପଢ଼ିବାକୁ ଆସୁଛନ୍ତି ଏବଂ ପିଲାସଂଖ୍ୟା ଏବେ ୪୫।

## ୫୦ ବର୍ଷ ତଳର ଧରିତ୍ରୀ

### ୧୬ ଫେବୃଆରୀ ୧୯୭୭

- ପି.କେ. ଦେଓଙ୍କୁ ସମର୍ଥନ କରିବା ଲାଗି କଂଗ୍ରେସ ଉଚ୍ଚ କର୍ତ୍ତୃପକ୍ଷ ମନମୁଖୀ ଭାବେ ନିଷ୍ପତ୍ତି କରିଥିବା ପ୍ରତିବାଦ ସ୍ୱରୂପ କଳାହାଣ୍ଡି ଜିଲ୍ଲା କଂଗ୍ରେସ ଉପସଭାପତି ଓ ସମ୍ପାଦକଙ୍କ ସମେତ ବହୁ ନେତାଙ୍କ ଇସ୍ତଫା ପ୍ରଦାନ।
- ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ ବିଭିନ୍ନ ଭାଷା ଉପରେ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ୪୩ଟି ଛାତ୍ରବୃତ୍ତି ଦେବା ନିଷ୍ପତ୍ତି କରିଛନ୍ତି।

## ଚିରନ୍ତନୀ

ଆକାଶ ବିହଗ, ମାଟିର ପଶୁ
କହଇ କଥା
କରେ ପରକାଶ ଆପଣା ସୁଖ
ପରାଣ ବ୍ୟଥା ।
-(ପ୍ରାଚୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | 6 | | | | 5 | 7 | |
| | 4 | | | 1 | | 6 | | 9 |
| 7 | | | 9 | | 6 | 4 | 8 | |
| 9 | | 4 | 8 | | 5 | | 6 | |
| | | 3 | | | 1 | 9 | | |
| 2 | | | 6 | 9 | | | | |
| 1 | 5 | | 7 | | | | 4 | 8 |
| 6 | | | | | | 2 | | |
| | 3 | | | 2 | | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 9 | 4 | 3 | 6 | 5 | 8 | 2 |
| 6 | 2 | 3 | 8 | 5 | 9 | 4 | 7 | 1 |
| 8 | 4 | 5 | 7 | 2 | 1 | 6 | 9 | 3 |
| 9 | 8 | 1 | 3 | 4 | 2 | 7 | 6 | 5 |
| 3 | 6 | 7 | 1 | 8 | 5 | 9 | 2 | 4 |
| 2 | 5 | 4 | 6 | 9 | 7 | 3 | 1 | 8 |
| 5 | 1 | 2 | 9 | 7 | 3 | 8 | 4 | 6 |
| 4 | 9 | 6 | 5 | 1 | 8 | 2 | 3 | 7 |
| 7 | 3 | 8 | 2 | 6 | 4 | 1 | 5 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଟାଟା ପାୱାର ଶୋଷଣ କରୁଛି

ମହାଶୟ,

ରାଜ୍ୟରେ ଟାଟା ପାୱାର ବିଜୁଳି ଉପଭୋକ୍ତାଙ୍କୁ ଶୋଷଣ କରି ଚାଲିଛି। ଅତିରିକ୍ତ ସିକ୍ୟୁରିଟି ଡିପୋଜିଟ୍ ପାଇଁ ନୋଟିସ ଦିଆଯାଇଛି। ଜୋରଜବରଦସ୍ତ ସ୍ମାର୍ଟ ମିଟର ବସାଯାଉଛି। ସରକାରୀ ମିଟରରୁ ୩୦୦ କୋଟି ଟଙ୍କା ବେଆଇନ ଭାବେ ଟାଟା ପାୱାର ଆଦାୟ କରିଛି। କିନ୍ତୁ ଟାଟା ପାୱାର ଠକେଇ ପାଇଁ କିଛି କାର୍ଯ୍ୟାନୁଷ୍ଠାନ ନାହିଁ। ଏଥିପାଇଁ ଶକ୍ତି ବିଭାଗ କ'ଣ କରୁଛି? ସେପଟେ ସମୀକ୍ଷା ନକରି ରାଜ୍ୟ ସରକାର ୭୩୫ କୋଟି ଟଙ୍କା ଟାଟା ପାୱାରକୁ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସାଧାରଣ ଲୋକଙ୍କ ଟିକସ ପଇସାରେ ମିଟର ଲଗାଇ ଟାଟା ପାୱାର ମନଇଚ୍ଛା ଶୋଷଣ କରି ଚାଲିବେ। ଏହା ଇଲେକ୍ଟ୍ରିସିଟି ଆକ୍ଟ ୨୦୦୩ରେ ଇଲେକ୍ଟ୍ରିସିଟି ରାଇଟ୍ସ ଅଫ କଞ୍ଜ୍ୟୁମର୍ସ ରୁଲ୍-୨୦୨୦ର ସମ୍ପୂର୍ଣ୍ଣ ବିରୁଦ୍ଧାଚରଣ କରୁଛି। ସରକାରଙ୍କ ନିଷ୍କ୍ରିୟତାରେ ଟାଟା କମ୍ପାନୀ ଉପଭୋକ୍ତାଙ୍କୁ ସ୍ମାର୍ଟ ମିଟର ବସାଇ ବେଆଇନ ଭାବେ ଗ୍ରାହକ ଅଧିକାରକୁ କ୍ଷୁଣ୍ଣ କରୁଛନ୍ତି। ୬୦ଲକ୍ଷ ଉପଭୋକ୍ତାଙ୍କ ନିକଟରେ ସ୍ମାର୍ଟ ମୋବାଇଲ ନାହିଁ। ଇଣ୍ଟରନେଟ୍ ନାହିଁ କି ଟେଲିଫୋନ ସୁବିଧା ନାହିଁ। ସେମାନେ ଏହି ସ୍ମାର୍ଟ ମିଟରର ବ୍ୟବହାର ଓ ପରିଚାଳନା କିପରି କରିପାରିବେ। ଏପରି ସ୍ଥଳେ ସେମାନଙ୍କ ପାଇଁ ସ୍ମାର୍ଟ ମିଟର ବସାଇବାର କୌଣସି ପ୍ରାସଙ୍ଗିକତା ନାହିଁ।

**-ଶ୍ୟାମ ସୁନ୍ଦର ସାମଲ, ସୁଭଦ୍ରା ନଗର, ବିଡ଼ାନାସୀ, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଶିବାଳୟରେ ଶ୍ରଦ୍ଧାଳୁଙ୍କ ଭିଡ଼

**ଆଠମଲ୍ଲିକ, ୧୫।୨ (ଉଦିତ୍ତ ପୁରୋହିତ)**

ଗଡ଼ଜାତ ଅଞ୍ଚଳ ଆଠମଲ୍ଲିକରେ ମହାଶିବରାତ୍ରି ଉପଲକ୍ଷେ ସମସ୍ତ ଶିବାଳୟରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି। ଅଞ୍ଚଳର ମହାନ ଶୈବପୀଠ ଦେଉଳଝରିରେ ଶ୍ରଦ୍ଧାଳୁ ପହଞ୍ଚି ବାବା ସିଦ୍ଧେଶ୍ୱରଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ। ସନ୍ଧ୍ୟାରେ ଶୈବ ଉପାସକ ନିଜ ଅଞ୍ଚଳରେ ଥିବା ଶୈବପୀଠରେ ଦୀପ ଜାଳି ଉଜାଗର ରହିଥିବା ଦେଖାଯାଇଥିଲା। ରାତି ୧୧. ୪୫ରେ ଦେଉଳଝରିରେ ଯଥା ପୂଜା ରାତିନୀତି ପରେ ମହାଦୀପ ଉଠିବାର ସ୍ଥିରୀକୃତ ହୋଇଥିବା ପ୍ରଶାସନ ତରଫରୁ ସୂଚନା ଦିଆଯାଇଥିଲା। ସେହିପରି ଯଦୁପୁର ଗ୍ରାମ ଜଙ୍ଗଲ ସନ୍ନିକଟ ବାବା ଗୁପ୍ତେଶ୍ୱର ମନ୍ଦିରରେ ଅଷ୍ଟପ୍ରହରୀ ନାମ ଯଜ୍ଞ ଅନୁଷ୍ଠିତ ହେବା ସହିତ ଦିନତମାମ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ସେହିପରି ରାମେଶ୍ୱର ପାଟଣାସ୍ଥିତ ବାବା ରାମେଶ୍ୱର, ଜଗନ୍ନାଥ ମନ୍ଦିର ପରିସରରେ ଥିବା ବାବା କାଶୀନାଥ, ଲିପିଲୋଇ ଗ୍ରାମସ୍ଥିତ ବାବା ଭୁବନେଶ୍ୱର, ଅଗ୍ରହା ସ୍ଥିତ ମହାଦେବ ମନ୍ଦିର, ନୀଳକଣ୍ଠପଡ଼ା ସ୍ଥିତ ମହାଦେବ ମନ୍ଦିର ସହିତ ସମସ୍ତ ଶିବାଳୟରେ ଧୁମଧାମରେ ଜାଗର ଯାତ୍ରା ପାଳିତ ହୋଇଥିଲା।

# ଆଡ଼ମ୍ବର ସହ ଶିବରାତ୍ରି ପାଳିତ



**ବଅଁରପାଳ, ୧୫।୨ (ସୁବାସ ଚନ୍ଦ୍ର ସାହୁ)**

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଅନ୍ତର୍ଗତ କୁଲାଡ଼ ଗ୍ରାମରେ ମହାଆଡ଼ମ୍ବରରେ ଶିବରାତ୍ରି ପାଳିତ ହୋଇଯାଇଛି। ଗ୍ରାମର ବହୁସଂଖ୍ୟାରେ ମହିଳା କଳସଯାତ୍ରାରେ ସାମିଲ ହୋଇଥିଲେ। ସକାଳେ ସୂର୍ଯ୍ୟ ପୂଜା, କଳସ ଯାତ୍ରା, ଯଜ୍ଞ ହୋଇଥିଲା। ମୁଖ୍ୟ ପୂଜକ ଅନିରୁଦ୍ଧ କର ଓ କର୍ତ୍ତା ଭାବେ ପବିତ୍ର ମୋହନ ବିଷୋୟୀ ଓ ଗୀତାଞ୍ଜଳୀ ବିଷୋୟୀ ଯଜ୍ଞରେ ବସିଥିଲେ। ସକାଳ ୧୧ଟାଠାରୁ ହୋମ କାର୍ଯ୍ୟ ଆରମ୍ଭ ହୋଇ ମଧ୍ୟରାତ୍ରି ପର୍ଯ୍ୟନ୍ତ ଚାଲିଥିଲା। ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ଭଜନ କୀର୍ତ୍ତନରେ ଗ୍ରାମ ଓ ମନ୍ଦିର ପରିକ୍ରମା କରାଯାଇଥିଲା।। ରାତି ପ୍ରାୟ ୨.୩୫ରେ ମହାଦୀପ ଉଠା ଯାଇଥିଲା। ଦିନସାରା ବିଭିନ୍ନ ନୀତିକାନ୍ତିରେ ପୂଜାକାର୍ଯ୍ୟ ହୋଇଥିଲା। କୁଲାଡ଼ ଗ୍ରାମପଞ୍ଚାୟତ ସରପଞ୍ଚ ଉଷା ରାଣୀ ସ୍ୱାଇଁ, ସମିତି ସଭ୍ୟ ପ୍ରିୟମ୍ବଦା ଧାର, ମନ୍ଦିର ପରିଚାଳନା ସମିତି ସଭାପତି ପ୍ରତାପ କୁମାର ଜେନା, ସମ୍ପାଦକ ହର ମୋହନ ସିଂହ, କୋଷାଧ୍ୟକ୍ଷ ସୁଧାକର ସ୍ୱାଇଁଙ୍କ ସମେତ ଜେୱାୟସି ସ୍ୱେଚ୍ଛାସେବୀ ଅନୁଷ୍ଠାନ କୁଲାଡ, ସଂକୀର୍ତ୍ତନ ମଣ୍ଡଳୀ କୁଲାଡ, ଶାନ୍ତିଶୃଙ୍ଖଳା ରକ୍ଷାକାରୀ ଅଶୋକ ବିଷୋୟୀ, ବିଘ୍ନେଶ୍ୱର ବିଷୋୟୀ, ପ୍ରଭାକର ବିଷୋୟୀ, ବିଜନ ଦଳବେହେରା, ପ୍ରଭାତ ବିଷୋୟୀ, ମୁକେଶ ଜେନା, ସୁଶୀଲ ବିଷୋୟୀ, ଦୀପୁନ ସ୍ୱାଇଁ, ପିନୁ ସ୍ୱାଇଁ, ଜିତୁ ସିଂହ, ବାପୁ ସିଂହ, ଭବେ କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ସେହିପରି ବଅଁରପାଳ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମଗୁଡ଼ିକରେ ଥିବା ଶୈବପୀଠ ମଧ୍ୟରେ ବଅଁରପାଳର ଶ୍ରୀଶ୍ରୀ ସିଦ୍ଧେଶ୍ୱରାୟ, ପଞ୍ଚଶ୍ରୀକ୍ଷେତ୍ର, ବଳରାମ ପ୍ରସାଦ, ନୂଆହାଟା ନୀଳକଣ୍ଠେଶ୍ୱର, ବୁଢ଼ାପଙ୍କ ସ୍ୱପ୍ନେଶ୍ୱର, ଗଡ଼ସନ୍ତ୍ରୀ, ଭୋଗବେରିଣୀ, ଟେଣ୍ଟୋଲୋଇ, କୁକୁଡାଙ୍ଗ, ନଳଚନ୍ଦ୍ରପୁର, ନାଲ୍‌କୋ କୃଷକ ବଜାର, କାଣ୍ଡସର ଆଦି ପୀଠଗୁଡ଼ିକରେ ମହାଆଡ଼ମ୍ବର ସହିତ ଜାଗର ଯାତ୍ରା ପାଳିତ ହୋଇଯାଇଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

# ଶୈବପୀଠରେ ଭକ୍ତଙ୍କ ଭିଡ଼

**ପାଲଲହଡ଼ା, ୧୫।୨ (ବିଦ୍ୟୁଜ୍ୟୋତି ଦାଶ)**

ଜାଗର ଯାତ୍ରା ପାଇଁ ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ରବିବାର ଚଳଚଞ୍ଚଳ ହୋଇଯାଇଛି। ଭକ୍ତମାନେ ଦୀପଜାଳି ପ୍ରାର୍ଥନା କରୁଛନ୍ତି। ପାଲଲହଡ଼ାର ବିଶିଷ୍ଟ ଶୈବପୀଠ ଖୁଲ୍ଲୁଡ଼ି ଗିରିଶ୍ୱର ମନ୍ଦିର, ପାଲଲହଡ଼ା ଟାଉନ ସୋମେଶ୍ୱର ମନ୍ଦିର, ତିରିବ ପଣ୍ଡିମେଶ୍ୱର ମନ୍ଦିର, ଝିମିରିପାଲି ରାମେଶ୍ୱର ମନ୍ଦିରରେ ଦିନ ତମାମ ଠାକୁରଙ୍କ ଦର୍ଶନ ପାଇଁ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳିଛି। ସମସ୍ତ ମନ୍ଦିରରେ ସମୟକ୍ରମେ ମହାଦୀପ ଉଠିବାର ବ୍ୟବସ୍ଥା ଥିବାରୁ ଭିଡ଼ ଦେଖିବାକୁ ମିଳିଥିଲା। ବିଭିନ୍ନ ମନ୍ଦିରରେ କମିଟି ପକ୍ଷରୁ ଭକ୍ତଙ୍କ ପାଇଁ ଅନ୍ନପ୍ରସାଦ ବିତରଣ କରାଯାଇଥିଲା। ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ସବୁ ମନ୍ଦିରରେ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଭକ୍ତଙ୍କ ଶୃଙ୍ଖଳା ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

# ବବିତା ଜିଲା ମହିଳା ବିଜୁ ଜନତା ଦଳ ସଭାପତି



**ଅନୁଗୋଳ, ୧୫।୨ (ମାନସ ବିଶ୍ୱାଳ)**

ଅନୁଗୋଳ ଜିଲା ମହିଳା ବିଜୁ ଜନତା ଦଳ ସଭାପତି ହେଲେ ବବିତା ପ୍ରଧାନ। ନବ ନିଯୁକ୍ତ ମହିଳା ସଭାପତିଙ୍କୁ ଜିଲା ସଭାପତି ତଥା ବିଧାୟକ ତାଳଚେର ବ୍ରଜକିଶୋର ପ୍ରଧାନ, ପୂର୍ବତନ ବିଧାୟକ ଅନୁଗୋଳ ରଜନୀକାନ୍ତ ସିଂହ, ପୂର୍ବତନ ବିଧାୟକ ଛେଣ୍ଡିପଦା ସୁଶାନ୍ତ କୁମାର ବେହେରା, ପୂର୍ବତନ ଜିଲା ସଭାପତି ମହେନ୍ଦ୍ର ବସ୍ତିଆ, ଉପସଭାପତି ସନ୍ତୋଷ କୁମାର ପ୍ରଧାନଙ୍କ ସମେତ ଦଳର ଅନ୍ୟ ନେତୃବୃନ୍ଦ ସାକ୍ଷାତ କରି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ତାଙ୍କ ନେତୃତ୍ୱ, ନିଷ୍ଠା ଓ ଦଳର ସାଙ୍ଗଠନିକ କାର୍ଯ୍ୟପ୍ରତି ସମର୍ପଣ ଦଳକୁ ଆହୁରି ସୁଦୃଢ଼ କରିବା ସହିତ ମହିଳା ସଶକ୍ତିକରଣ ଓ ସାମାଜିକ ଉନ୍ନତିରେ ଭୂମିକା ଉଲ୍ଲେଖନୀୟ ହେବ ବୋଲି ଆଶା ପ୍ରକଟ କରିଛନ୍ତି।

# ଶିବରାତ୍ରିରେ ଚଳଚଞ୍ଚଳ ଶୈବପୀଠ

**ବନ୍ତଳା, ୧୫।୨ (ସୁଶିତ ସାହୁ)**

ଅନୁଗୋଳ ବ୍ଲକ ବନ୍ତଳା ଅଞ୍ଚଳରେ ମହାଶିବରାତ୍ରି ଅବସରରେ ବିଭିନ୍ନ ଶୈବପୀଠଗୁଡ଼ିକ ଚଳଚଞ୍ଚଳ ହୋଇଥିବା ଦେଖିବାକୁ ମିଳିଛି। ରବିବାର ସକାଳେ ବହୁ ପୁରାତନ ପୋକତୁଙ୍ଗା ସ୍ଥିତ ରଣେଶ୍ୱର ମହାଦେବଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା । ମନ୍ଦିର କମିଟି ପକ୍ଷରୁ ଶୃଙ୍ଖଳିତ ଦର୍ଶନ ପାଇଁ ଧାଡ଼ି ବ୍ୟବସ୍ଥା କରାଯାଇଥିଲା। ସେହିପରି ବନ୍ତଳା, ଗଡ଼ତରାସ, ଧୋକୁଟା, କଞ୍ଚା, ଖିଣ୍ଡା, ଜାମୁଗାଡ଼ିଆ, ବେଡ଼ାଶାସନ, ଲୋକେଇପଶି, ବଲାସିଂହା, କୁମୁରିସିଂହା, ଶାବଳଭଙ୍ଗା ଓ ଡୁମୁଣି ସ୍ଥିତ କୁକ୍କୁଟେଶ୍ୱର ମହାଦେବ ମନ୍ଦିରରେ ସକାଳୁ ଭକ୍ତଙ୍କ ଲମ୍ବା ଧାଡ଼ି ଲାଗି ରହିଥିବା ଦେଖିବାକୁ ମିଳିଥିଲା।



ଦିନସାରା ବିଭିନ୍ନ ନୀତିକାନ୍ତି ସହ ଧୁମଧାମରେ ପୂଜାକାର୍ଯ୍ୟ ଚାଲିଛି। ସନ୍ଧ୍ୟାରେ ଉକ୍ତ ଶୈବପୀଠ ଗୁଡ଼ିକରେ ଗହଳି ଲାଗି ରହିବ। ପ୍ରାୟତଃ ପ୍ରତି ମନ୍ଦିରରେ ଭୋର ୪ଟାରେ ମହାଦୀପ ଉଠିବା ନେଇ ସମୟ ନିର୍ଘଣ୍ଟ ହୋଇଛି। ଭକ୍ତମାନେ ରାତିସାରା ମନ୍ଦିର ପରିସରରେ ଉଜାଗର ରହି ଦୀପ ଜାଳି ଜାଗର ଜାଳିବା ନେଇ ସୂଚନା ମିଳିଛି। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି ।

# ଘର ସମ୍ମୁଖରୁ ବାଇକ ଚୋରି ଅଭିଯୋଗ

**ପବିତ୍ରନଗର, ୧୫।୨ (ନିରୋଜ ପ୍ରଧାନ)**

କଣିହାଁ ଥାନା ଅନ୍ତର୍ଗତ ଟାଙ୍ଗୁଆ ଗ୍ରାମର ଘର ସମ୍ମୁଖରୁ ଲିଙ୍ଗରାଜ ବେହେରାଙ୍କ ଏକ ବାଇକ (ଓଡ଼ି୩୫ଏଫ ୬୬୭୧) ଚୋରି ହୋଇଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଏ ନେଇ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଛେଣ୍ଡିପଦା ସାପୋଇନାଳି ଗ୍ରାମର ଲିଙ୍ଗୁରାଜ ବେହେରା ଏନଟିପିସିରେ କାମ କରନ୍ତି। ସେ କଣିହାଁ ଥାନା ଟାଙ୍ଗୁଆ ଗ୍ରାମର ହରକିଶୋର ସାହୁଙ୍କ ଘରେ ଭଡ଼ାରେ ରହନ୍ତି। ଲିଙ୍ଗୁରାଜ ଶନିବାର ରାତି ପ୍ରାୟ ୧୧ଟାରେ ଘର ଆସିଥିଲେ। ଘର ସମ୍ମୁଖରେ ବାଇକ ରଖି ଖାଇ ପିଇ ଶୋଇଥିଲେ। ସକାଳୁ ଉଠି ବାଇକ୍ ନ ଥିବା ଦେଖିବାକୁ ପାଇ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ।

**ଆବଶ୍ୟକ**
15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ - 08071934927।

# କିଶୋର ଅବସ୍ଥା ଓ ପ୍ରଜନନ ସ୍ୱାସ୍ଥ୍ୟ ସଚେତନତା



**ବଅଁରପାଳ, ୧୫।୨ (ସୁବାସ ଚନ୍ଦ୍ର ସାହୁ)**

ବିଶ୍ୱ ଯୁବକେନ୍ଦ୍ର ବଣିନାଳୀ ଦ୍ୱାରା ଅନୁଗୋଳ ଜିଲା ବଅଁରପାଳ ବ୍ଲକ ବନ୍ଦା ଗ୍ରାମରେ କିଶୋର ଅବସ୍ଥା ଓ ପ୍ରଜନନ ସ୍ୱାସ୍ଥ୍ୟ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଥିଲା। ବିଶ୍ୱ ଯୁବକେନ୍ଦ୍ରର ୪୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଆୟୁଷ ଡାକ୍ତର ରଞ୍ଜୁଶ୍ରୀ ଧଳ, କୋଷାଧ୍ୟକ୍ଷ ବିଶ୍ୱ ଯୁବକେନ୍ଦ୍ର ଭାରତୀ ନାୟକ ଯୋଗଦେଇଥିଲେ। ଡ. ଧଳ କିଶୋରାବସ୍ଥାରେ ଶାରୀରିକ ପରିବର୍ତ୍ତନ, ହର୍‌ମୋନ ପରିବର୍ତ୍ତନ, ପିସିଓଏସ୍, ମାସିକ ଋତୁସ୍ରାବ ସମ୍ପର୍କିତ ସଚେତନତା, ବାଲ୍ୟବିବାହର କୁପ୍ରଭାବ, ଯୌନ ସଂକ୍ରମିତ ରୋଗ (ଏସ୍‌ଟିଆଇଏସ୍), ଏଚ୍‌ଆଇଭି ଏଆଇଡ୍ସ ସଚେତନତା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। କୋଷାଧ୍ୟକ୍ଷ ନାୟକ ପ୍ରଜନନ ସ୍ୱାସ୍ଥ୍ୟ କେବଳ ରୋଗ ନ ଥିବା ଅବସ୍ଥା ନୁହେଁ ବରଂ ଶାରୀରିକ, ମାନସିକ ଓ ସାମାଜିକ ସୁସ୍ଥ ଅବସ୍ଥାକୁ ବୁଝାଏ ବୋଲି କହିଥିଲେ। ଏହା ନାରୀ ଓ ପୁରୁଷ ଉଭୟଙ୍କ ପାଇଁ ସମାନ ଭାବେ ଜରୁରୀ। ଏଥି ସହିତ ମାତୃ ସ୍ୱାସ୍ଥ୍ୟ, କିଶୋର ସ୍ୱାସ୍ଥ୍ୟ, ଅସୁରକ୍ଷିତ ଗର୍ଭପାତ ଉପରେ ଆଲୋଚନା କରିଥିଲେ। ବନ୍ଦା ଗ୍ରାମର ଆଶାକର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, କିଶୋରୀ ବାଳିକା ଉପସ୍ଥିତ ଥିଲେ। ବିଶ୍ୱ ଯୁବକେନ୍ଦ୍ରର କର୍ମକର୍ତ୍ତା ଲକ୍ଷ୍ମୀପ୍ରିୟା ବେହେରା, ସୋନାଲିସା ଶବର, ପୂଜା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## ଗ୍ରାମାଞ୍ଚଳ ଶୈବପୀଠରେ ଜାଗର

**ସନ୍ନିଛକ, ୧୫।୨ (ସନ୍ତୋଷ ପରିଡ଼ା):** ଅନୁଗୋଳ ଜିଲା ବଅଁରପାଳ ବ୍ଲକର ସନ୍ତ୍ରୀ, ବୁଢାପଙ୍କ, ନୂଆହଟା ମହୀଧରପୁର ଓ ଏହାର ଆଖାପାଖ ଅଞ୍ଚଳରେ ଥିବା ବିଭିନ୍ନ ଶିବ ମନ୍ଦିରରେ ଜାଗର ଓ ମହାଶିବରାତ୍ରି ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ବଅଁରପାଳ ପୋଲିସ ଏବଂ ମହୀଧରପୁର ଫାଣ୍ଡି ପୋଲିସ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ବିଭିନ୍ନ ନୀତିକାନ୍ତି ପରେ ରାତ୍ରିରେ ହରିହର ଭେଟ ନୀତି ସମ୍ପନ୍ନ ହୋଇଥିଲା। ଆମ୍ବିଠୀସ୍ଥିତ କୁଣ୍ଡେଶ୍ୱର, ଫୁଲପଡ଼ା ଯୋଗେଶ୍ୱର, ପଣ୍ଡପୁରସ୍ଥିତ କାଳେଶ୍ୱର, ତଳମୂଳ ସ୍ଥିତ ଭୋଳେଶ୍ୱର,ବାଣେଶ୍ୱର ମହାଦେବ ମନ୍ଦିର, ଦ୍ୱାରେଶ୍ୱର ମନ୍ଦିର ଓ ଧବଳେଶ୍ୱର ମନ୍ଦିରରେ ୧୦ଟା ୩୦ରେ ମହାଦୀପ ଉଠିଥିଲା। ମହୀଧରପୁର ମାର୍କଣ୍ଡେଶ୍ୱର ମନ୍ଦିରରେ ୧୧ଟା ୩୦ରେ, ରକଲା ସ୍ଥିତ କୁଣ୍ଡେଶ୍ୱର ମନ୍ଦିରରେ ୧୧ଟା ୪୫ରେ, ଚଣ୍ଡିଖମଣ ସ୍ଥିତ ଚମ୍ପେଶ୍ୱର ମହାଦେବ ମନ୍ଦିରରେ ଭୋର ୪ଟାରେ ମହାଦୀପ ଉଠିଥିଲା।

# ବଡ଼ଭାଇଙ୍କୁ ଛୁରି ଭୁସି ହତ୍ୟା

**ଖମାର, ୧୫।୨ (ରଜନୀକାନ୍ତ ମହାରଣା)**

ପାରିବାରିକ କଳହରୁ ଘଟିଛି ଜଘନ୍ୟ ହତ୍ୟାକାଣ୍ଡ। ବଡ଼ ଭାଇଙ୍କୁ ଛୁରିଭୁସି ହତ୍ୟା କରିଛନ୍ତି ସାନଭାଇ। ଏମିତି ଘଟଣା ଘଟିଛି ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଖମାର ଥାନା ଅନ୍ତର୍ଗତ କରଡାଖମଣ ଗାଁରେ। ଖବର ମୁତାବକ, ଘରର ବଡ଼ ପୁଅ ଲିପୁ ବେହେରା ଘରେ ରହି ଚାଷବାସ କରନ୍ତି। ଦୁଇ ସାନଭାଇ ସିପୁ ଓ ଦୀପୁ ବାହାରେ କାମକରନ୍ତି। କିନ୍ତୁ ସନଭାଇ ଦୀପୁ ସହିତ ବଡ଼ଭାଇର ବିଭିନ୍ନ ସମୟରେ ମତାନ୍ତର ହୋଇ ଝଗଡା ଲାଗି ରହିଥିଲା। ପୂର୍ବରୁ ମଧ ମାରପିଟ ହୋଇଥିଲା। ଶନିବାର ଲିପୁ କୂଅରେ ଥିବା ଏକ ପାଣିପମ୍ପ ଲଗାଉଥିବା ବେଳେ ମା'ଙ୍କ ସହିତ ଯୁକ୍ତିତର୍କ ହୋଇଥିଲା। ଫଳରେ ରାଗିଯାଇ ମା'ଙ୍କୁ ମାଡ଼ ମାରିଥିଲେ। ମା'ଙ୍କ ହାତ ଭାଙ୍ଗିଯାଇଥିଲା। ଖବରପାଇ ସାନଭାଇମାନେ ପହଞ୍ଚି ମା'ଙ୍କୁ ମେଡିକାଲ ନେଇ ଚିକିତ୍ସା କରି ଘରକୁ ଫେରିଥିଲେ। ଏହି ଘଟଣାକୁ ନେଇ ବଡ଼ଭାଇ ଓ ସାନଭାଇ ଝଗଡ଼ା ହୋଇଥିଲା। ବଡ଼ଭାଇ ଲିପୁ ଏକ ଟାଙ୍ଗିଆରେ ସାନଭାଇଙ୍କୁ ମାରିବାକୁ ଉଦ୍ୟତ ହୋଇଥିଲେ। ସେହି ସମୟରେ ମଝିଆଁ ଭାଇ ସିପୁ ଆସି ଦୁଇ ଜଣକୁ ଅଟକାଇବାକୁ ଚେଷ୍ଟା କରି ବଡ଼ଭାଇ ଧରିଥିବା ଟାଙ୍ଗିଆ ଛଡ଼ାଇ ନେଇଥିଲେ। କିନ୍ତୁ ସାନଭାଇ ଦୀପୁ ଅଣ୍ଟାରେ ଧରିଥିବା ଛୁରିରେ ବଡ଼ଭାଇ ଲିପୁଙ୍କ ବେକକୁ ଭୁସି ଦେଇଥିଲେ। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚିଥିଲା। ମଝିଆଁ ଭାଇ ଘଟଣାକୁ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଜାରିରଖିଛି। ଅଭିଯୁକ୍ତ ଦୀପୁଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଜାରିରଖିଛି। ଘଟଣା ସ୍ଥଳରେ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ କରିବା ସହିତ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିବା ପାଲଲହଡା ଏସଡିପିଓ କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି।

# ନୂତନ ଗୃହ ପ୍ରବେଶ ଓ ରୋଗୀ କଲ୍ୟାଣ ସମିତି ବୈଠକ

**ଛେଣ୍ଡିପଦା, ୧୫।୨ (ଅଜିତ୍ ଧଳ)**



ଅନୁଗୋଳ ଜିଲା ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇବା ଦିଗରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରବିବାର ଏକ ନୂତନ ୨ମହଲା ବିଶିଷ୍ଟ ଗୃହର ପ୍ରବେଶ ଉତ୍ସବ ସହିତ ସଭାଗୃହରେ ରୋଗୀ କଲ୍ୟାଣ ସମିତିର ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ମହାମିଳନ ମୁର୍ମୁଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଛେଣ୍ଡିପଦା ବ୍ଲକ ଅଧ୍ୟକ୍ଷ ସୁମିତ୍ରା ସାହୁ, ଜିଲା ପରିଷଦ ସଭ୍ୟ ଯଶୋବନ୍ତ ପ୍ରସାଦ ବେହେରା, ଛେଣ୍ଡିପଦା ଗାଁ ସଭାପତି ଚନ୍ଦ୍ରମଣି ପ୍ରଧାନ, ସରପଞ୍ଚ ସୁଦୀପ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ନୂତନ ଡାକ୍ତରଖାନା ଗୃହ ପ୍ରବେଶ କରିଥିଲେ। ଅତିଥିମାନେ ନୂତନ ଡାକ୍ତରଖାନାକୁ ବୁଲି ଦେଖିବା ସହିତ ୩ ଦିନ ମଧ୍ୟରେ ରୋଗୀ ସେବାକାର୍ଯ୍ୟ ଜାରି ରଖିବା ପାଇଁ ବିଧାୟକ ପରାମର୍ଶ ଦେଇଥିଲେ । ପରେ ନୂତନ ଗୃହରେ ୨୦୨୬ର ପ୍ରଥମ ରୋଗୀ କଲ୍ୟାଣ ସମିତି ପରିଚାଳନା ପରିଷଦ ବୈଠକ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ରୋଗୀ କଲ୍ୟାଣ ସମିତି ଅଧ୍ୟକ୍ଷ ତଥା ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ଯୋଗାଇବା ଲାଗି ଡାକ୍ତରଖାନାକୁ ପରିଷ୍କାର ପରିଚ୍ଛନ୍ନ, ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡ଼ିଥିବା ଡାକ୍ତର ପଦବୀ, ଭେଷଜ ବିଭାଗ ବିଶେଷଜ୍ଞ, ଶିଶୁ ବିଶେଷଜ୍ଞ, ପାରା ମେଡିକାଲ କର୍ମଚାରୀ, ଡାକ୍ତରଖାନାର ଉନ୍ନୟନମୂଳକ କାର୍ଯ୍ୟରେ ସହାୟତା, ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ଉପଖଣ୍ଡୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ଆଦି ଉପରେ ଆଲୋଚନା କରାଯାଇ ଏହାର ସମାଧାନ ଦିଗରେ ଗୁରୁତ୍ୱ ଦିଆଯାଇଥିଲା । ଏଥିସହ ଡାକ୍ତରଖାନାରେ ଖୁବ୍‌ଶୀଘ୍ର ସ୍ୱଂୟ ଚାଳିତ ରକ୍ତ ପରୀକ୍ଷା ମେଶିନ, ଅଲଟ୍ରାସାଉଣ୍ଡ ମେଶିନ, ହାଇମାଷ୍ଟ ଲାଇଟ୍ ଲଗାଇବା ପାଇଁ ବିଧାୟକ ବେହେରା ପ୍ରତିଶ୍ରୁତି ଦେବା ସହ ନୂତନ ଗୃହ ପାଇଁ ଆବଶ୍ୟକ ଜିନିଷର ତୁରନ୍ତ ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ଛେଣ୍ଡିପଦା ଡାକ୍ତରଖାନାକୁ ଆବଶ୍ୟକୀୟ ଉପକରଣ ଯୋଗାଇ ଦିଆଯିବ ବୋଲି ବିଧାୟକ କହିଥିଲେ। ବୈଠକରେ ୨୦୨୫-୨୬ ବର୍ଷର ରୋଗୀକଲ୍ୟାଣ ସମିତିରୁ ଖର୍ଚ୍ଚ ହେବାକୁ ଥିବା ବଜେଟର ଉପସ୍ଥାପନ କରାଯାଇଥିଲା । ଶେଷରେ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରୋଗୀ କଲ୍ୟାଣ ସମିତି ଜିଲା ପରିଷଦ ସଭ୍ୟ ଯଶୋବନ୍ତ ପ୍ରସାଦ ବେହେରା, ସରପଞ୍ଚ ସୁଦୀପ୍ତ କୁମାର ପ୍ରଧାନ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଗୋପବନ୍ଧୁ ଗଡ଼ନାୟକ, ଅକ୍ଷୟପାଦ ବେହେରା, ସିଙ୍ଗରେନି ଓ ଏନ୍‌ଏଲ୍‌ସିଆଇଏଲ୍‌ର କର୍ମଚାରୀଙ୍କ ସମେତ ରୋଗୀ କଲ୍ୟାଣ ସମିତିର ସଦସ୍ୟ ପ୍ରମୁଖ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ମତାମତ ଦେଇଥିଲେ ।

# ଟାଙ୍ଗିଆରେ ଆକ୍ରମଣ, ୨କୋର୍ଟ ଚାଲାଣ

**ପବିତ୍ରନଗର, ୧୫।୨ (ନିରୋଜ ପ୍ରଧାନ)**

କଣିହାଁ ଥାନା ଅନ୍ତର୍ଗତ ଡେରଙ୍ଗ ଗ୍ରାମରେ ବାଦଲ ଗୋଛାୟତଙ୍କୁ ଟାଙ୍ଗିଆରେ ଆକ୍ରମଣ ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ୨ଜଣ ହେଲେ ସାଗର ଗୋଛାୟତ (୩୨) ଓ ଅନ୍ୟ ଜଣେ ନାବାଳକ ଅଟନ୍ତି। ପୁଲିସ ସୁତ୍ରରୁ ପ୍ରକାଶ ଯେ, ଶନିବାର ରାତି ପ୍ରାୟ ୧୧ଟା ସମୟରେ ବାଦଲ ଗୋଛାୟତ ଘରକୁ ସାଗର ଓ ନାବାଳକ ଯାଇ ପାଟିତୁଣ୍ଡ କରିବା ସହ ସାଗର ଟାଙ୍ଗିଆରେ ଓ ନାବାଳକ ଜଣକ ପନିକିରେ ବାଦଲଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପୋଲିସ ଏ ନଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରିଛି।

**Fakir Mohan University**
**Vyasa Vihar, Balasore, Odisha-756089**
Website: www.fmuniversity.nic.in
No. FMU/OMBRIC/01/2025/1568 Date: 13 02.26
**ADVERTISEMENT FOR VARIOUS PROJECT POSITIONS UNDER THE OMBRIC PROJECT**
(Sanction order no. ST-BT-MISC-0029-2025-6109/ST, Bhubaneswar dated 14.11.2025)
Applications are invited in the prescribed format from the eligible candidates for Various Project Positions **(Research Associate I (RA) - 02 posts, Junior Research Fellow (JRF)-02 posts and Project Assistant (PA) – 01 post** under the **OMBRIC Project** entitled, *"North Odisha-Marine Bioresources Utilization & Convergence Research Centre (NO-MBUCRC)"* sponsored by Science & Technology Department, Govt. of Odisha. All the project positions are purely temporary and coterminous with the project. The application completed in all respect with necessary documents should reach to the PI through mail on or before **25.02.2026 (5.00 PM)**. For details regarding qualifications, experience, and other conditions, visit **https://fmuniversity.nic.in**
Sd./- Registrar

**OFFICE OF THE SUPERINTENDING ENGINEER**
**KHORDHA (R&B) DIVISION, KHORDHA**
**INVITATION FOR BIDS (IFB)**
E-mail: pwdoff_khd@yahoo.com
**TENDER CALL NOTICE**
Bid Identification No. S.E.-KHD-(R&B)-43/25-26
Letter No. 556 Dtd.6.2.26
No. 34001/56/2526: The Superintending Engineer, Khordha (R&B) Division, Khorhda on behalf of Governor of Odisha invites Percentage Rate bids in Single Cover System from appropriate class of contractors as detailed below registered with the State Governments and contractors of equivalent Grade/ Class registered with Central Government/MES/Railways for execution of the Civil & EI. The bidder not registered under the State Government has to register under the State PWD & ELBO in appropriate class of eligibility before signing of the agreement.
1. Nature of Work : Sl. No. 1 to 6 (Civil Works) Sl. No. 7 to 9 (E.I. Works)
2. No. of Work : 9 Nos.
3. Tender Cost : Sl. No. 1 to 5 & 7 to 9 Rs.6000.00 (Online) Sl. No. 6 Rs.2000.00 (Online)
4. Class of Contractor : Sl. No. 01 to 02 C & B Class Contractor Sl. No. 03 to 06 D & C Class Contractor Sl. No. 07 HT Class Contractor Sl. No. 08 to 09 MV/HT Class Contractor
5. Available of Bid documents in the website : From Dt.17.02.2026 at 12.00 Noon to Dt.26.02.2026 at 5.00 P.M.
6. Date of Opening of bids : Dt.27.02.2026 at 11.30 A.M.
7. Bidders have to participate in ONLINE bidding only. Further details can be seen from the website: **https://tenderodisha.gov.in**. Any information regarding Addendum/Corrigendum/Cancellation of tender can be available in the said website.
OIPR-34001/34095/1/25-26/0001
Sd./- Superintending Engineer
Khordha (R&B) Division, Khordha

**MAHILA VIKAS SAMABAYA NIGAM**
(Govt. of Odisha Undertaking)
W&CD Complex, Plot No-483(P), Ganganagar, 2nd Floor, Unit-6, Bhubaneswar-751001
Ph.No.2533223,2533214, E-mail-mvsn_bbsr@yahoo.com
Ref. 158/MVSN Dt. 02.02.2026
**Auction Sale Notice**
**No.33001/10/2526** : The Managing Director, Mahila Vikas Samabaya Nigam, **W&CD Complex, Plot No- 483(P), Ganganagar, 2nd Floor, Unit-6, Bhubaneswar-751001** invites single price offer in financial Bid and under sealed cover from the intending Bidders to purchase different items on "As is where is Basis" lying at Premises of **Mahila Vikas Samabaya Nigam, W&CD Complex, Plot No-483(P), Ganganagar, 2nd Floor, Unit-6, Bhubaneswar-751001** as given at Annexure-I. The list of materials as mentioned in Annexure-1 is only indicative. The actual quality and quantity of the materials may vary. The offset price is fixed at **Rs.4739.92**. Interested bidders may inspect the materials, assess their value and give their offer accordingly. For all the items, a single price offer is to be quoted. Part purchase / offer shall not be entertained. The items can be **inspected at Mahila Vikas Samabaya Nigam, W&CD Complex, Plot No-483(P), Ganganagar, 2nd Floor, Unit-6, Bhubaneswar-751001** on all working days between **11.00 A.M. to 5.00 P.M.** from **16.02.2026 to 09.03.2026**. For inspection and for clarification about the Auction Sale, intending bidders may contact **Accounts Officer Mobile No-9338754909**.
Bidders have to furnish EMD (refundable) of Rs.5,000/-( Rupees Five thousand) in shape of Demand Draft drawn on any Nationalized Bank in favour of **Mahila Vikas Samabaya Nigam** payable at Bhubaneswar alongwith the bid. Non-submission of EMD will lead to rejection of the bid offer. EMD of unsuccessful bidder will be refunded preferably within 30 days. EMD of the successful bidder shall be adjusted against his offer price. Withdrawal from the auction process after submission of the bid will lead to forfeiture of EMD.
The sealed bids will be received through speed post/ Regd. Post/ courier Services only in the office of the Mahila Vikas Samabaya Nigam, at **W&CD Complex, Plot No-483(P), Ganganagar, 2nd Floor, Unit-6, Bhubaneswar-751001** upto **5.00 P.M. of 09.03.2026** and will be opened on **11.03.2026 at 12.30 P.M** in the presence of the bidders or their authorized representatives if any. In case MVSN office remains closed on these days, both the activities shall be shifted to the next immediate working day. **The office is not responsible for any postal delay**. Bidders shall bear the GST Component and other levies (as applicable) on the offer amount.
The successful bidder is to deposit the qualified offer price and submit acceptance letter within seven days from the date of receipt of intimation from MVSN failing which the EMD will be forfeited. The materials shall be shifted on **"As is where is Basis"** at own cost of the successful bidders within 7 days of issue of release order, failing which the EMD & the offer price amount deposited shall be forfeited.
OIPR-33001/33003/1/25-26/0001
Sd./- MANAGING DIRECTOR,
MAHILA VIKAS SAMABAYA NIGAM

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION NO.-II, KEONJHAR**
E-mail : eerw_kjr2@yahoo.com
**"e" Procurement Notice for Road Works**
**No.25001/170/2526** **Identification No. Online NCB - 17/2025-26**
1. Name of the work : Road Works, 2. Total Number of Work : 02 Nos., 3. Estimated Cost : Rs.17.00 Lakhs to Rs.40.00 Lakhs, 4. Class of Contractor : "D' & 'C' & 'B' Class, 5. Period of Completion : As per annexure of e-Procurement Notice No.17/2025-26, 6. Other Details :

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division-II, Keonjhar |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-II, Keonjhar | Road Online NCB No.17 | Dt.19.02.26 at 11.00 A.M. | Dt.26.02.26 up to 5.00 P.M. | Dt.25.02.26 up to 5.00 P.M. | Dt.27.02.2026 at 11.00 A.M. |

Further details can be seen from the Website www.tenderorissa.gov.in
OIPR-25001/25093/1/25-26/0017
Sd./- Executive Engineer
R.W.Divn. No.-II, Keonjhar

**ପାଣି ପାଇପ୍ ଚୋରି ଅଭିଯୋଗ**

ବଇଣ୍ଡା,(ପରିକ୍ଷିତ ସାହୁ): କିଶୋରନଗର ଥାନା ବାମୁର ନିକଟରେ ଥିବା ଲାକ୍ଷି ଗ୍ରାମରେ ମେଗା ଜଳସେଚନ ପାଇଁ ବିଛାଯାଇଥିବା ପାଣି ପାଇପରୁ ଶନିବାର ୧୫ଟି ପାଇପ ଚୋରି ହୋଇଯାଇଥିବା ଠିକାସଂସ୍ଥା ପରିଚାଳକ ତରୁଣ ପଟ୍ଟନାୟକ କିଶୋରନଗର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୪୧/୨୬ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିଛି,ଉକ୍ତ ଅଞ୍ଚଳରେ ପାଇପ କାମ ଚାଲୁଥିବାବେଳେ କେହି ଦୁର୍ବୃତ୍ତ ୧୫ଟି ପାଇପ ଚୋରୀ କରି ନେଇଥିବା ଅଭିଯୋଗ ହୋଇଛି ।



# ଅନୁଗୋଳର ବିଭିନ୍ନ ଶୈବପୀଠରେ ଅସମ୍ଭାଳ ଭିଡ଼

## ମହାଦେବଙ୍କ ଦର୍ଶନ କଲେ, ବେଢ଼ାରେ ଜାଗର ଜାଳିଲେ

ଅନୁଗୋଳ,୧୫।୨ (ମାନସ ବିଶ୍ୱାଳ)



ଅନୁଗୋଳ ସହର ଓ ଉପକଣ୍ଠରେ ଥିବା ଶିବାଳୟରେ ରବିବାର ମହାଶିବରାତ୍ରି ପାଳିତ ହୋଇଯାଇଛି। ସମସ୍ତ ଶୈବପୀଠ ଏଥିପାଇଁ ଚଳଚଞ୍ଚଳ ହୋଇଉଠିଥିବା ବେଳେ ଦର୍ଶନ ପାଇଁ ସକାଳୁ ଭକ୍ତଙ୍କ ଅସମ୍ଭାଳ ଭିଡ଼ ଲାଗିଥିଲା। ବିଭିନ୍ନ ମନ୍ଦିରରେ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ମା' ବୁଢ଼ୀ ମନ୍ଦିର ନିକଟ ଶିବମନ୍ଦିର, ଅଳଲାପଡ଼ାସ୍ଥିତ ସ୍ୱପ୍ନେଶ୍ୱର, ରାଜକିଶୋରପଡ଼ାସ୍ଥିତ ସର୍ପେଶ୍ୱର ମନ୍ଦିର, ମଣ୍ଡିକାରେ ଥିବା କାଶୀବିଶ୍ୱନାଥ ମନ୍ଦିର, ବଲାସିଂହାପଡ଼ାରେ ବାବା ବାଲୁଙ୍କେଶ୍ୱର ମନ୍ଦିର, ତୁମୁଣିରେ ଥିବା କୁକୁଟେଶ୍ୱର ମନ୍ଦିର, କାଣ୍ଡସରସ୍ଥିତ କପିଳେଶ୍ୱର ମନ୍ଦିର, ଗିରାଙ୍ଗର ବାବା ସିଦ୍ଧେଶ୍ୱର, ପିଣ୍ଡାରର ବାବା ପିଙ୍ଗଳେଶ୍ୱରଙ୍କ ପୀଠରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଗହଳି ଦେଖିବାକୁ ମିଳିଥିଲା। ସେହିପରି ଡେରାଙ୍ଗ ପଞ୍ଚାୟତର ଡେରାଙ୍ଗ ବାବା ଧବଳେଶ୍ୱର ପୀଠରେ ମହାଶିବରାତ୍ରି ପାଳିତ ହୋଇଯାଇଛି। ବାବା ଚନ୍ଦେଶ୍ୱର ମହାଦେବ ମନ୍ଦିରରେ ଜାଗରଯାତ୍ରା ପାଇଁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ସେହିପରି ଅଙ୍ଗାରବନ୍ଧ ଗ୍ରାମରେ ବାବା ଚନ୍ଦେଶ୍ୱର ମହାଦେବଙ୍କ ପୀଠରେ ବୁଧବାର ଭୋର୍ ୪ଟା ୩୦ରୁ ନୀତିକାନ୍ତି ଆରମ୍ଭ ହୋଇଥିଲା। ପ୍ରାତଃ ୫ ଘଟିକାରେ ଭକ୍ତମାନଙ୍କ ଦର୍ଶନ କରିବା ପାଇଁ ମନ୍ଦିର ଭିତରକୁ ଛଡ଼ା ଯାଇଥିଲା। ସନ୍ଧ୍ୟାରେ ମନ୍ଦିର ପ୍ରାଙ୍ଗଣରେ ଭକ୍ତମାନେ ଦୀପ ଜାଳି ବସିଥିଲେ। ଶୈଳଶ୍ରୀକ୍ଷେତ୍ର ମନ୍ଦିରର ପୂଜକ ମଧୁ ନନ୍ଦ କହନ୍ତି, ଶିବରାତ୍ରି ଦିନ ଶିବଲିଙ୍ଗକୁ ଜଳ, ଦୁଗ୍ଧ, ମାଘ ପତ୍ର ଦ୍ୱାରା ପୂଜା କରାଯାଏ। ଶିବରାତ୍ରି ହେଉଛି ଭଗବାନ ଶିବ ଏବଂ ଦେବୀ ଗୌରୀଙ୍କ ବିବାହ ପର୍ବ, ଯାହା ସନାତନ ଧର୍ମର ଲୋକଙ୍କ ପାଇଁ ବିଶେଷ ମହତ୍ତ୍ୱ ରହିଛି। କୁକୁଟେଶ୍ୱର ମହାଦେବଙ୍କ ପୂଜକ ଜ୍ୟୋତିରଞ୍ଜନ ଆଚାର୍ଯ୍ୟଙ୍କ ମତରେ ଶିବରାତ୍ରି ବିଧି ଅନୁସରଣ କରି ଭକ୍ତମାନେ ସକାଳେ ସ୍ନାନ କରି ଶିବ ମନ୍ଦିର ଦର୍ଶନ କରନ୍ତି। ରାତିରେ ଉଜାଗର ରହି ଶିବନାମ ସ୍ମରଣ କରନ୍ତି। ନିଜ ରାଶି ଅନୁଯାୟୀ ପୂଜାର୍ଚ୍ଚନା କରି ବିଶେଷ ଶୁଭଫଳ ପାଇବାର ବିଶ୍ୱାସ ରହିଛି। ବିଶ୍ୱାସ କରାଯାଏ ଯେ ଏହି ଦିନ ଶିବଲିଙ୍ଗକୁ ପୂଜା କଲେ ମନସ୍କାମନା ପୂରଣ ହୁଏ।



ଅନୁଗୋଳ ସହରସ୍ଥିତ ରାଜକିଶୋରପଡ଼ା ସର୍ପେଶ୍ୱର ମନ୍ଦିରଠାରେ ଜାଗର ପାଇଁ ଭକ୍ତଙ୍କ ଭିଡ଼ (ଫଟୋ-ଜ୍ୟୋତିରଞ୍ଜନ ସାହୁ)

## ୮ ଦଳକୁ ନେଇ ଫୁଟବଲ ଟୁର୍ଣ୍ଣାମେଣ୍ଟ ପାଇଁ ନିଷ୍ପତ୍ତି

ଆଠମଲ୍ଲିକ, ୧୫।୨ (ଉଦ୍ଦିପ୍ତ ପୁରୋହିତ)

୨୩ ତାରିଖରେ ଆରମ୍ଭ ହେବାକୁଥିବା ମା' ମାହେଶ୍ୱରୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ନିମନ୍ତେ ସ୍ଥାନୀୟ ମିନି ଷ୍ଟାଡିଅମ ଖେଳ ପଡ଼ିଆରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଆଠମଲ୍ଲିକ ଯୁବ କମିଟି ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ବଛା ବଛା ଦଳକୁ ନେଇ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ କମିଟିର ବିଭିନ୍ନ ସଦସ୍ୟଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ବୈଠକରେ ଯୁବ କମିଟିର ସଭାପତି ଭାବରେ ଭୁଜେସ ଖାଁ, ସମ୍ପାଦକ ଅବିନାଶ ଷଡ଼ଙ୍ଗୀ, ଗଦାଧର ସ୍ୱାଇଁ, ବିବେକାନନ୍ଦ ଭୁକ୍ତା, ସୁବୋଧ ମହାକୁଡ଼, ଅନିଲ ମହାଲିକ, ସିଦ୍ଧାର୍ଥ ଶଙ୍କର ମହାକୁଡ଼, ରବୀନ୍ଦ୍ର ଦାଶ, ପ୍ରଦୀପ ଦାଶ, ନନ୍ଦକିଶୋର ତ୍ରିପାଠୀ, ଜୀବନ ଜ୍ୟୋତି ମୁଖି, ଛବିଳ ବେହେରା, ଟିଟୁ ଭୁକ୍ତା, ସ୍ୱରେଶ ରଥ, ସିଲୁ ପ୍ରଧାନ, ଶିବେଶ ରଥ, ପପୁନ ବେହେରା, ସୁଜନ ଭୁକ୍ତାଙ୍କ ସମେତ ବହୁ ଯୁବକ ଉପସ୍ଥିତ ଥିଲେ। ଶେଷରେ ବିବେକାନନ୍ଦ ଭୁକ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

## ୯୦ତମ ତ୍ରିମୂର୍ତ୍ତି ଶିବ ଜୟନ୍ତୀ



ଅନୁଗୋଳ, ୧୫।୨ (ମାନସ ବିଶ୍ୱାଳ)

ମହାଶିବରାତ୍ରି ଅବସରରେ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଅନୁଗୋଳ ଦ୍ୱାରା ୯୦ତମ ତ୍ରିମୂର୍ତ୍ତି ଶିବ ଜୟନ୍ତୀ ପାଳନ କରାଯାଇଥିଲା । ମୁଖ୍ୟ ଅତିଥି ରୂପେ ଅନୁଗୋଳ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରକାଶ ଚନ୍ଦ୍ର ମାଝୀ ଯୋଗଦେଇ କହିଲେ ଯେ ସମାଜକୁ ଶୃଙ୍ଖଳିତ ରଖିବାରେ ଆଧ୍ୟାତ୍ମିକ ବ୍ୟକ୍ତି ବିଶେଷଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ଶାନ୍ତି ଅନୁଭୂତି ଧାମର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ମିନତୀ କହିଲେ ଯେ ଆଜିକୁ ୯୦ ବର୍ଷ ହେଲା ପରମାତ୍ମା ଶିବ ପ୍ରଜାପିତା ବ୍ରହ୍ମାଙ୍କ ମାଧ୍ୟମରେ ସତ୍ୟଯୁଗର ପୁନଃ ସ୍ଥାପନା ନିମନ୍ତେ ବିନା ମୂଲ୍ୟରେ ଜ୍ଞାନ ଓ ସହଜ ରାଜଯୋଗ ଶିକ୍ଷା ଦେଇଆସୁଛନ୍ତି, ଯାହା ଆଜି ୧୪୦ଟି ଦେଶର ଲୋକେ ଉପକୃତ ହେଉଛନ୍ତି। ମନର ଶାନ୍ତି ପାଇଁ ସମସ୍ତେ ଏହାକୁ ଶିକ୍ଷା କରିବା ଉଚିତ। ଅନ୍ୟତମ ଅତିଥି ରୂପେ ଅବସରପ୍ରାପ୍ତ ବିଚାରପତି ଦୁର୍ଗାଶଙ୍କର ମିଶ୍ର କହିଲେ ଯେ ଆଧ୍ୟାତ୍ମିକ ଶକ୍ତିର ଠିକ ପ୍ରୟୋଗ ଅପରାଧ ହ୍ରାସ କରାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। କାର୍ଯ୍ୟକ୍ରମରେ ବିଭିନ୍ନ ବ୍ରହ୍ମାକୁମାରୀ ପାଠଶାଳାରୁ ଆସିଥିବା ଶତାଧିକ ଈଶ୍ୱରୀୟ ବିଦ୍ୟାର୍ଥୀମାନେ ଅଂଶଗ୍ରହଣ କରିଥିଲେ।

## 'କୋଇଲା ଖଣି ଓ ଅନୁଗୋଳର ଭବିଷ୍ୟତ' ଶୀର୍ଷକ ସମ୍ମିଳନୀ

ଅନୁଗୋଳ, ୧୫।୨(ମାନସ ବିଶ୍ୱାଳ)

ଅନୁଗୋଳ ସହର ସ୍ଥିତ ମ୍ୟୁନିସିପାଲିଟି ଟାଉନ ହଲରେ ଓଡ଼ିଶା ଉଦୟ ଫାଉଣ୍ଡେଶନ ପକ୍ଷରୁ 'କୋଇଲା ଖଣି ଯୋଗୁ ଅନୁଗୋଳର ଭବିଷ୍ୟତ କ'ଣ' ଶୀର୍ଷକରେ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଓଡିଶା ଉଦୟ ଫାଉଣ୍ଡେଶନର ଅଧ୍ୟକ୍ଷା ସ୍ମୃତିଲିପି ମିଶ୍ର, ସାଧାରଣ ସମ୍ପାଦିକା ଅର୍ଚ୍ଚନା ପଟ୍ଟନାୟକ ଉପସ୍ଥିତ ଥିଲେ। ପରିବେଶ ବିଶେଷଜ୍ଞ, ସାମାଜିକ କର୍ମୀ ଓ ବୁଦ୍ଧିଜୀବୀମାନେ ଯୋଗଦେଇ ଆଲୋଚନା କରିଥିଲେ। ଆଲୋଚନାରେ କୋଇଲା ଖଣି ଅନୁଗୋଳକୁ ଶିଳ୍ପ ଓ ଅର୍ଥନୈତିକ ଭାବେ ସଶକ୍ତ କରିଥିବା ବିଷୟ ଉପରେ ଆଲୋକପାତ କରାଯାଇଥିଲା। ଦୀର୍ଘକାଳୀନ ଉନ୍ନତି ପାଇଁ ପରିବେଶ ସୁରକ୍ଷା, ସ୍ଥାୟୀ ଖଣି ପ୍ରକ୍ରିୟା ଓ ସ୍ଥାନୀୟ ଲୋକଙ୍କ କଲ୍ୟାଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଅନୁଗୋଳ ଜିଲାରେ ହେଉଥିବା ବ୍ୟାପକ ପ୍ରଦୂଷଣ ନିରାକରଣ ଉପରେ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଇଥିଲା। ଅନୁଗୋଳ ଜିଲାରେ ଜିଲା ଖଣିଜ ପାଣ୍ଠିର ସୁବିନିଯୋଗ କରାଯିବା ପାଇଁ ଦାବି ରଖାଯାଇଥିଲା। ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଅନୁଗୋଳ ପୌରପାଳିକା ନଗରପାଳ ଅକ୍ଷୟ ସାମନ୍ତ, ଅତିରିକ୍ତ ଜିଲାପାଳ ଉଦୟ ନାଥ ମହାପାତ୍ର ଉପସ୍ଥିତ ଥିଲେ। ସରକାର, ଶିଳ୍ପ ପ୍ରତିଷ୍ଠାନ ଓ ସ୍ଥାନୀୟ ସମୁଦାୟ ମଧ୍ୟରେ ସମନ୍ୱୟ ଆବଶ୍ୟକତା ଉପରେ ମଧ୍ୟ ଜୋର ଦିଆଯାଇଥିଲା। ଫାଉଣ୍ଡେଶନ ସଦସ୍ୟ ଶୁଭ୍ରଜିତ ସ୍ୱାଇଁ, ସ୍ୱସ୍ତିକ ଦେବ ସାହୁ ସହଯୋଗ କରିଥିଲେ।




## ଶାଗୁଆନ କାଠ ଜବତ

ଅନୁଗୋଳ ୧୫।୨ (ମାନସ ବିଶ୍ୱାଳ)

ଅନୁଗୋଳ ବନ ବିଭାଗର ଅପରାଧ ଡାଏରୀ 'ବନ ଅପରାଧ ପାଇଁ ଶୂନ୍ୟ ସହନଶୀଳତା' ମିଶନରେ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରିରହିଛି। ଉକ୍ତ ମିଶନ ଅନ୍ତର୍ଗତ ଅନୁଗୋଳ ଜିଲାର ତାଳଚେର ରେଞ୍ଜର କର୍ମଚାରୀମାନେ ତାଳଚେର ସେକ୍ସନର ସମଲ ବିଟ୍ ଅନ୍ତର୍ଗତ ଏକଘରିଆ କେନାଲ ନିକଟରେ ଚଢ଼ାଉ କରିଥିଲେ। ଏହି ଅଭିଯାନ ସମୟରେ ଶାଗୁଆନ ଗଛର ୩ଟି ବେଆଇନ କାଠ ଜବତ କରିଥିଲେ। ମାପିବା ପରେ ଜବତ କାଠର ପରିମାଣ ୫.୧୯ ସିଏଫ୍ଟି ଜଣାପଡ଼ିଥିଲା। ସମସ୍ତ ଜବତ ବନଜାତ ଦ୍ରବ୍ୟକୁ ପରବର୍ତ୍ତୀ ସମୟରେ ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଏକ ଅପରାଧ ମାମଲା ପଞ୍ଜୀକୃତ କରାଯାଇଥିଲା। ପାଟ୍ରୋଲିଂ ଟିମ୍‌ରେ ବନରକ୍ଷୀ ଆକାଶ କୁମାର ସାହୁ, ବନରକ୍ଷୀ ତ୍ରୈଲୋକ୍ୟ ରାଉତ, ହାତୀ ସ୍କ୍ୱାଡ ସଦସ୍ୟ ସନ୍ତୋଷ ପ୍ରଧାନ, ବିଭୂତି ବେହେରା, ଦିଲୀପ ସାମଲ, ଭକ୍ତ ଚରଣ ସାହୁ ଏବଂ ଗଜମିତ୍ର ଜନାର୍ଦ୍ଦନ ପ୍ରଧାନ ସାମିଲ ଥିଲେ।

## ଯୁବ ପ୍ରାଧ୍ୟାପକଙ୍କ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ



ଅନୁଗୋଳ, ୧୫।୨ (ମାନସ ବିଶ୍ୱାଳ)

ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ପତ୍ର ସଂଖ୍ୟା.୮୧୦୩/ ତା.୧୨.୦୨.୨୦୨୬ ନିର୍ଦ୍ଦେଶ ଅନୁସାରେ ଡ. ବସନ୍ତ କୁମାର ସାହୁ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅନୁଗୋଳର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବଦଳି ହୋଇଥିବା ପୂର୍ବତନ ଅଧ୍ୟକ୍ଷ ଡ. ନୀଳାଞ୍ଚଳ ପଟେଲଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଡ. ସାହୁ ପୂର୍ବରୁ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ, ପରୀକ୍ଷା ନିୟନ୍ତ୍ରକ, ଶିକ୍ଷା ସମ୍ବନ୍ଧୀୟ ଅଧିକାରୀ, ନାକ, ରୁସା, ଆଇକ୍ୟୁଏସି ଆଦିର ସଂଯୋଜକ ତଥା ପଦାର୍ଥ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହି ଉତ୍କର୍ଷତାର ସହିତ ଦାୟିତ୍ୱ ନିର୍ବାହ କରିଛନ୍ତି। ତାଙ୍କ ପ୍ରଚେଷ୍ଟାରେ ମହାବିଦ୍ୟାଳୟର ଅନେକ ବିଭାଗରେ ସ୍ନାତକୋତ୍ତର ପାଠ୍ୟକ୍ରମ ଖୋଲାଯାଇଛି। ତାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୁଇଜଣ ଗବେଷକ ଗବେଷଣା କରୁଛନ୍ତି। ସେ ବ୍ରାଜିଲର ସାଓପୋଲୋ ବିଶ୍ୱବିଦ୍ୟାଳୟକୁ ନିଜର ଗବେଷଣାଲବ୍ଧ ଜ୍ଞାନକୁ ଉପସ୍ଥାପନ କରିଥିଲେ। ମହାବିଦ୍ୟାଳୟରେ କିଭଳି ଶୈକ୍ଷିକ ବାତାବରଣ ସହିତ ଭିତ୍ତିଭୂମି ଓ ଗବେଷଣା କାର୍ଯ୍ୟରେ ଉତ୍କର୍ଷତା ପ୍ରତିପାଦନ କରାଯିବ ସେ କ୍ଷେତ୍ରରେ ଯତ୍ନବାନ ହେବେ ବୋଲି ସେ କହିଛନ୍ତି।

## ହନୁମାନ ମନ୍ଦିରର ବାର୍ଷିକ ଉତ୍ସବରେ ଯୋଗଦେଲେ ବିଧାୟକ



ଆଠମଲ୍ଲିକ, ୧୫।୨ (ଉଦ୍ଦିପ୍ତ ପୁରୋହିତ)

ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଜାମୁଡୋଲି ପଞ୍ଚାୟତ ମା' ବିନିକେୟୀ ଶକ୍ତି ପୀଠ ନିକଟରେ ଥିବା ହନୁମାନ ମନ୍ଦିର ପରିସରରେ ତ୍ରୟୋଦଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅତିଥି ଭାବରେ ଅନୁଗୋଳ ବିଧାୟକ ପ୍ରତାପଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ଏମ୍‌ପିଙ୍କ ଆଠମଲ୍ଲିକ ନଗର ପ୍ରତିନିଧି ସନ୍ତୋଷ କୁମାର ହୋତା, ବ୍ଲକ ପ୍ରତିନିଧି ପ୍ରକାଶ ସାହୁ, ଜାମୁଡୋଲି ସରପଞ୍ଚ ପ୍ରଭାକର ପ୍ରଧାନ, ଶ୍ରୀପତି ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ସେହିପରି ଦିନତମାମ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲୁହାସିଙ୍ଗା ସରପଞ୍ଚ ସୁଦର୍ଶନ ଗାଇଗାଇଗରିଆ, ସାମାଜିକ କର୍ମୀ ଅର୍ଜୁନ ସାହୁଙ୍କ ସମେତ ପାଖଆଖ ଗ୍ରାମର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ବଜରଙ୍ଗବାଲି ସଂଘର ସଭାପତି କେଶବଚନ୍ଦ୍ର ପ୍ରଧାନ, ସମ୍ପାଦକ ଶ୍ରୀବତ୍ସ ପ୍ରଧାନ, ସଦସ୍ୟ ଜ୍ଞାନରଞ୍ଜନ ଜେନା, କଳ୍ପତରୁ ପ୍ରଧାନ, ଅମୀୟ ପ୍ରଧାନ, ବିଜୟ ପ୍ରଧାନ, ସୁଗ୍ରୀବ ପ୍ରଧାନ, ପ୍ରଦୀପ ପ୍ରଧାନ, କଲ୍ୟାଣ ବିଶ୍ୱାଳ, ପ୍ରଶାନ୍ତ ସାହୁ, ବିଜୟ ପ୍ରଧାନ, ତାପସ ସାହୁ, ମାନଭଞ୍ଜନ ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଓବିସି ପାଇଁ ସ୍ୱତନ୍ତ୍ର କଲମ କରି ଜାତିଗତ ଗଣନା କରାଯାଉ

ଅନୁଗୋଳ, ୧୫।୨ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲା କଣିହାଁ ବ୍ଲକ ଅନ୍ତର୍ଗତ ବଡ଼ କାକୁଡ଼ିଆ ଗ୍ରାମରେ ଓବିସି ମଞ୍ଚ ଓଡ଼ିଶା ପକ୍ଷରୁ ଏକ ଜନଜାଗରଣ ସଚେତନତା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗାଁ ସଭାପତି ତଥା ଓବିସି ମଞ୍ଚ ସଂଯୋଜକ ଅଶୋକ କୁମାର ପ୍ରଧାନଙ୍କ ନେତୃତ୍ୱରେ ମିଟୁ ସାହୁ, ମଦନ ସାହୁ, କେଶବ ସାହୁଙ୍କ ସମେତ ଆଖପାଖ ଅଞ୍ଚଳବାସୀ ଯୋଗଦାନ କରିଥିଲେ। ଏଥିରେ ରାଜ୍ୟ ଓବିସି ମଞ୍ଚ ଓଡ଼ିଶା ଶାଖାର କାର୍ଯ୍ୟକାରୀ ସଭାପତି ରଞ୍ଜିତାରାଣୀ ପ୍ରଧାନ ଯୋଗଦେଇ ଦେଶ ତଥା ରାଜ୍ୟର ୫୨% (୧୯୩୧ ମସିହା ଜନଗଣନା ଅନୁଯାୟୀ) କୁଶଳୀ ଓବିସି ଭଉଣୀଭାଇ ଆଜି ଘୋର ଅବହେଳା ଶିକାର ହେଉଥିବା ପ୍ରକାଶ କରିଥିଲେ। ଜାତିଗତ ଜନଗଣନା ବେଳେ ସ୍ୱତନ୍ତ୍ର ଭାବେ ଓବିସି ପାଇଁ ଘର (କଲମ) ରଖାଯାଇ ଓବିସିମାନଙ୍କ ଗଣନା କରାଯାଉ ବୋଲି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା କାର୍ଯ୍ୟକାରୀ ହେଲେ ଦେଶର ପ୍ରକୃତ ଓବିସି ସଂଖ୍ୟା ଜଣାପଡ଼ିବ ବୋଲି କହିଛନ୍ତି ମଞ୍ଚ ସଭାପତି। ଯଦି ପକ୍ଷୀ, ବାଘ,ହାତୀ, ଗଛ ଆଦି ସ୍ୱତନ୍ତ୍ର ଗଣନା ହୋଇପାରୁଛି, ତେବେ ଆମ କୁଶଳୀ ଓବିସିଙ୍କ କ୍ଷେତ୍ରରେ ବି ଠିକ ଗଣନା କରାଯାଉ ଓ ନ୍ୟାୟ ଦିଆଯାଉ ବୋଲି ଦାବି କରିଛନ୍ତି। ଏଥି ସହ ୟୁଜିସି ୨୦୨୬ ବିଲ ଶୀଘ୍ର ଲାଗୁ କରିବାକୁ ସେ ଦାବି କରିଛନ୍ତି।

## ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସେବା ସଂଘର ବାର୍ଷିକ ସମ୍ମିଳନୀ

ଛେଣ୍ଡିପଦା,୧୫।୨(ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କୋଶଳା ଅଞ୍ଚଳର ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସେବା ସଂଘର ୨୫ତମ ବାର୍ଷିକ ସମ୍ମିଳନୀ ଓ ବନ୍ଧୁମିଳନ ସଂଘ କାର୍ଯ୍ୟାଳୟ ପରିସରରେ ସଭାପତି ଭାସ୍କର ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ ଭାସ୍କର ଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିନ୍ଦଲ କମ୍ପାନୀ ସିଏସ୍ଆରର୍ ଡିଜିଏମ୍ ଆଶୁତୋଷ ମିଶ୍ର, ଅନ୍ୟତମ ଅତିଥି ଗଙ୍ଗାଧର ମେହେର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଧନେଶ୍ୱର ସାହୁ, କଙ୍କରାଇ ଗ୍ରାମର ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବ୍ରହ୍ମାନନ୍ଦ ସାହୁ, ମହର୍ଷି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଇନ୍ଦ୍ରମଣି ପ୍ରଧାନ, କଷ୍ଟୁଚରଣ ପ୍ରଧାନ, ଛେଣ୍ଡିପଦା ବ୍ଲକ୍ ଅଧ୍ୟକ୍ଷା ସୁମିତ୍ରା ସାହୁ, ସ୍ଥାନୀୟ ଜିଲା ପରିଷଦ ସଭ୍ୟ ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି ସଭାରେ ବରିଷ୍ଠ ନାଗରିକଙ୍କ ଅସୁବିଧା ବିଷୟରେ ଆଲୋକପାତ କରିଥିଲେ। ସଂଘ ସମ୍ପାଦକ ବାଉରିବନ୍ଧୁ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ସମସ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ଚିକିତ୍ସା ନିମନ୍ତେ ସହାୟତା, ପୋଲିସ ସହାୟତା ଓ ପରିଚୟ ପତ୍ର, ଆମ୍ବୁଲାନ୍ସ ସେବା ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା। ସଂଘର ଉପଦେଷ୍ଟା ଗୋକୁଳାନନ୍ଦ ପ୍ରଧାନ, କୋଷାଧ୍ୟକ୍ଷ ଦୁଃଖବନ୍ଧୁ ସାହୁ, ଉପ କୋଷାଧ୍ୟକ୍ଷ ଜନକ ଦେହୁରୀ ଓ ସହ ସଚେତକ ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ବାମଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଟ୍ରକ୍ ଜବତ, ଜଣେ ଗିରଫ

ବଇଣ୍ଡା,୧୫।୨(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ୫୫ ନମ୍ବର ଜାତୀୟ ରାଜପଥ ହଣ୍ଡପା ଅଞ୍ଚଳରେ ଶନିବାର ହଣ୍ଡପା ପୋଲିସ ଗାଡିମୋଟର ଯାଞ୍ଚ କରିଛି। ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଗାଡିଗୁଡ଼ିକ ଯାଞ୍ଚ କରାଯାଇଥିଲା। ଏହି ସମୟରେ ମଦ୍ୟପାନ କରି ଟ୍ରକ୍ ଚଲାଉଥିବା ଅଭିଯୋଗରେ ହଣ୍ଡପା ଅଞ୍ଚଳର ଶୁଭେନ୍ଦୁ ନାୟକଙ୍କୁ ଗିରଫ କରାଯାଇଛି । ଏଥିସହ ସେ ଚଲାଉଥିବା ଟ୍ରକ୍‌କୁ ଜବତ କରାଯାଇଛି । ଏନେଇ ଏକ ମାମଲା ରୁଜୁ କରାଯାଇଛି ।

## ବିଧାୟକଙ୍କ ଦ୍ୱାରା ଶିବମନ୍ଦିର ପୁନରୁଦ୍ଧାରର ଭୂମିପୂଜନ



ପବିତ୍ରନଗର,୧୫।୨(ନିରୋଜ ପ୍ରଧାନ)

କଣିହାଁ ବ୍ଲକ ରେଙ୍ଗାଳି ପଞ୍ଚାୟତ ଦେନାଳି ଗ୍ରାମରେ ୧୦ ଲକ୍ଷ ଟଙ୍କା ବିନିମୟରେ ରାମେଶ୍ୱର ମନ୍ଦିରର ପୁନରୁଦ୍ଧାର ପାଇଁ ଭୂମିପୂଜନ ହୋଇଯାଇଛି। ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଭୂମିପୂଜନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଦେନାଳି ଗ୍ରାମର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିବା ପାଇଁ ଏବଂ ଆବଶ୍ୟକ ପଡିଲେ ମନ୍ଦିର ପାଇଁ ମଧ୍ୟ ଆହୁରି ଅର୍ଥ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଭୂମିପୂଜନ କାର୍ଯ୍ୟକ୍ରମରେ ସରପଞ୍ଚ ପ୍ରଭାତୀ ସେଠୀ, ରେଙ୍ଗାଳି ମଣ୍ଡଳ ଭାଜପା ସଭାପତି ହରେକୃଷ୍ଣ ପ୍ରଧାନ, ବରିଷ୍ଠ ଆଇନଜୀବୀ ତ୍ରିପୁରାରି ପ୍ରଧାନ, ଧ୍ରୁବ ଧୀର, ତରୁଣ କୁମାର ସାହୁ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସେହିପରି କଣିହାଁ ବ୍ଲକର କାକୁଡିଆସ୍ଥିତ କନକେଶ୍ୱର ମନ୍ଦିରରେ ରୋଷେଇ ଘର ନିମନ୍ତେ ଭୂମିପୂଜନ, ଗୋଷ୍ଠୀକେନ୍ଦ୍ରର ଉଦ୍‌ଘାଟନ, ତାଳପଦା ଶିବ ମନ୍ଦିରର ଉନ୍ନତୀକରଣ ନିମନ୍ତେ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

## ୨ପଡ଼ୋଶୀ ମାରପିଟ ନେଇ ଥାନାରେ ଅଭିଯୋଗ

ସନ୍ନିଛକ,୧୫।୨(ସନ୍ତୋଷ ପରିଡ଼ା)

ପିଲାଙ୍କ ଖେଳକୁଦକୁ ନେଇ ୨ପଡୋଶୀଙ୍କ ମଧ୍ୟରେ ମାରପିଟ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିବାନୁଯାୟୀ, ବଅଁରପାଳ ଥାନା ଅନ୍ତର୍ଗତ ତଳମୂଳ ଶାସନ ପଞ୍ଚାୟତ ଚେରମା ସାହି ଦୀପା ବେହେରାଙ୍କ ଛୋଟ ପୁଅ ଓ କେତେଜଣ ଛୋଟ ଛୁଆ ମିଶି ବାଲି ଗଦାରେ ଖେଳୁଥିଲେ। ଏହାକୁ ନେଇ ପଡ଼ୋଶୀ ଗିନୀ ବେହେରା ଆସି ଗାଳିଗୁଲଜ କରିଥିଲେ। ଫଳରେ ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଗିନୀଙ୍କ ପରିବାର ଦୀପାଙ୍କ ଘରକୁ ଆସି ତାଙ୍କୁ ଗାଳିଗୁଲଜ କରିବା ସହିତ ମାରପିଟ କରିଥିଲେ ବୋଲି ଦୀପା ବଅଁରପାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏନେଇ ପୋଲିସ କେସ୍ ନମ୍ବର ୭୯/୨୬ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂହ ସୂଚନା ଦେଇଛନ୍ତି।

## ଜଙ୍ଗଲ, ବନ୍ୟପ୍ରାଣୀ ସୁରକ୍ଷା ସଚେତନତା

ବଇଣ୍ଡା,୧୫।୨(ପରିକ୍ଷିତ ସାହୁ)

ବିଶ୍ୱ ଯୁବକେନ୍ଦ୍ର ଓ ହଣ୍ଡପା ବନାଞ୍ଚଳ ତରଫରୁ ୨ ଦିନିଆ ସଚେତନତା ସାଇକେଲ ଯାତ୍ରା ଶୁକ୍ରବାର କିଶୋରନଗର ବ୍ଲକ ହଣ୍ଡପା ଥାନା ଇଚ୍ଛାପୁର ଶିବ ମନ୍ଦିରଠାରୁ ଆରମ୍ଭ ହୋଇଛି। ଏହି ଯାତ୍ରା କଣ୍ଢେଇକୋଳିଆ, ଜାମୁନାଳି, ଗାଁ ବଇଣ୍ଡା, ହଣ୍ଡପା ଓ ଲୁହାମୁଣ୍ଡା ପଞ୍ଚାୟତର ୨୬ଟି ଗ୍ରାମ ଭ୍ରମଣ କରି ଲୋକଙ୍କୁ ନିଆଁ ଦାଉରୁ ଜଙ୍ଗଲ ଓ ଜୀବଜନ୍ତୁଙ୍କୁ ସୁରକ୍ଷା କରିବାକୁ ସଚେତନ କରିବ। ବିଶ୍ୱ ଯୁବକେନ୍ଦ୍ର ସଭାପତି ବସନ୍ତ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧିକାରୀ ନରେନ୍ଦ୍ର କୁମାର ଗମାଙ୍ଗ, ବନପାଳ ଆଲୋକ ମିଶ୍ର ଓ ଲିଙ୍ଗରାଜ ମିଶ୍ର, ଇଚ୍ଛାପୁର ଗ୍ରାମ ସଭାପତି ଜେନାମଣି ସାହୁ, ସଭ୍ୟ ଅର୍ଜୁନ ସାହୁ, ଭାଗୀରଥି ସାହୁ, ଲୋକନାଥ ସାହୁଙ୍କ ସମେତ ବନବିଭାଗର କର୍ମଚାରୀ, ଗ୍ରାମବାସୀ, ବିଶ୍ୱ ଯୁବକେନ୍ଦ୍ରର ସ୍ୱେଚ୍ଛାସେବୀ ଯୋଗଦେଇଥିଲେ। ବର୍ତ୍ତମାନ ମହୁଲ ଓ କେନ୍ଦୁପତ୍ର ସଂଗ୍ରହ ସମୟ ହୋଇଥିବାରୁ ସଚେତନତା ଅଭାବରୁ ଅନେକ ସ୍ଥାନରେ ଜଙ୍ଗଲ ନିକଟବର୍ତ୍ତୀ ଲୋକେ ଶୁଖିଲା ପତ୍ରରେ ନିଆଁ ଲଗାଇଦେବାର ସମ୍ଭାବନା ରହିଛି। ଏହାହେଲେ ବନ୍ୟ ସମ୍ପଦ ନଷ୍ଟ ସହ ବହୁ ପକ୍ଷୀ, ଜୀବଜନ୍ତୁଙ୍କ ଜୀବନ ଯାଇପାରେ। ତେଣୁ ଏ ଦିଗରେ ସଚେତନତା ସୃଷ୍ଟି ପାଇଁ ବନ ସଂରକ୍ଷଣ ସମିତି, ଗ୍ରାମ କମିଟି ଓ ସ୍ୱୟଂ ସହାୟକ ଗୋଷ୍ଠୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ ପାଇଥିଲା। ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ସାଇକେଲ ଯାତ୍ରା ପରିଚାଳନା କରିଥିଲେ। ପୂଜା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।



ସଚେତନତା ସାଇକେଲ ଯାତ୍ରା ଶୁଭାରମ୍ଭ ଅବସରରେ ଅତିଥିମାନେ।

# କପିଳାସ ପୀଠକୁ ବିଶ୍ୱସ୍ତରୀୟ କରାଯିବ



କପିଳାସ ପୀଠରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। କପିଳାସ ମନ୍ଦିର ଚତୁଃପାର୍ଶ୍ୱରେ ଶ୍ରଦ୍ଧାଳୁ ଦୀପ ଜାଳୁଛନ୍ତି (ଫଟୋ-ମାନସ)

**ଢେଙ୍କାନାଳ,୧୫।୨(ରତନ ନାୟାର/ ବିଶ୍ୱ ମୋହନ ସାହୁ (ଗଁଦିଆ)**

- ୫ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମରେ ପୀଠ ଚଳଚଞ୍ଚଳ
- ମହାପ୍ରଭୁଙ୍କ ପୂଜାର୍ଚ୍ଚନା କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

ମହାଶିବରାତ୍ରୀ ଦିନ ପ୍ରଭୁ ଚନ୍ଦ୍ରଶେଖର ଜୀଉଙ୍କୁ ଦର୍ଶନ କରିବାର ସୁଯୋଗ ମିଳିବା ସୌଭାଗ୍ୟର ବିଷୟ। ଓଡ଼ିଶାର ସମସ୍ତ ଶିବଭକ୍ତମାନଙ୍କର ପ୍ରଭୁ କଲ୍ୟାଣ କରନ୍ତୁ। ଓଡ଼ିଶା ଲୋକଙ୍କୁ ବିକାଶର ଶୀର୍ଷରେ ପହଞ୍ଚାନ୍ତୁ । କପିଳାସର ଉନ୍ନତୀକରଣ ହେବ। ଏହି ପୀଠକୁ ବିଶ୍ୱସ୍ତରୀୟ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ମହାଶିବରାତ୍ରୀ ଓ ପ୍ରସିଦ୍ଧ ଜାଗର ଯାତ୍ରା ଉପଲକ୍ଷେ ରବିବାର ପୂର୍ବାହ୍ନ ୧୦ଟାରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କପିଳାସଠାରେ ପହଞ୍ଚି ମହାପ୍ରଭୁ ଶ୍ରୀଶ୍ରୀଚନ୍ଦ୍ରଶେଖର ଜୀଉ ଓ ମାତା ପାର୍ବତୀଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରି ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ସେ ଆହୁରି କହିଛନ୍ତି, ପର୍ଯ୍ୟଟନ ବିଭାଗ ଗୋଟିଏ ଡିପିଆର ପ୍ରସ୍ତୁତ କରିବ । ରୋପୱେ ପାଇଁ ମଧ୍ୟ ପ୍ରସ୍ତାବ ରହିଛି। ଏଠାରୁ ଏଏସ୍ଆଇ, ବନ ବିଭାଗ ଆଦି ସବୁ ବିଭାଗ ସହ ସମନ୍ୱୟ ରଖି ଉନ୍ନତୀକରଣ କରିବାକୁ ପଡ଼ିବ । ଯାହା ଅନୁମୋଦନ ହୋଇଛି, ତାଠାରୁ ଆହୁରି ବଡ଼ କାର୍ଯ୍ୟ ହେବ ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ । ଏହି ଅବସରରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଲେ ଯେ, କପିଳାସ ପୀଠ ବିଶ୍ୱର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀରେ ପରିଣତ ହେବ । ମୁଖ୍ୟମନ୍ତ୍ରୀ ସମ୍ମତି ଦେଇଛନ୍ତି । ଡିପିଆର ପ୍ରସ୍ତୁତ ହୋଇ ଅନୁମୋଦନ ପରେ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଥିଲେ ।

ମହାଶିବରାତ୍ରୀ ଓ ପ୍ରସିଦ୍ଧ ଜାଗର ଯାତ୍ରା ଉପଲକ୍ଷେ ରାଜ୍ୟ ତଥା ଜିଲାର ପ୍ରସିଦ୍ଧ ଶୈବପୀଠ କପିଳାସରେ ୫ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ରାତି ଉଜାଗର ରହି ଦୀପ ଜାଳିଥିଲେ । ଫଳରେ କପିଳାସ ପୀଠ ଦୀପମୟ ହୋଇ ଝଲସିଥିଲା। ଉପମୁଖ୍ୟମନ୍ତ୍ରୀଙ୍କ ସହ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ରାଜ୍ୟ ଅଗ୍ନିଶମ ସେବା ବିଭାଗର ମହାନିର୍ଦ୍ଦେଶକ ସୁଧାଂଶୁ ଷଡ଼ଙ୍ଗୀ, ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ ଓ ନବୀନ ନନ୍ଦ, ଜିଲା ଭାଜପା ସଭାପତି ରାସବିହାରୀ ବେହେରା, ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ପ୍ରମୁଖ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ । ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ ମନ୍ଦିର ପରିସର ବୁଲି ଦେଖିଥିଲେ ।

ପୀଠରେ ଶ୍ରଦ୍ଧାଳୁମାନେ ସକାଳଠାରୁ ରାତି ପର୍ଯ୍ୟନ୍ତ ଲମ୍ବା ଧାଡ଼ିରେ ଦର୍ଶନ କରିଥିଲେ। ମହାପ୍ରଭୁଙ୍କର ସ୍ୱର୍ଣ୍ଣ ଅଳଙ୍କାରରେ ନାଗାଭରଣ ବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କର ବହୁ ସଂଖ୍ୟାରେ ଭିଡ଼ ଲାଗିଥିଲା । ନାଗାଭରଣ ବେଶ ପରେ ପଞ୍ଚବକ୍ର ପୂଜା ହେବାର କାର୍ଯ୍ୟକ୍ରମ ରହିଛି । ପରମ୍ପରା ଅନୁଯାୟୀ ରାଜ ପରିବାର ପକ୍ଷରୁ ଯୁବରାଜ ଅମରଜ୍ୟୋତି ସିଂହଦେଓ ପୀଠରେ ପହଞ୍ଚି ମହାପ୍ରଭୁଙ୍କର ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ ଠାକୁରଙ୍କର ମହା ରୁଦ୍ରାଭିଷେକ ମଧ୍ୟ ହୋଇଥିଲା। ହରହର ମହାଦେବ ଧ୍ୱନୀରେ କପିଳାସ ପୀଠ ଉତ୍ସବମୁଖର ହୋଇଥିଲା । ରାତି ୪ଟା ୨୦ମିନିଟରେ ମହାଦୀପ ମନ୍ଦିର ଚୁଡାକୁ ଉଠିବାର କାର୍ଯ୍ୟକ୍ରମ ରହିଛି । ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଏସ୍‌ପି ଅଭିନବ ସୋନକର, ଢେଙ୍କାନାଳ ଉପଜିଲାପାଳ ତଥା ଜିଲା ଦେବୋତ୍ତର ଅଧିକାରୀ ବିବୁଧ ଗଡ଼ନାୟକ ପ୍ରମୁଖ ପୀଠରେ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା, ଠାକୁରଙ୍କର ନୀତିକାନ୍ତି ସୁରୁଖୁରୁରେ କରାଯିବା ପାଇଁ ତଦାରଖ କରୁଛନ୍ତି । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧୩ ପ୍ଲାଟୁନ ପୋଲିସ ମୁତୟନ କରାଯାଇଛି ।

## କଣିହାଁର ବିଭିନ୍ନ ଶିବାଳୟରେ ଶ୍ରଦ୍ଧାଳୁଙ୍କ ଭିଡ଼

**ପବିତ୍ରନଗର,୧୫।୨(ନିରୋଜ ପ୍ରଧାନ)**

କଣିହାଁ ବ୍ଲକ ଅଞ୍ଚଳରେ ପବିତ୍ର ମହାଶିବରାତ୍ରିରେ ସମସ୍ତ ଶିବ ମନ୍ଦିରଗୁଡିକରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି। ବ୍ଲକର ପ୍ରସିଦ୍ଧ ତାଳପଦା ଶୈବପୀଠ, କଣିହାଁ, କାକୁଡିଆ, ସମଲର ଚକ୍ରଶିଳା ଓ ବିଷ୍ଣୁ ମନ୍ଦିର, ବାରୁଆଁ, କୁଲେଇ, ଲିଂ, ଅର୍କିଳସ୍ଥିତ ମନ୍ଦିରଗୁଡ଼ିକରେ ସକାଳୁ ଲୋକଙ୍କ ଭିଡ଼ ଲାଗିଥିବା ବେଳେ ସନ୍ଧ୍ୟାରେ ଲୋକମାନେ ଦୀପ ଜାଳି ବସିଥିଲେ। ସେହିପରି ରେଙ୍ଗାଳି ପ୍ରକଳ୍ପ ଅଞ୍ଚଳର ଆଖଣ୍ଡଳମଣି ମନ୍ଦିର, କପିଳେଶର ମନ୍ଦିର ସମେତ ରେଙ୍ଗାଳି ଗ୍ରାମ ଶିବ ମନ୍ଦିର, ଦେନାଳି ଗ୍ରାମର ରାମେଶର ମନ୍ଦିର, ବଜ୍ରକୋଟ ଗ୍ରାମର ଭିଙ୍ଗେଶ୍ୱର ମନ୍ଦିର ପ୍ରଭୃତି ପୀଠଗୁଡ଼ିକରେ ମହାଶିବରାତ୍ରି ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଛି। ରେଙ୍ଗାଳି ବାବାମଣି ମନ୍ଦିରରେ ୩୭ ତମ ଶିବରାତ୍ରି ଅବସରରେ ମନ୍ଦିରର ମୁଖ୍ୟ ଉପଦେଷ୍ଟା ଆକୁଳ ପଣ୍ଡାଙ୍କ ପୋରାହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଭିନ୍ନ ଦେବଦେବୀ ପୀଠରୁ ୩୨ଜଣ ଦେବଦେବୀଙ୍କ ସହ ରେଙ୍ଗାଳି ପ୍ରକଳ୍ପର ମା' ବାଟମଙ୍ଗଳା ଓ ତାଳଚେରର ମା' ହିଙ୍ଗୁଳାଙ୍କୁ ରେଙ୍ଗାଳି ପ୍ରକଳ୍ପସ୍ଥିତ ବାପଘର ଆଖଣ୍ଡଳମଣି ମନ୍ଦିରକୁ ଆମନ୍ତ୍ରଣ କରି ଅଣାଯାଇଥିଲା। ମୁଖ୍ୟ ଉପଦେଷ୍ଟା ଭକ୍ତଙ୍କ ପ୍ରଦତ୍ତ ଦାନରେ ୩୧୧ ଜଣ ଗରିବ ବୃଦ୍ଧାବୃଦ୍ଧଙ୍କୁ ବସ୍ତ୍ର ପ୍ରଦାନ କରିଥିଲେ। ଶ୍ରଦ୍ଧାଳୁମାନେ ବାବା ଭୋଳାନାଥଙ୍କୁ ଦର୍ଶନ କରି ଜାଗର ଜାଳି ରାତ୍ର ଉଜାଗର ହୋଇ ବ୍ରତ ପାଳନ କରିଥିଲେ।

## ନାଗନାଥେଶ୍ୱରଙ୍କ ପୀଠରେ ମହାଶିବରାତ୍ରି



**ଢେଙ୍କାନାଳ,୧୫।୨(ରତନ ନାୟାର)**

ଢେଙ୍କାନାଳ ଜିଲା ସଦର ବ୍ଲକ ବଡ଼ ନାଗେନାସ୍ଥିତ ବ୍ରାହ୍ମଣୀ ନଦୀ କୂଳରେ ଥିବା ଶ୍ରୀଶ୍ରୀ ନାଗନାଥେଶ୍ୱରଙ୍କ ପୀଠରେ ରବିବାର ମହାଶିବରାତ୍ରୀ ଉପଲକ୍ଷେ ଜାଗର ଯାତ୍ରା ପାଳିତ ହୋଇଯାଇଛି । ସକାଳ ୬ଟାରେ ଠାକୁରଙ୍କର ଦ୍ୱାରଫିଟା ନୀତି ପୂଜକ ସାଧୁଚରଣ ପାଣିଙ୍କ ଦ୍ୱାରା କରାଯାଇଥିଲା । କର୍ତ୍ତା ଭାବେ ଉମାଶଙ୍କର ମିଶ୍ର ରହିଥିଲେ । ସକାଳ ୮ଟାରେ ସୂର୍ଯ୍ୟନାରାୟଣ ପୂଜା ପୁରୋଧା ଗୁଣନିଧି ଦାସ ଓ ରଞ୍ଜନ କୁମାର ନନ୍ଦଙ୍କ ଦ୍ୱାରା କରାଯାଇଥିଲା । ଏହାପରେ ଶ୍ରୀଶ୍ରୀ ନାଗନାଥେଶ୍ୱରଙ୍କର ଅଭିଷେକ କରାଯାଇଥିଲା। ରାତି ୧୧ଟାରେ ମହାଦୀପ ଉଠିଥିଲା। ମନ୍ଦିରକୁ ରଙ୍ଗୀନ ଆଲୋକମାଳାରେ ସାଜସଜ୍ଜା କରାଯିବା ସହିତ ଚତୁପାର୍ଶ୍ୱରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଦୀପଜାଳି ଜାଗର ବ୍ରତ ପାଳନ କରିଥିଲେ । ମହାଦୀପ ଉଠାଣ ପରେ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା । ମନ୍ଦିର ଉନ୍ନୟନ ପରିଷଦ ସଭାପତି ନିତ୍ୟାନନ୍ଦ ସାହୁ, ସମ୍ପାଦକ ସୁଦାମ ଚନ୍ଦ୍ର ବେହେରା, ସଦସ୍ୟ ଅଶୋକ ପଣ୍ଡା, ସବ୍ୟସାଚୀ ପାଣି, ସୁଧୀର କୁମାର ପାଣି, ପ୍ରଶାନ୍ତ ସାହାଣୀ, ବିଶ୍ୱଜିତ ସାହୁ, ଶ୍ରୀବତ୍ସ କୁମାର ଦାସ, ବିକ୍ରମ ଗୋଛାୟତ, ଜଟାଧାରୀ ବେହେରା, ସୁବାସ ସାହୁ, ରସାନନ୍ଦ ମହାଳିକ, ବିକାଶ କୁମାର ରଥ, ସାରଙ୍ଗଧର ମଲ୍ଲିକ, ସୁଧାକର ମଲିକ, ପ୍ରଦୀପ କୁମାର ପରିଡା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## କପିଳାସରେ ରେଡକ୍ରସ୍ ପକ୍ଷରୁ ସେବା ଶିବିର



ଜାଗର ଯାତ୍ରା ଉପଲକ୍ଷେ କପିଳାସରେ ରେଡକ୍ରସ ପକ୍ଷରୁ ସେବା ଶିବିର।

**ଢେଙ୍କାନାଳ,୧୫।୨(ରତନ ନାୟାର)**

ଢେଙ୍କାନାଳ ଜିଲା ଶିକ୍ଷା କାର୍ଯ୍ୟାଳୟ ଓ ରାଜ୍ୟ ଜୁନିୟର ରେଡକ୍ରସ୍ ଭୁବନେଶ୍ୱରଙ୍କ ମିଳିତ ସଂଯୁକ୍ତ ଆୟୋଜନରେ କପିଳାସଠାରେ ମହାଶିବରାତ୍ରି ଉପଲକ୍ଷେ ରବିବାର ଏକ ସାମାଜିକ ସେବା ଶିବିର ଅନୁଷ୍ଠିତ ହୋଇଥିଲା। ଜିଲା ସଚିବ ଉମେଶ ଚନ୍ଦ୍ର ସାମଲ ଓ ଜିଲା ଜେଆରସି ଅଫିସର ସୁବ୍ରତ କୁମାର ମିଶ୍ରଙ୍କ ନେତୃତ୍ୱରେ ଏହି ଶିବିର ପରିଚାଳିତ ହୋଇଥିଲା। ପୂର୍ବତନ ଜେଆରସି ଅଫିସର ନରେଶ କୁମାର ମହାରଣା, ଅବସରପ୍ରାପ୍ତ ପିଇଟି ବିଜୟ କୁମାର ନନ୍ଦ, ଗଁନ୍ଦିଆ ବ୍ଲକ୍ ଜେଆରସି ଦୁଷ୍ମନ୍ତ ସେଠୀ ଓ ଅବସରପ୍ରାପ୍ତ ପିଇଟି ଶରତ ଚନ୍ଦ୍ର ନାୟକ ଶିବିରରେ ଉପସ୍ଥିତ ଥିଲେ। ଏହି ସେବା ଶିବିରରେ ୩୦ଜଣ ଜୁନିୟର ସଦସ୍ୟ ଓ ୧୦ଜଣ କାଉନ୍‌ସେଲର ସକ୍ରିୟ ଭାବେ ଯୋଗ ଦେଇଥିଲେ। ସ୍ୱଚ୍ଛତା ଅଭିଯାନ, ପ୍ରାଥମିକ ଚିକିତ୍ସା ସେବା ଓ ପାନୀୟ ଜଳ ବଣ୍ଟନ ଆଦି ସେବାକାର୍ଯ୍ୟ କରାଯାଇଥିଲା । ଏହି ଶିବିରଟି ସକାଳ ୯ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା ।

## ଦେଶୀ ମଦ ଜବତ, ଜଣେ ଗିରଫ

**ପରଜଙ୍ଗ,୧୫।୨(ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଧୀନ ଦୋମୁହାଣୀ ଗ୍ରାମ ଝରାପାଳ ସାହିରେ ବିଶେଷ ସୂତ୍ରରୁ ଖବରପାଇ ରବିବାର ଦଦରାଘାଟି ଫାଣ୍ଡି ଅଧିକାରୀ ଅଜୟ ସାମଲଙ୍କ ନେତୃତ୍ୱରେ ଚଢ଼ାଉ ହୋଇଥିଲା । ଚଢ଼ାଉବେଳେ ମଦ ରନ୍ଧା ଚାଲିଥିଲା, ରନ୍ଧା ହୋଇଥିବା ଦେଶୀ ମଦ, ମଦ ରନ୍ଧା ସାମଗ୍ରୀ, ମହୁଲ ପୋଚ ଜବତ କରିବା ସହ ପୋଲିସ ଜଣଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ଖବରପାଇ ପୋଲିସ ଝରାପାଳ ସାହି ଗମ୍ଭାରିଆ ନାଳ ପାର୍ଶ୍ୱରେ ଚଢ଼ାଉ କରିଥିଲା। ଉକ୍ତ ସାହିର ରଘୁ ମୁଣ୍ଡା ଚୋରା ଦେଶୀ ମଦ ପ୍ରସ୍ତୁତ କରୁଥିବାବେଳେ ସେଠାରୁ ୧୦୦ ଲିଟର ଦେଶୀ ମଦ, ୨ ଟି ଆଲୁମିନିୟମ ଡେକ୍‌ଚି ଓ ପ୍ଲାଷ୍ଟିକ ପାଇପି ଜବତ କରିଛି। ଏନେଇ ପରଜଙ୍ଗ ଥାନାରେ କେସ୍ ନଂ.୧୦୫/୨୬ ରେ ଏକ ମାମଲା ରୁଜୁ କରାଯାଇ ରଘୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଆଗକୁ ଏହିପରି ଚଢ଼ାଉ ଜାରି ରହିବ ବୋଲି ଫାଣ୍ଡି ଅଧିକାରୀ ସାମଲ କହିଛନ୍ତି।

## ଚଳଚଞ୍ଚଳ ବୁଢେଶ୍ୱର ପୀଠ, ୨୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ



**ଭୁବନ,୧୫।୨(ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲା ଭୁବନ ବୁଢେଶ୍ୱର ଶୈବ ପୀଠରେ ରବିବାର ମହା ଶିବରାତ୍ରୀ ପାଇଁ ଚଳଚଞ୍ଚଳ ହୋଇଉଠିଛି । ସକାଳେ ପୂଜାର୍ଚ୍ଚନା ପରେ ଶ୍ରଦ୍ଧାଳୁ ଉପସ୍ଥିତ ରହି ଦୀପଦାନ କରିଥିଲେ । ଚଳିତ ବର୍ଷ ଭୋର ୩.୪୭ରେ ମହାଦୀପ ଉଠିବା ପାଇଁ ସ୍ଥିର କରାଯାଇଛି। ସକାଳ ପୂଜା ଓ ମଧ୍ୟାହ୍ନ ନିତି ପରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପରିଚାଳନା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଶାନ୍ତିଶୃଙ୍ଖଳା ପାଇଁ ପୋଲିସ, ପ୍ରଶାସନ, ଦମକଳ ବାହୀନି, ସ୍ନେକ ହେଲ୍ପଲାଇନ, ଜନସ୍ୱାସ୍ଥ୍ୟ ବିଭାଗ ସହିତ ବିଭିନ୍ନ ସେବା ସଙ୍ଗଠନ ପକ୍ଷରୁ ସହଯୋଗ କରାଯାଇଥିଲା। ୩୦ଟି ଉଠା ଦୋକାନୀ ଯାତ୍ରାର ଶୋଭା ବର୍ଦ୍ଧନ କରୁଥିଲେ। ମନ୍ଦିର ଓ ଆଖପାଖ ଅଞ୍ଚଳ ଅତ୍ୟାଧୁନିକ ଆଲୋକମାଳା ସହିତ ତୋରଣ, ବିଭିନ୍ନ ପ୍ରକାରର ଫୁଲରେ ସୁସଜ୍ଜିତ ହୋଇଥିଲା। ଭୁବନ ଓ ଆଖପାଖ ଅଞ୍ଚଳର ସଂକୀର୍ତ୍ତନ ମଣ୍ଡଳୀ ହରି ନାମରେ କମ୍ପନ କରୁଥିଲେ। ପ୍ରଭୁଙ୍କର ସମସ୍ତ ବେଶକୁ ଦୂରଦର୍ଶନ ମାଧ୍ୟମରେ ଶ୍ରଦ୍ଧାଳୁ ଉପଭୋଗ କରିଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ନରହରି ସାହୁ, ସମ୍ପାଦକ ସମୀର କୁମାର ସାହୁ, ଉପସଭାପତି ବିପିନ ବିହାରୀ ସେଠୀ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ବିହାରୀଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ । ମନ୍ଦିରର ସେବକ ତଥା ଶିବସେନାର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ମଣିମା କପ୍ କ୍ରିକେଟ ଟୁର୍ନାମେଣ୍ଟ, ପୋଡାପଡ଼ା ଚାମ୍ପିୟନ



**ଓଡ଼ାପଡ଼ା,୧୫।୨(ରଞ୍ଜିତ୍ ନାୟକ)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ହିନ୍ଦୋଳ ରୋଡ କଲେଜ ଛକ ଷ୍ଟାଡିୟମଠାରେ ଗତ ୭ରୁ ଆରମ୍ଭ ହୋଇଥିବା ମଣିମା କପ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ୍ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍ ବିଣାକାରକାଟେଣି ଏକାଦଶ ସହିତ ପୋଡାପଡ଼ା ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଣାକାରକାଟେଣିକୁ ହରାଇ ପୋଡାପଡ଼ା ଦଳ ବିଜୟୀ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୁବ ବ୍ୟବସାୟୀ ଆଶୁତୋଷ ମହାନ୍ତି, ସମ୍ମାନିତ ଅତିଥି ଭାବେ ଓଡ଼ାପଡ଼ା ପଞ୍ଚାୟତ ସମିତି ସଭ୍ୟା ସୁମିତ୍ରା ପଟ୍ଟନାୟକ, ଶ୍ରୀଧର କରଣ, ରବିନାରାୟଣ ବେହେରା, ବିଶ୍ୱଜିତ ଦେହୁରୀ, ପ୍ରାଣବନ୍ଧୁ ସାହୁ ଓ ବିଜୟ କୁମାର ସ୍ୱାଇଁ ଯୋଗଦେଇ ବିଜୟୀ ପୋଡାପଡ଼ା ଦଳକୁ ଟ୍ରଫି ପ୍ରଦାନ କରିବା ସହିତ ବିଣାକାରକାଟେଣି ଦଳକୁ ରନର୍ସ ଟ୍ରଫି ପ୍ରଦାନ କରିଥିଲେ। ଖେଳକୁ ଲିଟୁ, ନିର୍ମଳ ଓ ଦୀପୁ ପରିଚାଳନା କରୁଥିବାବେଳେ ଆଲୋକ, ବାପୁନି ଓ ଚଗଲି ଧାରା ବିବରଣୀ ପ୍ରଦାନ କରିଥିଲେ। ମଣିମା କ୍ଲବ ସଭାପତି ରାଜା ସାହୁ, ସମ୍ପାଦକ ରାଜା ଘୋଷ, ଶିବୁ, କାଲୁ, ସୁମନ, ବିଭାସ, ଦୀପୁ, କ୍ରିଷ୍ଣା, ଗୁଗୁଲି, ଟିଣ୍ଟୁ, ଦିଦୁ, ଓମ, ଲିଟନ, ପିପା, ମନୋଜ, ସାଗର ଓ ରାହୁଲ ପରିଚାଳନା କରୁଥିବା ବେଳେ ଅନ୍ୟ ସଭ୍ୟ ସହଯୋଗ କରିଥିଲେ।

## ବିଭିନ୍ନ ଶୈବପୀଠରେ ଜାଗର ଯାତ୍ରା

**ପରଜଙ୍ଗ,୧୫।୨(ନିଗମାନନ୍ଦ ଦଳବେହେରା)**



ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକର ବିଭିନ୍ନ ଶୈବପୀଠରେ ମହା ଆଡ଼ମ୍ବରରେ ଶିବରାତ୍ରି ପାଳନ ହୋଇଯାଇଛି। ସର୍ବ ପୁରାତନ କୁଆଲୁଠାରେ ଅବସ୍ଥିତ ଅଷ୍ଟଶମ୍ଭୁ ମହାଦେବ ମନ୍ଦିରରେ ମହାଶିବରାତ୍ରୀ ପାଳିତ ହୋଇଥିବାବେଳେ ୧୫ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ସେହିପରି ପରଜଙ୍ଗ ସ୍ଥିତ ବାଞ୍ଛେଶ୍ୱର ମହାଦେବ, ଦ୍ୱିତୀୟ କପିଳାସ ପଥରଗଡ଼ରେ ଚନ୍ଦ୍ରଶେଖର ମହାଦେବ, ଦଦରାଘାଟିରେ ରାମେଶ୍ୱର ମହାଦେବ, ସରାଙ୍ଗ ଚନ୍ଦ୍ରଚୁଡ ମହାଦେବ, ଡମୋଳ ଆନନ୍ଦେଶ୍ୱର ମହାଦେବ, ଲୋଧଣୀ ଲୋକନାଥେଶ୍ୱର ମହାଦେବ, କମରରେ ସ୍ୱପ୍ନେଶ୍ୱର ମହାଦେବ, କନ୍ଦରସିଂହା ସିଦ୍ଧେଶ୍ୱର ମହାଦେବ, ଡିହୋଡୋଳ ଗଙ୍ଗେଶ୍ୱର ମହାଦେବ, ମୁଣ୍ଡେଇଲୋ ବିଶେଶ୍ୱର ମହାଦେବ, ଖଣ୍ଡୁଆଳମୁଣ୍ଡାରେ ସିଦ୍ଧେଶ୍ୱର ମହାଦେବ, ଆଦି ମନ୍ଦିରରେ ମହାଶିବରାତ୍ରୀ ପାଳିତ ହୋଇଯାଇଛି।

## ରାଷ୍ଟ୍ରୀୟ ପେନ୍‌ସନ ଯୋଜନା ସମ୍ପର୍କିତ କର୍ମଶାଳା

**ଢେଙ୍କାନାଳ,୧୫।୨(ରତନ ନାୟାର)**

ଢେଙ୍କାନାଳ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ସମ୍ମିଳନୀ କକ୍ଷରେ ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନା ସମ୍ପର୍କିତ ଏକ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ୯ ତାରିଖରୁ ଆରମ୍ଭ ହୋଇଥିବା ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନା ସେବା ସପ୍ତାହ ପାଳିତ ହୋଇଥିଲା। ଏହି କର୍ମଶାଳାରେ ଉପସ୍ଥିତ ଜିଲାର ସମସ୍ତ ଉଠାଣ ଓ ବିତରଣ ଅଧିକାରୀମାନଙ୍କୁ ଜିଲା କୋଷାଗାର ଅଧବକାରୀ ଗୌତମୀ ନାୟକ ଅଭିଭାଷଣ ପ୍ରଦାନ କରିଥିଲେ। ଅବସର ଗ୍ରହଣ ପରେ କର୍ମଚାରୀମାନେ କିଭଳି ସୁଚାରୁରୂପେ ନିଜର ପେନ୍‌ସନ ଅର୍ଥରାଶି ପାଇପାରିବେ ତା'ର ପୂର୍ବ ପ୍ରସ୍ତୁତି ସମ୍ପର୍କରେ ସମସ୍ତ ଅଧିକାରୀମାନଙ୍କୁ ଡାଇରେକ୍ଟର ଅଫ୍ ଟ୍ରେଜେରୀ ଆଣ୍ଡ୍ ଇନିସ୍ପେକ୍ସନ, ଭୁବନେଶ୍ୱରର ଆସିଷ୍ଟାଣ୍ଟ ଡାଇରେକ୍ଟର ପଙ୍କଜ କୁମାର ମହାନ୍ତ ବୁଝାଇ କହିଥିଲେ। ପେନ୍‌ସନ ଅର୍ଥ ରାଶିକୁ କିଭଳି ଭାବରେ ବିଭିନ୍ନ ଆର୍ଥିକ ସଂସ୍ଥାରେ ବିନିଯୋଗ କରି ଲାଭାନ୍ୱିତ ହୋଇପାରିବେ ସେ ସମ୍ପର୍କରେ ବୁଝାଇ କହିଥିଲେ। ଫ୍ୟାମିଲି ପେନସନ ଆବେଦନ ପାଇଁ ଆବଶ୍ୟକ ତଥ୍ୟ ଭିତ୍ତିକ କାଗଜାତ ପ୍ରସ୍ତୁତି ଓ ମୋବାଇଲ ସାହାଯ୍ୟରେ କିପରି ନିଜର ପେନ୍‌ସନ ସମ୍ପର୍କିତ ସମସ୍ତ ତଥ୍ୟ ଜାଣିପାରିବେ ସେ ସମ୍ପର୍କରେ ମଧ୍ୟ ଅବଗତ କରାଇଥିଲେ। ଏହି ପ୍ରଶିକ୍ଷଣ କର୍ମଶାଳାରେ ହିନ୍ଦୋଳ, କାମାକ୍ଷାନଗର ଏବଂ ଭୁବନ ସବ୍ ଟ୍ରେଜେରୀ ଅଫିସରଙ୍କ ସମେତ ସମସ୍ତ ଉଠାଣ ଓ ବିତରଣ ଅଧିକାରୀ ଓ କାର୍ଯ୍ୟକାରୀ ସହାୟକମାନେ ଉପସ୍ଥିତ ଥିଲେ ।

## ନୂତନ ଜ୍ଞାନକୌଶଳ ବ୍ୟବହାର କରିବାକୁ ପରାମର୍ଶ




**ସିନର୍ଜି କଲେଜ ବିଦ୍ୟୁତ୍ ବିଭାଗର କର୍ମଶାଳା**

**ଢେଙ୍କାନାଳ,୧୫।୨(ରତନ ନାୟାର)**

ଢେଙ୍କାନାଳ ସିନର୍ଜି ଇଞ୍ଜିନିୟରିଂ କଲେଜରେ ବିଦ୍ୟୁତ ବିଭାଗ ପକ୍ଷରୁ 'ଆପ୍ଲିକେଶନ ଅଫ୍ ପାୱାର ଆଣ୍ଡ୍ ଏନର୍ଜି ସିଷ୍ଟମ୍ ଫର ଫ୍ୟୁଚର ଟେକନୋଲୋଜି' ସମ୍ପର୍କିତ ଏକ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ଭୁବନେଶ୍ୱର ଆଇଆଇଟି ବିଦ୍ୟୁତ ବିଭାଗର ପ୍ରଧାପକ ଡ. ଚନ୍ଦ୍ରଶେଖର ପେରୁମାଲ୍ଲା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟୁତ ଶକ୍ତି ଆଧୁନିକୀକରଣ ସମ୍ପର୍କରେ ଏଆଇଏମ୍ଏଲ୍‌ର ବ୍ୟବହାରିକ ଜ୍ଞାନ କୌଶଳର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ଆନଭିନୟା ସୋଲାର ସଲ୍ୟୁଶନ ଭୁବନେଶ୍ୱରର ନିର୍ଦ୍ଦେଶକ ଇଂ. ଚନ୍ଦନ କୁମାର ବାରିକ ଯୋଗଦେଇ ଉର୍ଜ୍ଜା ଶକ୍ତିର ସହାୟତାରେ କ୍ରମବର୍ଦ୍ଧିଷ୍ଣୁ ଜ୍ଞାନ କୌଶଳକୁ ନେଇ ସାଂପ୍ରତିକସ୍ତରରେ ସଫଳତାର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। କଲେଜର ପୁରାତନ ଛାତ୍ର ଏନ୍‌ଟିପିସି ସିଙ୍ଗରୋଲିର ବିଦ୍ୟୁତ ପରିଚାଳକ ଡ. ଶ୍ୟାମାକାନ୍ତ ପଟ୍ଟନାୟକ ଯୋଗଦେଇ ତାପଜ ବିଦ୍ୟୁତ ଶକ୍ତି କ୍ଷେତ୍ରରେ ନୂତନ ଜ୍ଞାନକୌଶଳକୁ ପାଥେୟ କରି ବହୁବିଧ ଯନ୍ତ୍ରପାତିର ଆଧୁନିକୀକରଣର ସଦୁପଯୋଗ ଉପରେ ବୁଝାଇଥିଲେ। ମହାବିଦ୍ୟାଳୟର ନିର୍ଦ୍ଦେଶକ ଡ. ପ୍ରଶାନ୍ତ କୁମାର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରି ନୂତନ ଜ୍ଞାନ କୌଶଳ ଆପଣାଇବାକୁ ପରାମର୍ଶ ଦେଇଥିଲେ । ବିଭାଗୀୟ ମୁଖ୍ୟ ଡ. ଶକ୍ତିଶଙ୍କର ପତି ପାଠ୍ୟକ୍ରମରେ ଥିବା ପ୍ରକଳ୍ପ ବିଷୟକୁ ନୂତନ ଜ୍ଞାନ କୌଶଳର ରୂପଦେଇ ଏହାର ବହୁଳ ବ୍ୟବହାରିକ ଦିଗ ଓ ଆର୍ଥିକ ସ୍ୱଚ୍ଛଳତାକୁ ଆଖି ଆଗରେ ରଖି ଆଗେଇବାକୁ ପରାମର୍ଶ ଦେଇଥିଲେ। ସଂଯୋଜକ ଡ. ଲୋକନାଥ ଧଳସାମନ୍ତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ । ସହ ସଂଯୋଜକ ଏଲୋରା ଦାସ ଧନ୍ୟବାଦ ଅର୍ପଣ କରିଥିଲେ । କର୍ମଶାଳାରେ ୧୨୩ଜଣ ଛାତ୍ରୀଛାତ୍ର ଏବଂ ଓଡିଶାର ବିଭିନ୍ନ ବିଦ୍ୟାଳୟରୁ ଅତିଥି ଅଧାପକ ଯୋଗ ଦେଇଥିଲେ ।

## ତେଲିଭୂଇଁ-ଅଁଳାବେଢ଼ା ରାସ୍ତା ନିମ୍ନମାନର ଅଭିଯୋଗ

**ରାସୋଳ,୧୫।୨(ସରୋଜ ମିଶ୍ର)**

**ଉଚ୍ଚସ୍ତରୀୟ ତଦନ୍ତ ଦାବିକଲେ ଗ୍ରାମବାସୀ**



ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ତେଲିଭୁଇଁ ଠାରୁ ଅଳାଁବେଢ଼ା ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଜନ ରାସ୍ତା ନିମ୍ନମାନର ହୋଇଥିବା ଗ୍ରାମବାସ ମାନେ ଅଭିଯୋଗ କରିଛନ୍ତି । ପ୍ରାୟ ୩ମାସ ତଳେ ତିଆରି ହୋଇଥିବା ଏହି ରାସ୍ତାର କେତେକ ଜାଗାରୁ କଂକ୍ରିଟ ଉଠି ଫାଟିଗଲାଣି ତ କେତେକ ଜାଗାରୁ ପିଚୁ ମଧ ଉଠିଗଲାଣି । ଏନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀଙ୍କ ସୂତ୍ରରୁ ପ୍ରକାଶ ଯେ, ଏହି ୩ କିଲୋମିଟର ରାସ୍ତା ୩ କୋଟି ୯ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ତିଆରି ହୋଇଛି । ଏହାକୁ ଅନୁଗୋଳ ଅଞ୍ଚଳର ଠିକାଦାରଙ୍କ ସହିତ ଚୁକ୍ତି ହୋଇଥିଲା । ଏହା ଫେବୃଆରୀ ୨୦୨୫ରୁ ଆରମ୍ଭ ହୋଇ ନଭେମ୍ବରରେ ଶେଷ ହୋଇଥିଲା । ଏହା ଏତେ ନିମ୍ନମାନର କାର୍ଯ୍ୟ ହୋଇଛି, ଯାହାକି ୩ ମାସ ନପୂରୁଣୁ କଂକ୍ରିଟ୍ ଫାଟିବା ସହିତ ପିଚୁ ଉଠିଗଲାଣି । ଏପରିକି ରାସ୍ତାରେ ଏବେ ଗଲାବେଳେ ଧୁଳି ଉଡୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗ୍ରାମର ରଘୁନାଥ ପାଳ, ଦିଲୀପ ମିଶ୍ର, ସୁଶିଲ କୁମାର ପାଳ, ନରେଶ ପାଳ, ଚଗଲା ଦେହୁରୀ, ତ୍ରିନାଥ ସାହୁ, ଶରତ ପାଳ, ଟିକନ ପାଳ, ଗ୍ରାମ ସଭାପତି ବାଉରିବନ୍ଧୁ ପାଳ, ବିମଳ ମିଶ୍ର, ନିକନ ନାୟକ, ପ୍ରଫୁଲ ନାୟକ ପ୍ରମୁଖ କହିଛନ୍ତି, କାମ କରିଥିବା ଠିକାଦାର ବିନା ବାଲିରେ କେବଳ କ୍ରସର ଗୁଣ୍ଡ ମିଶାଇ ବାହାରୁ ମେଶିନ ସାହାଯ୍ୟରେ ଗୋଳେଇ ଯେତେବେଳେ କାମ କରୁଥିଲେ ଆମେ ସେହି ସମୟରେ ବିଭାଗୀୟ ଅଧିକାରୀ ମାନଙ୍କୁ ଅଭିଯୋଗ କରିଥିଲୁ। ଅଭିଯୋଗ ପରେ ମଧ୍ୟ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହେଲାନି । ଏ ନେଇ ବିଭାଗୀୟ ନିର୍ବାହୀଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଓ ଠିକାଦାରଙ୍କୁ ଯୋଗାଯୋଗ କଲେ ମଧ୍ୟ ଫୋନ୍ ଉଠାଉ ନ ଥିବାରୁ କୌଣସି ମତାମତ ମିଳିପାରିନାହିଁ। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

# ପୋଲିସ ସାମ୍ନାରେ ଅବକାରୀ ବାବୁଙ୍କୁ ମାଡ଼

**ଭାଲେଣ୍ଟାଇନ୍ସ ଡେ'ରେ ରାତିସାରା ବାର୍ ଖୋଲା**

- ନିୟମକୁ ଫୁ, ନିଶାରେ ମତୁଆଲା ଯୁବତୀଯୁବକ
- ଜିଲାପାଳଙ୍କ ଅନୁମତିରେ ବାର୍ ସିଲ୍, ମ୍ୟାନେଜର ଗିରଫ

ଭୁବନେଶ୍ୱର,୧୫।୨(ତ୍ରିନାଥ ମହାନ୍ତି)




ମ୍ୟାଡ୍‌ପୁଲ(ଓଡ଼ି୦୨) ବାର୍‌ରେ ଅବକାରୀ ଅଧିକାରୀମାନେ ଚଡ଼ାଉ କରୁଛନ୍ତି।

ଭାଲେଣ୍ଟାଇନ୍ସ ଡେ'ରେ ସବୁ ନିୟମ ଓ କଟକଣାକୁ ଫୁ କରି ବାର୍‌ରେ ଜମିଥିଲା ରଙ୍ଗିନ ରାତି। ଆଗରେ ଶଟର ପକାଇ ଭିତରେ ମଦୁଆଲା ହେଉଥିଲେ ପୁରୁଷ ଓ ମହିଳା। ମଦପିଇ ଝୁମୁଥିଲେ ପ୍ରେମୀଯୁଗଳ। ଖାରବେଳନଗର ଥାନା ଶ୍ରୀୟା ଚକ୍ ଛକ ନିକଟରେ ଥିବା ମ୍ୟାଡ୍‌ପୁଲ(ଓଡ଼ି୦୨) ବାର୍‌ରେ ଏଭଳି କାର୍ଯ୍ୟକ୍ରମ ସକାଳ ପର୍ଯ୍ୟନ୍ତ ଚାଲିବାର ବ୍ୟବସ୍ଥା କରାଯାଇଥିଲା। ହେଲେ ଅଧା ରାତିରେ ସବୁ ବିଗାଡି ଦେଇଥିଲେ ଅବକାରୀ ଅଧିକାରୀ। କୌଣସି ସୂତ୍ରରୁ ଖବର ପାଇ ଅବକାରୀ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ଦେବାଶିଷ ପଟେଲ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ରାଜଶେଖର ସ୍ୱାଇଁ ଓ ତାଙ୍କ ଟିମ୍ ସେଠାରେ ଚଡ଼ାଉ କରିଥିଲା। ବାର୍ କଡ଼ରେ ଏକାଧିକ ଗାଡି ପାର୍କ ହୋଇଥିବା ବେଳେ ବାର୍ ବାହାରୁ ଶଟର ପଡିଥିଲା। ଅବକାରୀ ଅଧିକାରୀ ଶଟର୍ ଖୋଲିବାକୁ କହିଥିଲେ ମଧ କେହି ଖୋଲି ନ ଥିଲେ। ଶେଷରେ ଖାରବେଳନଗର ଥାନା ପୋଲିସ ସହାୟତାରେ ଅବକାରୀ କର୍ମଚାରୀମାନେ ଜବରଦସ୍ତ ଶଟର ଉଠାଇଥିଲେ। ବାର୍ ଭିତରେ ଯାହା ଦେଖିଲେ ଆଶ୍ଚର୍ଯ୍ୟ ଲାଗିଲା। ରାତି ପ୍ରାୟ ୧ଟା ୩୦ରେ ଡିଜେ ବଜାଇ ଛାତି ଥରାଇ ଦେଉଥିଲେ ବାର୍ କର୍ତ୍ତୃପକ୍ଷ। ଆଉ ଭିତରେ ରହିଥିଲେ ୧୦୦ରୁ ଅଧିକ ଲୋକ। ସମସ୍ତଙ୍କ ଟେବୁଲରେ ମଦ ବୋତଲ ରହିଥିବା ବେଳେ ଅଧିକାଂଶ ମଦ ପିଇବା ସହ ଖାଉଥିଲେ। ଅବକାରୀ ଅଧିକାରୀ ଓ କର୍ମଚାରୀ ବାର ଭିତରକୁ ପଶି ଭିଡିଓ ରେକର୍ଡିଂ କରିବା ସମୟରେ ବାର୍ ମ୍ୟାନେଜର ଅଭିଜିତ ସାହୁ ଏବଂ ଅନ୍ୟ କର୍ମଚାରୀ ଅବକାରୀ ବିଭାଗ ସହ ମୁହାଁମୁହିଁ ହୋଇଥିଲେ। ଗ୍ରାହକଙ୍କୁ ଅଟକାଇବାକୁ ତମେ କିଏ ବୋଲି ବାରମ୍ବାର ପ୍ରଶ୍ନ କରୁଥିଲେ। ଅବକାରୀ ଅଧିକାରୀ ନିଜ ପରିଚୟପତ୍ର ଦେଖାଇଥିଲେ ମଧ୍ୟ ସେମାନେ ଶୁଣି ନ ଥିଲେ। ଉତ୍ତ୍ୟକ୍ତ ହୋଇ ଅବକାରୀ ଅଧିକାରୀଙ୍କୁ ଆକ୍ରମଣ କରିଥିଲେ। ପୋଲିସ ଉପସ୍ଥିତିରେ ଏହି ଘଟଣା ଘଟିଥିବାବେଳେ ଏଥିରେ ଜଣେ ଅବକାରୀ କର୍ମଚାରୀ ଆହତ ହୋଇଛନ୍ତି। ଏହାକୁ ନେଇ ଖାରବେଳ ନଗର ଥାନାରେ ଅବକାରୀ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ଦେବାଶିଷ ପଟେଲ ଏତଲା ଦେଇଛନ୍ତି। ପୋଲିସ ମାମଲା ରୁଜୁ କରି ବାର୍ ମ୍ୟାନେଜର ଅଭିଜୀତଙ୍କୁ ଗିରଫ କରିଛି। ଅନ୍ୟପକ୍ଷରେ ସାଙ୍ଗକେ ଜିଲାପାଳଙ୍କ ଅନୁମତିକ୍ରମେ ଉକ୍ତ ବାର୍‌କୁ ଅବକାରୀ ବିଭାଗ ସିଲ୍ କରିଛି। ଏ ସମ୍ପର୍କରେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ରାଜଶେଖର କହିଛନ୍ତି, ଏଥର ନିୟମିତ ଭାବେ ରାତିରେ ଚଡ଼ାଉ କରାଯିବ।

## ମାସିକିଆ ଚାନ୍ଦା ମିଳିଲେ ଭିତିରି ଅନୁମତି

ଶନିବାର ରାତିରେ ଅବକାରୀ ବିଭାଗର କର୍ମଚାରୀଙ୍କୁ ମାଡ଼ ଘଟଣା ନୂଆ ନୁହେଁ, ପୂର୍ବରୁ ମଧ୍ୟ କଟକ ରୋଡ଼ରେ ଥିବା ଏକ ବାର୍‌ରେ ଅବକାରୀ ବିଭାଗର ଚଡ଼ାଉ ସମୟରେ ଜଣେ ମହିଳା ଅଧିକାରୀଙ୍କୁ ବାର୍ ମାଲିକ ଖରାପ ବ୍ୟବହାର କରିବା ସହ ଆକ୍ରମଣ କରିଥିଲେ। ଏହାପୂର୍ବରୁ ବାର୍ ମାଲିକ ଏବଂ କର୍ମଚାରୀଙ୍କ ସହ ଅବକାରୀ ବିଭାଗର ମୁହାଁମୁହିଁ ହୋଇଥିଲା। ଏନେଇ ଲକ୍ଷ୍ମୀସାଗର ଥାନାରେ ମାମଲା ପରେ ବାର୍ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ସେହିପରି ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାର୍ ଖୋଲା ରହି ମଦ ଆସର ଜମୁଥିଲା। ଅବକାରୀ ଟିମ୍ ଚଡ଼ାଉବେଳେ ବାଉନ୍ସରମାନେ ନିଯୁକ୍ତ ମାଡ଼ ମାରିଥିଲେ। ରାଜଧାନୀରେ ଏଭଳି ଏକାଧିକ ବାର୍‌ରେ ଅବକାରୀ କର୍ମଚାରୀଙ୍କୁ ଆକ୍ରମଣ କରାଯାଇଛି, ହେଲେ କୌଣସି ବାର୍ ମାଲିକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ବାର୍‌ଗୁଡ଼ିକର ନିୟମ ଉଲ୍ଲଂଘନ ନିତିଦିନିଆ ହୋଇଯାଇଛି। ପୋଲିସ ଓ ଅବକାରୀ ବିଭାଗର କେତେକଣ ଅଧିକାରୀ ବାର୍‌ଗୁଡ଼ିକୁ ମାସିକିଆ ଚାନ୍ଦା ନେଇ ଭିତିରି ଅନୁମତି ଦେଉଥିବା ମଧ୍ୟ ଅଭିଯୋଗ ହେଉଛି।

## ବାର୍‌ରେ ବିକ୍ରି ହେଉଛି ନକଲି, ଏକ୍ସପାଏରି ମଦ

ମଦ ଦୋକାନ ଅପେକ୍ଷା ବାର୍ ଆଉ ପପ୍‌ରେ ଏକ୍ସପାଏରି ଡେଟ୍‌ର ମଦ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ଏଠାରେ ଲୋକେ ମଦପିଇବା ସମୟରେ ଏକ୍ସପାଏରି ଡେଟ୍ ଦେଖନ୍ତି ନାହିଁ। ବିଶେଷକରି ଲୋକେ ନିଶାରେ ବୁଡ଼ି ରହୁଥିବା ସମୟରେ ବାର୍ କର୍ମଚାରୀମାନେ ଏକ୍ସପାଏରି ଡେଟ୍ ନ ଥିବା ବା ନକଲି ମଦ ଧରାଇ ଦେଉଛନ୍ତି। ତେଣୁ ଅବକାରୀ ବିଭାଗ ନିୟମିତ ଚଡ଼ାଉ କରି ଏକ୍ସପାଏରି ଓ ନକଲି ମଦ ଯାଞ୍ଚ କରିବା ଆବଶ୍ୟକ ବୋଲି ଦାବି ହେଉଛି। ନଚେତ ଆଗାମୀ ଦିନରେ ମଦ ମୃତ୍ୟୁ ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ।

ଯେଉଁ ବାର୍‌ଗୁଡ଼ିକ ନିୟମ ଉଲ୍ଲଂଘନ କରୁଛନ୍ତି ଓ ଆଗରେ ଶଟର ପକାଇ ଭିତରେ ଖୋଲା ରଖୁଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ।

# ଗିରଫ ଜୟଦୁର୍ଗା ଫାଉଣ୍ଡେସନ ଟ୍ରଷ୍ଟ ଅଧ୍ୟକ୍ଷାଙ୍କ ଠକେଇ ଗୁମର ଫିଟୁଛି

ହାଟଡିହି,୧୫।୨(ଶୁଭକାନ୍ତ ନାୟକ)

୨୨ଲକ୍ଷ ଟଙ୍କା ଠକେଇ ମାମଲାରେ ଜୟଦୁର୍ଗା ଫାଉଣ୍ଡେଶନ ଟ୍ରଷ୍ଟ ଅଧ୍ୟକ୍ଷା ସୁରେଶ୍ୱରୀ ସାଗରୀକା ଜେନା ଗତ ଶନିବାର ଗିରଫ ହେବା ପରେ ତାଙ୍କର ଠକେଇ ଗୁମର ଫିଟୁଛି । କେନ୍ଦୁଝର ଜିଲା ହାଟଡିହି ବ୍ଲକ ନନ୍ଦିପଦା ଥାନା ଅନ୍ତର୍ଗତ ଜଳକଙ୍କ ଗ୍ରାମର ସୁରେଶ୍ୱରୀ ସାଗରୀକାଙ୍କୁ ଖଣ୍ଡଗିରି ପୋଲିସ ସ୍ଥାନୀୟ ପୋଲିସ ସହାୟତାରେ ଗିରଫ କରିଛି । ତେବେ ଗିରଫ ପରେ ସୁରେଶ୍ୱରୀଙ୍କ ନାମରେ ନନ୍ଦିପଦା ଥାନାରେ ଆଉ ଏକ ଠକେଇ ମାମଲା (ନଂ ୧୦୬/୨୦୨୫) ମଧ୍ୟ ରହିଥିବା ଜଣାପଡ଼ିଛି । ମାମଲାରୁ ଜଣାଯାଇଛି ଯେ, ହାଟଡିହି ବ୍ଲକ ଅନ୍ତର୍ଗତ ସୁଲଣ ଗ୍ରାମର ସୁଶାନ୍ତ ରାଉତଙ୍କ ସ୍ତ୍ରୀଙ୍କୁ ଚାକିରି ଦେବାକୁ କହି ସୁରେଶ୍ୱରୀ ୧୫ ଲକ୍ଷ ଟଙ୍କା ଠକେଇ କରିଥିଲେ । ଏହି ମାମଲାରେ ତାଙ୍କ ନାମରେ ଚାର୍ଜସିଟ କୋର୍ଟରେ ଦାଖଲ ହୋଇଥିବା ନନ୍ଦିପଦା ଥାନା ପୋଲିସ ପ୍ରକାଶ କରିଛି । ସୁରେଶ୍ୱରୀ ଜୟଦୁର୍ଗା ଫାଉଣ୍ଡେଶନ ନାମରେ ଏକ ସଂସ୍ଥା ଗଠନ କରି ସାମାଜିକ କର୍ମୀ ଭାବେ ଚର୍ଚ୍ଚାରେ ଥିଲେ । ସୂଚନା ଯୋଗ୍ୟ, ଚାକିରି ଦେବାକୁ କହି ସୁରେଶ୍ୱରୀ ୨୨ଲକ୍ଷ ଟଙ୍କା ଠକେଇ କରିଥିବା ଭୁବନେଶ୍ୱରସ୍ଥିତ ଖଣ୍ଡଗିରି ଥାନାରେ ମାମଲା (ନଂ ୪୬୫/୨୦୨୫) ରୁଜୁ ହୋଇଥିଲା। ତେବେ ଗିରଫରୁ ବର୍ତ୍ତିବା ପାଇଁ ସୁରେଶ୍ୱରୀ ପ୍ରଥମେ ୧୭ ଜୁଲାଇ ୨୦୨୫ରେ ଓଡ଼ିଶା ହାଇକୋର୍ଟଙ୍କ ନିକଟରେ ଆଗୁଆ ଜାମିନ ଆବେଦନ(ନଂ ୪୬୮/୨୦୨୫) କରିଥିଲେ। ଅପରପକ୍ଷେ ୧୦ ଡିସେମ୍ବର ୨୦୨୫ରେ ହାଇକୋର୍ଟ ସୁରେଶ୍ୱରୀଙ୍କୁ ଜାମିନ ପାଇଁ ଭୁବନେଶ୍ୱର ଜେଏମ୍ଏଫ୍‌ସି -ଭି କୋର୍ଟରେ ସରେଣ୍ଡର କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ୨୦ ଜାନୁୟାରୀ ୨୦୨୬ରେ ସୁରେଶ୍ୱରୀ ହାଇକୋର୍ଟଙ୍କଠାରେ ଜାମିନ ସମ୍ପର୍କିତ ଆଉ ଏକ ଦରଖାସ୍ତ କରିଥିଲେ। ୨୯ ଜାନୁୟାରୀ ୨୦୨୬ରେ ଶୁଣାଣି ହୋଇ ଉକ୍ତ ଦରଖାସ୍ତକୁ ହାଇକୋର୍ଟ ଖାରଜ କରିଦେଇଥିଲେ। ତେବେ ଜାମିନ ନିମନ୍ତେ ଦ୍ୱିତୀୟ ଥର ପାଇଁ ସୁରେଶ୍ୱରୀ ୩୦ ଜାନୁୟାରୀ ୨୦୨୬ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଜାମିନ ଆବେଦନ(ନଂ ୧୬୬୪/୨୦୨୬)ର ଶୁଣାଣି ହୋଇନାହିଁ। ପୁନଶ୍ଚ ଏହି ମାମଲାରୁ ଆଶ୍ୱସ୍ତି ପାଇବା ପାଇଁ ସୁରେଶ୍ୱରୀ ପୂର୍ବରୁ ହାଇକୋର୍ଟଙ୍କ ଠାରେ ଏକ ଆବେଦନ (ସିଆର୍‌ଏଲ୍‌ଏମ୍‌ସି-ନଂ ୫୪୧୨/୨୦୨୫) କରିଥିଲେ। ଏହି ମାମଲାର ଶୁଣାଣି କରି ହାଇକୋର୍ଟ ଗତ ୧୮ ଡିସେମ୍ବର ୨୦୨୫ ରେ ଅପର ପକ୍ଷକୁ ନୋଟିସ ଜାରି ପାଇଁ ନିର୍ଦ୍ଦେଶ ଦେଇଥିଲେ। ଯାହାକି ଏବେ ବିଚାରାଧୀନ ରହିଛି।

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

ବଅଁରପାଳ,୧୫।୨(ସୁବାସ ଚନ୍ଦ୍ର ସାହୁ)

ଅନୁଗୋଳ ଜିଲା ଜଗନ୍ନାଥପୁର ଗ୍ରାମର ଜଣେ ୧୩ ବର୍ଷୀୟ ନାବାଳିକାଙ୍କୁ ରବିବାର ତାଙ୍କର ସମ୍ପର୍କୀୟ ମଉସା ବଳାତ୍କାର କରିଥିବାନେଇ ପଡ଼ିତାଙ୍କ ମା' ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ କହିବାନୁଯାୟୀ, କୋଲିଆରି ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ଜଣେ ବିଧବା ବଅଁରପାଳ ଥାନା ଅନ୍ତର୍ଗତ ଟେଣ୍ଟୋଲାଇ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ୫ ମାସ ହେବ ନିଜର ୨ ନାବାଳିକା ଝିଅଙ୍କୁ ନେଇ ରହୁଛନ୍ତି। ମହିଳା ଜଣଙ୍କ ଦିନ ମଜୁରିଆ ହୋଇଥିବାରୁ କାମ କରିବାକୁ ବାହାଳ ସାହିର ଜଣେ ବ୍ୟକ୍ତିଙ୍କ ଘରକୁ ଯାଇଥିଲେ। ସକାଳେ ଝିଅ କାନ୍ଦୁଥିବା ଜଣେ ବ୍ୟକ୍ତିଙ୍କ ଠାରୁ ଖବରପାଇ ପଡ଼ିତାଙ୍କ ମା' ଘରକୁ ଆସିଥିଲେ। ଘଟଣା ସମ୍ପର୍କରେ ଝିଅକୁ ପଚାରିବାରୁ ସେ ତାଙ୍କ ସମ୍ପର୍କୀୟ ମଉସା ପିତବାସ ନାଏକ ବଳାତ୍କାର କରିଥିବା କହିଥିଲେ। ଏହାଛଡ଼ା କାହା ଆଗରେ ପ୍ରକାଶ କଲେ ଜୀବନରେ ମାରିଦେବାକୁ ପଡ଼ିତାଙ୍କୁ ଧମକ ଦେଇଥିଲେ। ପଡ଼ିତାଙ୍କ ମା' ଗ୍ରାମବାସୀଙ୍କ ସହାୟତାରେ ଆଶା ଦିଦି ଓ ଅଙ୍ଗନୱାଡ଼ି ଦିଦିଙ୍କୁ ଜଣାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ପଡ଼ିତାଙ୍କ ମା'ଙ୍କ ଲିଖିତ ଅଭିଯୋଗକୁ ନେଇ ପୋଲିସ ଏକ ପୋକ୍ସୋ ମାମଲା ନଂ. ୭୮/୨୬ ରୁଜୁକରିବା ସହ ଥାନା ଅଧିକାରିଣୀ ତପୋଇଇ ନାଏକ ତଦନ୍ତ କରୁଛନ୍ତି।

# ମାଓବାଦୀଙ୍କ ନାଁରେ ବ୍ୟାନର ଲଗାଇ ୨ ଗିରଫ

**ଅଭିଯୁକ୍ତଙ୍କ ମଧ୍ୟରେ ୱେବ୍ ଖବରଦାତା**

ରାୟଗଡ଼ା,୧୫।୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାର ୩ଟି ସ୍ଥାନରେ ଗତ ଶୁକ୍ରବାର ମାଓବାଦୀଙ୍କ ନାଁରେ ବ୍ୟାନର ଲଗାଇବା ଘଟଣାରେ ପୋଲିସ ରବିବାର ୨ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ରାୟଗଡ଼ାର ଜଣେ ୱେବ୍ ଖବରଦାତା ବୋଲି ସୂଚନା ମିଳିଛି। ଅନ୍ୟ ଜଣେ ହେଲେ କାଶୀପୁର ବ୍ଲକର ବଳି ମାଝୀ। ବଳି ଏଥିପୂର୍ବରୁ ମାଓବାଦୀ ମାମଲାରେ ବହୁବାର ଗିରଫ ହୋଇ ଜେଲ ଯାଇଥିଲେ। ଉଭୟଙ୍କୁ ରବିବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀ ମାଇନା କରାଯାଇଛି। ଏ ନେଇ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଅମୂଲ୍ୟ କୁମାର ଧରଙ୍କ ପ୍ରତିକ୍ରିୟା ନେବାରୁ ଏ ସଂକ୍ରାନ୍ତରେ ଜିଲା ଏସ୍‌ପି ସୋମବାର ଖବରଦାତା ସମ୍ମିଳନୀରେ ଅଧିକ ସୂଚନା ଦେବେ ବୋଲି କହିଛନ୍ତି। ସୂଚନା ଥାଉକି, ରାୟଗଡ଼ା ସହର ଉପକଣ୍ଠ ବାଇଗିଁ ପଞ୍ଚାୟତ ଧୁମାଗୁଡ଼ା ବସ୍ତ୍ରପ୍ତ, ଚାନ୍ଦିଲି ଥାନା ଅଧୀନ ପାଇକପଡ଼ା ଓ କଲ୍ୟାଣସିଂହପୁର ବ୍ଲକର ବୁଢ଼ାଗୁଡ଼ା ପଞ୍ଚାୟତ କୁମ୍ଭଗୁଡ଼ା ଛକରେ ମାଓବାଦୀ ବ୍ୟାନର ଲାଗିଥିଲା। ଗ୍ରୁ ପଓଣ୍ଡ ଲୋକେ ମର୍ଣ୍ଣିଂ ୱାକ୍‌ରେ ଯିବା ସମୟରେ ଧୁମାଗୁଡ଼ା ବସ୍ତ୍ରପ୍ତରେ ସିପିଆଇ ମାଓବାଦୀ ସଙ୍ଗଠନ ପକ୍ଷରୁ ବ୍ୟାନର ଲାଗିଥିବା ଦେଖିବାକୁ ପାଇଥିଲେ। ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା, ଆଜାଦ୍, ଉଦୟ ଓ ନିଖିଳ ଅଦିବାସୀ ନ ଥିଲେ। ସେମାନେ ଆଦିବାସୀଙ୍କୁ ମାଓବାଦୀ ସଙ୍ଗଠନରେ ସାମିଲ କରାଇ ତାଙ୍କ ଉପରେ ଅତ୍ୟାଚାର କରୁଥିଲେ ବୋଲି ଉକ୍ତ ବ୍ୟାନରରେ ଉଲ୍ଲେଖ ରହିଥିଲା।

## Business

# ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳପଥ ନିର୍ମାଣରେ ଅଗ୍ରଗତି

**ଟନେଲ ୭ରେ ଆଧୁନିକ ସୁରକ୍ଷା ପ୍ରଣାଳୀ ସ୍ଥାପନ**

ଭୁବନେଶ୍ୱର,୧୫।୨(ଅନୁରାଧା ମହାରଣା)



ଖୋର୍ଦ୍ଧା ରୋଡ-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ସୁଡ଼ଙ୍ଗ ନମ୍ବର ୭ରେ ପୂର୍ବତଟ ରେଳପଥ ପକ୍ଷରୁ ବ୍ୟାପକ, ଅତ୍ୟାଧୁନିକ ସୁରକ୍ଷା ଏବଂ ଜରୁରିକାଳୀନ ପରିଚାଳନା ବ୍ୟବସ୍ଥା ସ୍ଥାପନ ସମ୍ପୂର୍ଣ୍ଣ କରିଛି। ବୌଦ୍ଧ ଜିଲା ପୁରୁଣାକଟକ ଓ ଚାରିଛକ ମଧ୍ୟରେ ଅବସ୍ଥିତ ୧,୯୬୫ ମିଟର ଲମ୍ବ ଟନେଲ ୭ରେ ସଦ୍ୟତିସଫଳ ଟନେଲ ବ୍ରେକ୍‌ଥ୍ରୁ ସହିତ ନିର୍ମାଣ କାର୍ଯ୍ୟର ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରାଯାଇଛି। ଉଭୟ ଓଡ଼ିଶା ଏବଂ ରାଜ୍ୟର ପଶ୍ଚିମ ଏବଂ କେନ୍ଦ୍ରୀୟ ଅଞ୍ଚଳ ମଧ୍ୟରେ ଦୀର୍ଘକାଳୀନ ସଂଯୋଗୀକରଣ ବ୍ୟବଧାନକୁ ପୂରଣ କରିବାରେ ଟନେଲ-୭ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଏହା କାର୍ଯ୍ୟକ୍ଷମ ହେବା ପରେ ଏହି ଲାଇନ ଦ୍ରୁତ, ସୁରକ୍ଷିତ ଏବଂ ଅଧିକ ଦକ୍ଷ ରେଳ ସଂଯୋଗ ପ୍ରଦାନ କରିବ, ଯାତ୍ରୀଙ୍କ ସୁଗମ ପରିବହନ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ପରିବହନକୁ ସହଜ କରିବ। ସୂଚନା ଥାଉକି, ସୁଡ଼ଙ୍ଗରେ ଉନ୍ନତ ଯାନ୍ତ୍ରିକ, ବୈଦ୍ୟୁତିକ ଏବଂ ପ୍ଲମ୍ବିଂ ସିଷ୍ଟମ ଯୋଗାଇ ଦିଆଯାଇଛି। ଜରୁରିକାଳୀନ ପରିସ୍ଥିତିରେ ବାୟୁ ଗୁଣବତ୍ତା ବଜାୟ ରଖିବା ଏବଂ ଧୂଆଁର ଗତିବିଧିକୁ ପ୍ରଭାବଶାଳୀ ଭାବରେ ନିୟନ୍ତ୍ରଣ କରିବା ପାଇଁ ଜେଟ ଫ୍ୟାନ ରହିଛି। ହାଇଡ୍ରାଣ୍ଟ ଲାଇନ, ହୋସ ରିଲ ଏବଂ ଜଳଯୋଗାଣିକ ଭାବରେ ରଖାଯାଇଥିବା ଅଗ୍ନି ନିର୍ବାପକ ଯନ୍ତ୍ର ସମେତ ବ୍ୟାପକ ଅଗ୍ନି ନିର୍ବାପନ ବ୍ୟବସ୍ଥା ସ୍ଥାପନ କରାଯାଇଛି। ବିଦ୍ୟୁତ୍ ବ୍ୟାକଅପ ସହିତ ସୁଡ଼ଙ୍ଗ ଆଲୋକୀକରଣ ଏବଂ ସ୍ୱୟଂଚାଳିତ ଜରୁରିକାଳୀନ ଆଲୋକୀକରଣ ବ୍ୟବସ୍ଥା, ବିଦ୍ୟୁତ୍ ବିଫଳତା କିମ୍ବା ଜରୁରିକାଳୀନ ପରିସ୍ଥିତିରେ ଯାତ୍ରୀମାନଙ୍କୁ ସୁରକ୍ଷିତ ଏବଂ ମାର୍ଗଦର୍ଶନ କରିବା ପାଇଁ ଆଲୋକିତ ପ୍ରସ୍ଥାନ ଏବଂ ଦିଗ ସୂଚକ ସାଇନେଜର ବ୍ୟବସ୍ଥା ରହିଛି। ଯାତ୍ରୀମାନଙ୍କ ସହିତ ବାସ୍ତବ ସମୟ ଯୋଗାଯୋଗ ସୁନିଶ୍ଚିତ କରିବା ଏବଂ ସୁଡ଼ଙ୍ଗର ସ୍ଥିତି ଉପରେ ନିରନ୍ତର ନିରୀକ୍ଷଣ ମାଧ୍ୟମରେ କୌଣସି ଅସ୍ୱାଭାବିକ ପରିସ୍ଥିତିକୁ ପୂର୍ବରୁ ଚିହ୍ନଟ କରିବା ପାଇଁ ପବ୍ଲିକ ଆଡ୍ରେସ (ପିଏ) ଓ ସିସିଟିଭି ନିରୀକ୍ଷଣ ପ୍ରଣାଳୀ ସ୍ଥାପିତ କରାଯାଇଛି। ମୋବାଇଲ ନେଟୱର୍କ ସଂଯୋଗ ସୀମିତ ଥିବା ଅଞ୍ଚଳଗୁଡ଼ିକରେ ବିଶେଷକରି, ଟନେଲ ଭିତରୁ ଯାତ୍ରୀମାନେ ସିଧାସଳଖ କଣ୍ଟ୍ରୋଲ ରୁମ ସହିତ ସମ୍ପର୍କ ସ୍ଥାପନ କରିପାରିବାକୁ ଏସ୍‌ଓଏସ୍ ଜରୁରିକାଳୀନ କଲିଂ ପ୍ରଣାଳୀ ସ୍ଥାପନ କରାଯାଇଛି। ନିରନ୍ତର ତାପମାତ୍ରା ନିରୀକ୍ଷଣ ପାଇଁ ଲିନିୟର ହିଟ ଡିଟେକ୍ସନ ସିଷ୍ଟମ, ଯାହା ଆଗୁଆ ଅଗ୍ନି ସଂଯୋଗ ସ୍ଥାନକୁ ଚିହ୍ନଟ କରିବା ସହିତ ଦ୍ରୁତ ପ୍ରତିକ୍ରିୟା ସୁନିଶ୍ଚିତ କରିବ। ଭାରତୀୟ ରେଳପଥ ସୁରକ୍ଷା, ସ୍ଥିରତା ଏବଂ ଦୀର୍ଘକାଳୀନ କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ପାଇଁ ସୁଡ଼ଙ୍ଗ ଅଂଶଗୁଡ଼ିକରେ ଉନ୍ନତ ବାଲାଷ୍ଟଲେସ (ସ୍ଲାବ) ଟ୍ରାକ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିଛି। ସ୍ଥାପିତ ସମସ୍ତ ସିଷ୍ଟମକୁ ଠିକ ସଂସ୍ଥାପନ ଏବଂ ସଂଯୋଜନ ପାଇଁ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଇଛି। କାର୍ଯ୍ୟକ୍ଷମ ପରୀକ୍ଷଣ ଚାଲିଛି ଏବଂ ପର୍ଯ୍ୟାୟକ୍ରମେ କାର୍ଯ୍ୟକ୍ଷମ କରାଯିବ, ରେଳୱେଗୁଡ଼ିକ ପର୍ଯ୍ୟବେକ୍ଷଣକୁ ତୁରନ୍ତ ସମାଧାନ କରାଯିବ।

# ନାଲକୋ, ଏନ୍‌ଏଲ୍‌ସିଆଇଏଲ୍ ମଧ୍ୟରେ ଶକ୍ତି ସହଯୋଗ ପାଇଁ ବୁଝାମଣା



ଭୁବନେଶ୍ୱର,୧୫।୨(ଅନୁରାଧା ମହାରଣା)

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନରେ ଥିବା ନବରତ୍ନ କେନ୍ଦ୍ରୀୟ ସରକାରୀ ଉଦ୍ୟୋଗ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲକୋ) ଏବଂ ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡ (ଏନ୍‌ଏଲ୍‌ସିଆଇଏଲ୍) ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ଏହି ବୁଝାମଣା ନାଲକୋର ୧୦୮୦ ମେଗାୱାଟ ଥର୍ମାଲ କ୍ୟାପଟିଭ ପାୱାର ପ୍ରୋଜେକ୍ଟ ଏବଂ ଏନ୍‌ଏଲ୍‌ସିଆଇଏଲ୍‌ର ଅନ୍ୟ ଏବଂ ନବୀକରଣଯୋଗ୍ୟ ଶକ୍ତି ବିକାଶ କ୍ଷେତ୍ରରେ ସହଯୋଗକୁ ଆହୁରି ମଜବୁତ କରିବା ଉଦ୍ଦେଶ୍ୟରେ ହୋଇଛି। ଏହି ଏମ୍‌ଓୟୁ ତାମିଲନାଡୁର ମହାବଳିପୁରମରେ ସ୍ୱାକ୍ଷର ହୋଇଥିଲା। ନାଲକୋର ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରୋଜେକ୍ଟ ଆଣ୍ଡ ଟେକ୍ନିକାଲ) ଜଗଦୀଶ ଆରୋରା ଏବଂ ଏନ୍‌ଏଲ୍‌ସିଆଇଏଲ୍‌ର ଚେୟାରମ୍ୟାନ କମ୍ ମ୍ୟାନେଜିଂ ଡାଇରେକ୍ଟର ପ୍ରସନ୍ନ କୁମାର ମୋଟୁପଲ୍ଲୀ ଡାଇରେକ୍ଟରମାନଙ୍କ ଉପସ୍ଥିତିରେ ଏହି ସ୍ୱାକ୍ଷର ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ବୁଝାମଣା ନାଲକୋର କ୍ୟାପଟିଭ ଏବଂ ଦୀର୍ଘକାଳୀନ ବିଦ୍ୟୁତ୍ ଆବଶ୍ୟକତାକୁ ସମର୍ଥନ କରିବା ସହିତ ସ୍ଥାୟୀ ଶକ୍ତି ସମାଧାନ ଉପରେ ଗୁରୁତ୍ୱ ଦେବ। ଏହା ଦୀର୍ଘକାଳୀନ ବିଦ୍ୟୁତ୍ ସମ୍ପର୍କ ଏବଂ କୋଇଲା ଯୋଗାଣ ବ୍ୟବସ୍ଥା ପାଇଁ ଏକ ସୁଗଠିତ ଢାଞ୍ଚା ପ୍ରଦାନ କରିବ। ଭବିଷ୍ୟତରେ ଯୌଥ ପ୍ରୋଜେକ୍ଟ ବିକାଶ ମଧ୍ୟ ଏହି ଭାଗିଦାରୀରେ ଅନ୍ତର୍ଭୁକ୍ତ ହେବ।

# ୧୯,୬୭୫ କୋଟିର ଏଫ୍‌ପିଆଇ ନିବେଶ

ନୂଆଦିଲ୍ଲୀ,୧୫।୨(ପି.ଟି.)

**ଟ୍ରେଡ୍ ଡିଲ୍‌ର ପ୍ରଭାବ**

ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମାର ପ୍ରଭାବ ଏବଂ ବୈଶ୍ୱିକ ସ୍ତରରେ ମାକ୍ରୋ ଅର୍ଥନୀତି ସମ୍ପର୍କିତ ଚିନ୍ତା କମିବା ଫଳରେ ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫ୍‌ପିଆଇ)ମାନେ ଚଳିତ ମାସର ପ୍ରଥମ ୧୫ ଦିନରେ ଭାରତୀୟ ପୁଞ୍ଜି ବଜାରରେ ୧୯,୬୭୫ କୋଟି ଟଙ୍କା ନିବେଶ କରିଛନ୍ତି। ଏହା ପୂର୍ବରୁ କ୍ରମାଗତ ୩ ମାସ ଧରି ଏଫ୍‌ପିଆଇମାନେ ଭାରତୀୟ ଶେୟାର ବଜାରରୁ ସେମାନଙ୍କ ଅର୍ଥଧନ ପ୍ରତ୍ୟାହାର କରିଚାଲିଥିଲେ। ଜାନୁଆରୀରେ ସେମାନେ ୩୫,୯୬୨ କୋଟି ଟଙ୍କାର ଶେୟାର ବିକ୍ରି କରିଥିବାବେଳେ ଡିସେମ୍ବରରେ ୨୨,୬୧୧ କୋଟି ଏବଂ ନଭେମ୍ବରରେ ୩,୭୬୫ କୋଟି ଟଙ୍କା ପୁଞ୍ଜି ବଜାରରୁ ପ୍ରତ୍ୟାହାର କରିନେଇଥିଲେ ବୋଲି ଜମାକାରୀ ସଂସ୍ଥାଗୁଡ଼ିକର ତଥ୍ୟରୁ ଜଣାପଡ଼ିଛି। ମୋଟାମୋଟି ଭାବେ ୨୦୨୫ରେ ଭାରତୀୟ ପୁଞ୍ଜିବଜାରରୁ ଏଫ୍‌ପିଆଇମାନେ ମୋଟ ୧.୬୬ ଲକ୍ଷ କୋଟି ଟଙ୍କା (୧୮.୯ ବିଲିୟନ ଡଲାର) ଉଠାଇ ନେଇଥିଲେ, ଯାହାକି ବିଦେଶୀ ନିବେଶ ପାଇଁ ଅନ୍ୟତମ ସବୁଠୁ ଖରାପ ସମୟ ଥିଲା। ଟଙ୍କା ମୂଲ୍ୟରେ ଅସ୍ଥିର ଗତି, ବିଶ୍ୱ ବାଣିଜ୍ୟକୁ ନେଇ ଉତ୍ତେଜନା, ସମ୍ଭାବ୍ୟ ଆମେରିକା ଟାରିଫକୁ ନେଇ ଚିନ୍ତା ଏବଂ କମ୍ପାନୀଗୁଡ଼ିକର ଶେୟାର ମୂଲ୍ୟ ତାଙ୍କର ପ୍ରକୃତ ବ୍ୟବସାୟିକ କ୍ଷମତାଠାରୁ ଅଧିକ ହେବା ଆଦି କାରଣରୁ ଅର୍ଥଧନ ବିକ୍ରି ବଢ଼ିଥିଲା। ତେବେ ବାଣିଜ୍ୟ ଚୁକ୍ତିନାମା ପରେ ଅବସ୍ଥାରେ ପରିବର୍ତ୍ତନ ଆସିଛି। ଫେବୃଆରୀ ୧୩ ତାରିଖ ସୁଦ୍ଧା ଏଫ୍‌ପିଆଇମାନେ ଭାରତୀୟ ଶେୟାର ବଜାରରେ ୧୯,୬୭୫ କୋଟି ଟଙ୍କା ନିବେଶ କରିଛନ୍ତି। ବୈଶ୍ୱିକ ମାକ୍ରୋ ଅର୍ଥନୀତି ଚିନ୍ତା ହ୍ରାସ, ବିଶେଷ କରି ଆମେରିକା ମୁଦ୍ରାସ୍ଫୀତି କମିବା, ସୁଧହାର ପାଇଁ ଏକ ସକାରାତ୍ମକ ଦୃଷ୍ଟିକୋଣ ସୃଷ୍ଟି କରିଥିବାରୁ ବଣ୍ଡରୁ ମିଳିବାକୁ ଥିବା ବାର୍ଷିକ ସୁଧ ବା ରିଟର୍ନ ଏବଂ ଆମେରିକା ଡଲାରରେ ସ୍ଥିରତା ଆଣିବାରେ ସହାୟକ ହୋଇଛି। ସେଥିପାଇଁ ନିବେଶକମାନେ ଭାରତୀୟ ଷ୍ଟକ ମାର୍କେଟକୁ ଅର୍ଥଧନ ଢାଳିଛନ୍ତି ବୋଲି ମର୍ଣ୍ଣିଂଷ୍ଟାର ଇନଭେଷ୍ଟମେଣ୍ଟ ରିସର୍ଚ୍ଚ ଇଣ୍ଡିଆର ପ୍ରମୁଖ ପରିଚାଳକ ହିମାଂଶୁ ଶ୍ରୀବାସ୍ତବ କହିଛନ୍ତି।

# ବିଜିୟୁରେ ଏଆଇ ଚାଳିତ ଲୋକନୀତି ଉପରେ ସମ୍ମିଳନୀ



ଭୁବନେଶ୍ୱର,୧୫।୨(ଅନୁରାଧା ମହାରଣା)

ବିଜୁ ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ)ରେ 'କୃତ୍ରିମ ବୁଦ୍ଧିମତ୍ତା-ଚାଳିତ ଲୋକନୀତି: ପ୍ରଯୁକ୍ତି ଓ ମାନବବାଦୀତାର ସମନ୍ୱୟ' ଶୀର୍ଷକ ଏକ ମାନବ ସମ୍ବଳ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶିଳ୍ପ ଓ ଶିକ୍ଷାଜଗତର ବିଶିଷ୍ଟବ୍ୟକ୍ତିମାନେ ଅଂଶଗ୍ରହଣ କରି କିପରି କୃତ୍ରିମ ବୁଦ୍ଧିମତ୍ତା ମାନବୀୟ ମୂଲ୍ୟବୋଧକୁ ପ୍ରତିସ୍ଥାପିତ ନ କରି ତାହାକୁ ସଶକ୍ତ କରିପାରିବ ସେନେଇ ଆଲୋଚନା କରିଥିଲେ। ନିଯୁକ୍ତି ପ୍ରକ୍ରିୟା, ଶିକ୍ଷା ଓ ପ୍ରଶିକ୍ଷଣ, କାର୍ଯ୍ୟଦକ୍ଷତା ପରିଚାଳନା ଓ ସମ୍ପର୍କରେ ଚର୍ଚ୍ଚା ହୋଇଥିଲା। କୃତ୍ରିମ ବୁଦ୍ଧିମତ୍ତା ଗ୍ରହଣ ସମ୍ବନ୍ଧୀୟ ନୈତିକ, ଆଇନଗତ ଓ ଭାବନାତ୍ମକ ଦିଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ମୁଖ୍ୟ ବକ୍ତା ରିତା ମାଲହୋତ୍ରା 'କୃତ୍ରିମ ବୁଦ୍ଧିମତ୍ତା-ଚାଳିତ ପ୍ରତିଭା ଅର୍ଜନ ଓ କାର୍ଯ୍ୟଶକ୍ତି ବିଶ୍ଳେଷଣରେ ଆଲଗୋରିଦିମ ଭିତ୍ତିକ ପକ୍ଷପାତ, ବିଶ୍ୱାସର ଅଭାବ ଓ ପରିବର୍ତ୍ତନ ପ୍ରତି ପ୍ରତିରୋଧ ଭଳି ଚିନ୍ତା ବିଷୟଗୁଡ଼ିକୁ ମାନବୀୟ ନିରୀକ୍ଷଣ ସହିତ ପ୍ରକ୍ରିୟା ମାଧ୍ୟମରେ ସମାଧାନ କରିବା ଆବଶ୍ୟକ, ଯାହା ମାନବ ସମ୍ବଳ ପ୍ରକ୍ରିୟାରେ ନ୍ୟାୟସଙ୍ଗତତା ଓ ପରିପ୍ରେକ୍ଷୀରେ ସମ୍ବେଦନଶୀଳତା ସୁନିଶ୍ଚିତ କରିବ। ମୁଖ୍ୟ ଅତିଥି ସତ୍ୟନାରାୟଣ ବିଶ୍ୱାମୋହି ଉଲ୍ଲେଖ କରିଥିଲେ, 'କୃତ୍ରିମ ବୁଦ୍ଧିମତ୍ତା ଦଶନ୍ଧି ଧରି ବିକଶିତ ହୋଇଆସୁଛି ଏବଂ ବର୍ତ୍ତମାନ ତାହାର ବ୍ୟାପକତା ଓ ସହଜଲଭ୍ୟତା ଦାୟିତ୍ୱପୂର୍ଣ୍ଣ ସମୀକ୍ଷାକୁ ଆହ୍ୱାନ କରୁଛି। ଏହି ମଞ୍ଚ ମାନବ ସମ୍ବଳ ବୁଦ୍ଧିଜୀବୀ, ମାନବ ବିଶ୍ଳେଷଣ ବିଶେଷଜ୍ଞ, ପ୍ରଶାସନିକ ପ୍ରବନ୍ଧକ, ନବପ୍ରତିଷ୍ଠିତ ଉଦ୍ୟମ ସଂସ୍ଥାପକ ଓ ପରାମର୍ଶଦାତାମାନଙ୍କୁ ଏକତ୍ର କରି କୃତ୍ରିମ ବୁଦ୍ଧିମତ୍ତା-ଚାଳିତ ମାନବ ସମ୍ବଳ ସମାଧାନର ଅନୁଭବ ଓ ଶ୍ରେଷ୍ଠ ପ୍ରଚଳନ ବିନିମୟ ପାଇଁ ଏକ ସୁଦୃଢ଼ ମଞ୍ଚ ପ୍ରଦାନ କରିଥିଲା।

# ଡାକ ବିଭାଗ ଓ ଏନ୍‌ଏସ୍‌ଇ ମଧ୍ୟରେ ଏମ୍‌ଓୟୁ

ଭୁବନେଶ୍ୱର,୧୫।୨(ଅନୁରାଧା ମହାରଣା)

ଭାରତ ସରକାରଙ୍କ ସଞ୍ଚାର ମନ୍ତ୍ରଣାଳୟ, ଡାକ ବିଭାଗ (ଡିଓପି) ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ଅଫ ଇଣ୍ଡିଆ ଲିମିଟେଡ (ଏନ୍‌ଏସ୍‌ଇ) ମଧ୍ୟରେ ଏନ୍‌ଏସ୍‌ଇ ଏମ୍‌ଏଫ ଇନଭେଷ୍ଟ ପ୍ଲାଟଫର୍ମ ଉପରେ ସହଭାଗିତା କରିବା ପାଇଁ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି । ଯାହାକି ଆର୍ଥିକ ଅନ୍ତର୍ଭୁକ୍ତୀକରଣର ଅଗ୍ରଗତି ଏବଂ ଅନ୍ତ୍ୟୋଦୟ ଓ ବିକଶିତ ଭାରତ ୨୦୪୭ ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ସହଭାଗିତା ବିଶେଷ କରି ଗ୍ରାମାଞ୍ଚଳ ଓ ଅର୍ଦ୍ଧସହରାଞ୍ଚଳରେ ଲକ୍ଷ ଲକ୍ଷ ଭାରତୀୟଙ୍କ ସ୍ୱଳ୍ପ ସଞ୍ଚୟକୁ ମ୍ୟୁଚୁଆଲ ଫଣ୍ଡ ନିବେଶ ମାଧ୍ୟମରେ ସଂଗଠିତ ସମ୍ପତ୍ତି ସୃଷ୍ଟି ସୁଯୋଗରେ ରୂପାନ୍ତର କରିବା ପାଇଁ ଲକ୍ଷ୍ୟ ରଖିଛି । ଏହି ଏମ୍‌ଓୟୁ ଏନ୍‌ଏସ୍‌ଇର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ଆଶିଷ କୁମାର ଚୌହାନଙ୍କ ଉପସ୍ଥିତିରେ ଡାକ ବିଭାଗର (ସିଟିଜେନ ସେଣ୍ଟ୍ରିକ ସର୍ଭିସେସ ଆଣ୍ଡ ରୁରାଲ ବିଜନେସ୍) ମହାପ୍ରବନ୍ଧକ ମନୀଷା ବଂଶଲ ବାଦଲ ଓ ଏନ୍‌ଏସ୍‌ଇର ମୁଖ୍ୟ ବାଣିଜ୍ୟିକ ବିକାଶ ଅଧିକାରୀ (ସିବିଡିଓ) ଶ୍ରୀରାମ କ୍ରିଷ୍ଣନଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା । ଏହି ଚୁକ୍ତି ଅଧୀନରେ ଏନ୍‌ଏସ୍‌ଇ ଇ-କେୱାଇସି, ଅନବୋର୍ଡିଂ, ଟ୍ରାଞ୍ଜାକ୍ସନ ଓ ବ୍ୟାକଏଣ୍ଡ ଅପରେଶନକୁ କଭର କରୁଥିବା ଏକ ଇଣ୍ଟିଗ୍ରେଟେଡ ଏଣ୍ଡ-ଟୁ-ଏଣ୍ଡ ଡିଜିଟାଲ ପ୍ଲାଟଫର୍ମ ପ୍ରଦାନ କରିବ । ଏହା ୨୫୦୦୦ରୁ ଅଧିକ ଇଣ୍ଡିଆ ପୋଷ୍ଟ କର୍ମଚାରୀଙ୍କ ପାଇଁ ଏନ୍‌ଆଇଏସ୍‌ଏମ୍ ସାର୍ଟିଫିକେସନ ଓ ଇଉସିଆଇଏନ ପଞ୍ଜୀକରଣ ପାଇଁ ପାଣ୍ଠି ପ୍ରଦାନ କରିବ ଏବଂ ସହଜ କାର୍ଯ୍ୟକାରିତା ନିଶ୍ଚିତ କରିବା ପାଇଁ ପୋଷ୍ଟାଲ ସର୍କଲଗୁଡ଼ିକରେ ଡେଡିକେଟେଡ ଟେକ୍ନିକାଲ ସପୋର୍ଟ ଟିମ ନିଯୁକ୍ତ କରିବ। ଏହାର ରୋଲଆଉଟ ବିସ୍ତୃତ ଇକୋସିଷ୍ଟମରେ ବିସ୍ତାର ହେବା ପୂର୍ବରୁ ପ୍ରଥମ ଥର ଓ ଡିଆଇଓୟାଇ ନିବେଶକଙ୍କ ପାଇଁ ସରଳ, କ୍ଷୁଦ୍ର ଟିକେଟ ମ୍ୟୁଚୁଆଲ ଫଣ୍ଡ ଉତ୍ପାଦ ସହ ଆରମ୍ଭ ହେବ ।

# ଗଜପତି କୋଣାର୍କ ପଠାଇଥିଲେ ରାଜାଭିଷେକ, ବିବାହ ବେଳର ୧,୫୧,୬୫୧ ମାଢ଼ ସୁନା




ବର୍ତ୍ତମାନର ସୋନପୁର ଭଗ୍ନ ରାଜବାଟୀ ଏବଂ ସୁବର୍ଣ୍ଣପୁର ସହର ରାମେଶ୍ୱରସ୍ଥିତ ମହାନଦୀ ଓ ତେଲନଦୀର ସଙ୍ଗମ ସ୍ଥଳ। **(ଫଟୋ: ମୃତ୍ୟୁଞ୍ଜୟ ଶତପଥୀ, ସୋନପୁର)**

**ଡ. ସୁରେନ୍ଦ୍ର କୁମାର ମିଶ୍ର**

ଗତ ସଂଖ୍ୟାରେ ଆମେ ସାମ୍ରାଜ୍ୟ କେଉଁଠୁ, କେଉଁମାନେ ମନ୍ଦିର ନିର୍ମାଣ ପାଇଁ କେତେ ସହଯୋଗ କରିଥିଲେ ତା'ର ଏକ ଚିତ୍ର ଦେବାକୁ ଆରମ୍ଭ କରିଥିଲୁ। ଓଡ଼ିଆମାନେ ମନ୍ଦିର କରିନାହାନ୍ତି ବୋଲି ବାହାରିଆ ଲେଖକ ଯେଉଁ ମତ ଉଲ୍ଲେଖ କରିଥିଲେ, ତାହାକୁ ନିରାଧାର କରିବା ପାଇଁ ଏହା ଏକ ଆଧାର ସ୍ତମ୍ଭ। ଆମ ସୁନାରୁପା, ଆମ ମୁଦ୍ରା, ଆମ ଶିଳ୍ପୀ, ଆମ ପଥୁରିଆଙ୍କ ଦ୍ୱାରା ନିର୍ମିତ ହୋଇଥିଲା କୋଣାର୍କ ମନ୍ଦିର। ଏହି ପ୍ରସଙ୍ଗ ଶେଷ ହୋଇ ନାହିଁ।

ପୂର୍ବରୁ ଆମେ ସୂଚନା ଦେଇଥିଲୁ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣରେ ଶ୍ରୀମନ୍ଦିରର ଅବଦାନ ପ୍ରସଙ୍ଗରେ ଲେଖିଥିଲୁ 'ପୁରୁଷୋତ୍ତମ କ୍ଷେତ୍ରର ବଡ଼ଦେଉଳ ଅଧୀକ୍ଷକ ଥିଲେ ପଣ୍ଡିତ ମହାଦେବ ରାଜଗୁରୁ ମହାପାତ୍ର। ସେ ଶ୍ରୀମନ୍ଦିର ଭଣ୍ଡାରରୁ ୩,୪୦୩ ମାଢ଼ ସୁନା ଯୋଗାଇ ଦେଇଥିଲେ। ବିଡ଼ାନାସୀ କଟକରୁ ଆଦାୟ ହୋଇଥିବା ରାଜସ୍ୱ ଥିଲା ୩,୪୦୪ ମାଢ଼ ସୁନା। ତାହା କୋଣାର୍କକୁ ଆସିଥିଲା।'




ଆଉ ଗୋଟିଏ ସୁନା ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ ଥିଲା। ତାହା ବି ଲେଖିଥିଲୁ। ଗଜପତି ଲାଙ୍ଗୁଳା ନରସିଂହଦେବଙ୍କ ରାଜାଭିଷେକ ସମୟରେ ମହାଶ୍ରମଙ୍କୁ ସୁନାରେ ତଉଲା ଯାଇଥିଲା। ଅର୍ଥାତ୍ ଓଜନ ଅନୁଯାୟୀ ଅପର ପାର୍ଶ୍ୱରେ ସୁନା ରଖାଯାଇଥିଲା। ଏହା ଓଡ଼ିଶା ଇତିହାସରେ ପ୍ରଥମ ଓ ଏକ ଚମକପ୍ରଦ ଘଟଣା ଥିଲା। ସେ ସୁନା ହୋଇଥିଲା ୧,୪୩,୩୦୮ ମାଢ଼। ୧୨୩୮ ମସିହାରେ ସେ ସୁନାକୁ ମୁଦ୍ରାରେ ପରିଣତ କରାଯାଇ କୋଣାର୍କ ଭଣ୍ଡାରକୁ ପଠାଇ ଦିଆଯାଇଥିଲା।

ଆଉଏକ ଚମକପ୍ରଦ ଘଟଣା ଘଟିଥିଲା ଗଜପତିଙ୍କ ବିବାହ ସମୟରେ। ସେ ବିବାହ କରିଥିଲେ ଚୋଳପାଣ୍ଡ୍ୟ ବଂଶର ରାଜଧାନୀ ମଦୁରାଇର ରାଜଜେମାଙ୍କୁ। ଦକ୍ଷିଣ ଭାରତର ଏହି ମନ୍ଦିରମୟୀ ନଗରୀ ଭାରତର ୫୧ ଶକ୍ତିପୀଠ ମଧ୍ୟରୁ ଅନ୍ୟତମ ପୀଠ। ଏହା ମଧ୍ୟ ଥିଲା ତାମିଲନାଡୁର ସାଂସ୍କୃତିକ ରାଜଧାନୀ। ଏହିଠାରେ ମୀନାକ୍ଷୀ ଦେବୀଙ୍କ ମନ୍ଦିର ରହିଛି। ଏଠାରୁ ବିବାହ କରି ଫେରିବା ପରେ ଗଜପତିଙ୍କୁ 'କନକସ୍ନାନ' କରାଯାଇଥିଲା। କନକସ୍ନାନର ଅର୍ଥ ସୁନାରେ ସ୍ନାନ। ଆମ ଭାଷାରେ 'ସୁନାର ବର୍ଷା' କରାଯାଇଥିଲା।

ସେତେବେଳେ ପ୍ରତ୍ୟେକ ଧାର୍ମିକ କାର୍ଯ୍ୟର ନିର୍ଦ୍ଦେଶକ ଥିଲେ ରାଜଗୁରୁ ଭୁବନେଶ୍ୱର ମହାପାତ୍ର। ରାଜଗୁରୁଙ୍କୁ ମଧ୍ୟ ଶ୍ରୀପଦ୍ମକେଶର ମନ୍ଦିର ପ୍ରତିଷ୍ଠା ପରେ 'କନକସ୍ନାନ' କରାଯାଇଥିବା କଥା ପୋଥିରେ ଲେଖାହୋଇଛି। ସେଥିରେ ତାଙ୍କୁ ସୁନାମୁଦି, ହାତର କଙ୍କଣ, ହାର, କୁଣ୍ଡଳ ଏବଂ ବ୍ୟବହାର ପାଇଁ ସୁନାର ବିଭିନ୍ନ ପାତ୍ର ଉପହାର ଦିଆଯାଇଥିଲା। ସୁନାର ପରିମାଣ ଦେଖି ପୋଥିଲେଖକ 'ରାଜଗୁରୁଙ୍କ ଉପରେ ସୁନାର ବର୍ଷା ହୋଇଥିଲା ବୋଲି ଲେଖିଛନ୍ତି। ଏଥିରୁ ବୁଝିହେବ ଗଜପତିଙ୍କ କନକସ୍ନାନ ରହସ୍ୟ। ସେହି ବର୍ଷାରୁ ସେ ଯେତେ ସୁନା ପାଇଥିଲେ ତାଙ୍କରି ନିର୍ଦ୍ଦେଶମତେ ସେଥିରୁ ୮,୩୪୩ ମାଢ଼ ନିର୍ମାଣ ହୋଇଥିଲା।' ଓଡ଼ିଶାର ଲୋକକଥାରେ ଅଛି- ବନ୍ଦାପନାବେଳେ ଖାଲି ତ ସୁନାର ବର୍ଷା ହେଲା! ସେହିପରି ଅମାପ ସୁନା ସୋନପୁର ରାଜା ବର୍ଷା (ଦାନ ଦକ୍ଷିଣା) କରାଇଥିବାରୁ ତା'ର ପ୍ରାଚୀନ ନାମ 'ସୁବର୍ଣ୍ଣପୁର' ଥିଲା। ଅବଶ୍ୟ ଏହା ଲୋକକଥା। କେଉଁ ରାଜାଙ୍କ ଅମଳ କଥା ନିର୍ଦ୍ଦିଷ୍ଟ ଇତିହାସ ତଥ୍ୟ ଆମେ ପାଇନାହୁଁ କେବଳ ବୁଝିଛୁ- ଧନଧାନ୍ୟରେ ପୂର୍ଣ୍ଣ ଥିବାରୁ ସେହି ରାଜ୍ୟର ନାମ ସୁବର୍ଣ୍ଣପୁର ହୋଇଥିଲା। ତେବେ କନକ ସ୍ନାନରୁ ଲବ୍ଧ ୮,୩୪୩ ମାଢ଼ ସୁନା କୋଣାର୍କ ଭଣ୍ଡାରକୁ ଗଜପତି ଦାନ ଦେଇଥିଲେ, ଯାହା ମନ୍ଦିର ନିର୍ମାଣରେ ବ୍ୟବହୃତ ହୋଇଥିଲା।

ଗଜପତି ଲାଙ୍ଗୁଳା ନରସିଂହଦେବଙ୍କ ୮ମ ଅଙ୍କ ବେଳକୁ ଗୌଡ଼ ଦେଶ ଆମ ସାମ୍ରାଜ୍ୟ ଅନ୍ତର୍ଭୁକ୍ତ ଥିଲା। ସୁନିଆ ମହୋତ୍ସବ ସମୟରେ ତିନୋଟି ହାତୀରେ ସେଠାରୁ ଉପହାର ଆସି କଟକର ବିଡ଼ାନାସୀରେ ପହଞ୍ଚିଥିଲା। ୩୭,୦୩୦ ଅସରପି ମୁଦ୍ରା, ୦୭,୩୦୪ ବାଦଶାହା ମୁଦ୍ରା ଏହା ବଙ୍କାଟଙ୍କା ଭାବରେ ପରିଚିତ ଥିଲା। ରୁପାରେ ନିର୍ମିତ ଟଙ୍କା। ୦୭,୩୦୭ ମାଢ଼ ରୁପାଟଙ୍କା। ଏଥିରେ କୌଣସି ଚିହ୍ନ ନ ଥିଲା।

ଆମେ ଆର୍ଥିକ ସହଯୋଗର ସାମାନ୍ୟ ଚିତ୍ର ଦେଲୁ। ମନ୍ଦିର ପ୍ରତିଷ୍ଠା ସମାପ୍ତ ହେବା ପର୍ଯ୍ୟନ୍ତ କିଏ କିଏ ଶାରୀରିକ ସହଯୋଗ କରୁଥିଲେ, ତାହା ମଧ୍ୟ ଜାଣିବା କଥା। ମୁଖ୍ୟ ସ୍ଥପତି/ଶିଳ୍ପୀଙ୍କ ପ୍ରସଙ୍ଗକୁ ଆମେ ଯିବା ନାହିଁ। ସାଧାରଣ ବର୍ଗର ଓଡ଼ିଆ ନିଜ ଗାଁ, ଘରଦ୍ୱାର ଛାଡ଼ି ବର୍ଷ ବର୍ଷ ଧରି କୋଣାର୍କରେ ରହି ଯେଉଁ ସେବା ଓ ତ୍ୟାଗ ଦେଖାଇଛନ୍ତି, ତାଙ୍କୁ ପ୍ରଣାମ କରିବାକୁ ଇଚ୍ଛା ହୁଏ। ପାଉଣା ପାଇଁ କାମ କରୁଥିଲେ, ଏହା ଭାବିବା ଓ କହିବା ସେମାନଙ୍କ ପାଇଁ ଅପରାଧ ହେବ। ଘର ପରି ରହୁଥିଲେ। ଘର ପରି ଭୋଜିଭାତ କରି ଖାଉଥିଲେ। କିନ୍ତୁ କାମ ପାଇଁ ଯେ କୌଣସି ସମୟରେ ପ୍ରସ୍ତୁତ ଥିଲେ। ମୋର ସନ୍ଧ୍ୟା ୫ଟାରେ ସମୟ ଶେଷ ହୋଇଗଲା- କାଲି ଦଶଟାରେ କାମରେ ଯୋଗଦେବି। ଏପରି ମାନସିକତା 'ବିଶ୍ୱର ବିସ୍ମୟ' ସଫଳ ହେବା ସମ୍ଭବ ନୁହେଁ। ଆମେ ଏ ପ୍ରସଙ୍ଗକୁ କାହିଁକି ଲେଖୁଛୁ ଆପଣ ଜାଣିପାରୁଥିବେ। ବାହାର ଇତିହାସକାରଙ୍କ ପରି ଆମ ସାହିତ୍ୟିକମାନେ ଅନୁକମ୍ପା ହାସଲ ପାଇଁ ନିର୍ଯାତନା ଦିଆଯାଉଥିଲା ବୋଲି ଡିଣ୍ଡିମ ପିଟିଛନ୍ତି।

# ସଙ୍ଗଠନକୁ ସୁଦୃଢ଼ କରାଯିବ: ମନମୋହନ

## ୧୭ରେ କାର୍ଯ୍ୟକର୍ତ୍ତା, ୨୫ରୁ ଜୋନାଲ୍ସ୍ତରୀୟ ପ୍ରଶିକ୍ଷଣ



ମନମୋହନ ସାମଲ

**ଭୁବନେଶ୍ୱର,୧୫।୨ (ରବିନାରାୟଣ ଜେନା)**

ରାଜ୍ୟରେ ଭାଜପା ସଙ୍ଗଠନକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଆସନ୍ତା ୧୭ ତାରିଖରେ ରାଜ୍ୟ ଭାଜପା କାର୍ଯ୍ୟାଳୟରେ କାର୍ଯ୍ୟକର୍ତ୍ତାଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ରବିବାର ମନମୋହନ ସୂଚନା ଦେଇଛନ୍ତି, ତୃଣମୂଳସ୍ତରରେ ସଙ୍ଗଠନ କିପରି ସୁଦୃଢ଼ କରାଯିବ ସେ ନେଇ ନେତା ଓ କର୍ମୀମାନେ ତାଲିମ ନେବେ। ବିଧାୟକମାନେ ଓ ନୂଆ କାର୍ଯ୍ୟକର୍ତ୍ତାମାନେ ଏହି ପ୍ରଶିକ୍ଷଣରେ ଯୋଗଦେବେ। ପ୍ରଥମେ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ହେବ ଏବଂ ପରେ ୨୫ ତାରିଖରେ ଜୋନାଲ୍ ସ୍ତରୀୟ ତାଲିମ ପ୍ରଦାନ କରାଯିବ। ଜୋନାଲ୍ସ୍ତରୀୟ ପ୍ରଶିକ୍ଷଣରେ ଭାଜପାର କେନ୍ଦ୍ରୀୟ ନେତୃତ୍ୱ ଯୋଗଦେବେ। ଏହି ଶିବିରରେ ଝାଡ଼ଖଣ୍ଡ, ସିକ୍କିମ, ଆଣ୍ଡାମାନ ସମେତ ପୂର୍ବାଞ୍ଚଳ ରାଜ୍ୟର ଭାଜପା ନେତାମାନେ ଯୋଗଦେବେ। ତେବେ ପଶ୍ଚିମବଙ୍ଗରେ ନିର୍ବାଚନ ଯୋଗୁ ସେ ରାଜ୍ୟର ପ୍ରତିନିଧିମାନେ ଏହି ଜୋନାଲ୍ ପ୍ରଶିକ୍ଷଣରେ ଯୋଗ ଦେଇପାରିବେ ନାହିଁ ବୋଲି ସେ କହିଛନ୍ତି। ମନମୋହନଙ୍କ ସୂଚନା ଅନୁଯାୟୀ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ୍ ନବୀନ୍ ଓଡ଼ିଶା ଗସ୍ତରେ ଆସିବାର ରହିଛି। ମାତ୍ର ଏପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ କାର୍ଯ୍ୟସୂଚୀ ସ୍ଥିର ହୋଇନାହିଁ। ତେବେ ନିତିନ୍ ନବୀନ୍ ଖୁବଶୀଘ୍ର ଓଡ଼ିଶା ଆସିବେ। ଏହି ପ୍ରଶିକ୍ଷଣ ଶିବିର ମାଧ୍ୟମରେ ଦଳୀୟ କର୍ମୀମାନେ ତୃଣମୂଳ ସ୍ତରରେ କିପରି କାମ କରିବେ ଏବଂ ସଂଗଠନକୁ ସୁଦୃଢ଼ କରିବେ ସେ ନେଇ ରଣନୀତି ପ୍ରସ୍ତୁତ ହେବ। ଏହି କାର୍ଯ୍ୟକ୍ରମ ଭିନ୍ନ ଧରଣର ହେବ ବୋଲି ମନମୋହନ କହିଛନ୍ତି।


## GANGADHAR MEHER UNIVERSITY

AMRUTA VIHAR, SAMBALPUR-768004 (ODISHA)

No. 648 /GMU/2026 Date 14.02.2026

**RECRUITMENT NOTICE**

Gangadhar Meher University is seeking applications from Indian citizens having eligibility as per the UGC Notification, New Delhi, dated 4th July 2018, for appointment to the posts of Assistant Professor/ Associate Professor/ Professor against regular sanctioned posts in the mentioned departments: (Anthropology, Biotechnology, Botany, Chemistry, Commerce, Computer Science, Economics, Education, English, Geography, Hindi, History, Library and Information Science, Mathematics, Odia, Philosophy, Physics, Political Science, Psychology, Sanskrit, Sociology, Statistics and Zoology) as per the Letter No. 5322/HE, Dated 31.01.2026 of Department of Higher Education, Government of Odisha, Bhubaneswar. The online application form and department-wise reservation details will be made available on the University website **www.gmuniversity.ac.in** from 28th February 2026 onwards. For details of the terms and conditions, guidelines for applying etc. please visit the University website.

Application open date : 28th February 2026
Application closing date : 13th April 2026

Sd./- Registrar

## OFFICE OF THE SR. GENERAL MANAGER (ELECTRICAL)
## UPPER INDRAVATI HYDRO ELECTRIC PROJECT, MUKHIGUDA

DIST: KALAHANDI-766026, ODISHA, E-mail: sgmel_uihep@ohpcltd.com / sgmeluihep@gmail.com

ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax: 2542102, E-Mail: ohpc.co@gmail.com/md@ohpcltd.com.
WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER NO. UIHEP-52/2025-26 DATE: 13.02.2026**

No. 32001/94/2526 :- Sealed tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the **Reputed Manufacturers or its Channel Partners/ Authorized dealers** for supply of the following materials / providing services as mentioned below.

| Description of work | Cost of tender paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| **Supply of 03 nos. of 220 KV single phase Potential Transformers (PTs) for 220 KV Bus at Switchyard of UIHEP, Mukhiguda** | 7,080/- (inclusive of GST) | 13,517/- | From 21.02.2026 to 06.03.2026 upto 12:00 Hrs. | 06.03.2026 (upto 13.00 Hrs) | 06.03.2026 at 16:30 Hrs. |

For details of the tender documents, terms and conditions please visit our website www.ohpcltd.com

OIPR-32001/32136/1/25-26/0038 Sd./- C&P Head, UIHEP, Mukhiguda

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE

E-Mail ID: serw_balasore@yahoo.in, Ph. No.: 06782-260318, Balia, Balasore

No. 25001/172/2526 **"e" Procurement Notice for Bridge Work**

Identification No. Online Tender - Bridge NCB No. 60 of 2025-26

Letter No. 630/WE Date: 07.02.26

1. Name of the Work : Bridge Works
2. Total No. of Work : As per annexure
3. Estimated Cost : As per annexure
4. Eligible Class of Contractor : As per annexure
5. Period of Completion : As per annexure
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. C.C.E., .R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | NCB No. 60 of 2025-26 | 18.02.2026 at 11.00 A.M. | 06.03.2026 upto 5.00 P.M. | 05.03.2026 upto 5.00 P.M. | 07.03.2026 at 11.00 A.M. | Will be intimated later |

- Further details can be seen from the website: **www.tendersodisha.gov.in**.

OIPR-25001/25105/1/25-26/0005 Sd./- Er. Durjyodhan Behera, Chief Construction Engineer, R.W. Circle, Balasore

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, PURI

(WALK-IN-INTERVIEW) FOR IN-HOUSE TRANSFER

Advt. No : 505 /DPMU Dt:11.02.2026

Interested candidates may attend the **In-House transfer Walk-in-interview** of the Block Data Manager (BDM) positions under In-House transfer of NHM contractual employees.

| Sl No | Name of the Post | Vacancy | Walk-In-Interview |
|---|---|---|---|
| 01 | Block Data Manager (BDM) | 02 | 25.02.2026 |

The application format and details are available in the website **https://puri.odisha.gov.in**.

Sd./- Chief District Medical & Public Health Officer, Puri

No. 10001/59/2526 OIPR-10001/10021/1/25-26/0001

## OFFICE OF THE MUNICIPAL COUNCIL
BHAWANIPATNA, DIST.: KALAHANDI, PIN - 766001

**'e' Procurement NOTICE**

Bid Identification No. BPM/06/2025-26
Bid Identification No. BPM/393/2025-26

No. 13001/247/2526: The Executive Officer on behalf of Bhawanipatna Municipality invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. website i.e. **https://tendersodisha.gov.in**.

1. Number of Civil Works : 8 (Eight) Numbers
2. Estimated Costs : 8.47 lakhs to 16.95 lakhs
3. Period of Completion : As per NIT
4. Date and time of availability of the bid documents in the portal : From 11.00 A.M. of 13.02.2026 to 05.00 P.M. of 21.02.2026
5. Last date/time for receipt of bids in the portal : 05.00 P.M. of 21.02.2026
6. Bids will be opened on : 5.30 P.M. of Dt.21.02.2026
7. Name and address of the Officer Inviting Bid : Executive Officer, Bhawanipatna Municipality

Sd./- Executive Officer
OIPR-13001/13100/1/25-26/0015 Bhawanipatna Municipality

## MUNICIPAL COUNCIL, RAIRANGPUR

No. 13001/251/2526 Phone No.: 06794-222054
E-Mail ID: rairangpurn.hud@ori.nic.in/rrpurnac@gmail.com

**"e" PROCUREMENT NOTICE**

TENDER CALL NOTICE NO : 308/dt. 12.02.2026
BID IDENTIFICATION NO. - T9RRP2025-26

1. Name of the Work : Civil Works
2. Total No. Works : 2 Nos.
3. Estimated Cost : 65.97 to 72.43 lakhs
4. Class of Contractors : As per DTCN
5. Period of Completion : As per DTCN
6. Availability of tender online for bidding : 13.02.2026 at 11 A.M. to 19.02.2026 upto 5.00 P.M.
7. Tender Box offline documents dropping : 20.02.2026 upto 5.00 P.M.
8. Date & time of opening of tender : 21.02.2026 at 11.00 A.M.

Other detail can be seen from the website **www.tendersorissa.gov.in**. Authority reserves the right to reject any of all the tendres without assigning any reasons thereof.

Sd./- Executive Officer
OIPR-13001/13106/1/25-26/0002 Rairangpur Municipality

## OFFICE OF THE MUNICIPAL COUNCIL, BELPAHAR

Ph.: 06645-356292, Fax: 06645-250236
Email: municipalitybelpahar@gmail.com

No. 412 Dt.11.02.2026

**1st CORRIGENDUM NOTICE TO EXPRESSION OF INTEREST (EOI) FOR ARRIVAL OF RATES OF VEHICLES & MACHINERIES REQUIRED FOR BELPAHAR MUNICIPALITY**

No. 13001/230/2526: In partial modification to this office EOI Notice No. 299 Dtd. 05.02.2026, it is hereby notified that the time period of submission of rate has been extended upto 17.02.2026 by 5.00 P.M. instead of 12.02.2026 by 5.00 P.M. All previous terms and conditions of this EOI notice remain unchanged.

Sd./- Executive Officer
OIPR-13001/13050/1/25-26/0039 Belpahar Municipality

## କଟକ ଉନ୍ନୟନ କର୍ତ୍ତୃପକ୍ଷ
CDA
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨

**ସୂଚନା**

No. 13001/258/2526: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର) ସେକ୍ଟର-୧୩ରେ ପ୍ଲଟ ନଂ. 13-3B/871ଟିକୁ ଶ୍ରୀ ସୁନନ୍ଦନ ପ୍ରଧାନ, ପିତା: ୰ମଦନ ମୋହନ ପ୍ରଧାନ, ସା/ପୋ.: ତଳ ତେଲେଙ୍ଗା ବଜାର, ଥା: ପୁରୀଘାଟ, ଜିଲ୍ଲା: କଟକ-୭୫୩୦୦୯ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ସୁନନ୍ଦନ ପ୍ରଧାନ ଉକ୍ତ ପ୍ଲଟଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ରଷି କୁମାର କୟାଲ, ପିତା: ରାଜ କୁମାର କୟାଲ, ସା: ଓଲ୍ଡ କଲେଜ ଲେନ୍, ନିମଚଉଁରି, ଥା: ଲାଲବାଗ, ଜିଲ୍ଲା: କଟକ-୭୫୩୦୦୨, ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

OIPR-13001/13037/1/25-26/0041 ସ୍ୱା./- ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ୍)

## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ପଦ୍ମପୁର
## OFFICE OF THE NOTIFIED AREA COUNCIL, PADAMPUR

At/P.O./P.S.: Padampur, Dist.: Bararh (Odisha), PIN - 768036
E_Mail ID: nac.padampur@gmail.com

**"e" Procurement Notice**

Bid Identification No. NAC-PDP-11/2025-26

No. 13001/248/2526: Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. Website i.e. **www.tendersodisha.gov.in**.

1. Nature of Work : Civil Works
2. No. of Works : 01 No.
3. Estimated Cost : As per NIT
4. Period of Completion : As per NIT
5. Date and time of availability of the documents in the portal : From 10.00 hours of 13.02.2026 to 17.00 hours of 25.02.2026
6. Last date/time for receipt of bids in the portal : Dt.25.02.2026 upto 17 hours
7. Bids received online shall be opened on : Dt.26.02.2026 at 11 hours
8. Name and address of the Officer Inviting Bid : Executive Officer, Padampur NAC

Further, the details can be seen from the e-procurement portal **www.tendersodisha.gov.in**.

Sd./- Executive Officer
OIPR-13001/13118/1/25-26/0027 N.A.C., Padampur

## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## RURAL WORKS DIVISION, SUNDARGARH

E.Mail - rw_sundargarh@yahoo.co.in

**E-PROCUREMENT NOTICE**

BID IDENTIFICATION NO. ONLINE-SESNG-25 of 2025-26

**No.25001/143/2526** : 1. Name of the Work : Building Work, 2. Total No. of works : 1 no. Building, 3. Estimated cost : Rs. 8.47 Lakhs, 4. Class of contractor : Only 'D' & 'C', 5. Period of completion : 01 calendar month, 6. Type of Tender : Single Cover, 7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| **Executive Engineer, Rural Works Division, Sundargarh** | **Online-SESNG-25 of 2025-26** | **17.02.2026 11.00 A.M.** | **24.02.2026 05.00 P.M.** |

Further details can be seen from the website www.tendersorissa.gov.in.

Sd./-Executive Engineer
Rural Works Division,
Sundargarh

OIPR-25001/25046/1/25-26/0002

## ODISHA HYDRO POWER CORPORATION LTD.

(A GOVT. OF ODISHA UNDERTAKING)
CIN: U40101OR1995SGC003963
REGD.OFFICE: OHPC Corporate Office, Bhoi Nagar, Janpath, Bhubaneswar-751022
Phone: 91-0674-2542983, 2542802, 2545526, Fax- 2542102; E-mail: ohpc.co@gmail.com

No. OHPC: TECH: C&P: 16/2025-26/1103 Date: 10.02.2026

**INVITATION FOR EXPRESSION OF INTEREST**

No. 4001/18/2526:- Odisha Hydro Power Corporation Ltd. Bhubaneswar (OHPC), a Gold rated State PSU under Govt. of Odisha invites Expression of Interest (EOI) in sealed envelope from eligible interested IT Experts having experience in ERP implementation at least in S/4HANA for temporary engagement as IT consultant on contractual basis for a minimum period of 01 year.

**For details related to eligibility criteria, scope of the work, evaluation criteria etc. please visit our website www.ohpcltd.com from Dated. 16.02.2026**

OIPR-4001/4012/1/25-26/0001 C&P Head

## CHILIKA DEVELOPMENT AUTHORITY

PLOT NO. 493(P), PALASPALLI, POKHARIPUT ROAD, BHUBANESWAR-751020, ODISHA
Phone : 91-674-2591544, Fax : 91-674-2590485, Email : chilika@chilika.com

No.8001/70/2526 **e-PROCUREMENT**

Re-Tender Call Notice No.228/CDA/2026 Dtd.11.02.2026

| | | | |
|---|---|---|---|
| 01 | Name of the Work | : | **Repair of R.C.C. Jetty at village Gabakunda** |
| 02 | Estimated Cost | : | **Rs.11,05,500.00 (Excluding GST)** |
| 03 | Period of completion | : | **2 (Two) Calendar Months** |
| 04 | Date & Time of availability of Bid Document in the portal | : | **14.02.2026 at 11.00 A.M. to 27.02.2026 upto 5.00 P.M.** |
| 05 | Last Date/Time for submission of Bids in the portal | : | **27.02.2026 upto 5.00 P.M.** |
| 06 | Date & Time of opening of Bids | : | **02.03.2026 at 11.30 A.M. in the O/o the Chief Executive, Chilika Development Authority, Plot No.493(P), Palaspalli, Bhubaneswar-751020** |
| 07 | Name and Address of the Officer Inviting Tender (O.I.T) | : | **Addl. Chief Executive, Chilika Development Authority, Odisha, Bhubaneswar, Plot No.493(P), Palaspalli, Pokhariput Road, Bhubaneswar-751020** |

Further information and other details are available for downloading from the e-procurement portal "https://tendersodisha.gov.in". Addendum/Corrigendum if required will be available only in the Website e-procurement portal "https://tendersodisha.gov.in"

Sd./- Addl. Chief Executive
OIPR-8001/8138/1/25-26/0001 Chillika Development Authority

No. 452/DPP, Dt.11/2/26 No.1001/22/2526

## OFFICE OF THE DIRECTOR OF PHYSICAL PLANTS
## OUAT, BHUBANESWAR

**"e-Procurement Notice No. 05/2025-26"**

| | | | |
|---|---|---|---|
| 1. | Name of the work | : | Construction of 60 seated Boys Hostel along with furnishing at OUAT, Bhubaneswar (Composite) (construction portion only) |
| 2. | Total no of Work | : | 01 No |
| 3. | Estimated cost | : | Rs. 264.67 lakhs approximate |
| 4. | Class of Contractor | : | As per DTCN |
| 5. | Period of Completion | : | As per DTCN |
| 6. | Type of tender | : | Double Cover system |
| 7. | Date and Time of availability of Bid documents in the portal | : | From Dt. 16.02.2026 to 17.00 hrs of dt. 02.03.2026 |
| 8. | Last date/Time for receipt of bids in the portal | : | Dt. 02.03.2026 upto 17.00 hrs |
| 9. | Submission of Original documents (TP cost, EMD, Affidavit etc as per DTCN) | : | During office hours from dt. 05.03.2026 to dt. 06.03.2026 upto 17.00 hrs in the office of the undersigned. |
| 10. | Date of opening of Bid (Cover-I) through online | : | Dt. 07.03.2026 at 11.30 hrs in the office of the undersigned. |
| 11. | Name & address of the O.I.T (Officer Inviting tender) | : | Director of Physical Plants, OUAT, BBSR. |

Further details can be seen from the e-procurement portal **https://tendersodisha.gov.in**

**N.B. Subsequent corrigendum/addendum if required shall be available in the website as indicated above.**

Sd./- Director of Physical Plants, OUAT, Bhubaneswar
OIPR-1001/1554/1/25-26/0003

## OFFICE OF THE CHIEF CONSTRUCTION ENGINEER
## BRUTANG & HADUA IRRIGATION PROJECT, DASPALLA

E-mail : ccebhip@gmail.com

No.137 Date : 11.02.2026

**NOTICE INVITING TENDER**

**"e" Procurement Notice No.CCE-BHIP-05(01-05)/2025-26 Dt.11.02.2026**

**No.32001/98/2526** : Invites online percentage rate tender in double cover through e-procurement for execution of the Civil, PH & Electrical works.

| | | | |
|---|---|---|---|
| 1 | Name of Works | : | 02 (Two) number of buildings work and 03 (Three) number of Road Work |
| 2 | Approximate Estimated cost | : | **1.26 Crores to Rs.3.17 Crore** |
| 3 | Period of Completion | : | **11 (eleven) months** |
| 4 | date and time of availoability of bid document in the portal | : | **From 11.00 hours of Dt.20.02.2026 to 17.00 hours of Dt.13.03.2026** |
| 5 | Last date/time for receipt of bids in the portal | : | **17.00 hours of Dt.13.03.2026** |
| 6 | Date of Opening of Technical Bid | : | **11:00 Hours of 16.03.2026** |
| 7 | Name and address of the Officer inviting Bid | : | Chief Construction Engineer, Brutang & Hadua Irrigation Project, Daspalla, Nayagarh-752084. e-mail id : ccebhip@gmail.com |

Further details can be seen from the e-Procurement portal of Odisha Government https://tendersodisha.gov.in. All information, notices, addendum, corrigendum, cancellation notice etc. if required, will be published in this portal.

Sd./- Chief Construction Engineer
Brutang & Hadua Irrigation Project,
Daspalla

OIPR-32001/32535/1/25-26/0001

## MADHUSUDAN LAW UNIVERSITY, CUTTACK

(State University Established under the Odisha Universities Act, 1989)
Station Road, Cuttack, Odisha - 753003, Website: www.mlu.ac.in

Letter No. MLU/Estt./492/2026 Date: 13.02.2026

**ADVERTISEMENT FOR THE RECRUITMENT OF TEACHING POSTS**

No. 11001/17/2526: Applications are invited from eligible candidates for the filling up of following regular teaching posts of the University.

1. **Professor : 06 Posts (Law)**
2. **Associate Professor : 12 Posts (Law) and**
3. **Assistant Professor : 32 Posts (24 for Law and 8 for Non-Law)**

- Last date of submission of application and payment of application fee through online mode : **17th March, 2026 till 11.59 P.M.**
- Last date for receiving the hard copy of application along with the attested copies of Testimonials to the University Office : **06th April, 2026 till 5.00 P.M.**

After successfully applying online, the self-attested copies of all the required documents along with application form should reach the undersigned on or before last date as mentioned above.
Applications received after last date will not be considered.
For details visit the University website: **www.mlu.ac.in.**
**(Form shall be available online from 17th February, 2026)**

**Place: Cuttack** **Sd./- Registrar**
**Date: 14.02.2026** **Madhusudan Law University, Cuttack**
OIPR-11001/11051/1/25-26/0001

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଆଶୁତୋଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ହଳଦିଆପଦର ଓଭରବ୍ରିଜ୍ ଦୁର୍ଘଟଣାର ତଥ୍ୟ ମାଗିଲେ ଡିଜିପି

ବ୍ରହ୍ମପୁର,୧୫।୨ (ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ତଥା ଗୋସାଇଁନୂଆଗାଁ ନିକଟ ହଳଦିଆପଦର ଓଭରବ୍ରିଜରେ ଗତ ୧ତାରିଖରେ ଟ୍ରକ ଧକ୍କାରେ ୫ ଜଣଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌ର ଡ୍ରାଇଭର କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଗୁଡିଆପଲ୍ଲୀର ପ୍ରଦୀପ ଜାନୀ(୩୮)ଙ୍କୁ ଗିରଫ କରାଯାଇ ତାଙ୍କ ନାମରେ ହତ୍ୟା ମାମଲା ରୁଜୁ ହୋଇଛି। ଗୋସାଇଁ ନୂଆଗାଁ ଥାନା ବର୍ତ୍ତମାନ ଏହି ଦୁର୍ଘଟଣାର ତଦନ୍ତ କରୁଛି।

ତେବେ ଦୁର୍ଘଟଣା କେମିତି ଘଟିଲା, ପୋଲିସ ପକ୍ଷରୁ କ'ଣ ପଦକ୍ଷେପ ନିଆଯାଇଛି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ଯୋଗେଶ ବାହାଦୁର ଖୁରାନିଆ ବ୍ରହ୍ମପୁର ଏସ୍‌ପିଙ୍କୁ ତାହାର ବିସ୍ତୃତ ତଥ୍ୟ ମାଗିଛନ୍ତି।

ଡିଜିପି ଏସ୍‌ପିଙ୍କୁ କରିଥିବା ଚିଠିରୁ ଜଣାପଡିଛି ଯେ, ଗୋସାଇଁନୂଆଗାଁ ଥାନାଞ୍ଚଳରେ ଘଟଣା ଘଟିଥିଲେ ବି ଦୁର୍ଘଟଣା ଘଟିବା ଦିନ ମାମଲା ଟ୍ରାଫିକ ପୋଲିସ ନେଇଥିଲା। ଟ୍ରାଫିକ ପୋଲିସ ମୃତଦେହଗୁଡିକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ କ'ଣ ଆସିଛି, ପୋଲିସ ପକ୍ଷରୁ ସାଇଣ୍ଟିଫିକ ସାମ୍ପୁଲ କଲେକ୍ସନ ହୋଇଛି କି ନାହିଁ, ଏମ୍‌ଭିଆଇ ପକ୍ଷରୁ ଗାଡିର ଫିଟ୍‌ନେସ୍ ଯାଞ୍ଚ କରାଯାଇଛି କି ନାହିଁ, ଗାଡି କେତେଦୂର ଘୋଷାଡି ହୋଇଯାଇଛି ଏବଂ ଗାଡିର ଯେଉଁଠି ନଷ୍ଟ ହୋଇଛି ସେଠାର ରଙ୍ଗ କିଭଳି ରହିଛି। ଗାଡି ଭୁଲ ରୁଟ୍‌ରେ ଯାଉଥିଲା ନା ଠିକ୍ ରୁଟ୍‌ରେ ଯାଉଥିଲା, ଡ୍ରାଇଭରଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ରସୁଲଗଡସ୍ଥିତ ଫରେନସିକ ଲାବୋରେଟୋରିକୁ ପଠାଯାଇଛି କି ନାହିଁ, ଯଦି ପଠାଯାଇଛି ତାହାର ରିପୋର୍ଟ କ'ଣ, ଡ୍ରାଇଭର ସେଦିନ କେଉଁ ନିଶା ପାନ କରିଥିଲେ, ଗାଡିର ମାଲିକ ଉକ୍ତ ଡ୍ରାଇଭରଙ୍କୁ ନିଯୁକ୍ତ କଲାବେଳେ କ'ଣସବୁ ପଚାରିଥିଲେ ତାହାର ବୟାନ ରେକର୍ଡ ହୋଇଛି କି ନାହିଁ, ଗୋସାଇଁନୂଆଗାଁ ଥାନା ପୋଲିସ ଘଟଣାର ତଦନ୍ତ କରୁଥିବାବେଳେ କି ପ୍ରକାର ତଦନ୍ତ କରାଯାଇଛି, ଗାଡି ମାଲିକଙ୍କୁ ଥାନାକୁ ଡକାଯାଇ ପଚରାଯାଇଛି କି ନାହିଁ, ଡ୍ରାଇଭର ନାମରେ ହତ୍ୟା ମାମଲା ରୁଜୁ ହୋଇଥିଲେ ବି ସେଥିରେ କେଉଁ ଧାରା ଲାଗିଛି, ଘଟଣା ପରେ ସମସ୍ତ ନିୟମକୁ ଅନୁପାଳନ କରାଯାଇଛି କି ନାହିଁ ସେ ସମସ୍ତ ବିଷୟରେ ଡିଜିପି ତଥ୍ୟ ମାଗିଛନ୍ତି। ଏହି ତଥ୍ୟ ଆସନ୍ତା ମାସରେ ସୁପ୍ରିମକୋର୍ଟରେ ଦାଖଲ ହେବ ବୋଲି ଚିଠିରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ଉକ୍ତ ବ୍ରିଜର ଅନୁଧ୍ୟାନ କରିବା ପାଇଁ ରାଜ୍ୟ ରାସ୍ତା ଓ କୋଠାବାଡ଼ି ବିଭାଗ ପକ୍ଷରୁ ଏକ ବୈଷୟିକ ଦଳ ଆସନ୍ତା ୧୬ ତାରିଖରେ ପରିଦର୍ଶନରେ ଆସିବ ବୋଲି ଜଣାପଡିଛି। ବ୍ରିଜର ନିର୍ମାଣ ଓ ଡିଜାଇନ ଉପରେ ସେମାନେ ଅନୁଧ୍ୟାନ କରିବେ ବୋଲି ଜଣାପଡିଛି।

ସୂଚନାଯୋଗ୍ୟ, ଗତ ୧ ତାରିଖରେ ୧୪ ଚକିଆ ଟ୍ରକ(ନଂ.ଓଡି ୦୭ ଜେଡ ୭୨୫୯)ଟି ହଳଦିଆପଦର ଓଭରବ୍ରିଜ୍‌ରେ ୩ଟି ବାଇକକୁ ସମ୍ମୁଖପଟୁ ଧକ୍କା ଦେବାରୁ ୫ ଜଣଙ୍କ ମୃତ୍ୟୁ ହୋଇଥିଲା। ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ଅନ୍ୟାନ୍ୟ ଅଧିକାରୀ ପରିଦର୍ଶନ କରି ମୃତକଙ୍କ ପରିବାରକୁ ରେଡ୍‌କ୍ରସ୍ ପାଣ୍ଠିରୁ ୩୦ ହଜାର ଟଙ୍କା ଲେଖାଏ ପ୍ରଦାନ କରିଥିଲେ। ସରକାରଙ୍କ ପକ୍ଷରୁ ପ୍ରତି ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏ ସମ୍ପର୍କରେ ଏସ୍‌ପି ଡା. ସର୍ବଣା ବିବେକ ଏମ୍.ଙ୍କୁ ପଚାରିବାରୁ ସେ କହିଛନ୍ତି, ଉକ୍ତ ବ୍ରିଜରେ ୨୦୧୯ରୁ ଏ ପର୍ଯ୍ୟନ୍ତ ୧୭ ଜଣଙ୍କ ମୃତ୍ୟୁ ହୋଇଛି। ୨୭ ଜଣ ଗୁରୁତର ହୋଇଛନ୍ତି। ବ୍ରିଜ ତ୍ରୁଟି ନେଇ ଅନେକ ଥର ରାଜପଥ ସୁରକ୍ଷା ବୈଠକରେ ଆଲୋଚନା ହୋଇଛି। ଏପରିକି ଜିଲାପାଳ, ପରିବହନ କମିଶନର ଓ ଅନ୍ୟାନ୍ୟ ବିଭାଗକୁ ଚିଠି କରାଯାଇଛି। ସୋମବାର କିମ୍ବା ମଙ୍ଗଳବାର ସୁଦ୍ଧା ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ନିକଟକୁ ଦୁର୍ଘଟଣା ସମ୍ପର୍କିତ ସମସ୍ତ ତଥ୍ୟ ପଠାଇ ଦିଆଯିବ ବୋଲି ଏସ୍‌ପି କହିଛନ୍ତି।

# ଗୋଟିଏ ଦିନରେ ୪୭ ଟ୍ରେନ୍‌ରୁ ତାପଜ କୋଇଲା ଖଲାସ ରେକର୍ଡ

## ପାରାଦୀପ ବନ୍ଦର



ଯାନ୍ତ୍ରିକୀକରଣ ବ୍ୟବସ୍ଥାରେ ପାରାଦୀପ ବନ୍ଦରକୁ ଆସିଥିବା ଟ୍ରେନ୍‌ରୁ ପଣ୍ୟ ଖଲାସ କରାଯାଉଛି।

ପାରାଦୀପ,୧୫।୨(ଶରତ ରାଉତ)

ପାରାଦୀପ ବନ୍ଦର ଚଳିତ ବର୍ଷ ଶନିବାର ଗୋଟିଏ ଦିନରେ ଟ୍ରେନ୍‌ରୁ ରେକର୍ଡ ପଣ୍ୟ ଖଲାସ କରିଛି। ରପ୍ତାନି ହେବାକୁ ପାରାଦୀପ ବନ୍ଦର ଆସିଥିବା ୪୭ଟି ଟ୍ରେନ୍‌ରୁ (ରେକ)ତାପଜ କୋଇଲା ଖଲାସ କରାଯାଇଛି। ଏହା ଦେଶର ଯେକୌଣସି ବୃହତ ବନ୍ଦର କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ବୋଲି ବନ୍ଦର ପ୍ରଶାସନ ପକ୍ଷରୁ କୁହାଯାଇଛି। ବଗି ଓପନ ବଟମ୍ ରାପିଡ୍ ଡିସଚାର୍ଜ ପଦ୍ଧତିରେ ଏହି କାର୍ଯ୍ୟ କରାଯାଇଛି। ଏହାଦ୍ୱାରା ଟ୍ରେନ୍‌ରୁ ପଣ୍ୟ ଖଲାସ ବୋଝେଇ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଏହି ସଫଳତା ପାଇଁ ବନ୍ଦର ଅଧ୍ୟକ୍ଷ ପି.ଏଲ.ହାରାନ୍ଧ ଉକ୍ତ ଟ୍ରେନ ଖଲାସ ପଦ୍ଧତିରେ ସାମିଲ ସମସ୍ତ ସହଭାଗୀ ସଂସ୍ଥା, କର୍ମଚାରୀ ଶ୍ରମିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# 'ଏକାମ୍ର ହେରିଟେଜ୍ ପ୍ରକଳ୍ପ', ଶ୍ରେୟ ପାଇଁ ବାକ୍‌ଯୁଦ୍ଧ

ଭୁବନେଶ୍ୱର,୧୫।୨ (ରବିନାରାୟଣ ଜେନା)

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପାରିପାର୍ଶ୍ୱିକ ଉନ୍ନତୀକରଣ ତଥା ସୌନ୍ଦର୍ଯ୍ୟକରଣକୁ ନେଇ ଏବେ ରାଜନୈତିକ ବୟାନବାଜି ଆରମ୍ଭ ହୋଇଛି। ମହାଶିବରାତ୍ରି ଜାଗର ଅବସରରେ ବିନ୍ଦୁ ସାଗର ପୁଷ୍କରିଣୀକୁ ହେରିଟେଜ୍ ହ୍ରଦରେ ପରିଣତ କରିବା ପଛରେ କିଏ ଶ୍ରେୟ ନେବ ତାକୁ ନେଇ ଭାଜପା ଏବଂ ବିଜେଡି ମଧ୍ୟରେ କଥା କଟାକଟି ଆରମ୍ଭ ହୋଇଛି।

ଆଇନ ଓ ନିର୍ମାଣ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ବିନ୍ଦୁ ସାଗର ପୁଷ୍କରିଣୀକୁ ହେରିଟେଜ୍ ହ୍ରଦରେ ପରିଣତ କରାଯିବ। ଆସନ୍ତା ଆର୍ଥିକବର୍ଷ ଅର୍ଥାତ ୨୦୨୬-୨୭ ଶେଷ ସୁଦ୍ଧା ଏକାମ୍ର ହେରିଟେଜ ପ୍ରକଳ୍ପ କାର୍ଯ୍ୟ ଶେଷ ହେବ। ସେ ଆହୁରି ମଧ କହିଛନ୍ତି, ଏହି ପ୍ରକଳ୍ପ ଅନ୍ତର୍ଗତ ନୂଆ କରି ଏକ ଇଣ୍ଟରପ୍ରିଟେସନ ସେଣ୍ଟର କରାଯିବାର ପ୍ରସ୍ତାବ ଅଛି, ଯାହା ପାର୍କିଂ ସେଣ୍ଟରର ଶେଷ ଭାଗରେ ରହିବ। ସେଠାରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଏକ ବିରାଟ ପ୍ରତିମୂର୍ତ୍ତି ନିର୍ମାଣ କରାଯିବ। ମନ୍ତ୍ରୀ କହିଛନ୍ତି, ଯେହେତୁ ଏହି ଦୁଇଟି ନୂତନ ପ୍ରକଳ୍ପ ମିଶିଛି, ବଜେଟ ପରିମାଣ ଆହୁରି ବଢ଼ିବ। ଯେଉଁ ପୁରୁଣା ଏଜେନ୍ସି କାମ କରୁଥିଲା ସେ କରିବାକୁ ଚାହିଁଲା ନାହିଁ। ତେଣୁ ଏକ ନୂଆ ଏଜେନ୍ସି ଏହି କାମ କରିବ ବୋଲି ମନ୍ତ୍ରୀ ପୃଥ୍ୱୀରାଜ କହିଛନ୍ତି।

ମନ୍ତ୍ରୀ ପୃଥ୍ୱୀରାଜଙ୍କ ହେରିଟେଜ୍ ପ୍ରକଳ୍ପ ବିବୃତିକୁ ନେଇ ପୂର୍ବତନମନ୍ତ୍ରୀ ତଥା ବିଜେଡି ଭୁବନେଶ୍ୱର ଜିଲା ସଭାପତି ଅଶୋକ ଚନ୍ଦ୍ର ପଣ୍ଡା କାଉଣ୍ଟର କରିଛନ୍ତି। ସେ କହିଛନ୍ତି, ମନ୍ତ୍ରୀ ଖାଲି ପୂର୍ବର ୨୪ବର୍ଷର ସରକାରକୁ ବିରୋଧ କରିବେ ବୋଲି ଯାହା କିଛି କହିବେ ତାହା ଠିକ୍ ନୁହେଁ, ନଥି ପତ୍ର ଦେଖନ୍ତୁ। ପୂର୍ବ ସରକାରରେ ଲିଙ୍ଗରାଜ ମନ୍ଦିର ବ୍ୟାଖ୍ୟାନ କେନ୍ଦ୍ର ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। ଏକାମ୍ର ପ୍ରକଳ୍ପରେ ବ୍ୟାଖ୍ୟାନ କେନ୍ଦ୍ରକୁ ଯୋଡ଼ା ଯାଇଥିଲା। ବିନ୍ଦୁସାଗର ଉନ୍ନତୀକରଣ ହେଉଛି ପୂର୍ବ ସରକାରଙ୍କ ପ୍ରସ୍ତାବିତ ପ୍ରକଳ୍ପ। ଆଇନମନ୍ତ୍ରୀଙ୍କ ବୟାନ ତଥ୍ୟ ସମ୍ବଳିତ ନୁହେଁ ବୋଲି ଅଶୋକ କହିଛନ୍ତି। ତେବେ ବିନ୍ଦୁସାଗର ପୁଷ୍କରିଣୀକୁ ହେରିଟେଜ୍ ହ୍ରଦରେ ପରିଣତ କରିବା ପ୍ରସଙ୍ଗରେ ଆଇନମନ୍ତ୍ରୀଙ୍କ ବକ୍ତବ୍ୟ ଏବଂ ଅଶୋକଙ୍କ କାଉଣ୍ଟରକୁ ନେଇ ଏବେ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି।

## ପ୍ରଥମ ପୃଷ୍ଠାରୁ

### ବଢ଼ିଲା ତାପମାତ୍ରା...

କେନ୍ଦ୍ରର ରିପୋର୍ଟ ଅନୁସାରେ, ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ସାଧାରଣ ତାପମାତ୍ରାଠାରୁ ପ୍ରାୟ ୩ ଡିଗ୍ରୀ କମ୍ ରହିଛି। ସେହିପରି ଉପକୂଳ ଓଡ଼ିଶାର କିଛି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୨ଡିଗ୍ରୀ କମ୍ ଏବଂ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ତାପମାତ୍ରା ସ୍ୱାଭାବିକ ଥିଲା। ତେବେ ଆସନ୍ତା ୨ଦିନ ପର୍ଯ୍ୟନ୍ତ ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ଜଗତ୍‌ସିଂହପୁର, କଟକ ଏବଂ ବାଲେଶ୍ୱର ଜିଲାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡି ହେବ ବୋଲି ସୂଚନା ଦିଆଯାଇଛି।

### ଆମେରିକାରେ ନିଖୋଜ...

ଦେବାକୁ ପ୍ରସ୍ତୁତ ବୋଲି କହିଛି। ଶ୍ରୀନିବାସୈଆ କାଲିଫର୍ନିଆ ୟୁନିଭର୍ସିଟିରେ ମାଷ୍ଟର ଅଫ୍ ସାଇନ୍ସ ପ୍ରୋଗ୍ରାମରେ ନାମ ଲେଖାଇଥିଲେ। ପାର୍କ ହିଲ୍ସସ୍ଥିତ ଘର ପାହାଚରୁ ତାଙ୍କ ବ୍ୟାଗେଜ୍, ପାସ୍‌ପୋର୍ଟ ଏବଂ ଲାପ୍‌ଟପ୍ ମିଳିଛି।

### ଅଗ୍ନିକାଣ୍ଡରେ ଶୀତଳ...

ସାମିଲ ହୋଇଥିଲେ। ଏହି ଶୀତଳ ଭଣ୍ଡାରରେ କୁଚିଣ୍ଡା ଉପଖଣ୍ଡର ଚାଷୀଙ୍କ ଲଙ୍କାମରିଚ, ଆମ୍ବ ଟାକୁଆ, ମହୁଲ ଫୁଲ ସମେତ ପନିପରିବା ରହିଥିଲା। ଅଗ୍ନିକାଣ୍ଡ ଯୋଗୁ ସେସବୁ ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡରେ ୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କ୍ଷତି ହୋଇଥିବା ଶୀତଳ ଭଣ୍ଡାର ମାଲିକ ଲାଠ କହିଛନ୍ତି। ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

### କଣ୍ଠଶିଳ୍ପୀ ଗୀତା...

ସେ କଟକର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର ହୋଇଥିଲେ। ତାଙ୍କୁ ସେଠାରେ ଆଇସିୟୁରେ ରଖି ଚିକିତ୍ସା କରାଯାଇଥିଲା। ଡାକ୍ତରୀ ପରୀକ୍ଷା ପରେ ତାଙ୍କର ମସ୍ତିଷ୍କାଘାତ ହୋଇଥିବା ଜଣାପଡ଼ିଥିଲା। ବହୁ ଓଡ଼ିଆ ଚଳଚ୍ଚିତ୍ରରେ ସେ କଣ୍ଠଦାନ କରି ସଙ୍ଗୀତର ଯାଦୁରେ ସଙ୍ଗୀତପ୍ରେମୀଙ୍କ ମନ ଜିଣିପାରିଥିଲେ। ଓଡ଼ିଆ ଚଳଚ୍ଚିତ୍ର ଯାଯାବରର ଗୀତ ଫୁର୍ କିନା ଉଡ଼ିଗଲା ବଣି, ଦନେଇ ଦାସ କହେରେ ଭାଇ, ଅଖୀ ତୃତୀୟା ଚଳଚ୍ଚିତ୍ରର ଏଇ ତାରାଭରା ଜହ୍ନ ରାତି, ପ୍ରଥମେ ବନ୍ଦିଲି ବାଟ ମଙ୍ଗଳା, ନାଗ ଫାଶ ଚଳଚ୍ଚିତ୍ରର ବଡ଼ ବେଦରଦୀ ମୋ ନାଲିପାନ ରାଜା, ମଥୁରା ବିଜୟ ଚଳଚ୍ଚିତ୍ରର ଆରେ ବାବୁ ଶ୍ୟାମଘନ ସମେତ ତାଙ୍କ ସଙ୍ଗୀତ ଯାତ୍ରାର ଗୋଟିଏ ଲେଖାଏ ମାଇଲଖୁଣ୍ଟ ହୋଇରହିଛି। ତାଙ୍କ ପରଲୋକ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରି ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି। ତାଙ୍କ ପରଲୋକରେ ଓଡ଼ିଆ ସଙ୍ଗୀତ ଜଗତରେ ଗଭୀର ଶୋକ ପ୍ରକାଶ ପାଇଛି।

### ଆଣବିକ ରିଆକ୍ଟର...

ବିଷୟରେ ଘରେ ଗବେଷଣା କରି ସରଞ୍ଜାମ ପ୍ରସ୍ତୁତ କରିବା ସମୟରେ ତାଙ୍କ ପରିବାର ଲୋକ ଉଦ୍‌ବେଗ ପ୍ରକାଶ କରିଥିଲେ। କିନ୍ତୁ ସେ ସୁରକ୍ଷା ପ୍ରୋଟୋକଲକୁ ନେଇ ତାଙ୍କ ମାଆଙ୍କୁ ଏଭଳି ବୁଝାଇପାରିଥିଲେ ଯେ, ତାହା ମାଆଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା। ଏଡେନ୍‌ଙ୍କ ଏହି କୃତିତ୍ୱକୁ ନେଇ ଆମେରିକାର ବିଭିନ୍ନ ମହଲରେ ବିସ୍ମୟ ପ୍ରକାଶ ପାଇଥିଲା ବେଳେ ଏହା ଗିନିଜ୍ ବୁକ୍ ଅଫ୍ ୱାର୍ଲଡ ରେକର୍ଡରେ ସ୍ଥାନ ପାଇବାକୁ ଯାଉଛି ବୋଲି କୁହାଯାଇଛି।

### ଦିବ୍ୟାଙ୍ଗ ଶିଶୁପୁତ୍ରକୁ...

ପରେ ତାଙ୍କୁ ବେଆଇନ ଭାବେ ଦମ୍ପତିଙ୍କୁ ବିକ୍ରି କରାଯାଇଥିଲା। ଏନେଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ବାରକୋଟ ଥାନାରେ ଏତଲା ଦେବା ପରେ ପୋଲିସ ଉକ୍ତ ଦମ୍ପତିଙ୍କୁ ଗିରଫ କରିଥିଲା। ଏଥିସହ ସେମାନଙ୍କଠାରୁ ଶିଶୁପୁତ୍ରକୁ ଉଦ୍ଧାର କରାଯାଇ ପୋଷ୍ୟସନ୍ତାନ ଗ୍ରହଣ କେନ୍ଦ୍ରରେ ରଖାଯାଇ ଯତ୍ନ ନିଆଯାଉଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ସୁରକ୍ଷା ଅଧିକାରୀ ଚିନ୍ମୟ ସ୍ୱାଇଁ ଓ ପୋଷ୍ୟସନ୍ତାନ ଗ୍ରହଣ କେନ୍ଦ୍ରର ପରିଚାଳକ ସଲ୍‌ମାନ୍ ବେହେରାଙ୍କ ଉପସ୍ଥିତିରେ ଉକ୍ତ ଶିଶୁପୁତ୍ରକୁ ସେନ୍ ରେମଣ୍ଡଙ୍କୁ ହସ୍ତାନ୍ତର କରାଯାଇଛି। ପୋଷ୍ୟସନ୍ତାନ ଗ୍ରହଣ ପରେ ଆଇନ ଅନୁଯାୟୀ ଆନ୍ତର୍ଜାତିକ ସ୍ତରରେ ଇଣ୍ଡିଆନ୍ ଡିପ୍ଲୋମାଟିକ୍ ମିଶନ ଶିଶୁର ସ୍ଥିତି ସମୀକ୍ଷା ଦାୟିତ୍ୱରେ ରହିବେ ବୋଲି ଜିଲା ଶିଶୁସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ସୂଚନା ଦେଇଛନ୍ତି।

## ହୀରାକୁଦ ହାଫ୍ ମାରାଥନ

# ଦୌଡ଼ିଲେ ୧୦ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ



ହୀରାକୁଦ ମାରାଥନରେ ଅତିଥିଙ୍କ ସହ ପୁରସ୍କୃତ ପ୍ରତିଯୋଗୀମାନେ।

ସମ୍ବଲପୁର,୧୫।୨ (ପ୍ରମୋଦ ବହିଦାର)

ମହାନଦୀ କୋଲ୍ ଫିଲ୍ଡ୍ସ ଲିମିଟେଡ୍(ଏମ୍‌ସିଏଲ୍) ଓ ସମ୍ବଲପୁର ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ରବିବାର ହୀରାକୁଦ ଅନ୍ତର୍ଜାତୀୟ ହାଫ୍ ମାରାଥନ ଆୟୋଜିତ ହୋଇଯାଇଛି। ହୀରାକୁଦ ବନ୍ଧର ବାମ ଡାଇକ୍‌ରେ ଆୟୋଜିତ ମାରାଥନକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବକ୍ତବ୍ୟ ରଖି ପ୍ରଧାନ କହିଥିଲେ, ୨୦୩୬ ଅଲିମ୍ପିକ୍ସ ପାଇଁ ୨୦୨୬ରୁ ପ୍ରୟାସର ଅୟମାରମ୍ଭ ହୋଇଛି। ଏଥିସହ ହୀରାକୁଦର ପ୍ରାକୃତିକ ସୌନ୍ଦର୍ଯ୍ୟଭରା ପର୍ଯ୍ୟଟନ କ୍ଷେତ୍ର ସହିତ ଜିଲାର ଅନ୍ୟ ପର୍ଯ୍ୟଟନସ୍ଥଳୀ, ଐତିହ୍ୟକୁ ବିଶ୍ୱ ମାନଚିତ୍ରରେ ସମ୍ବଲପୁରର ଏକ ନୂଆ ପରିଚୟ ସୃଷ୍ଟି ଏହି ମାରାଥର ମୂଳ ଲକ୍ଷ୍ୟ। ସମ୍ବଲପୁରର କ୍ରୀଡ଼ା ସଂସ୍କୃତି ଓ ଖେଳୁଆଡ଼ ମନୋବୃତ୍ତିକୁ ଉତ୍ସାହିତ କରିବା ପାଇଁ ଆଗାମୀ ଦିନରେ ହୀରାକୁଦ ଅନ୍ତର୍ଜାତୀୟ ହାଫ୍ ମାରାଥନ ପ୍ରତିବର୍ଷ ଆୟୋଜନ କରାଯିବ। ତେବେ ଏଥିରେ କେବଳ ଓଡ଼ିଶା କିମ୍ବା ଭାରତ ନୁହେଁ, ବରଂ ଇଥିଓପିଆ ଓ ନାଇଜେରିଆ ଭଳି ଦେଶର ଦୌଡ଼ାଳିମାନେ ଯୋଗଦେଇଛନ୍ତି। ଏଥିପାଇଁ ସେ ମାରାଥନର ଆୟୋଜକ ଏମ୍‌ସିଏଲ୍, ଜିଲା ପ୍ରଶାସନ ଏବଂ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇବା ସହ ମାରାଥନରେ ଭାଗ ନେଇଥିବା ସମସ୍ତ କ୍ରୀଡ଼ାବିତ୍ ଓ ଯୁବସାଥୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏଥିରେ ଯୋଗଦେଇ ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବକ୍ତବ୍ୟ ରଖି କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ପରିକଳ୍ପନାରେ ଆରମ୍ଭ ହୋଇଥିବା ଏହି ମାରାଥନ ପ୍ରଧାନମନ୍ତ୍ରୀଙ୍କ ଫିଟ୍ ଇଣ୍ଡିଆ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଫିଟ୍ ଓଡ଼ିଶା ଅଭିଯାନକୁ ଏକ ନୂଆ ଗତି ପ୍ରଦାନ କରିଛି ବୋଲି କହିଥିଲେ।

ପରେ ଆୟୋଜିତ ମାରାଥନରେ ଓଡ଼ିଶା ସହ ଭାରତର ବିଭିନ୍ନ ରାଜ୍ୟ ଏବଂ ଇଥିଓପିଆ, ନାଇଜେରିଆ, କେନିଆ, ଶ୍ରୀଲଙ୍କା, ନେପାଳ, ଭୁଟାନ, ଜାମ୍ବିଆ, କଙ୍ଗୋ, ୟେମେନ ଓ ସିରିଆ ଭଳି ବିଦେଶୀ ରାଷ୍ଟ୍ରର ୧୦ହଜାରରୁ ଊର୍ଦ୍ଧ୍ୱ ଧାବକ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ସହ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଓ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସାମିଲ ହୋଇ ଉତ୍ସାହିତ କରିଥିଲେ। ମାରାଥନ ତିନୋଟି ବର୍ଗ ଓ ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା। ସେଥିମଧ୍ୟରେ ୨୧ କିଲୋମିଟର୍, ୧୦ କିଲୋମିଟର ଓ ୫ କିଲୋମିଟର ଆଦି ବର୍ଗରେ ଦୌଡ଼ାଳିମାନେ ଭାଗ ନେଇଥିଲେ। ବିଜେତାମାନଙ୍କୁ ମୋଟ ୫୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ସେଥିମଧ୍ୟରେ ପ୍ରତିବର୍ଗରୁ ୫ଜଣ ମହିଳା ଓ ୫ଜଣ ପୁରୁଷଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୫ଲକ୍ଷ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୪ଲକ୍ଷ, ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୩ ଲକ୍ଷ, ଚତୁର୍ଥ ଏବଂ ପଞ୍ଚମ ସ୍ଥାନରେ ରହିଥିବା ପ୍ରତିଯୋଗୀଙ୍କୁ ଯଥାକ୍ରମେ ୨ ଓ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ବିଜୟୀ ପ୍ରତିଯୋଗୀମାନଙ୍କୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ଗ୍ରାମୀଣ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଏମ୍‌ସିଏଲ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଉଲେଙ୍କ ସମେତ ପଦ୍ମଶ୍ରୀ ବିଜେତା, ଜିଲାର ଅନେକ ପ୍ରଶାସନିକ ଅଧିକାରୀ ଯୋଗଦେଇଥିଲେ।

# ଶିବ ଦର୍ଶନ ପରେ ଟଳିପଡ଼ିଲେ ଶ୍ରଦ୍ଧାଳୁ

ନାକଟିଦେଉଳ, ୧୫।୨(ବୈକୁଣ୍ଠନାଥ ସାହୁ)

ପବିତ୍ର ଶିବରାତ୍ରି ହେଲା ଶ୍ରଦ୍ଧାଳୁଙ୍କ ଶେଷରାତ୍ରି। ଶିବରାତ୍ରି ଅବସରରେ ମହାଦେବଙ୍କୁ ଦର୍ଶନ କରି ବାହାରକୁ ବାହାରିବା ପରେ ଚାଲିଗଲା ଶ୍ରଦ୍ଧାଳୁଙ୍କ ଜୀବନ। ଏପରି ଏକ ଘଟଣା ଘଟିଛି ସମ୍ବଲପୁର ଜିଲା ନାକଟିଦେଉଳ ଅଞ୍ଚଳରେ। ମୃତ ଶ୍ରଦ୍ଧାଳୁ ସମ୍ବଲପୁର ହୀରାକୁଦ କଲୋନୀର ବାସିନ୍ଦା ଅନିଲ ମିଶ୍ର(୬୦)। ରବିବାର ମହାଶିବରାତ୍ରି ପାଇଁ ଅନିଲ ପରିବାର ସହ ନାକଟିଦେଉଳ ବ୍ଲକ ବାଟଗାଁ ପଞ୍ଚାୟତ ଅନ୍ତର୍ଗତ କୁଞ୍ଜାମୁରାସ୍ଥିତ ପୁରାତନ ଶୈବପୀଠ ବାବା ବିନ୍ଧେଶ୍ୱର ଶିବମନ୍ଦିରକୁ ଦର୍ଶନ କରିବାକୁ ଆସିଥିଲେ। ପୂଜାର୍ଚ୍ଚନା ପରେ ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ପରିବାର ସହ ମନ୍ଦିରରୁ ବାହାରକୁ ଆସିବା ପରେ ହଠାତ ଅନୀଲ ଅସୁସ୍ଥ ହୋଇପଡିଥିଲେ। ମନ୍ଦିର ପରିସରରେ ତାଙ୍କର ପ୍ରବଳ ବାନ୍ତି ହୋଇଥିଲା ଓ ସେ ମୂର୍ଚ୍ଛାପ୍ରାୟ ହୋଇଯାଇଥିଲେ। ତୁରନ୍ତ ତାଙ୍କୁ ନିକଟସ୍ଥ ବାଟଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ନାକଟିଦେଉଳ ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନିଲ ଉପବାସ ରହିଥିଲେ। ହୃଦ୍‌ଘାତ ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି।


# Classified Everyday 0674-2580101, 9692975378



REAL ESTATE

SALE

ଭୁବନେଶ୍ୱର ଫୁଲନଖରା DADHICHI COLLEGE ପାଖରେ ସରକାରୀ ରାସ୍ତାକୁଲାଗି 51ଗୁଣ୍ଠ ଘରବାଡି ପ୍ଲଟ୍ ଗୁଣ୍ଠକୁ- 6,30,000/- ବିକ୍ରିହେବ- 8093465134, 9668194157. D-3348

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




All types of physiotherapy and massage contact 9556924059/ 7656969134. D-3339

ଧରିତ୍ରୀ DHARITRI Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## AFFIDAVIT

By virtue of an affidavit sworn before the Executive Magistrate, Jatni, vide affidavit No.- 424, dtd.- 23.12.25, I, Tuni Pradhan, W/o.- Late Bagha @ Bagha Pradhan, R/o. Village- Tirimal, P.S.- Jatni, Dist.- Khordha, Odisha declare that Bagha and Bagha Pradhan refer to one and the same person (my deceased husband). I further declare that my correct date of birth is 06.07.1948, the DOB 01.01.1955 mentioned in Aadhaar is incorrect and my actual name as per my deceased husband's P.P.O book bearing No.- 20037310200284 is recorded as Tuni Pradhan. This notice is issued for all official purposes. D-3400

I, Narayan Nayak, S/o.- Late Ananda Pattnaik, Resident of Ward No.16, Block Colony, P.O./P.S.- Kabisuryanagar, Ganjam, 761104, Odisha declare by this affidavit Sl. No. 4, Dtd.- 12.12.2005 that I have changed my surname from Narayan Nayak to Narayan Pattnaik. Henceforth, I shall be known as Narayan Pattnaik for all future purposes. D-3397

By virtue of an affidavit sworn before the Executive Magistrate, Sohela, date 11.02.2026, I, Saroj Kumar Nayak, R/o. At/P.O./P.S.- Sohela, Dist.- Bargarh, Odisha, PIN- 768033 declare that I have changed the name of my son from Chandan Naik, S/o.- Saroj Naik to Chandan Nayak, S/o.- Saroj Kumar Nayak for all purposes.
Saroj Kumar Nayak D-3396

I, Anil Kumar Sodavarapu, S/o.- Sudhakararao, resident of Bhavani talkies street, P.O./P.S.- Paralakhemundi, Dist.- Gajapati, PIN- 761200, Odisha declare by this affidavit No. A28 dtd.- 14.02.2026 that now onwards I shall be known as Anil Kumar Sodavarapu, S/o.- Sudhakara Rao Sodavarapu for all future purpose. D-3395

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱ କବିରାଜ ପ୍ରଭାତ କୁମାର କର
ସ୍ୱର୍ଣ୍ଣନିଳୟ ବାସଭବନ, ବାଲିଅନ୍ତା (ପାଟଣା)
ଆବିର୍ଭାବ- ୧୫।୦୫।୧୯୪୭
ତିରୋଧାନ- ୨୬।୦୨।୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ହତଭାଗ୍ୟ ପୁତ୍ର- ସୁଧିରଞ୍ଜନ (ଗୁଲ୍ଲୁ), ପୁତ୍ରବଧୂ, ଝିଅ-ଜ୍ୱାଇଁ, ଭଣଜା, ନାତୁଣୀ, ନାତି, ବନ୍ଧୁ ଓ ପରିବାରବର୍ଗ।
ଧ-୭୧୨୪୯

### ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପଦ୍ମନାଭ ରଥ
ନବକଳେବର ରୋଡ, ପୁରୀ
ଆବିର୍ଭାବ : ୧୮।୦୧।୧୯୪୬
ତିରୋଧାନ : ୦୭।୦୨।୨୦୨୬
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ଆପଣଙ୍କର ପୁଅ, ଝିଅ, ଜ୍ୱାଇଁ, ନାତି ଓ ଶୋକସନ୍ତପ୍ତ ପରିବାରବର୍ଗ।
ଧ-୭୩୫୯୭

# ଗ୍ରହାଣୁରୁ ଖଣିଜ ଉତ୍ତୋଳନ


ଇଂ.ମାୟାଧର ସ୍ୱାଇଁ

''ଭବିଷ୍ୟତରେ ଅନେକ ଗଭୀର ମହାକାଶ ଅଭିଯାନ ଯୋଜନା କରାଯାଇଛି। ମହାକାଶଚାରୀମାନେ ମଙ୍ଗଳ ଓ କେତୋଟି ଉପଗ୍ରହରେ ଅବତରଣ କରିବା ପାଇଁ ଯୋଜନା କରିଛନ୍ତି। ଏହିସବୁ ଅଭିଯାନ ପାଇଁ ପୃଥିବୀପୃଷ୍ଠରୁ ବିଭିନ୍ନ ବସ୍ତୁ ଉତ୍ତୋଳନ କରିବାରେ ଅନେକ ଜଟିଳତା ଅଛି। ଏଣୁ ଗ୍ରହାଣରୁ ଖଣିଜ ଉତ୍ତୋଳନ କରି ତାକୁ ମହାକାଶ ଅଭିଯାନରେ ବ୍ୟବହାର କରିବା ପାଇଁ ବୈଜ୍ଞାନିକମାନେ ଚିନ୍ତା କରିଛନ୍ତି। ପୁନଶ୍ଚ ସୁନା ଓ ପ୍ଲାଟିନମ୍ ଧାତୁକୁ ପୃଥିବୀକୁ ଆଣିବା ଅର୍ଥନୈତିକ ଦୃଷ୍ଟିରୁ ଲାଭଜନକ ହେବ।''

ସୌରଜଗତର ମଙ୍ଗଳ ଏବଂ ବୃହସ୍ପତି ଗ୍ରହ କକ୍ଷ ମଝିରେ ଅନେକ କ୍ଷୁଦ୍ର ବସ୍ତୁପିଣ୍ଡ ସୂର୍ଯ୍ୟକୁ ପରିକ୍ରମଣ କରୁଛି। ଏଗୁଡ଼ିକୁ ଗ୍ରହାଣୁ ବା ଗୌଣ ଗ୍ରହ କୁହାଯାଏ ଏବଂ ଯେଉଁ ଅଞ୍ଚଳରେ ଏଗୁଡ଼ିକ ସୂର୍ଯ୍ୟକୁ ପରିକ୍ରମଣ କରିଥାଆନ୍ତି, ତାକୁ ଗ୍ରହାଣୁ ବଳୟ କୁହାଯାଏ। ଯେଉଁ ଆଦିବସ୍ତୁରୁ ସୂର୍ଯ୍ୟ, ଗ୍ରହ, ଉପଗ୍ରହଗୁଡ଼ିକ ସୃଷ୍ଟି ହୋଇଛି, ସେଥିରୁ ଗ୍ରହାଣୁଗୁଡ଼ିକୁ ସୃଷ୍ଟି ହୋଇଥିବାର ବିଶ୍ୱାସ କରାଯାଏ। କେତେକ ଜ୍ୟୋତିର୍ବିଦ ମତ ଦେଇଥାଆନ୍ତି ଯେ ପୂର୍ବରୁ ଏହି ଅଞ୍ଚଳରେ ଗୋଟିଏ ଗ୍ରହ ଥିଲା ଏବଂ କୌଣସି କାରଣରୁ ଏହା ଭାଙ୍ଗି ଯାଇ ଅନେକ ଖଣ୍ଡରେ ପରିଣତ ହୋଇଛି। ଏଗୁଡିକର ସଂଖ୍ୟା ହେଉଛି ଅନେକ ଏବଂ ଏକ କିମି ବ୍ୟାସରୁ ବଡ଼ ଗ୍ରହାଣୁ ସଂଖ୍ୟା ଦଶ ଲକ୍ଷରୁ ଅଧିକ ହେବ।



ଗ୍ରହାଣୁଗୁଡ଼ିକ ବର୍ତ୍ତମାନ ବୈଜ୍ଞାନିକମାନଙ୍କର ଦୃଷ୍ଟି ଆକର୍ଷଣ କରିବାର ଏକ ମୁଖ୍ୟ କାରଣ ହେଉଛି ଏଥିରେ ଥିବା ଖଣିଜ ସମ୍ପଦ। ବର୍ଣ୍ଣାଳି ଅଭିଲକ୍ଷଣରୁ ଗ୍ରହାଣୁଗୁଡ଼ିକୁ ତିନୋଟି ଶ୍ରେଣୀରେ ବର୍ଗୀକରଣ କରାଯାଇଛି। ଅଧିକ କାର୍ବନ ଥିବା ଗ୍ରହାଣୁକୁ 'ସି' (କାର୍ବନ), ଅଧିକ ଧାତୁ ଥିବା ଗ୍ରହାଣୁକୁ 'ଏମ୍' (ମେଟାଲ୍) ଏବଂ ଅଧିକ ଧାତୁ ଥିବା ଗ୍ରହାଣୁକୁ 'ଏସ୍' (ସିଲକା) କୁହାଯାଏ। ଗ୍ରହାଣୁଗୁଡ଼ିକରୁ ଆସି ପୃଥିବୀରେ ପଡ଼ିଥିବା କେତେକ ଉଲ୍‌କାପିଣ୍ଡକୁ ପରୀକ୍ଷା କରି ବୈଜ୍ଞାନିକମାନେ ସେଥିରେ କେତେକ ମୂଲ୍ୟବାନ ଖଣିଜ ପଦାର୍ଥ ଥିବାର ଜାଣି ପାରିଛନ୍ତି। ପୁନଶ୍ଚ ବୈଜ୍ଞାନିକମାନେ ଟେଲିସ୍କୋପିକ୍ ସ୍ପେକ୍ଟ୍ରୋସ୍କୋପି ବା ଦୂରବୀକ୍ଷଣୀୟ ବର୍ଣ୍ଣାଳୀ ବିଜ୍ଞାନ ପଦ୍ଧତି ସାହାଯ୍ୟରେ ଗ୍ରହାଣୁପୃଷ୍ଠରୁ ପ୍ରତିଫଳିତ ଆଲୋକର ବିଶ୍ଳେଷଣ କରି ସେଠାରେ ଥିବା ଧାତବ ଉପାଦାନଗୁଡ଼ିକୁ ଚିହ୍ନଟ କରିଛନ୍ତି। ଖଣିଜ ମଧ୍ୟରେ ଲୌହ, ନିକେଲ, ମ୍ୟାଗ୍ନେସିୟମ ଏବଂ ଏପରିକି ସୁନା ଓ ପ୍ଲାଟିନମ୍ ଭଳି ଅତ୍ୟନ୍ତ ମୂଲ୍ୟବାନ ଧାତୁ ଅନ୍ତର୍ଗତ।

ଭବିଷ୍ୟତରେ ଅନେକ ଗଭୀର ମହାକାଶ ଅଭିଯାନ ଯୋଜନା କରାଯାଇଛି। ମହାକାଶଚାରୀମାନେ ମଙ୍ଗଳ ଓ କେତୋଟି ଉପଗ୍ରହରେ ଅବତରଣ କରିବା ପାଇଁ ଯୋଜନା କରିଛନ୍ତି। ଏହିସବୁ ଅଭିଯାନ ପାଇଁ ପୃଥିବୀପୃଷ୍ଠରୁ ବିଭିନ୍ନ ବସ୍ତୁ ଉତ୍ତୋଳନ କରିବାରେ ଅନେକ ଜଟିଳତା ଅଛି। ଏଣୁ ଗ୍ରହାଣୁରୁ ଖଣିଜ ଉତ୍ତୋଳନ କରି ତାକୁ ମହାକାଶ ଅଭିଯାନରେ ବ୍ୟବହାର କରିବା ପାଇଁ ବୈଜ୍ଞାନିକମାନେ ଚିନ୍ତା କରିଛନ୍ତି। ପୁନଶ୍ଚ ସୁନା ଓ ପ୍ଲାଟିନମ୍ ଧାତୁକୁ ପୃଥିବୀକୁ ଆଣିବା ଅର୍ଥନୈତିକ ଦୃଷ୍ଟିରୁ ଲାଭଜନକ ହେବ।

ଗ୍ରହାଣୁରୁ ଖଣିଜ ଉତ୍ତୋଳନ କରିବା ପାଇଁ ମହାକାଶ ବିଜ୍ଞାନ କେତେଗୁଡ଼ିଏ ପ୍ରଯୁକ୍ତି ବିଦ୍ୟାକୁ ପ୍ରମାଣ କରିସାରିଛି। ଅନେକ ଅଭିଯାନରେ କେତୋଟି ଗ୍ରହାଣୁରେ ମହାକାଶଯାନ ଅବତରଣ କରିଛି। ଆମେରିକାର ମହାକାଶ ସଂସ୍ଥା 'ନାସା' ପଠାଇଥିବା ନିୟର-ସୁମେକେର ଯାନ ଇରୋସ ଗ୍ରହାଣୁ କକ୍ଷରେ ପରିକ୍ରମଣ କରିବା ପରେ ୨୦୦୧ ମସିହାରେ ଏହା ପୃଷ୍ଠରେ ଅବତରଣ କରିଥିଲା। ଜାପାନର ହୟାବୁସା ଯାନ ୨୦୦୫ ମସିହାରେ ଇତୋକାୱା ନାମକ ଗ୍ରହାଣୁରେ ଅବତରଣ କରି ସେଥିରୁ ନମୁନା ସଂଗ୍ରହ କରିଥିଲା ଏବଂ ୨୦୧୦ ମସିହାରେ ଏହାକୁ ନେଇ ପୃଥିବୀକୁ ପ୍ରତ୍ୟାବର୍ତ୍ତନ କରିଥିଲା। ୟୁରୋପୀୟ ମହାକାଶ ସଂସ୍ଥାର ଫିଲେ ଯାନ ୨୦୧୪ ମସିହାରେ ଚୁରୁ୍ୟମୋଭ-ଗେରାସିମଙ୍କୋ ଧୂମକେତୁରେ ଅବତରଣ କରିଥିଲା। ଜାପାନର ହୟାବୁସା-୨ଯାନ ର୍ୟୁଗୁ ଗ୍ରହାଣୁ ପୃଷ୍ଠରେ ଦୁଇଟି ପ୍ରୋବ୍ ଅବତରଣ କରାଇଥିଲା ଏବଂ ସେଠାରୁ ନମୁନା ନେଇ ୨୦୨୦ ମସିହାରେ ଫେରିଥିଲା। 'ନାସା'ର ଓସିରିସ୍-ରେକ୍ସ ଯାନ ୨୦୨୦ ମସିହାରେ ବେନୁ ଗ୍ରହାଣୁରେ ଅବତରଣ କରି ସେଠାରୁ ୨୦୨୩ ମସିହାରେ ପୃଥିବୀକୁ ନମୁନା ଆଣିଥିଲା ଏବଂ ଏହାପରେ ଏହା ଅନ୍ୟ ଏକ ଗ୍ରହାଣୁ ଆପୋଫିସ୍ ଅଭିମୁଖେ ବର୍ତ୍ତମାନ ଗତି କରୁଛି। ଚାଇନାର ତିଆନୱେନ୍-୨ ଯାନକୁ କାମୁଏଲେୱା ଗ୍ରହାଣୁ ଅଭିମୁଖେ ୨୦୨୫ ମସିହା ମେ' ମାସରେ ଉତ୍‌କ୍ଷେପଣ କରାଯାଇଛି। ଏହା ୨୦୨୭ ମସିହାରେ ସେଠାରୁ ନମୁନା ନେଇ ଫେରିବ। ପୃଥିବୀପୃଷ୍ଠରେ ନମୁନାକୁ ପକାଇ ଏହା ପୁନଶ୍ଚ ଧୂମକେତୁ ପାନ୍‌ଷ୍ଟାର୍‌ସ ଅଭିମୁଖେ ଗତି କରିବ।

'ନାସା'ର ଡାର୍ଟ ଅଭିଯାନରେ ୨୦୨୨ ମସିହାରେ ଏକ ଯାନକୁ ଉଦ୍ଦେଶ୍ୟମୂଳକ ଭାବରେ ଡିମୋଫୋର୍ସ୍ ଗ୍ରହାଣୁ ସହିତ ସଂଘର୍ଷ କରାଯାଇଥିଲା। ପୃଥିବୀ ସହିତ ଗୋଟିଏ ଗ୍ରହାଣୁ ସଂଘର୍ଷ କରିବାକୁ ଆସିଲେ ତାକୁ କିପରି ପଥଚ୍ୟୁତ କରାଯାଇପାରିବ, ତାହାର ଏକ ପରୀକ୍ଷା ଡାର୍ଟ ଅଭିଯାନ ଥିଲା। ଖଣିଜ ସମ୍ପଦ ଉତ୍ତୋଳନର ଅନ୍ୟ ଏକ ପ୍ରୟୋଗ ହେଉଛି ପୃଥିବୀକୁ ସୁରକ୍ଷା ଦେବା ପାଇଁ ପ୍ରଯୁକ୍ତିବିଦ୍ୟାର ବିକାଶ କରିବା। ଏହାଫଳରେ ପୃଥିବୀ ଆଡକୁ ଆସୁଥିବା ଗ୍ରହାଣୁକୁ ଧରି ତାକୁ ଚନ୍ଦ୍ର କକ୍ଷରେ ଅବସ୍ଥାପନ କରି ଅଧ୍ୟୟନ କରିହେବ।

ନିକଟରେ ସ୍ପେନର ବାର୍ସିଲୋନା ବିଶ୍ୱବିଦ୍ୟାଳୟର ଏକ ଗବେଷଣା ଦଳ କେତୋଟି ଉଲ୍‌କାପିଣ୍ଡରୁ କାର୍ବୋନିୟସ୍ କୋଣ୍ଡ୍ରାଇଟ୍‌ସ ନମୁନା ଆବିଷ୍କାର କରି ଅଧ୍ୟୟନରୁ ଜାଣିପାରିଛନ୍ତି ଯେ, ଏଗୁଡିକ 'ସି' ପ୍ରକାର ଗ୍ରହାଣୁରୁ ଆସିଛି। ଏଥିରୁ ସେମାନେ ଅନୁମାନ କରିଛନ୍ତି ଯେ, ଏହି ପ୍ରକାର ଗ୍ରହାଣୁରେ ବିଭିନ୍ନ ପ୍ରକାର ଖଣିଜ ସମ୍ପଦ ଅଛି। ସେମାନେ ସେମାନଙ୍କର ନିଷ୍କର୍ଷକୁ ରୟାଲ ଆଷ୍ଟ୍ରୋନୋମିକାଲ ସୋସାଇଟିର ପତ୍ରିକାରେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ପ୍ରାୟ ୭୫ ପ୍ରତିଶତ ଗ୍ରହାଣୁ ହେଉଛି 'ସି' ଶ୍ରେଣୀର।

ଖଣିଜ ସମ୍ପଦ ସନ୍ଧାନ ଓ ଉତ୍ତୋଳନ ପାଇଁ ଉପଯୁକ୍ତ ଗ୍ରହାଣୁ ଚୟନ ହେଉଛି ଜରୁରୀ। କାରଣ ପ୍ରତ୍ୟେକ ଗ୍ରହାଣୁରେ ଆମର ବାଞ୍ଛିତ ଖଣିଜ ନାହିଁ। ଏଥିପାଇଁ ଯାନ ସାହାଯ୍ୟରେ ପ୍ରଥମେ ସେଠାରୁ ନମୁନା ଆଣି ପରୀକ୍ଷା କରାଯିବା ସହିତ ଦୂରବୀକ୍ଷଣୀୟ ବର୍ଣ୍ଣାଳୀ ପଦ୍ଧତି ବ୍ୟବହାର କରି ରାସାୟନିକ ବିଶ୍ଳେଷଣ କରାଯିବା ଆବଶ୍ୟକ। ପୁନଶ୍ଚ ଗ୍ରହାଣରୁ ଖଣିଜ ଉତ୍ତୋଳନ କରିବା ଓ ସଂଗ୍ରହ କରି ଆଣିବାର କାରିଗରି ବିଦ୍ୟାର ବିକାଶ ଜରୁରୀ। ଖଣିଜ ପଦାର୍ଥର ପ୍ରକ୍ରିୟାକରଣ ମଧ୍ୟ ଏକ ମୁଖ୍ୟ ବିଷୟ। ଗ୍ରହାଣୁ ପୃଷ୍ଠରେ ସେଥିରୁ ଧାତୁକୁ ନିଷ୍କାସନ କରି କେବଳ ଧାତୁକୁ ଆଣିବା ଏବଂ ଅବଶେଷକୁ ସେଠାରେ ଛାଡିଦେଇ ଆସିବା ସୁବିଧାଜନକ ହେବ। ଗ୍ରହାଣୁରୁ ଖଣିଜ ସମ୍ପଦ ଆଣିବାରେ ମହାକାଶ ଅଭିଯାନର ଖର୍ଚ୍ଚ ବହୁଳତା, ଖଣିଜ ସମ୍ପଦ ଥିବା ଗ୍ରହାଣୁର ଠିକ୍ ଚୟନ ଏବଂ ମହାକାଶୀୟ ପରିବେଶରେ ଖଣିଜ ଉତ୍ତୋଳନ ଆଦି ଅନେକ ଆହ୍ୱାନମୂଳକ ସମସ୍ୟା ରହିଛି।

ଗ୍ରହାଣୁରୁ ଖଣିଜ ଉତ୍ତୋଳନ ଯୋଜନା ବର୍ତ୍ତମାନ ପ୍ରାରମ୍ଭିକ ସ୍ତରରେ ଅଛି। ଯଦିଓ ଅନେକ ବର୍ଷ ପୂର୍ବରୁ ଏହା ଚିନ୍ତା କରାଯାଇଛି ଏବଂ କେତୋଟି ମହାକାଶ ଅଭିଯାନରେ ଏସବୁ ସଂଶ୍ଳିଷ୍ଟ କରାଯାଇଛି, ଏହାକୁ ସଫଳ ଭାବେ କାର୍ଯ୍ୟକାରୀ କରିବା ପାଇଁ ଆହୁରି ଅନେକ ବର୍ଷ ଲାଗିଯାଇପାରେ।

-ସମ୍ପାଦକ, ସାଇନ୍‌ସ ହୋରିଜନ୍
୭୦, ଲକ୍ଷ୍ମୀବିହାର, ଫେଜ୍-୧, ଭୁବନେଶ୍ୱର
ମୋ : ୯୪୩୮୬୯୩୭୨୪

## ଜାଣିରଖନ୍ତୁ

ଶରୀରକୁ ସୁସ୍ଥ ରଖିବାକୁ କେତୋଟି ବିଷୟ ପ୍ରତି ସ୍ୱତନ୍ତ୍ର ଭାବରେ ନଜର ଦେବାକୁ ପଡିଥାଏ। ପ୍ରଥମ ହେଲା, ଖାଦ୍ୟପେୟ। ସବୁବେଳେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇଲେ ତାହା ପାଚନ କ୍ରିୟାକୁ ପ୍ରଭାବିତ କରିଥାଏ। ଆଉ ଏକ କଥା ହେଲା ଏକ ନିୟନ୍ତ୍ରିତ ଜୀବନଶୈଳୀ। ନିଜର ଖାଦ୍ୟପେୟ ବ୍ୟତୀତ ବିଶ୍ରାମ ପ୍ରତି ଦୃଷ୍ଟି ଦିଅନ୍ତୁ। ରାତିରେ ଅତିକମ୍‌ରେ ୭-୮ଘଣ୍ଟା ଶୁଅନ୍ତୁ। ଏହାଦ୍ୱାରା ଦିନତମାମ ବ୍ୟସ୍ତ ଥିବା ମସ୍ତିଷ୍କ ଏବଂ ଶରୀର ବିଶ୍ରାମ ପାଇଥାଏ। ଆଉ ଏକ କଥା ହେଲା ବ୍ୟାୟାମ ଏବଂ ଯୋଗ। ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ। ଶରୀରରେ ରକ୍ତ ସଂଚାଳନ ମଧ୍ୟ ଠିକ୍ ଭାବେ ହୁଏ, ଯାହା ଆମ ଅଭ୍ୟନ୍ତରୀଣ ଅଙ୍ଗଗୁଡ଼ିକୁ ଶକ୍ତ କରିଥାଏ। ରକ୍ତ ଚାପକୁ ବି ଏହା ସନ୍ତୁଳିତ ଅବସ୍ଥାରେ ରଖେ। ଅନେକ ସମୟରେ ଅଧିକାଂଶ ଲୋକ ଚାପରେ ରହିବା ଯୋଗୁ ଠିକ୍ ଭାବେ ଶୋଇ ପାରନ୍ତି ନାହିଁ। ସେଥିପାଇଁ ସେମାନେ ନିଦ୍ରାହୀନତାର ଶିକାର ହୁଅନ୍ତି। ତେଣୁ ସୁନିଦ୍ରା ପାଇଁ ଯୋଗକୁ ନିଜର ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରନ୍ତୁ।



## କିଡନୀ ଡାୟାଲିସିସ୍

କିଡ୍‌ନୀ ଡାୟାଲିସିସ୍ ହେଉଛି ରାସାୟନିକ ଉପାଦାନଗୁଡ଼ିକର ଏକ ପୃଥକୀକରଣ ପଦ୍ଧତି। କିଡ୍‌ନୀ ଦ୍ୱୟ କାମ କରିବା ପାଇଁ ଅକ୍ଷମ ହୋଇପଡ଼ିଲେ ଡାୟାଲିସିସ୍ ପଦ୍ଧତିଟି କିଡ୍‌ନୀ ଭଳି ରକ୍ତ ଛାଣିବା କାମ ତୁଲେଇଥାଏ। ଡାୟାଲିସିସ୍‌ରେ ବ୍ୟବହୃତ ହୋଇଥାଏ ସେମିପର୍‌ମିଏବଲ୍ ପରଦା। ପରଦାଟିରେ ଥିବା ବିଭିନ୍ନ ଆକାର ବିଶିଷ୍ଟ ସୂକ୍ଷ୍ମ ଛିଦ୍ରମାନ ଦେଇ ରକ୍ତରେ ଜମି ଥିବା କ୍ଷତିକାରୀ ବର୍ଜ୍ୟ ଉପାଦାନମାନ ରକ୍ତ ଭିତରୁ ପରଦାର ଅନ୍ୟପଟେ ରହିଥିବା ଡାୟାଲିସିସ୍ ଦ୍ରବଣ ବା ଡାୟାଲାଇସେଟ୍ ଭିତରକୁ ସ୍ଥାନାନ୍ତରିତ ହୋଇଯାଏ ଏବଂ ରକ୍ତରେ ସେହି ସବୁ ବର୍ଜ୍ୟର ପରିମାଣ ହ୍ରାସ ପାଇଥାଏ। ଆକ୍ୟୁଟ୍‌ରେନାଲ୍‌ଫେଲ୍ୟୁଓର୍‌ରେ ରୋଗୀ ଓ ଟ୍ରାନ୍ସପ୍ଲାଣ୍ଟେସନ୍ ପାଇଁ ଅପେକ୍ଷା କରିଥିବା କ୍ରନିକ୍ ରେନାଲ୍ ଫେଲ୍ୟୁଓର୍ ରୋଗୀ ଓ ଟ୍ରାନ୍ସପ୍ଲାଣ୍ଟେସନ୍ ସମ୍ଭବ ହୋଇପାରୁ ନଥିବା ରୋଗୀମାନଙ୍କ ପାଇଁ ଡାୟାଲିସିସ୍ ହିଁ ଏକମାତ୍ର ସନ୍ତୋଷଜନକ ପନ୍ଥା।



## ମାନସିକ ରୋଗ: କିଛି କଥା



ପ୍ରାରମ୍ଭିକ ଅବସ୍ଥାରେ ଲୋକେ ମାନସିକ ରୋଗଗୁଡ଼ିକର ଲକ୍ଷଣକୁ ଚିହ୍ନିବାରେ ସାଧାରଣତଃ ବିଳମ୍ବ କରିଥାଆନ୍ତି। କେତେଜଣ ଲୋକ ମାନସିକ ସମସ୍ୟାଗୁଡ଼ିକୁ କୌଣସି ରୋଗର ଲକ୍ଷଣ ବୋଲି ନ ମାନି, ଆମ ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ ଯୋଗୁ ରୋଗୀକୁ ଗୁଣିଆ ପାଖକୁ ନେଇ ଅଯଥା ସମୟ ନଷ୍ଟ କରିଥାଆନ୍ତି। ଏହାଦ୍ୱାରା ରୋଗର ପ୍ରକୋପ ବଢ଼େ ଓ ଡେରିରେ ଚିକିତ୍ସା ଆରମ୍ଭକଲେ ବେଶି ଦିନ ଔଷଧ ସେବନ କରିବାକୁ ପଡ଼ିଥାଏ କିମ୍ବା ରୋଗ ସମ୍ପୂର୍ଣ୍ଣ ଭାବେ ଠିକ୍ ହେବା ସମ୍ଭାବନା କମି ଯାଇଥାଏ। ବିଭିନ୍ନ ମାନସିକ ସମସ୍ୟାର ଚିକିତ୍ସା ନିମନ୍ତେ ଉଦ୍ଦିଷ୍ଟ ଔଷଧର ଏକ ନିର୍ଦ୍ଦିଷ୍ଟ କୋର୍ସ ରହିଥାଏ, ଯାହା କି ସାଧାରଣତଃ ରୋଗର ତୀବ୍ରତା ଉପରେ ନିର୍ଭର କରିଥାଏ। ଏହି କୋର୍ସ ଅନୁସାରେ ଔଷଧ ଖାଇଲେ ଆଉ ରୋଗର ଲକ୍ଷଣ ଦେଖାଯାଇ ନ ଥାଏ। ରୋଗର ତୀବ୍ରତା କମିଲେ ଔଷଧଗୁଡ଼ିକର ମାତ୍ରା ମଧ୍ୟ ଧୀରେ ଧୀରେ କମାଇ ଦିଆଯାଏ। ମାନସିକ ରୋଗ ବିଶେଷଜ୍ଞଙ୍କ ବିନା ପରାମର୍ଶରେ ଔଷଧ ବନ୍ଦ କରିଦେଲେ ରୋଗ ପୁନର୍ବାର ଦେଖାଯିବା ଆଶଙ୍କା ରହିଛି। ବର୍ତ୍ତମାନର ଆଧୁନିକ ଚିକିତ୍ସା ଯୁଗରେ ମାନସିକ ରୋଗଗୁଡ଼ିକର ଚିକିତ୍ସା ପାଇଁ ବ୍ୟବହାର କରାଯାଉଥିବା ଔଷଧଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ଓ ଏଗୁଡ଼ିକର କୌଣସି ବଡ଼ ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ଆମ ସମାଜରେ ଲୋକମାନଙ୍କ ମଧ୍ୟରେ ଧାରଣା ଅଛି ଯେ ବିବାହ ଦ୍ୱାରା ବିଭିନ୍ନ ମାନସିକ ରୋଗ ଠିକ୍ ହୋଇଯାଏ। ମାତ୍ର ଏହି ଧାରଣା ସମ୍ପୂର୍ଣ୍ଣ ଭୁଲ୍। ବିବାହ ପୂର୍ବରୁ ରୋଗର ଅବସ୍ଥା ତଥା ଔଷଧ ପ୍ରକ୍ରିୟା ସମ୍ପର୍କରେ ରୋଗୀ ଓ ତା'ର ଜୀବନସାଥୀ ଡାକ୍ତରଙ୍କଠାରୁ ପରାମର୍ଶ ନେବା ଉଚିତ।

## ସ୍ୱା ସ୍ଥ୍ୟ ସୂ ଚ ନା

➢ନିଜକୁ ଯେତେ ସମ୍ଭବ ନିଶାଦ୍ରବ୍ୟ ସେବନଠାରୁ ଦୂରେଇ ରଖନ୍ତୁ। ଏହା ମନକୁ ସାମୟିକ ଆନନ୍ଦ ଦେଇପାରେ, ହେଲେ ପରୋକ୍ଷରେ କେତେକ ମାରାତ୍ମକ ରୋଗକୁ ଡାକିଆଣିଥାଏ।

➢ଅଧିକ ଲୁଣ କିମ୍ବା ଚର୍ବିଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।

➢ନିୟମିତ ଅଙ୍ଗୁର ଖାଇଲେ ତାହା ଦୃଷ୍ଟିଶକ୍ତିକୁ ଆହୁରି ପ୍ରଖର କରାଇଥାଏ। ତା'ସହ ସ୍ମରଣ ଶକ୍ତି ବୃଦ୍ଧି କରିବାରେ ମଧ୍ୟ ସାହାଯ୍ୟ କରିଥାଏ।

➢ପ୍ରତିଦିନ ରାତିରେ କ୍ଷୀର ପିଅନ୍ତୁ। ଏଥିରେ ଥିବା ଉପକାରୀ ତତ୍ତ୍ୱ ଦାନ୍ତ ଏବଂ ଅସ୍ଥିକୁ ମଜଭୁତ ରଖିଥାଏ।

➢କୌଣସି ସ୍ୱାସ୍ଥ୍ୟଜନିତ ସମସ୍ୟାର ଲକ୍ଷଣ ବିଷୟରେ ଅବଗତ ହେଲେ ବିଳମ୍ବ ନ କରି ଚିକିତ୍ସା କରାଇ ନିଅନ୍ତୁ।

➢ଖାଇବା ପରେ ଥଣ୍ଡାଜାତୀୟ ପାନୀୟ ପିଅନ୍ତୁ ନାହିଁ। କାରଣ ଏହାଦ୍ୱାରା ପାଚନ କ୍ରିୟା ପ୍ରଭାବିତ ହୋଇଥାଏ।

➢ଯଦି କୌଣସି ରୋଗରେ ଆପଣ ପୀଡ଼ିତ, ତେବେ ମନଇଚ୍ଛା ଔଷଧ ଖାଆନ୍ତୁ ନାହିଁ। ଅଭିଜ୍ଞ ଡାକ୍ତରଙ୍କ ସହ ଦେଖା କରନ୍ତୁ ଏବଂ ରୋଗ ବିଷୟରେ ଆଲୋଚନା କରି ତାଙ୍କ ପରାମର୍ଶକ୍ରମେ ମେଡ଼ିସିନ୍ ଖାଆନ୍ତୁ।



## ଉପକାରୀ ମିଶ୍ରି




ମିଶ୍ରିରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏଥିରେ ବିଭିନ୍ନ ପ୍ରକାର ଭିଟାମିନ୍ ଏବଂ ଆମିନୋ ଏସିଡ ରହିଛି। ଯଦି ଆପଣଙ୍କର ଲଗାତର କାଶ ହେଉଛି କିମ୍ବା ତଣ୍ଟି ଦରଜ ହେଉଛି ତେବେ ତେଜପତ୍ର ଏବଂ ଅଦା ମିଶ୍ରିତ ପାଣିରେ କିଛି ମିଶ୍ରି ପକାଇ ତାହାକୁ ଫୁଟାଇ ପିଅନ୍ତୁ। ଆମ ଶରୀରରେ ହିମୋଗ୍ଲୋବିନ ସ୍ତର ସନ୍ତୁଳିତ ରହିବା ନିହାତି ଜରୁରୀ। ନିୟମିତ ମିଶ୍ରି ଖାଇଲେ ଏହି ସ୍ତର କତେକାଂଶରେ ଠିକ୍ ରହିଥାଏ। ମିଶ୍ରିର ଆଉ ଏକ ଉପକାରୀ ଗୁଣ ରହିଛି। ଏହା ହଜମ ପ୍ରକ୍ରିୟାକୁ ଆହୁରି ଦୃଢ଼ କରିଥାଏ। ଏହା ସହିତ କିଛି ପାନମଧୁରୀ ମିଶାଇ ଖାଇପାରନ୍ତି। ଆପଣଙ୍କର ଲୋ ବ୍ଲଡପ୍ରେସର ସମସ୍ୟା ଅଛି କି ? ଯଦି ହଁ, ତେବେ ନିୟମିତ ମିଶ୍ରି ଖାଇଲେ ତାହା ଏହାକୁ ନିୟନ୍ତ୍ରଣରେ ରଖିଥାଏ। ଚାପର ବଶବର୍ତ୍ତୀ ହୋଇଥିଲେ କିମ୍ବା ଥକା ଲାଗୁଥିଲେ ଏଥିରୁ ମୁକୁଳିବା ପାଇଁ ମିଶ୍ରି କେତେକାଂଶରେ ସାହାଯ୍ୟ କରିଥାଏ। ଏଥିଲାଗି ଶୋଇବା ପୂର୍ବରୁ ଉଷୁମ କ୍ଷୀରରେ ମିଶ୍ରି ମିଶାଇ ତାହାକୁ ପିଅନ୍ତୁ। ଏହା ମଧ୍ୟ ସ୍ମରଣ ଶକ୍ତିକୁ ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଆଉ ଏକ ଖାସ୍ କଥା ହେଲା ନିୟମିତ ମିଶ୍ରି ଖାଇବା ଦ୍ୱାରା ଦୃଷ୍ଟିଶକ୍ତିଜନିତ ସମସ୍ୟା କେତେକାଂଶରେ କମ୍ ରହିଥାଏ।

## ଆଲଜିମର୍ସ ସମସ୍ୟା ଥିଲେ...



ଆଲଜିମର୍ସ ରୋଗ ପ୍ରାୟ ୫୦ ବର୍ଷ ବୟସ ପରେ ପ୍ରକାଶ ପାଇଥାଏ। ଏହି ରୋଗ ହେଲେ ମସ୍ତିଷ୍କର ସ୍ନାୟୁ କୋଷଗୁଡ଼ିକରେ ବିଟା-ଆମିଲଏଡ୍ ନାମକ ଏକ ପ୍ରୋଟିନ୍ ଖଣ୍ଡମାନ ଜମିଯାଏ। ଏହି ବିଟା-ଆମିଲଏଡ୍ ଜମିବା ଫଳରେ ସ୍ମୃତିହାନି ଜାତ ହେବା ସ୍ୱାଭାବିକ। ରୋଗୀ ମସ୍ତିଷ୍କରେ ସ୍ନାୟୁକୋଷମାନ ମରିଯାଆନ୍ତି। ସ୍ନାୟୁକୋଷ-ସ୍ନାୟୁକୋଷ ମଧ୍ୟରେ ଥିବା ସଂଯୋଗ ଛିନ୍ନ ହୋଇଯାଏ। ଏହାଫଳରେ ସ୍ନାୟୁକୋଷ ଏବଂ ସ୍ନାୟୁ ସଂଯୋଗ ବାଧାପ୍ରାପ୍ତ ହୋଇଥାଏ। ତେବେ ମସ୍ତିଷ୍କର ସବୁ ଅଞ୍ଚଳରେ ଏଭଳି ପରିବର୍ତ୍ତନ ପରିଲକ୍ଷିତ ନ ହୋଇ କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସ୍ନାୟୁକୋଷରେ ପରିବର୍ତ୍ତନ ଦେଖାଯାଇଥାଏ। ହେଲେ ସ୍ନାୟୁକୋଷଗୁଡିକରେ ଜାତ ଅସ୍ୱାଭାବିକତାକୁ ପ୍ରଭାବିତ କରିଥାଏ ରୋଗୀର ଜିନ୍, ପରିବେଶ ଓ ତାହାର ଜୀବନଶୈଳୀ। ରୋଗୀ ଅନେକ କଥା ସହଜରେ ମନେ ପକେଇ ପାରେନି। ଘର ଛାଡି ବାହାରକୁ ଯାଇଥିଲେ ଫେରିବା ରାସ୍ତାକୁ ଠଉରେଇ ନ ପାରି ଘରକୁ ଫେରିପାରେନି। କଥାବାର୍ତ୍ତା କରିବା ସମୟରେ ଠିକ୍ ଶବ୍ଦ ଠିକ୍ ଜାଗାରେ ମୁଣ୍ଡକୁ ଢୁକି ନ ଥାଏ।

## ଥାଲାସିମିଆ ରୋଗର ଚିକିତ୍ସା



ଥାଲାସିମିଆ ମେଜର ବା ବିଟା ଥାଲାସିମିଆ ରୋଗୀଙ୍କୁ ବାରମ୍ବାର ରକ୍ତ ଦେବାକୁ ପଡେ। ବାରମ୍ବାର ରକ୍ତ ନେବା ଫଳରେ ରୋଗୀଙ୍କ ରକ୍ତରେ ଲୌହର ପରିମାଣ ବଢ଼ିଯାଇ ତାହା ଯକୃତ, ହୃତ୍‌ପିଣ୍ଡ, ଅଗ୍ନ୍ୟାଶୟ ଇତ୍ୟାଦି ଅଙ୍ଗରେ ଜମିଯାଏ। ଫଳରେ ହୃଦ୍‌ରୋଗ ଓ ଡାଇବେଟିସ୍ ଇତ୍ୟାଦି ଆଶଙ୍କା ଅଧିକ ଥାଏ। ପ୍ଲୀହାର ଆକାର ବେଶି ବଢ଼ିଗଲେ ଓ ବାରମ୍ବାର ରକ୍ତ ନେବା ଦରକାର ପଡୁଥିଲେ ରୋଗୀର ପ୍ଲୀହାଟିକୁ କାଟି ବାହାର କରିଦିଆଯାଇଥାଏ। ଏହାବ୍ୟତୀତ ଅସ୍ଥିମଜ୍ଜା ପ୍ରତିରୋପଣ ବା ଷ୍ଟେମ୍ ସେଲ୍ ପ୍ରତିରୋପଣ ମଧ୍ୟ କରାଯାଇଥାଏ। ଥାଲାସିମିଆ ଏକ ବଂଶଗତ ରୋଗ ହୋଇଥିଲେ ମଧ୍ୟ ଏହାର ନିବାରଣ ସମ୍ଭବ। ସ୍ୱାମୀ ଓ ସ୍ତ୍ରୀ ଉଭୟ ଥାଲାସିମିଆ ଟ୍ରିଟ୍ ହୋଇଥିଲେ ଏବଂ ସ୍ତ୍ରୀ ଗର୍ଭବତୀ ହେଲେ ଗର୍ଭ ହେବାର ଅଢ଼େଇରୁ ତିନି ମାସ ଭିତରେ ଗର୍ଭସ୍ଥ ଭ୍ରୁଣଠାରୁ ରକ୍ତ ସଂଗ୍ରହ କରି କିମ୍ବା ଗର୍ଭାଶୟରୁ ସଂଗୃହୀତ ଜଳରୁ ଜୀବକୋଷ ସଂଗ୍ରହ କରି ତାହାର ଜିନ୍ ପରୀକ୍ଷା କରାଯାଇଥାଏ। ଥାଲାସିମିଆ ରୋଗୀଙ୍କ ଚିକିତ୍ସା ପାଇଁ ବିଭିନ୍ନ ରକ୍ତ ଭଣ୍ଡାରରେ ସ୍ୱତନ୍ତ୍ର ବ୍ୟବସ୍ଥାମାନ ଉପଲବ୍ଧ। ତେବେ ଥାଲାସିମିଆ ରୋଗଟି ସମ୍ବନ୍ଧରେ ଜନସଚେତନା ବୃଦ୍ଧିର ଆବଶ୍ୟକତା ରହିଛି।

## ସୁସ୍ଥ ହୃତ୍‌ପିଣ୍ଡ ଓ ରକ୍ତଚାପ



ମନୁଷ୍ୟ ଶରୀରରେ ମସ୍ତିଷ୍କ ପରେ ହୃତ୍‌ପିଣ୍ଡ ବା ହାର୍ଟ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। କହିବାକୁ ଗଲେ ହୃଦ୍‌ଯନ୍ତ୍ର ଦ୍ୱାରା ମସ୍ତିଷ୍କକୁ ରକ୍ତ ସଞ୍ଚାଳନ ନ ହେଲେ କେବଳ ମସ୍ତିଷ୍କକୁ କ'ଣ ଶରୀରର କୌଣସି ଅଙ୍ଗ କାର୍ଯ୍ୟକ୍ଷମ ହୋଇପାରିବ ନାହିଁ। ମାତ୍ର ୩୦୦-୪୦୦ ଗ୍ରାମ୍ ଓଜନ ବିଶିଷ୍ଟ ତିନିଗୋଟି ସ୍ତରର ଗୋଟିଏ ଛୋଟିଆ ରକ୍ତ ସଞ୍ଚାଳନ ପମ୍ପ ହେଉଛି ହୃତ୍‌ପିଣ୍ଡ। ଏହା ଗର୍ଭ ସଞ୍ଚାରଣର ମାତ୍ର ୪-୫ ସପ୍ତାହରୁ ନିରବଚ୍ଛିନ ଭାବେ ମଣିଷ ବଞ୍ଚିଥିବା ଯାଏ କାର୍ଯ୍ୟ କରୁଥାଏ। ପ୍ରକାରାନ୍ତେ ହୃଦ୍‌ଯନ୍ତ୍ର ବନ୍ଦ ହେଲେ ଲୋକଟି ମୃତ୍ୟୁମୁଖରେ ପଡ଼ିଥାଏ। ଏହାଦ୍ୱାରା ଶରୀରର ସମସ୍ତ ଅଙ୍ଗକୁ ରକ୍ତ ସଞ୍ଚାଳନ ହୋଇଥାଏ। ଏହା ଧମନୀରେ ରକ୍ତଚାପ ସୃଷ୍ଟି କରିଥାଏ, ଯାହା ସାଧାରଣତଃ ୧୨୦ ମିମି ପାରଦର ଚାପ ସହ ସମାନ। ସେହିପରି ଡାଇଷ୍ଟୋଲ୍ ସମୟରେ ରକ୍ତଚାପ ସାଧାରଣତଃ ୮୦ ମିମି ପାରଦ ହୋଇଥାଏ। ଏହି ସମୟରେ ପଲସ୍ ପ୍ରେସର (ନାଡି ଚାପ) ଏହି ଦୁଇ ଚାପର ତଫାତ ଅର୍ଥାତ୍ ୪୦ ମିମି ପାରଦ ହୋଇଥାଏ। ରକ୍ତଚାପ ବୃଦ୍ଧି ହେଲେ ଏହା ମଧ୍ୟ ଅସୁବିଧା ହୋଇଥାଏ। ମେଦବହୁଳତା, ଶାରୀରିକ ପରିଶ୍ରମର ଅଭାବ, ଆପେକ୍ଷିକ ଲବଣ, ଧୂମପାନ, ମାନସିକ ଚାପ, ବିଷାଦ ଏହାର ପ୍ରମୁଖ କାରଣ। ଏହାକୁ ନିୟନ୍ତ୍ରଣରେ ରଖିବା ପାଇଁ ନିୟମିତ ଔଷଧ ସେବନ ଓ ଡାକ୍ତରୀ ପରାମର୍ଶର ଆବଶ୍ୟକ ପଡ଼ିଥାଏ।



ଭାରତ-ପାକିସ୍ତାନ ଟି୨୦ କ୍ରିକେଟ ବିଶ୍ୱକପ୍ ମ୍ୟାଚ ପୂର୍ବରୁ କଲମ୍ବୋର ଆର. ପ୍ରେମଦାସା ଷ୍ଟାଡିୟମ ବାହାରେ ଉଭୟ ଦଳର ପ୍ରଶଂସକ।

# ଭାରତ-ପାକିସ୍ତାନ ଟି୨୦ରେ ୩ୟ ଦ୍ରୁତତମ ଅର୍ଦ୍ଧଶତକ

**କଲମ୍ବୋ,୧୫।୨**

ପାକିସ୍ତାନ ବିପକ୍ଷ ହାଇଭୋଲ୍ଟେଜ ଟି୨୦ ବିଶ୍ୱକପ୍ ମ୍ୟାଚ୍‌ରେ ଭାରତୀୟ ଓପନର ଇଶାନ କିଶନ ୪୦ ବଲରେ ବିସ୍ଫୋରକ ୭୭ ରନର ପାଳି ଖେଳିଥିଲେ। ତାଙ୍କର ଏହି ପାଳିରେ ୧୦ ଚୌକା ଓ ୩ ଛକା ସାମିଲ ଥିଲା। ସେ ଏହି ଇନିଂସରେ ୨୭ ବଲରେ ଅର୍ଦ୍ଧଶତକ ପୂରଣ କରିଥିଲେ। ଏହା ଭାରତ ଓ ପାକିସ୍ତାନ ମଧ୍ୟରେ ଏପର୍ଯ୍ୟନ୍ତ ଖେଳାଯାଇଥିବା ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍‌ରେ ତୃତୀୟ ଦ୍ରୁତତମ ଅର୍ଦ୍ଧଶତକ। ତେବେ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ଟି୨୦ ମ୍ୟାଚ୍‌ରେ ଦ୍ରୁତତମ ଅର୍ଦ୍ଧଶତକ କରିବାର ରେକର୍ଡ ମହମ୍ମଦ ହାଫିଜଙ୍କ ନାମରେ ରହିଛି। ସେ ୨୦୧୨ରେ ୨୩ ବଲରେ ୫୦ କରିଥିଲେ। ସେହିଭଳି ଗତବର୍ଷ ଅଭିଷେକ ଶର୍ମା ଏସିଆ କପ୍‌ରେ ୨୪ ବଲରେ ୫୦ କରିଥିଲେ, ଯାହାକି ଦ୍ୱିତୀୟ ଦ୍ରୁତତମ ଅର୍ଦ୍ଧଶତକ ଥିଲା। ଏହି ତାଲିକାରେ ପଞ୍ଚମ ସ୍ଥାନରେ ଯୁବରାଜ ସିଂ (୨୯ ବଲ) ରହିଛନ୍ତି। ତେବେ ଭାରତ-ପାକ୍ ଟି୨୦ ମ୍ୟାଚ୍‌ରେ ସବୁଠୁ ବଡ଼ ଇନିଂସ ଖେଳିବାର ରେକର୍ଡ ବିରାଟ କୋହଲି (୨୦୨୨ରେ ୮୨*)ଙ୍କ ନାମରେ ରହିଛି। ଏହି ତାଲିକାରେ ଇଶାନ ଚତୁର୍ଥ ସ୍ଥାନରେ ରହିଛନ୍ତି। ପାକିସ୍ତାନ ବିପକ୍ଷ ୨୦୦୭ ଟି୨୦ ବିଶ୍ୱକପ୍ ଫାଇନାଲରେ ଗୌତମ ଗମ୍ଭୀର ଖେଳିଥିବା ୭୫ ରନର ଇନିଂସ ଯାହାକି ପଞ୍ଚମ ସର୍ବାଧିକ।

## ହାତ ମିଳାଇଲେ ନାହିଁ

ଭାରତ ଓ ପାକିସ୍ତାନ ମଧ୍ୟରେ ରବିବାର ଖେଳାଯାଇଥିବା ହାଇଭୋଲ୍ଟେଜ ଟି୨୦ ବିଶ୍ୱକପ୍ ମ୍ୟାଚ୍‌ରେ ଦୁଇ ଦଳର ଅଧିନାୟକ ପରସ୍ପର ସହ ହାତ ମିଳାଇ ନ ଥିଲେ। ଟସ୍ ପୂର୍ବରୁ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଭାରତୀୟ ଦଳ ମ୍ୟାଚ୍‌ରେ ନୋ ହ୍ୟାଣ୍ଡଶେକ ନୀତି ଜାରି ରଖିବ ବୋଲି ମ୍ୟାଚ୍ ରେଫରିଙ୍କୁ ଜଣାଇଥିଲେ। ଏଥିଯୋଗୁ ଟସ୍ ବେଳେ ସୂର୍ଯ୍ୟକୁମାର ଓ ପାକିସ୍ତାନ ଅଧିନାୟକ ସଲମାନ ଅଲୀ ଆଘା ପରସ୍ପର ସହ ହାତ ମିଳାଇ ନ ଥିଲେ। ଏହି ଧାରା ଗତ ବର୍ଷ ଏସିଆ କପ୍‌ରୁ ଜାରି ରହିଛି। ପହଲଗାମ ଗଣହତ୍ୟା ଓ ଭାରତୀୟ ସେନା ଦ୍ୱାରା କରାଯାଇଥିବା ଅପରେଶନ ସିନ୍ଦୂର ପରେ ଭାରତୀୟ ଦଳର ଖେଳାଳିମାନେ ପ୍ରତିପକ୍ଷ ପାକିସ୍ତାନ ଦଳର ଖେଳାଳିଙ୍କ ସହ ହାତ ମିଳାଇବାକୁ ମନା କରିଥିଲେ।



ପାକିସ୍ତାନ ବିପକ୍ଷ ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ରବିବାର ଅନୁଷ୍ଠିତ ମ୍ୟାଚରେ ମୂଲ୍ୟବାନ ଭାଗୀଦାରି ଅବସରରେ ଭାରତର ଇଶାନ କିଶନ ଓ ତିଳକ ବର୍ମା।

## ଭାରତ-ପାକିସ୍ତାନ ସ୍କୋରବୋର୍ଡ

**ଭାରତ ଇନିଂସ**
ଇଶାନ କିଶନ-ବୋ-ସଇମ ଆୟୁବ-୭୭
ଅଭିଷେକ ଶର୍ମା-କ-ଶାହିନ ଆଫ୍ରିଦି-ବୋ ସଲମନ ଆଘା-୦
ତିଳକ ବର୍ମା-ଏଲ୍‌ବିଡବ୍ଲ୍ୟୁ-ସାଇମ ଆୟୁବ-୨୫
ସୂର୍ଯ୍ୟକୁମାର -କ-ସଇମ ଆୟୁବ-ବୋ-ଉସ୍‌ମାନ ତାରିକ୍-୩୨
ହାର୍ଦ୍ଦିକ ପାଣ୍ଡ୍ୟା-କ-ବାବର ଆଜାମ-ବୋ-ସଇମ ଆୟୁବ-୦
ଶିବମ ଦୁବେ-ରନ ଆଉଟ-୨୭
ରିଙ୍କୁ ସିଂ- ନଟ୍ ଆଉଟ୍-୧୧
ଅକ୍ଷର ପଟେଲ-ସଇମ ଆୟୁବ-ବୋ-ଶାହିନ ଆଫ୍ରିଦି-୦
**ଅତିରିକ୍ତ**-୩
**ମୋଟ** : (୨୦ ଓଭର/୭ଉଇକେଟ) ୧୭୫।
**ଉଇକେଟ ପତନ:** ୧/୧, ୨/୮୮, ୩/୧୨୬, ୪/୧୨୬, ୫/୧୫୯, ୬/୧୭୫, ୭/୧୭୫।
**ବୋଲିଂ (ପାକିସ୍ତାନ)**
ସଲମନ ଆଘା ୨-୦-୧୦-୧
ଶାହିନ ଆଫ୍ରିଦୀ ୨-୦-୩୧-୧
ସଇମ ଆୟୁବ ୪-୦-୨୫-୩
ଆବ୍ରାର ଅହମଦ ୩-୦-୩୮-୦
ସଦାବ ଖାନ୍ ୧-୦-୧୭-୦
ମହମ୍ମଦ ନୱାଜ ୪-୦-୨୮-୦
ଉସ୍‌ମାନ ତାରିକ୍ ୪-୦-୨୪-୧।
**ପାକିସ୍ତାନ ଇନିଂସ**
ସାହିବଜାଦା ଫରହାନ-କ-ରିଙ୍କୁ ସିଂ-ବୋ-ହାର୍ଦ୍ଦିକ-୦
ସଇମ ଆୟୁବ-ଏଲବିଡବ୍ଲ୍ୟୁ-ବୁମ୍‌ରା-୬
ସଲମନ ଆଘା-କ-ହାର୍ଦ୍ଦିକ-ବୋ-ଯଶପ୍ରୀତ୍-୪
ବାବର ଆଜାମ-ବୋ-ଅକ୍ଷର ପଟେଲ-୫
ଉସ୍‌ମାନ ଖାନ୍-ଷ୍ଟମ୍ପ-ଇଶାନ କିଶନ-ବୋ-ଅକ୍ଷର-୪୪
ଶଦାବ ଖାନ୍-କ-ଦୁବେ-ବୋ-ତିଳକ ବର୍ମା-୧୪
ମହମଦ ନୱାଜ-କ-ଦୁବେ-ବୋ-କୁଲଦୀପ-୪
ଫହିମ୍ ଅଶ୍ରଫ-କ-ରିଙ୍କୁ-ବୋ-ବରୁଣ-୧୦
ଶାହିନ ଆଫ୍ରିଦି-ନଟଆଉଟ-୨୩
ଆବ୍ରାର ଅହମଦ-ଏଲ୍‌ବିଡବ୍ଲ୍ୟୁ-ବରୁଣ-୦
ଉସ୍‌ମାନ ତାରିକ-ବୋ-ହାର୍ଦ୍ଦିକ-୦।
ଅତିରିକ୍ତ:-୪
ମୋଟ: (୧୮ ଓଭର/ଅଲ୍‌ଆଉଟ) ୧୧୪।
ଉଇକେଟ ପତନ: ୧/୦, ୨/୬, ୩/୧୩, ୪/୩୪, ୫/୭୩, ୬/୭୮, ୭/୭୮, ୮/୯୭, ୯/୯୭, ୧୦/୧୧୪।
**ବୋଲିଂ (ଭାରତ)**
ହାର୍ଦ୍ଦିକ ପାଣ୍ଡ୍ୟା ୩-୧-୧୬-୨
ଯଶପ୍ରୀତ ବୁମ୍‌ରା ୨-୦-୧୭-୨
ଅକ୍ଷର ପଟେଲ ୪-୦-୨୯-୨
ବରୁଣ ଚକ୍ରବର୍ତ୍ତୀ ୩-୦-୧୭-୨
କୁଲଦୀପ ଯାଦବ ୩-୦-୧୪-୧
ତିଳକ ବର୍ମା ୨-୦-୧୧-୧
ରିଙ୍କୁ ସିଂ ୧-୦-୯-୦।

# ୱେଷ୍ଟଇଣ୍ଡିଜ ସୁପର-୮ରେ



ଉଇକେଟ ନେବାପରେ ଉଲ୍ଲସିତ ୱେଷ୍ଟଇଣ୍ଡିଜର ମାଥ୍ୟୁ ଫୋର୍ଡ।

**ମୁମ୍ବାଇ, ୧୫।୨ (ପି.ଟି.)**

ଚଳିତ ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ରବିବାର ଖେଳାଯାଇଥିବା ଏକ ଗ୍ରୁପ୍ 'ସି' ମ୍ୟାଚରେ ୱେଷ୍ଟଇଣ୍ଡିଜ ୯ ଉଇକେଟରେ ନେପାଳକୁ ପରାସ୍ତ କରି ପ୍ରଥମ ଦଳ ଭାବେ ପ୍ରତିଯୋଗିତାର ସୁପର-୮ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଦଳ ଏପର୍ଯ୍ୟନ୍ତ ଖେଳିଥିବା ଏହାର ସମସ୍ତ ୩ଟି ମ୍ୟାଚରେ ବିଜୟ ଲାଭ କରି ନିଜ ଗ୍ରୁପ୍ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ନେପାଳ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ବିନିମୟରେ ୧୩୩ ରନ କରିଥିଲା। ଦଳର ଟପ୍ ସ୍କୋରର ଦୀପେନ୍ଦ୍ର ସିଂ ଏରି ୫୮ରନ କରି ଅପରାଜିତ ରହିଥିଲେ। ସୋମପାଲ କାମି ୨୬ ରନ କରି ଅପରାଜିତ ରହିଥିଲେ। ଦୁଇ ଖେଳାଳିଙ୍କ ମଧ୍ୟରେ ୫୪ରନର ପାର୍ଟନରଶିପ୍ ହୋଇଥିଲା। ୱେଷ୍ଟଇଣ୍ଡିଜ ତରଫରୁ ସଫଳ ବୋଲର ଜାସନ ହୋଲ୍ଡର ୨୭ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ୧୩୪ ରନର ବିଜୟ ଲକ୍ଷ୍ୟକୁ ୱେଷ୍ଟଇଣ୍ଡିଜ ୧୫.୨ ଓଭରରେ ଗୋଟିଏ ଉଇକେଟ ବିନିମୟରେ ହାସଲ କରି ନେଇଥିଲା। ଦଳ ପକ୍ଷରୁ ଅଧିନାୟକ ସାଇ ହୋପ୍ ୪୪ ବଲ୍‌ରେ ୫ ଚୌକା ଓ ୩ ଛକା ସହାୟତାରେ ୬୧ ରନ ଏବଂ ଫର୍ମରେ ଥିବା ଶିମରନ ହେଟମେର ୪୬ରନ (୩୨ ବଲ୍; ୪ ଚୌକା, ୨ ଛକା)କରି ଅପରାଜିତ ରହିଥିଲେ। ଜାସନ ହୋଲ୍ଡର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ନେପାଳ : ୨୦ ଓଭରରେ ୧୩୩/୮ (ଦୀପେନ୍ଦ୍ର ସିଂ ଏରି-୫୮, ସାମପାଲ କାମି-୨୬*; ଜାସନ ହୋଲ୍ଡର-୪/୨୭)। ୱେଷ୍ଟଇଣ୍ଡିଜ: ୧୫.୨ ଓଭରରେ ୧୩୪/୧ (ସାଇ ହୋପ୍-୬୧*, ଶିମରନ ହେଟ୍‌ମେର୍- ୪୬*; ନନ୍ଦନ ଯାଦବ-୧/୨୪)।

**ଟି୨୦ ବିଶ୍ୱକପ୍**
**(ଆଜିର ମ୍ୟାଚ୍)**

**ଆଫଗାନିସ୍ତାନ ବନାମ ୟୁଏଇ**
ସ୍ଥାନ: ଦିଲ୍ଲୀ
ସମୟ: ପୂର୍ବାହ୍ନ ୧୧ଟା,

**ଇଂଲଣ୍ଡ ବନାମ ଇଟାଲୀ**
ସ୍ଥାନ: କୋଲକାତା
ସମୟ: ଅପରାହ୍ନ ୩ଟା

**ଅଷ୍ଟ୍ରେଲିଆ ବନାମ ଶ୍ରୀଲଙ୍କା**
ସ୍ଥାନ: ପାଲିକେଲ
ସମୟ: ସନ୍ଧ୍ୟା ୭ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର

# ଭାରତକୁ ୪-୨ରେ ହରାଇଲା ଆର୍ଜେଣ୍ଟିନା

**ରାଉରକେଲା, ୧୫।୨ (ଦିନେଶ ମିଶ୍ର)**

ଛେଣ୍ଡସ୍ଥିତ ବିର୍ସାମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ରେ ରବିବାର ଖେଳାଯାଇଥିବା ଅନ୍ତିମ ମ୍ୟାଚରେ ଆର୍ଜେଣ୍ଟିନା ୪-୨ ଗୋଲରେ ଭାରତକୁ ପରାସ୍ତ କରିଛି। ଏହି ପରାଜୟ ସହ ଭାରତୀୟ ଦଳ ପ୍ରୋ ଲିଗ୍‌ର ଚଳିତ ଚରଣ ବିନା ବିଜୟରେ ଶେଷ କରିଛି। ମ୍ୟାଚରେ ସୁନ୍ଦରଗଡ଼ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, ରାଉରକେଲା ଡିଏଫ୍‌ଓ ଯଶୋବନ୍ତ ସେଠୀ, ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀ, ବିଜୟ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ମ୍ୟାଚ ଆରମ୍ଭରୁ ଆର୍ଜେଣ୍ଟିନା ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ୩ଟି ପେନାଲ୍ଟି କର୍ନର (ପିସି) ହାସଲ କରିଥିଲା। ହେଲେ ଦଳକୁ ଏଥିରୁ କୌଣସି ଫାଇଦା ମିଳି ନ ଥିଲା। ଫଳରେ ପ୍ରଥମ କ୍ୱାର୍ଟର ବିନା ଗୋଲରେ ଶେଷ ହୋଇଥିଲା। ମାତ୍ର ମ୍ୟାଚର ଦ୍ୱିତୀୟ କ୍ୱାର୍ଟର ୨୧ତମ ମିନିଟ୍‌ରେ ଆର୍ଜେଣ୍ଟିନା ପାଇଁ ଟୋମାସ୍ ଡୋମିନି ପ୍ରଥମ ଗୋଲ ଦେଇଥିଲେ। ଏହାର ୬ ମିନିଟ୍ ତଥା ୨୭ତମ ମିନିଟ୍‌ରେ ଟେଡିଓ ମାରସୁସିଙ୍କ ଫିଲ୍ଡ ଗୋଲ ଯୋଗୁ ଆର୍ଜେଣ୍ଟିନା ପ୍ରଥମାର୍ଦ୍ଧ ସୁଦ୍ଧା ୨-୦ ଗୋଲରେ ଆଗରେ ରହିଥିଲା। ତୃତୀୟ କ୍ୱାର୍ଟରରେ ଲୁସିଓ ମେଣ୍ଡେଜ୍ (୪୨ତମ ମିନିଟ୍) ଦଳ ପାଇଁ ତୃତୀୟ ଗୋଲ କରିଥିଲେ। ମ୍ୟାଚର ଶେଷ ତଥା ଚତୁର୍ଥ କ୍ୱାର୍ଟରରେ ୪୯ତମ ମିନିଟ୍‌ରେ ଆର୍ଜେଣ୍ଟିନା ହାସଲ କରିଥିବା ପିସିକୁ ଟାଡେଓ ମାରସୁସି ଗୋଲରେ କନଭର୍ଟ କରିଥିଲେ। ଏହା ତାଙ୍କର ମ୍ୟାଚ୍‌ରେ ଦ୍ୱିତୀୟ ଗୋଲ ଥିଲା। ଏହାର ପରବର୍ତ୍ତୀ ମିନିଟ୍‌ରେ ଅର୍ଜୁନ ଆଦିତ୍ୟ ଲଲାଗେ ଭାରତ ପାଇଁ ପ୍ରଥମ ଗୋଲ ପରିଶୋଧ କରିଥିଲେ। ୫୯ତମ ମିନିଟ୍‌ରେ ଭାରତକୁ ଏକ ପିସି ମିଳିଥିଲା, ଯାହାକୁ ସଞ୍ଜୟ ଗୋଲରେ ପରିଣତ କରିଥିଲେ। ମ୍ୟାଚ୍‌ରେ ୨ଟି ଗୋଲ ସ୍କୋର ଦେଇଥିବା ଟେଡିଓ ମାରସୁସିଙ୍କୁ ପ୍ଲେୟର ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିପୂର୍ବରୁ ଗତ ମ୍ୟାଚ୍‌ରେ ଭାରତ ୦-୮ ଗୋଲରେ ଆର୍ଜେଣ୍ଟିନାଠାରୁ ପରାସ୍ତ ହୋଇଥିଲା।

**ରାଉରକେଲାରେ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ଶେଷ**



ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି ମ୍ୟାଚରେ ଭାରତ ଓ ଆର୍ଜେଣ୍ଟିନା ମଧ୍ୟରେ ମୁକାବିଲା। ଏହି ମ୍ୟାଚରେ ଆର୍ଜେଣ୍ଟିନା ୪-୨ ଗୋଲରେ ବିଜୟୀ ହୋଇଛି।

## ଆମେରିକା ବିଜୟୀ

**ଚେନ୍ନାଇ,୧୫।୨:** ଚଳିତ ଟି୨୦ ବିଶ୍ୱକପ୍‌ରେ ରବିବାର ଅପରାହ୍ନରେ ଖେଳାଯାଇଥିବା ମ୍ୟାଚ୍‌ରେ ଆମେରିକା ୩୧ ରନରେ ନାମ୍ବିଆକୁ ପରାସ୍ତ କରିଛି। ଏହା ଆମେରିକାର ଲଗାତର ଦ୍ୱିତୀୟ ବିଜୟ। ପ୍ରଥମେ ବ୍ୟାଟିଂ କରିଥିବା ଆମେରିକା ୨୦ ଓଭରରେ ୪ ଉଇକେଟ ହରାଇ ୧୯୯ ରନ କରିଥିଲା। ସଞ୍ଜୟ କ୍ରିଷ୍ଣମୂର୍ତ୍ତି ୩୩ ବଲରେ ୬୮ (୪ ଚୌକା ଓ ୬ ଛକା) ଓ ଅଧିନାୟକ ମୋନାଙ୍କ ପଟେଲ ୩୦ ବଲରେ ୫୨ (୩ ଲେଖାଏ ଚୌକା ଓ ଛକା) ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଜବାବରେ ଲୌରେନ ଷ୍ଟିନକାମ୍ପଙ୍କ ୩୯ ବଲରେ ୫୮ (୫ ଚୌକା ଓ ୩ ଛକା) ରନର ପାଳି ସତ୍ତ୍ୱେ ନାମ୍ବିଆ ୨୦ ଓଭରରେ ୬ ଉଇକେଟ ହରାଇ ୧୬୮ ରନ କରିପାରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଜେଜେ ସ୍ମିଟ୍ ୩୧ ଓ ଜାନ ନିକୋଲ ଲଫ୍ଟି-ଏଟନ ୨୮ ରନ କରିଥିଲେ।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ